# ଆମ
# ଓଡ଼ିଆ ବ୍ୟାକରଣ

## ଅଷ୍ଟମ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଆମ ଓଡ଼ିଆ ବ୍ୟାକରଣ

ଅଷ୍ଟମ ଶ୍ରେଣୀ

**ସଂପାଦକ ମଣ୍ଡଳୀ :**

ପ୍ରଫେସର ଡ. କୈଳାସ ଚନ୍ଦ୍ର ଟିକାୟତରାୟ

ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ

ସୁଶ୍ରୀ ବିଦ୍ୟୁତ୍‌ଲତା ମିଶ୍ର

ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

**ସଂଯୋଜନା :**

ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ : ୨୦୧୯**

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଏବଂ

ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଅଦ୍ୟାବଧି ଜଗତମାତାଙ୍କର ଚରଣରେ ମୁଁ ଯେଉଁଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

**ମହାତ୍ମା ଗାନ୍ଧୀ**

## ସୂଚିପତ୍ର


| ଅଧ୍ୟାୟ/ପାଠ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ ଅଧ୍ୟାୟ | ଭାଷା ପରିଚୟ | ୧ |
| ଦ୍ୱିତୀୟ ଅଧ୍ୟାୟ | ଧ୍ୱନି, ଲିପି, ବର୍ଣ୍ଣ ଓ ଅକ୍ଷର | ୧୦ |
| ତୃତୀୟ ଅଧ୍ୟାୟ | ଶବ୍ଦ ବିଭାଗ | ୩୨ |
| ଚତୁର୍ଥ ଅଧ୍ୟାୟ | ପଦ ପରିଚୟ | ୪୬ |
| ପଞ୍ଚମ ଅଧ୍ୟାୟ | ବାକ୍ୟ-ବିଭାଗ | ୯୨ |

IXLZ2X

ପ୍ରଥମ ଅଧ୍ୟାୟ

# ଭାଷା ପରିଚୟ

## ୧.୧ ଭାଷା

ମଣିଷ ଏକ ଭାବପ୍ରବଣ ଜୀବ । ପୃଥିବୀରେ ଯେତେ ଜୀବ ଅଛନ୍ତି ସମସ୍ତେ ନିଜ ମନର ଭାବ ପ୍ରକାଶ କରିବାକୁ ଶରୀରର ବିଭିନ୍ନ ଅଙ୍ଗଭଙ୍ଗୀକୁ ମାଧ୍ୟମ କରନ୍ତି । କେତେକ ପ୍ରାଣୀ ଅଙ୍ଗଭଙ୍ଗୀ ସହ ଧ୍ୱନିର ପ୍ରୟୋଗ ମଧ୍ୟ କରନ୍ତି । ଯେପରି ପକ୍ଷୀଟିଏ କି ପଶୁଟିଏ ସ୍ନେହ ପ୍ରକାଶ କଲାବେଳେ ଯେମିତି ଅଙ୍ଗଭଙ୍ଗୀ ବି ଧ୍ୱନି କରିଥାନ୍ତି କ୍ରୋଧ ପ୍ରକାଶ କଲାବେଳେ ସେପରି ନ କରି ଭିନ୍ନ ପ୍ରକାର ପ୍ରଦର୍ଶିତ କରନ୍ତି । କିନ୍ତୁ ମଣିଷ ତା'ର ଭାବ ପ୍ରକାଶ କରିବା ପାଇଁ ଅଙ୍ଗଭଙ୍ଗୀ ସହ ଯେଉଁ ଧ୍ୱନି ପ୍ରୟୋଗ କରେ ସେ ଧ୍ୱନିରେ କିଛି ନିୟମ ବା ଶୃଙ୍ଖଳା ଥାଏ । ସ୍ନେହ ପ୍ରକାଶ କଲେ ଓଠରେ ହସ ଥାଏ, କ୍ରୋଧ ପ୍ରକାଶ ବେଳେ ଆଖି ନାଲିନାଲି ହୋଇଯାଏ, ଦୁଃଖ ପ୍ରକାଶ କଲାବେଳେ ଆଖିରେ ଲୁହ ଆସିଯାଏ, ମୁହଁ ଶୁଖିଯାଏ, ଆଙ୍ଗୁଠି ଥରିଯାଏ, ଏହିପରି ବିଭିନ୍ନ ଅଙ୍ଗଭଙ୍ଗୀ ଆପଣା ଛାଏଁ ହୋଇଯାଏ । ନାଚକୁ ଗୀତକୁ ଅଭିନୟକୁ ଲକ୍ଷ୍ୟକରି ଜାଣିହୁଏ । ବିଭିନ୍ନ ପ୍ରକାର ରଙ୍ଗ ବା ଆଲୋକରେ ମଧ୍ୟ ଭାବପ୍ରକାଶ କରିହୁଏ; ଯେମିତି ରାସ୍ତାରେ ନାଲି ଆଲୁଅ ଦେଖି ଆମେ ଅଟକିଯାଉ ଓ ସବୁଜ ଆଲୁଅ ଦେଖିଲେ ଆଗକୁ ଯାଉ । ଅଙ୍ଗଭଙ୍ଗୀ ମାଧ୍ୟମରେ ସଙ୍କେତ ଦେବାର କ୍ରିୟା ପଶୁପକ୍ଷୀ ଓ ମଣିଷ ସମସ୍ତଙ୍କଠାରେ ସ୍ୱାଭାବିକ ଭାବେ ସୃଷ୍ଟି ହୋଇଥାଏ । କେବଳ ମଣିଷ କେତେଗୁଡ଼ିଏ ସଙ୍କେତ ନିଜେ ତିଆରି କରିଥାଏ, ଯଥା ପୂର୍ବରୁ କୁହାଯାଇଥିବା ନାଲି କିମ୍ବା ସବୁଜ ଆଲୁଅ । ଏମିତି ସଙ୍କେତ ପରେ ମଧ୍ୟ ମଣିଷ ତା'ର ମୁହଁର ଧ୍ୱନି ମାଧ୍ୟମରେ ଭାବ ପ୍ରକାଶ ପାଇଁ ପ୍ରୟାସ କରିଥାଏ । ଭିନ୍ନଭିନ୍ନ ଅଞ୍ଚଳରେ ଏଥିପାଇଁ ସଙ୍କେତ ମାନ କାଳକ୍ରମେ ତିଆରି ହୋଇଥାଏ । ଆମେ 'ବହି' କହିଲେ ଯାହା ବୁଝୁ, 'ଖାତା' କହିଲେ, 'କଲମ', 'ପାଣି', 'ପବନ' କହିଲେ ଯାହା କିଛି ବୁଝୁ । ଏହିସବୁ ବସ୍ତୁକୁ ଅନ୍ୟ ଭାଷାରେ ଅନ୍ୟ କିଛି (କିତାବ, ବୁକ୍, ପୁସ୍ତକ, ଲେଖନୀ) ଆଦି କୁହାଯାଏ । ଯେମିତି ଭଲ, ମନ୍ଦ, ସୁନ୍ଦର, ଅସୁନ୍ଦର, ଯିବା, ଆସିବା, ପଢ଼ିବା, ଲେଖିବା ଆଦି ଅସଂଖ୍ୟ ଶବ୍ଦ ଆମେ ଯେମିତି କହୁ, ସେମିତି ନ କହି ଅନ୍ୟ ଅଞ୍ଚଳରେ ଲୋକେ ଅନ୍ୟ କିଛି ପ୍ରକାରରେ କହନ୍ତି ଓ ବୁଝନ୍ତି । ଏମିତି କହିବା ଓ ବୁଝିବାପାଇଁ ଆମେ ଧ୍ୱନି ମାଧ୍ୟମରେ ଯେଉଁ ସଙ୍କେତ ବ୍ୟବହାର କରୁ ତାକୁ 'ଭାଷା' କୁହାଯାଏ ।

ଏହି କହିବା ଓ ବୁଝିବା ଭିତରେ କେତେକ ନିୟମ କାମ କରୁଥାଏ । ଉଦାହରଣ ସ୍ୱରୂପ : ଆମେ 'ଚ' ଓ 'କ' କହିଲେ 'ଚକ' ବୁଝୁ, ଯାହା ଗୋଲାକାର ହୋଇଥାଏ, ଘୂରିପାରେ ଇତ୍ୟାଦି । ଏହା ଭିନ୍ନଭିନ୍ନ ଯଥା ଶଗଡ଼ର 'ଚକ' ରେଳଗାଡ଼ିର 'ଚକ' ମଟରଗାଡ଼ିର ଚକ, ସାଇକେଲର ଚକ, ଘଣ୍ଟାଭିତର ଚକ ଓ ଏହିପରି ଆହୁରି ଅନେକ ପ୍ରକାରର ହୋଇପାରେ । କିନ୍ତୁ 'କ' ଓ 'ଚ' କହିଲେ 'କଚ' ଶବ୍ଦ ବୁଝୁ ଯାହା ସାଧାରଣରେ କଦାଚିତରେ ଲେଖାଯାଏ । ଏହା ପୁଣି ଧନ୍ଦା କିମ୍ବା ଅନ୍ୟ ଜଗତ ହୋଇପାରେ । ତେଣୁ 'ଚକ'ର ଉଚ୍ଚାରଣ ନିୟମ 'କଚ' ଉଚ୍ଚାରଣଠାରୁ ଅଲଗା । ସେମିତି 'ହାତ'କୁ ଆମେ ଏକ ଅଙ୍ଗ ବୁଝୁ, ଏଥିରେ 'ଆକାର'ଯୋଗ କଲେ 'ହାତା' ବୋଲି ଏକ ଉପକରଣକୁ ବୁଝୁ । ଆମେ ଏସବୁକୁ ଇଚ୍ଛା କରି ତିଆରି କରିନାହୁଁ କିମ୍ବା ବଦଳାଇ ପାରିବାନାହିଁ । ପ୍ରତ୍ୟେକ ଅଞ୍ଚଳ ବା ଗୋଷ୍ଠୀ ଲୋକ କି କହୁ, ସବୁଠି ନିର୍ଦ୍ଦିଷ୍ଟ କେତେକ ନିୟମରେ ଏମିତି ଶବ୍ଦମାନେ ସମୟକ୍ରମେ ତିଆରି ହୋଇଛନ୍ତି । ଏଗୁଡ଼ିକୁ ସଙ୍କେତାତ୍ମକ ନିୟମ ବ୍ୟବହାରକାରୀ ନିର୍ଦ୍ଦିଷ୍ଟ

ଭାଷାଗୋଷ୍ଠୀ ଦ୍ୱାରା ସ୍ୱାଭାବିକ ଭାବରେ ସୃଷ୍ଟି ହୋଇଛି । "ମୁଁ ପଢ଼ିବାକୁ ବିଦ୍ୟାଳୟ ଯାଉଅଛି" - ଏହି କ୍ରମକୁ "ମୁଁ ଅଛି-ଯାଉ ବିଦ୍ୟାଳୟକୁ ପଢ଼ିବା" ବଦଳାଇ ହେବନାହିଁ । କିନ୍ତୁ ଅନ୍ୟ ଭାଷାରେ ବିଶେଷ କରି ଆମେ ଜାଣିଥିବା ଇଂରାଜୀ ଭାଷାରେ ସଜେଇବା ଠିକ୍ ଯଥା: ଆଇ (ମୁଁ) ଆମ୍ (ଅଛି) ଗୋଇଙ୍ଗ୍ (ଯାଉ) ସ୍କୁଲ (ବିଦ୍ୟାଳୟ) ଟୁ (କୁ) ରିଡ୍ (ପଢ଼ିବା) । ଭାଷାରେ ଏହି ସଜାଇବା ନିୟମ ଆହୁରି ବଦଳାଯାଇପାରେ ।

ଏଥିରୁ ବୁଝିହେଲା ଯେ ଆମେ ଯାହା କହିବା ତା'ର ଶବ୍ଦମାନଙ୍କ ଗଠନରେ ନିୟମ ଅଛି ଓ ବାକ୍ୟରେ ମଧ୍ୟ ନିୟମ ରହିଛି । ଏକ ନିର୍ଦ୍ଦିଷ୍ଟ ନିୟମମାନି କୁହାଯାଉଥିବା କଥାକୁ ଭାଷା କୁହାଯାଏ ।

ପୁଣି ମୁହଁରେ କୁହାଯାଉଥିବା ଏହି କଥାକୁ ମଧ୍ୟ ଲେଖାଯାଇପାରେ । କୁହାଯାଉଥିବା କଥାକୁ ସାଇତି ରଖିବାପାଇଁ, ଅନ୍ୟ ସମୟରେ ଦେଖିବା ଓ ଦେଖାଇବା ପାଇଁ, ଦୂରରେ ଥିବା ନିର୍ଦ୍ଦିଷ୍ଟ ଭାଷା ଜାଣିଥିବା ବ୍ୟକ୍ତି ପାଖେ ପହଞ୍ଚାଇବା ପାଇଁ ଭାଷାର ଦେଖାଯାଉଥିବା ଏହି ରୂପଟି 'ଲିପି' । ଏହା ସବୁ ଭାଷାର ନଥାଇପାରେ । ପୃଥିବୀର ଅନେକ ଭାଷା ଏପରିକି ଆମ ପ୍ରଦେଶର କେତେକ ଆଦିବାସୀ ଭାଷାରେ ଲିପି ନାହିଁ । ଆଜି ଯେଉଁ ସବୁ ଶିକ୍ଷା, ସ୍ୱାସ୍ଥ୍ୟ, ଜ୍ଞାନବିଜ୍ଞାନର ଉନ୍ନତି ଘଟିଛି ତାହା ଏହି ଲିପି ଯୋଗୁ ସମ୍ଭବ ହୋଇଛି । ଲିପିଦ୍ୱାରା ଭାଷାକୁ ଲେଖିହୁଏ, ରଖିହୁଏ ଅନ୍ୟକୁ ଦେଇହୁଏ ଓ ନିଜପାଇଁ ନେଇହୁଏ । ଲିପି ଆମେ କହୁଥିବା ଭାଷାର ଧ୍ୱନିମାନଙ୍କର ଦୃଶ୍ୟମାନ ଆକୃତି ।

**ଏଥିରୁ ଆମେ ଜାଣିଲୁ :**

- ଭାଷା ମଣିଷ କହୁଥିବା ଧ୍ୱନି ଯାହା ନିୟମାବଦ୍ଧ ଭାବେ ଶବ୍ଦ ଓ ବାକ୍ୟରେ ପ୍ରକାଶିତ ହୋଇଥାଏ ।
- ଲିପି ଏହି ସାର୍ଥକ ଧ୍ୱନି ଗୁଡ଼ିକର ପ୍ରତୀକ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ମନେ ରଖିବାକୁ ହେବ ଯେ ମଣିଷ କଥା କହିପାରୁଥିବାରୁ ଓ ତା'ର ନିଜର ଭାଷା ଥିବାରୁ ବିକାଶ ସମ୍ଭବ ହୋଇଛି । ଧର୍ମଧାରଣାପାଇଁ ଭାଷା ଦରକାର, ପାଠ ପଢ଼ିବାକୁ ଭାଷା ଦରକାର, ଚାଷ କରିବାକୁ, ଘର ତିଆରି କରିବାକୁ, ପାଠ ପଢ଼ି ଡାକ୍ତର, ଇଂଜିନିଅର, ହାକିମ, ଶିକ୍ଷକ କିଂବା ଆଉ ଯାହାଯାହା ହେବାକୁ ଭାଷା ଦରକାର । ଭାଷା ଅଛି ବୋଲି ଶିକ୍ଷା ଅଛି, ସଭ୍ୟତା ଅଛି, ସଂସ୍କୃତି ଅଛି, ଇତିହାସ, ଭୂଗୋଳ, ଦର୍ଶନ, ବିଜ୍ଞାନ, ବାଣିଜ୍ୟ ସବୁ ଅଛି । ଭାଷା ନାହିଁ ତ କିଛି ନାହିଁ । ତା'ରି ପାଇଁ ମଣିଷ ଶ୍ରେଷ୍ଠ ଜୀବ ହୋଇପାରିଛି, ତା'ବିନା ପଶୁଠାରୁ ବି ହୀନ ହୋଇଯିବାର ଆଶଙ୍କା ରହିଛି ।

୧.୨ ମଣିଷଦ୍ୱାରା ବ୍ୟବହୃତ ହେଉଥିବା ଭାଷା କେବେ କେମିତି ଆରମ୍ଭ ହେଲା ସେ ସଂପର୍କରେ ବହୁ ଆଲୋଚନା କରାଯାଇଥିଲେ ମଧ୍ୟ ଏ ଯାଏ କୌଣସି ସିଦ୍ଧାନ୍ତ ହୋଇପାରିନାହିଁ । ଭାଷାର ତିନୋଟି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଅଛି । ଭାଷା ଲୋକମୁଖରେ ଆପଣାଛାଏଁ ବିକଶିତ ହୁଏ ଏବଂ ଏହି ବିକାଶଧାରା ସବୁ ଭାଷାରେ ସବୁ ସମୟରେ ଚାଲିଥାଏ । ପୃଥିବୀର ସବୁ ଭାଷା ପାଇଁ ଏ ଲକ୍ଷଣ ଏକ ବାସ୍ତବତା । ଏହି ଧାରାରେ ନୂଆନୂଆ ଭାଷା ସୃଷ୍ଟି ହୁଏ, ନୂଆ ଭାଷାର ବିକାଶଧାରା ମଧ୍ୟ ଚାଲିଥାଏ । ଆମ ପୂର୍ବପୁରୁଷ ମୁନିଋଷିମାନେ ବେଦ ରଚନା କଲାବେଳେ ଯେପରି ଭାଷା ବ୍ୟବହାର କରୁଥିଲେ ପରବର୍ତ୍ତୀ ପଣ୍ଡିତମାନେ ପୁରାଣକାବ୍ୟ ରଚନା କଲାବେଳେ ସେଥିରେ ଭିନ୍ନତା ଆସିଯାଇଥିଲା । ଭାଷାବିତ୍‌ମାନେ ବେଦର ଭାଷାକୁ 'ବୈଦିକ' କହୁଥିବାବେଳେ ପୁରାଣକାବ୍ୟର ଭାଷାକୁ ସଂସ୍କୃତ କହନ୍ତି । ତା'ପରେ ମଧ୍ୟ ସାଧାରଣ ଲୋକେ ନିଜ ନିଜ ଅଞ୍ଚଳରେ ନିଜ ନିଜ ଢଙ୍ଗରେ ଶବ୍ଦ ଉଚ୍ଚାରଣ କଲେ ଓ ସେସବୁ ପୂର୍ବରୁ ବ୍ୟବହାର ହେଉଥିବା ସଂସ୍କୃତ ଶବ୍ଦଠାରୁ ଅଲଗା ବୋଧ

ହେଲା । 'ପର୍ବତ'କୁ 'ପାବତ', 'ମୟୂର'କୁ 'ମୋରହି', 'ଧାତୁ'କୁ 'ଧାଉ' ଏହିପରି ଅସଂଖ୍ୟ ଶବ୍ଦର ନୂଆ ଉଚ୍ଚାରଣ କ୍ରମଶଃ ସୃଷ୍ଟି ହେଲା । ଏହାର ଉଦାହରଣ ପ୍ରାଚୀନ ସାହିତ୍ୟରେ ମିଳିଥାଏ । ଆଜି ମଧ୍ୟ ଆମ ଭାଷାରେ 'ନଦୀ'କୁ 'ନଈ', 'ଗୃହ'କୁ 'ଘର', 'ମୃତ୍ତିକା'କୁ 'ମାଟି' କହୁଛୁ । ଏମିତି ଭାବରେ ପୃଥିବୀର ସବୁ ଭାଷା ସମୟକ୍ରମେ ଲୋକମୁଖରେ ସ୍ୱାଭାବିକ ଭାବେ ବଦଳିଛନ୍ତି । ଏହା ଭାଷାର ଦୁର୍ବଳତା ନୁହେଁ, ବରଂ ସ୍ୱାଭାବିକ ଲକ୍ଷଣ । ଏପରି ସମୟକ୍ରମେ ଆମ ଭାଷାରେ 'ପର୍ବତ', 'ମୟୂର', 'ଧାତୁ' ପରି ଅସଂଖ୍ୟ ଶବ୍ଦ ପୁଣି ବ୍ୟବହାରକୁ ଆସିଲେ ।

ଏଥିରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ବୁଝି ହେଉଛି ଯେ, ଭାଷା ପରିବର୍ତ୍ତନଶୀଳ ଓ ସଂଚରଣଶୀଳ ।

ଏହି ପରିବର୍ତ୍ତନ ଗୋଟିଏ ଦିନରେ ବା ବର୍ଷରେ ହୁଏ ନାହିଁ । ଶହ ଶହ ବର୍ଷ ଧରି ଲୋକମୁଖରେ ଏମିତି ହୋଇଥାଏ । ଏହି ସମୟ ଭିତରେ ଗୋଟିଏ ଅଞ୍ଚଳର ଭାଷା କହୁଥିବା ଲୋକେ ଅନ୍ୟ କୌଣସି ଭାଷା କହୁଥିବା ଲୋକଙ୍କ ସଂସ୍ପର୍ଶରେ ଆସିଲେ ଉଭୟ ଭାଷା ପରସ୍ପରଠାରୁ କିଛି କିଛି ଭାଷାସମ୍ପଦ ଗ୍ରହଣ କରନ୍ତି । ଓଡ଼ିଆ ଭାଷାଭାଷୀ ଲୋକେ ଆଦିବାସୀ ଜନଜୀବନ ସହ ସଂସ୍ପର୍ଶରେ ଆସି ତାଙ୍କର ଅନେକ ଶବ୍ଦ ଓଡ଼ିଆ ଭାଷାକୁ ଆସିଥିବାବେଳେ ଓଡ଼ିଆ ଭାଷାର ଅନେକ ଶବ୍ଦ ସେମାନେ ବ୍ୟବହାର କରନ୍ତି । ଆମ ଦେଶରେ ଇଂରେଜମାନେ ଶାସନ କରୁଥିଲେ ଓ ଇଂରାଜୀ ଶିକ୍ଷାର ପ୍ରଚଳନ ମଧ୍ୟ ଥିବାରୁ ଆମେ ଚେୟାର, ଟେବୁଲ, ସ୍କୁଲ, କଲେଜ କହୁଥିଲାବେଳେ ସେମାନେ ଆମ ଭାଷାରୁ ପଣ୍ଡିତ, ଲାଠି, ଘେରାଉ ପ୍ରଭୃତି ଅନେକ ଶବ୍ଦ ନେଇଛନ୍ତି । ପୃଥିବୀର ସବୁଭାଷାରେ ଏପରି ମିଶ୍ରଣ ମିଳିଥାଏ । ଏଥିରୁ ବୁଝାଯାଏ ଯେ କୌଣସି ଭାଷା ଅବିମିଶ୍ର ନୁହେଁ ।

**ସାରକଥା :** ଭାଷା ଅପରିବର୍ତ୍ତନୀୟ ନୁହେଁ, ଅବିମିଶ୍ର ନୁହେଁ ଏବଂ ସଦା ପ୍ରବହମାନ ଏକ ଧାରାପରି ଲୋକମୁଖରେ ବିକାଶପଥରେ ଚାଲିଥାଏ । ଭାଷା ସମ୍ବନ୍ଧରେ ଏହି ସାଧାରଣ କଥା ଆମେ ମନେରଖିବା ।

## ୧.୨ ଆମ ଭାଷା

ଆମ ଭାଷା ଓଡ଼ିଆ । ଏହାକୁ ଆମ ମାତୃଭାଷା ବୋଲି କୁହାଯାଏ । ମାଆ ଯେମିତି ଲାଳନପାଳନ କରି ସ୍ନେହମମତା ଦେଇ ଆମକୁ ବଢ଼ାଇଛି, ସେହିପରି ଏହି ଭାଷା ଆମ ଭାବନା, କଳ୍ପନା, ବିଚାର ଆଦିକୁ ଚିନ୍ତା କରିବା ପାଇଁ, ପ୍ରକାଶ କରିବାପାଇଁ ଶକ୍ତି ଓ ସାମର୍ଥ୍ୟ ଦେଇଛି । ଶିଶୁଟିଏ ତା'ର ଚାରିପାଖେ ଥିବା ବଡ଼ସାନ ଲୋକଙ୍କଠାରୁ ଯାହା ଶୁଣେ ତାକୁ ଉଚ୍ଚାରଣ କରିବାକୁ ଚେଷ୍ଟା କରେ । କ୍ରମେ ସେ ବଡ଼ ହେଉଥିବା ବେଳେ ଯେଉଁ ପରିବେଶରେ ଖେଳେ, ବୁଲେ, ମିଶେ, କାମ କରେ, ସେହି ପରିବେଶରୁ ଶବ୍ଦ ନେଇ ସେ ବିଭିନ୍ନ ବସ୍ତୁ, ଗୁଣ ଆଦି ଚିହ୍ନେ । ତେଣୁ ସେହି ଭାଷାରେ ଭାବେ, ସେହି ଭାଷାରେ କଳ୍ପନା କରେ ଓ କହେ । ହୁଏତ ବଡ଼ ହୋଇ ଅନ୍ୟ ଭାଷା ଶିଖିପାରେ, କହିପାରେ, ଲେଖିପାରେ; କିନ୍ତୁ ପ୍ରଥମେ ସେ ଶୈଶବରେ ନିଜ ପରିବେଶରୁ ଶିଖିଥିବା ଭାଷାରେ ଭାବିଥାଏ । ନିଜର ଶୈଶବରୁ ସାମାଜିକ ପରିବେଶ ଅନୁସାରେ ଶିକ୍ଷା କରିଥିବା ଭାଷାକୁ ମାତୃଭାଷା କୁହାଯାଏ ।

ଶିଶୁଟିଏ ଓଡ଼ିଶାରେ କିଂବା ଓଡ଼ିଆ କହୁଥିବା ମା'ଠାରୁ ଜନ୍ମହୋଇ ଯଦି ବିଦେଶରେ କେଉଁଠି ବଢ଼େ, ତେବେ ସେହି ସ୍ଥାନ ଓ ପରିବେଶର ଭାଷା ତା'ପାଇଁ ମାତୃଭାଷା । ତେଣୁ 'ଆମ ଭାଷା ଓଡ଼ିଆ' ବୋଲି କହିବାବେଳେ ଆମେ ବୁଝୁ ଯେ ଏହି ଅଞ୍ଚଳରେ ଘରେ, ବଜାର ହାଟରେ, କ୍ଷେତଖମାରରେ ଲୋକମାନେ ଯେଉଁ ଭାଷାରେ କଥାବାର୍ତ୍ତା କରନ୍ତି । ଏହି ଅଞ୍ଚଳରେ ଶିଶୁଟିଏ ପରିବେଶ ବା ସମାଜରୁ ଓଡ଼ିଆ ଭାଷା ଶିଖେ ଓ ଓଡ଼ିଆ ଭାଷାରେ ନିଜକୁ ପ୍ରକାଶ କରେ । ଏହି ଭାଷାରେ ସେ

ଯେକୌଣସି କଥାର ଅର୍ଥ ବା ଭାବ ସହଜରେ ବୁଝିପାରେ । ସେହିପରି ସଭିଙ୍କର ଗୋଟିଏ ଗୋଟିଏ ମାତୃଭାଷା ଅଛି । ଏପରି କେତେକ ଅଞ୍ଚଳ ଅଛି ଯାହା କୌଣସି ଦୁଇଟି ଭାଷାଭାଷୀ ଅଞ୍ଚଳର ସୀମାରେ ଥାଏ । ସେ ଅଞ୍ଚଳରେ ଦୁଇଟି ଭାଷା ସହଜରେ ବୁଝି ହେଉଥିଲେ ମଧ୍ୟ ନିଜ ପରିବାର ପରିଜନଙ୍କଠାରୁ ଶିଖୁଥିବା ପ୍ରଥମ ଭାଷାଟି ମାତୃଭାଷା ହୋଇଥାଏ, ଯେପରି ବାଲେଶ୍ୱର ସୀମାନ୍ତରେ ଓଡ଼ିଆ ଓ ବଙ୍ଗଳା, ଗଜପତି ସୀମାନ୍ତରେ ଓଡ଼ିଆ ଓ ତେଲୁଗୁ ବ୍ୟବହୃତ ହେଉଥିଲେ ମଧ୍ୟ ଓଡ଼ିଆ ପରିବାରର ଶିଶୁଟିର ମାତୃଭାଷା ଓଡ଼ିଆ ହୋଇଥାଏ । ଅନୁରୂପ ଭାବରେ ବଙ୍ଗଳା ଓ ତେଲୁଗୁ ଭାଷାଭାଷୀ ପରିବାରରେ ବଙ୍ଗଳା ବା ତେଲୁଗୁ ଶିଶୁର ମାତୃଭାଷା ହୋଇଥାଏ ।

**ବିକାଶକ୍ରମ**

ଆମ ଭାଷା 'ଓଡ଼ିଆ' ପ୍ରାୟ ଦୁଇ ହଜାରରୁ ଅଧିକ ବର୍ଷର ପୁରୁଣା ବୋଲି ଭାଷାବିଦ୍‌ମାନଙ୍କ ଯୁକ୍ତିକୁ ସ୍ୱୀକାର କରି ଭାରତ ସରକାରଙ୍କ ସାହିତ୍ୟ ଆକାଡେମୀ ଆନୁକୂଲ୍ୟରେ ଏହାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି । ଏହି ମାନ୍ୟତା ସଂସ୍କୃତ, ଦକ୍ଷିଣ ଭାରତର ଚାରିଟି ଦ୍ରାବିଡ଼ ଭାଷା ତାମିଲ, ତେଲୁଗୁ, ମାଲାୟାଲାମ୍, କନ୍ନଡ ପାଇଥିବାବେଳେ ଷଷ୍ଠ ଭାଷା ଭାବେ ଆମ ଭାଷା ଓଡ଼ିଆକୁ ମିଳିଛି । ଏଥିରୁ ଆମ ଭାଷାର ପ୍ରାଚୀନତା ସମ୍ବନ୍ଧରେ ସ୍ପଷ୍ଟ ପ୍ରମାଣ ମିଳେ । ଭରତମୁନିଙ୍କ ରଚିତ ନାଟ୍ୟଶାସ୍ତ୍ର ଓ ଅନ୍ୟାନ୍ୟ ପ୍ରାଚୀନ ଗ୍ରନ୍ଥମାନଙ୍କରେ ଓଡ୍ର, ଉଡ୍ର ଆଦି ଜାତି ଓ ଲୋକଭାଷାର ସୂଚନା ମିଳିଥାଏ । ପ୍ରାୟ ଦେଢ଼ହଜାର ବର୍ଷ ତଳେ ବୌଦ୍ଧ ଧର୍ମର ଶାଖା ସହଜପନ୍ଥୀ ସାଧକମାନେ ଯେଉଁ ଗୀତ ରଚନା କରିଥିଲେ ସେସବୁ ଚର୍ଯ୍ୟାଗୀତି ବା ଚର୍ଯ୍ୟାପଦ ଭାବରେ ପରିଚିତ । ଏହି ଗୀତଗୁଡ଼ିକର ଭାଷା ଓଡ଼ିଆ । ଏହାକୁ ଭିତ୍ତିକରି ପ୍ରାୟ ସପ୍ତମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଭାଷାର ସ୍ପଷ୍ଟ ରୂପ ବିକଶିତ ହୋଇଥିବାର ସ୍ୱୀକାର କରାଯାଏ । ପଞ୍ଚଦଶ ଶତାବ୍ଦୀରେ ସିଦ୍ଧମୁନି ସାରଳା ଦାସଙ୍କ ମହାଭାରତ ଓ ଅନ୍ୟାନ୍ୟ ରଚନାବଳୀ ସ୍ୱତନ୍ତ୍ର ଓଡ଼ିଆ ଲିପିରେ ଓଡ଼ିଆ ଗ୍ରନ୍ଥ ରଚନାର ଉଦାହରଣ । ଷୋଡ଼ଶ ଶତାବ୍ଦୀରେ ଭକ୍ତ-ପଞ୍ଚସଖା ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତଙ୍କ ସାହିତ୍ୟକୃତି ଓ ବିଶେଷଭାବେ ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଆମ ଭାଷାର ବିକଶିତ ରୂପର ପ୍ରମାଣ ବହନକରେ । ଅଷ୍ଟାଦଶ ଶତାବ୍ଦୀରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଅନେକ କାବ୍ୟକାରଙ୍କ ଦ୍ୱାରା ରଚିତ କାବ୍ୟକବିତା ସମସାମୟିକ ଅନ୍ୟ ଭାଷାମାନଙ୍କଠାରୁ ଓଡ଼ିଆ ଭାଷାର ଶବ୍ଦଭଣ୍ଡାରର ପ୍ରାଚୁର୍ଯ୍ୟ ପ୍ରଦର୍ଶନ କରିଥାଏ । ପରବର୍ତ୍ତୀକାଳରେ ଭୀମଭୋଇଙ୍କର ଭଜନ ସବୁ ଓଡ଼ିଆ ଭାଷାର ସରଳତା ଓ ସାଧାରଣ ଓଡ଼ିଆଭାଷା ଭାଷୀଙ୍କ ବ୍ୟବହୃତ ଶବ୍ଦମାନଙ୍କର ଅର୍ଥ ପ୍ରକାଶ ଓ ଭାବବହନକାରୀ କ୍ଷମତାର ଉଦାହରଣ ହୋଇ ପାରିଛି ।

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଇଂରେଜ ଶାସନ ଓ ଇଂରେଜୀ ଶିକ୍ଷାର ପ୍ରଚଳନ ହେବାପରେ ଓଡ଼ିଆ ଭାଷାର ଗୁରୁତ୍ୱ ଉପଲବ୍ଧି କରି ବହୁ ସାହିତ୍ୟିକ କାବ୍ୟ କବିତା, ନାଟକ, ଉପନ୍ୟାସ, ଗଳ୍ପ ଓ ପ୍ରବନ୍ଧ ଆଦି ଓଡ଼ିଆ ଭାଷାରେ ରଚନା କରିଛନ୍ତି । ଏହି ଶତାବ୍ଦୀର ଶେଷ ଭାଗ ଓ ବିଂଶଶତାବ୍ଦୀର ପ୍ରଥମ ଭାଗରେ ବ୍ୟାସକବି ଫକୀରମୋହନ, ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ଓ ଅନ୍ୟ ଅନେକ ସାହିତ୍ୟିକ ନିଜନିଜ ରଚନା ମାଧ୍ୟମରେ ଓଡ଼ିଆ ଭାଷାକୁ ବିକଶିତ ହେବାରେ ସହାୟକ ହେଲେ । ପ୍ରାଥମିକ ସ୍ତରରେ ଓଡ଼ିଆ ଭାଷା ଶିଖିବା ପାଇଁ ରାଧାନାଥ 'ବ୍ୟାକରଣ ପରିଚୟ', ମଧୁସୂଦନ ରାଓ 'ବର୍ଣ୍ଣବୋଧ' ଓ ଫକୀରମୋହନ ସେନାପତି 'ସରଳ ଓଡ଼ିଆ ବ୍ୟାକରଣ' ରଚନା କରିଥିଲେ । ଏହି ସମୟରେ ଓଡ଼ିଆ ସାହିତ୍ୟରେ ଗଦ୍ୟ ରଚନାର ବିକଶିତ ରୂପ ମଧ୍ୟ ଉପଲବ୍ଧ ହୁଏ ।

ସମୟକ୍ରମେ ଓଡ଼ିଆ ଭାଷାର ବିକାଶ ପଥରେ ଅଜସ୍ର ପରିମାଣର ସଂସ୍କୃତ ଶବ୍ଦ, ଆଦିବାସୀ ଶବ୍ଦ, ପଡ଼ୋଶୀ ଦ୍ରାବିଡ଼ ତେଲେଗୁ ତାମିଲ ଶବ୍ଦ, ମୁସଲମାନ ଶାସନ ସମୟରେ ଉର୍ଦ୍ଦୁ, ଆରବୀ, ପାର୍ସୀ ଶବ୍ଦ, ଇଂରେଜ ଶାସନ ସମୟରେ ଇଂରାଜୀ

ଓ କେତେକ ପର୍ତ୍ତୁଗୀଜ ଶବ୍ଦ ପ୍ରବେଶ କରି ଏହାକୁ ସମୃଦ୍ଧ କରିଛନ୍ତି । ଆଜି ବିଜ୍ଞାନର ବିକାଶ ଫଳରେ ନୂଆନୂଆ ଶବ୍ଦ ଅନ୍ୟ ସବୁ ଭାଷାପରି ଆମ ଭାଷାକୁ ମଧ୍ୟ ଆସୁଛି; ଯଥା : ମୋବାଇଲ, ଇଣ୍ଟରନେଟ୍, ସୁନାମି । ଆମ ଅନେକଙ୍କର ଧାରଣା ଏସବୁ ଇଂରାଜୀ ଶବ୍ଦ । ପ୍ରକୃତରେ ଏଗୁଡ଼ିକ ଭିନ୍ନଭିନ୍ନ ଭାଷାରୁ ଗୃହୀତ ଶବ୍ଦ ଯାହା ପୃଥିବୀର ଅନ୍ୟ ବହୁ ଭାଷାରେ ମଧ୍ୟ ବ୍ୟବହୃତ ହେଉଛି । ଯେପରି ଫରାସୀ ଭାଷାର "ରେସ୍ତୋରାଁ" ଆମ ଦେଶରେ 'ରେଷ୍ଟୁରାଣ୍ଟ' ଭାବେ ଲେଖା ହେଉଛି, ଯାହାର ଅର୍ଥ ଏଠାରେ ଖାଦ୍ୟପେୟ ମିଳିଥାଏ । ଏସବୁ ଶବ୍ଦ ଆମ ଭାଷାରେ ଗୃହୀତ ହୋଇ ଆମ ଭାଷାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଛି ।

ଆଜି ଆମ ଓଡ଼ିଆ ଭାଷା ଆମର ସାହିତ୍ୟ ଓ ସଂସ୍କୃତିକୁ ପ୍ରକାଶ କରିବାପାଇଁ ଯେତିକି ଶକ୍ତିଶାଳୀ, ବିଜ୍ଞାନ ଓ କାରିଗରୀ ବିଦ୍ୟା ଓ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ମଧ୍ୟ ସେତିକି ଉପଯୋଗୀ । ଏହି ଭାଷାର ଦାୟାଦ ଭାବେ ଏହା ମାଧ୍ୟମରେ ଶିକ୍ଷା ଲାଭ କରିବାର ସୁଯୋଗ ପାଇ ଆମେ ସ୍ୱାଭିମାନର ସହ ନିଜକୁ ବିଶ୍ୱଦରବାରରେ ପ୍ରତିଷ୍ଠା କରିପାରିବା ଏଥିରେ ଦ୍ୱିମତ ନାହିଁ ।

**ବୈଶିଷ୍ଟ୍ୟ ଓ ସ୍ୱରୂପ –**

ପୃଥିବୀରେ ଯେତେ ଭାଷା ବ୍ୟବହୃତ ହୋଇଥାଏ, ସବୁ ଭାଷାର କିଛି ନା କିଛି ବୈଶିଷ୍ଟ୍ୟ ଥାଏ ବୋଲି ତାହା ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଯାଏ । ଆମ ଭାଷା ଓଡ଼ିଆର ସେମିତି କିଛି ସ୍ୱତନ୍ତ୍ର ଲକ୍ଷଣ ଅଛି ଯାହାକୁ ଆଧାର କରି ଆମେ ସ୍ୱତନ୍ତ୍ର ବୋଲି ପରିଚିତ ହୋଇଥାଉ । ସେଥିମଧ୍ୟରୁ କେତୋଟି ସାଧାରଣ ତଥା ସ୍ପଷ୍ଟ ବାରିହୋଇପଡୁଥିବା ବୈଶିଷ୍ଟ୍ୟ ସଂପର୍କରେ ଜାଣିବା ।

ଓଡ଼ିଆ ଭାଷାର ଲକ୍ଷଣ ଦୃଷ୍ଟିରୁ ବଙ୍ଗଳା, ଅହମିୟା, ମରାଠୀ, ଗୁଜୁରାଟୀ ଇତ୍ୟାଦି ଉତ୍ତର ଭାରତର ଅନ୍ୟାନ୍ୟ ଭାଷା ସହ ଏହାର ସଂପର୍କ ନିବିଡ଼ । ଦକ୍ଷିଣର ତେଲୁଗୁ, ତାମିଲ ପ୍ରଭୃତି ଦ୍ରାବିଡ଼ ଭାଷା ଓ ଓଡ଼ିଶାର ଆଦିବାସୀ ଭାଷାମାନଙ୍କରୁ ଅନେକ ଶବ୍ଦ ଓଡ଼ିଆ ଭାଷାରେ ଥିଲେ ମଧ୍ୟ ଏସବୁ ଭାଷା ସହ ସଂପର୍କ ସେପରି ନିବିଡ଼ ନୁହେଁ । ତଥାପି ସ୍ୱରୂପ ଦୃଷ୍ଟିରୁ ପ୍ରାୟ ସମାନ ହେଲେ ମଧ୍ୟ ଉତ୍ତର ଭାରତର ଅନ୍ୟ ଭାଷାଙ୍କଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସ୍ପଷ୍ଟ ।

ଓଡ଼ିଆ ଭାଷାର ଶବ୍ଦମାନଙ୍କର ଉଚ୍ଚାରଣ ସ୍ୱରାନ୍ତ । ଉତ୍ତର ଭାରତରେ ବ୍ୟବହୃତ ସମଗୋଷ୍ଠୀର ଅନ୍ୟ ଭାଷାର ଶବ୍ଦ ଶେଷରେ ବ୍ୟଞ୍ଜନ ବର୍ଣ୍ଣ ସହ 'ଅ' ଉଚ୍ଚାରିତ ହୁଏ ନାହିଁ, ଯଥା : ରାମ୍, ଗୋପାଲ୍, କିନ୍ତୁ ଓଡ଼ିଆ ଭାଷାରେ ରାମ, ଗୋପାଳ ଇତ୍ୟାଦି ଶବ୍ଦର ଶେଷରେ 'ଅ' ଉଚ୍ଚାରିତ ହୁଏ ।

ସ୍ୱରବର୍ଣ୍ଣ 'ଋ' ଅନ୍ୟ ସମଗୋଷ୍ଠୀ ଭାଷାରେ 'ରି' ପରି ଉଚ୍ଚାରିତ ହୁଏ, ଯଥା : ରିଷି, କ୍ରିଷ୍ଣା । କିନ୍ତୁ ଓଡ଼ିଆ ଭାଷାରେ ଏହା 'ରୁ' ପରି ଉଚ୍ଚାରିତ ହୁଏ, ଯଥା: ରୁଷି, କୃଷ୍ଣ ।

ବ୍ୟଞ୍ଜନ ବର୍ଣ୍ଣମାଳାର ଅବର୍ଗ୍ୟ 'ଯ' ଯାହାକୁ ଅନ୍ତସ୍ଥ 'ଯ' ମଧ୍ୟ କୁହାଯାଏ, ଏହା ସମଗୋଷ୍ଠୀ ଅନ୍ୟ କୌଣସି ଭାଷାରେ ନାହିଁ । ଓଡ଼ିଆ ଭାଷାରେ 'ୟ' ବଦଳରେ ଏହି 'ଯ'ର ବ୍ୟବହାର କେତେକ ସ୍ଥଳରେ ହୋଇଥାଏ; ଯଥା: ୟମ-ଯମ, ସୂର୍ୟ-ସୂର୍ଯ୍ୟ, ସହାୟ – ସାହାଯ୍ୟ । ଏପରି ବ୍ୟବହାର ସବୁସ୍ଥାନରେ ହୁଏନାହିଁ, ଯଥା: ଦୟା, ଲୟ, ବାୟୁ । ଏ ଲକ୍ଷଣଟି ଓଡ଼ିଆ ଭାଷାର ଏକ ନିଜସ୍ୱ ବୈଶିଷ୍ଟ୍ୟ ।

ଉତ୍ତର ଭାରତର ଅନ୍ୟ ଭାଷା, ଯେଉଁଗୁଡ଼ିକ ସହ ଓଡ଼ିଆ ଭାଷାର ନିବିଡ଼ ସଂପର୍କ ରହିଛି, ସେସବୁର ଲିପି ଉପରଭାଗ ଏକ ସରଳରେଖା ବା ସିଧା ହୋଇଥିବାବେଳେ ଓଡ଼ିଆ ଲିପିର ଉପରଭାଗ ଗୋଲାକୃତ । ସଂସ୍କୃତ (ଦେବନାଗରୀ) ଲିପିର 'क' ଓ ଓଡ଼ିଆ 'କ'ର ଉଦାହରଣ ନିଆଯାଇପାରେ । ସେହିପରି ଅନେକ ଉଦାହରଣ ମିଳିଥାଏ ।

ଉଚ୍ଚାରଣ, ଲିଖନପଦ୍ଧତି, ଶବ୍ଦ, ବାକ୍ୟ ଆଦିକୁ ନେଇ ଓଡ଼ିଆ ଭାଷାର ବହୁ ସ୍ୱାତନ୍ତ୍ର୍ୟ ରହିଛି । ସଂକ୍ଷେପରେ ଏତିକି ଜାଣିବା ଯେ ଅନ୍ୟ ଭାଷାମାନଙ୍କଠାରୁ ନିଜର ଭିନ୍ନ ଲକ୍ଷଣ ଥିବାରୁ ଓଡ଼ିଆ ଭାଷା ଏକ ସ୍ୱୟଂସଂପୂର୍ଣ୍ଣ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା । ଏହାର ପ୍ରାଚୀନତା ଓ ସ୍ୱାତନ୍ତ୍ର୍ୟକୁ ଆଧାର କରି ଭାରତ ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟଭାଷା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି ।

ଓଡ଼ିଆ ଭାଷାର ସମୃଦ୍ଧ ଶବ୍ଦ ଭଣ୍ଡାର ଓ ସ୍ପଷ୍ଟ ଭାବପ୍ରକାଶର କ୍ଷମତା ହେତୁ ଆଜି ସମଗ୍ର ପୃଥିବୀରେ ମଣିଷ ଅର୍ଜନ କରିଥିବା ଜ୍ଞାନବିଜ୍ଞାନକୁ ଏହା ମାଧ୍ୟମରେ ପ୍ରକାଶ କରାଯାଇପାରିବ ।

**ବ୍ୟାକରଣ**

ଯେକୌଣସି ବ୍ୟକ୍ତି କଥା କହିବାବେଳେ ସେଥିରେ କିଛି ନିୟମ ଥାଏ, ଯାହା ଶୁଣୁଥିବା ବ୍ୟକ୍ତିଟି ବୁଝିପାରେ । ଓଡ଼ିଶାରେ 'ପାଣି' କହିଲେ ଦିଲ୍ଲୀରେ 'ପାନି' କହନ୍ତି, ବିଲାତି ଲୋକେ 'ୱାଟର୍' କହନ୍ତି, ତେଲୁଗୁ ଭାଷାରେ 'ନିଲୁ' କହନ୍ତି । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଭାଷାରେ 'ମୁଁ ଯାଉଛି' ପରି ନିୟମ ଥିବାବେଳେ ଇଂରାଜୀ ଭାଷାରେ 'ମୁଁ ଅଛି- ଯାଉ' ନିୟମ ଲାଗୁହୁଏ । ଗୋଟିଏ ଭାଷାର ଶବ୍ଦକୁ ଆଉ ଗୋଟିଏ ଭାଷାର ଉଚ୍ଚାରଣ ପରି କହିଲେ ତାହା ଅଖାଡୁଆ ଲାଗେ । ସେମିତି ଗୋଟିଏ ପ୍ରକାର ବାକ୍ୟ ନିୟମକୁ ଆଉ ଗୋଟିଏ ଭାଷାରେ ପ୍ରୟୋଗ କଲେ ତାହା ଅର୍ଥ ପ୍ରକାଶରେ ବାଧା ସୃଷ୍ଟି କରେ । ଏପରି ଗୋଟିଏ ଭାଷାର ନିୟମକୁ ସେହି ଭାଷାରେ ମଧ୍ୟ ବଦଳାଇ ଦେଲେ ଅର୍ଥ ବୁଝିବାରେ ଅସୁବିଧା ହୁଏ । ଯଥା: 'ବିଲେଇ ମୂଷା ଖାଏ' ବାକ୍ୟ 'ମୂଷା ବିଲେଇ ଖାଏ' କହିଲେ ଅର୍ଥ ବଦଳିଯାଏ, ଯାହା ଅସମ୍ଭବ ମନେ ହୁଏ । ପ୍ରଥମରୁ 'ଭାଷା' ଆଲୋଚନାବେଳେ 'ନିୟମ' କଥା କୁହାଯାଇଛି ।

ଭାଷା ବ୍ୟବହାରର ଏହି ଶୃଙ୍ଖଳା ବା ନିୟମଗୁଡ଼ିକୁ **ବ୍ୟାକରଣ** କୁହାଯାଏ ।

ମନେ ରଖିବାକୁ ହେବ ଯେ, ଭାଷାର ବ୍ୟାକରଣ ସ୍ୱତଃ ତା'ର ବ୍ୟବହାର ସହିତ ସୃଷ୍ଟି ହୋଇଥାଏ । ପରବର୍ତ୍ତୀ ସମୟରେ ତା'ର ନିୟମଗୁଡ଼ିକୁ ବିଦ୍ୱାନମାନେ ଖୋଜି ବାହାର କରନ୍ତି ଓ ଏଗୁଡ଼ିକ ଲିପିବଦ୍ଧ ହେଲେ ତାକୁ ସେହି ଭାଷାର ବ୍ୟାକରଣ ବୋଲି କୁହାଯାଏ । ଏବେ ମଧ୍ୟ ଆମ ଦେଶରେ ଓ ସାରା ପୃଥିବୀରେ ଏପରି ଅନେକ ଭାଷା ଅଛି, ଯାହାର ବ୍ୟାକରଣ ଲିପିବଦ୍ଧ ହୋଇନାହିଁ କିନ୍ତୁ ସେ ଭାଷା କିଛି ଗୋଷ୍ଠୀଦ୍ୱାରା ବ୍ୟବହୃତ ହେଉଛି । ପୃଥିବୀର ଅନ୍ୟ ଦେଶ ପରି ଆମ ଭିତରେ ଅନେକ ନିରକ୍ଷର ବ୍ୟକ୍ତି ଓ ଅଳ୍ପ ପାଠପଢ଼ା ବ୍ୟକ୍ତି ଅଛନ୍ତି ଯେଉଁମାନେ ସୁନ୍ଦର ଶୈଳୀରେ ନିର୍ଭୁଲ କଥା କହିପାରନ୍ତି, କିନ୍ତୁ ସେମାନେ ବ୍ୟାକରଣ ପଢ଼ିନାହାନ୍ତି ଓ ଭାଷାର ନିୟମ ଜାଣିନାହାନ୍ତି । ହାଟବଜାର, ରାସ୍ତାଘାଟରେ ଅନେକ ଏପରି ଲୋକ ମିଳିବେ ଯେଉଁମାନେ କେବଳ ଗୋଟିଏ ନୁହେଁ, ଦୁଇ ତିନୋଟି କିଂବା ଅଧିକ ଭାଷାରେ କଥା କହିପାରନ୍ତି; କିନ୍ତୁ ସେମାନେ ନିରକ୍ଷର ବି ହୋଇପାରନ୍ତି, ବ୍ୟାକରଣ ପଢ଼ିନଥା'ନ୍ତି । ପରିବେଶରୁ କିଂବା ଅନ୍ୟ ଭାଷାଭାଷୀ ଲୋକଙ୍କ ସହ ମିଶି ସେମାନେ ସେହିସେହି ଭାଷା ଶିଖିଥାନ୍ତି ।

ଏଥିରୁ ଗୋଟିଏ କଥା ଜାଣିଲେ ଯେ, ସବୁ ଭାଷାର ନିଜସ୍ୱ ନିୟମ ଅଛି, ତାହାହିଁ ସେହି ଭାଷାର ବ୍ୟାକରଣ । ଯେକୌଣସି ଭାଷା ଶିଖିବା ଓ କହିବାବେଳେ ସ୍ୱତଃ ସେହି ଭାଷାର ବ୍ୟାକରଣ ଶିଖି ହୋଇଯାଏ ।

ଲୋକମୁଖରେ ବ୍ୟବହୃତ ହେଉଥିବା ଭାଷାର ନିୟମକୁ ଶୃଙ୍ଖଳିତ ଭାବରେ ଅନୁସଂଧାନ କରି ଲିପିବଦ୍ଧ କଲେ ତାହାକୁ ବ୍ୟାକରଣ ଗ୍ରନ୍ଥ କୁହାଯାଏ । ଏହାର ଅଧ୍ୟୟନ ଦ୍ୱାରା ଭାଷାର ଶୁଦ୍ଧ ବ୍ୟବହାର କରିବାପାଇଁ ଦକ୍ଷତା ବୃଦ୍ଧିପାଏ ।

ପୂର୍ବରୁ ଆଲୋଚନା କରାଯାଇଛି ଯେ ବ୍ୟାକରଣ ନପଢ଼ି ଭାଷା ଶିଖିହେବ । ତେବେ ଏହା କେବଳ ସାଧାରଣ ଚଳଣିପାଇଁ ଯଥେଷ୍ଟ ହୋଇପାରେ । କିନ୍ତୁ ଜ୍ଞାନବିଜ୍ଞାନର ପ୍ରସାର, ସଂସ୍କୃତି ସଭ୍ୟତାର ବିକାଶ କ୍ଷେତ୍ରରେ ବ୍ୟାକରଣ ପଢ଼ିବା ନିତାନ୍ତ ଜରୁରି । ଗୋଟିଏ ଭାଷାର ବ୍ୟାକରଣ ଜାଣିଲେ ସେହି ଭାଷାର ଶବ୍ଦଶକ୍ତି, ଅର୍ଥଶକ୍ତି ଓ ପ୍ରକାଶ କରିବାର କ୍ଷମତା ବୁଝିହୁଏ । ଫଳରେ ଶବ୍ଦ ଗଠନ, ନୂତନ ଶବ୍ଦ ଆହରଣ, ବାକ୍ୟ ପ୍ରୟୋଗର ଶୈଳୀ ଆଦି ଜାଣିବା ଦ୍ୱାରା ନିଜ ପାଇଁ ଅନ୍ୟ ଶାସ୍ତ୍ର ପଢ଼ିବା, ବୁଝିବା ଓ ଅନ୍ୟକୁ ବୁଝେଇବାର ସାମର୍ଥ୍ୟ ବୃଦ୍ଧି ହୁଏ । ନିଜ ଭାଷାର ବ୍ୟାକରଣକୁ ବୁଝିଥିବା ବ୍ୟକ୍ତି ଅନ୍ୟ ଭାଷାର ବ୍ୟାକରଣରେ ଥିବା ସାମ୍ୟ ଓ ବିଷମତାକୁ ମଧ୍ୟ ସହଜରେ ବୁଝିପାରେ । ଫଳରେ ଅନ୍ୟ ଭାଷା ପଢ଼ିବା, ଶୁଣିବା, ବୁଝିବା ସହଜ ହୋଇଥାଏ । ଓଡ଼ିଆ ବ୍ୟାକରଣ ବୁଝିଥିବା ବ୍ୟକ୍ତିପାଇଁ ସଂସ୍କୃତ, ହିନ୍ଦୀ, ଇଂରାଜୀ, ଋଷ, ଜର୍ମାନୀ, ଚୀନ ଭାଷାର ବ୍ୟାକରଣ ପଢ଼ିଲେ ବୁଝିବା ସହଜ ହୋଇଯିବ । ବ୍ୟାକରଣର ନିୟମ ହେତୁ ଗୋଟିଏ ଭାଷାକୁ ସେହି ଅନୁସାରେ ଲେଖି ରଖିଲେ ଦୂରଦେଶରେ ଥିବା ବ୍ୟକ୍ତି କିଂବା ଶହଶହ ବର୍ଷ ପରେ ମଧ୍ୟ ନିୟମ ଜାଣିଥିବା ବ୍ୟକ୍ତି ସେ କଥାକୁ ବୁଝିପାରିବ, ବୁଝେଇ ପାରିବ, ଯେମିତି ଆଜି ବେଦ ଉପନିଷଦର କଥା ଆମେ ବୁଝୁଛୁ, କିଂବା ହଜାର ବର୍ଷର ଇତିହାସ, ଜ୍ଞାନ ବିଜ୍ଞାନକୁ ଆମେ ଜାଣୁଛୁ ସେ ସବୁ ସମ୍ଭବ ହୋଇଛି କେବଳ ଭାଷାରେ ଥିବା ସୂତ୍ରଗ୍ରନ୍ଥ ବ୍ୟାକରଣ ପାଇଁ । ଏଥିରୁ ଆମେ ଜାଣିଲେ ଯେ ବ୍ୟାକରଣ ତା'ର ଭାଷା ମଧ୍ୟରେ ଜ୍ଞାନବିଜ୍ଞାନକୁ ସଞ୍ଚୟ କରି ରଖିବା ପାଇଁ ସମର୍ଥ କରାଏ । ଗୋଟିଏ ଭାଷାର ଶୁଦ୍ଧ ବ୍ୟବହାର ଓ ପ୍ରସାର ପାଇଁ ବ୍ୟାକରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୁଣି ଗୋଟିଏ ଭାଷାର ବ୍ୟାକରଣ ଜାଣିଲେ ଅନ୍ୟ ଯେକୌଣସି ଭାଷାରେ ବ୍ୟାକରଣରେ ଥିବା ସୂତ୍ର ବା ବ୍ୟବହାର ବିଧିକୁ ବୁଝିବା ସହଜ ହୁଏ, ଅର୍ଥାତ୍ ଅନ୍ୟ ଭାଷା ଶିଖିବା ସହଜ ହୁଏ । ହଜାରହଜାର ବର୍ଷର ସଂସ୍କୃତି, ଇତିହାସ, ଜ୍ଞାନ ବିଜ୍ଞାନ ପାଇଁ, ପରସ୍ପରର ଭାଷା ବୁଝିବା ଏକାନ୍ତ ଜରୁରୀ ଏବଂ ଏହି କାର୍ଯ୍ୟଟି ନିର୍ଭୁଲ ଭାବେ ସଫଳହେବାର ମୂଳ ଉପାୟ ହେଉଛି ଉଦ୍ଦିଷ୍ଟ ଭାଷାର ବ୍ୟାକରଣ ଜାଣିବା ।

-୦-

## ଶିକ୍ଷକଙ୍କପାଇଁ ସୂଚନା

- ଭାଷା କ'ଣ, ଆମ ମାତୃଭାଷାର ବୈଶିଷ୍ଟ୍ୟ, ଭାଷାର ବିକାଶକ୍ରମ, ଓଡ଼ିଆ ଭାଷାର ଅନ୍ୟ ଭାଷା ସହିତ ପାରସ୍ପରିକ ସଂପର୍କ, ଭାଷାଜ୍ଞାନ ଅଭିବୃଦ୍ଧିରେ ବ୍ୟାକରଣ ଗୁରୁତ୍ୱ, ଏ ସମସ୍ତ ପ୍ରସଙ୍ଗ ଶିକ୍ଷାର୍ଥୀପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।
- ଜଣେ ଅଷ୍ଟମ ଶ୍ରେଣୀ ଶିକ୍ଷାର୍ଥୀର ମନକୁ ଛୁଇଁଲା ଭଳି ଢଙ୍ଗରେ ଶିକ୍ଷକ ଏ ପାଠକୁ ଉପସ୍ଥାପନ କରିବେ ।
- ଶିକ୍ଷାର୍ଥୀଙ୍କ ପାଖକୁ ଯିବାପୂର୍ବରୁ ଶିକ୍ଷକ ପ୍ରଥମେ ପାଠ ସଂପର୍କରେ ନିଜର ଧାରଣାକୁ ଦୃଢ଼ କରିବା ସହିତ ସମସ୍ତ ସନ୍ଦେହକୁ ଦୂର କରି ନିଜକୁ ପ୍ରସ୍ତୁତ କରିବେ ।

## ଅଭ୍ୟାସକାର୍ଯ୍ୟ

୧. ଆସ କଥାବାର୍ତ୍ତା ହେବା –

କ) ପ୍ରାଣୀ କିପରି ନିଜର ମନର ଭାବକୁ ପ୍ରକାଶ କରେ ?

ଖ) ଧ୍ୱନି କାହାକୁ କହିବା ?

ଗ) ଧ୍ୱନିର ପ୍ରତୀକକୁ କ'ଣ କୁହାଯାଏ ?

ଘ) ମାତୃଭାଷା କହିଲେ ଆମେ କ'ଣ ବୁଝିବା ?

ଙ) ବ୍ୟାକରଣ କ'ଣ ?

୨. ଆସ ଉତ୍ତର ଲେଖିବା –

କ) ଭାଷାବିତ୍‌ମାନଙ୍କ ମତରେ ଆମ ଭାଷା କେତେ ବର୍ଷର ପୁରୁଣା ?

ଖ) ଊନବିଂଶ ଶତାବ୍ଦୀର ଶେଷ ଭାଗ ଓ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଆ ଭାଷାର ବିକାଶ କରିଥିବା କେତେଜଣ ସାହିତ୍ୟିକଙ୍କ ନାମ ଲେଖ ।

ଗ) ମଧୁସୂଦନ ରାଓ ଓ ଫକୀର ମୋହନ ସେନାପତି କ'ଣ ରଚନା କରିଥିଲେ ?

ଘ) ବ୍ୟାକରଣ ଗ୍ରନ୍ଥ କହିଲେ ଆମେ କ'ଣ ବୁଝୁ ।

ଙ) ବ୍ୟାକରଣ ଅଧ୍ୟୟନ ଦ୍ୱାରା କ'ଣ ସୁବିଧା ହୁଏ ?

୩. ଠିକ୍ ଉତ୍ତର ପାଖ କୋଠରିରେ (✓) ଚିହ୍ନ ଦିଅ ।

ସ୍ନେହ ପ୍ରକାଶ କଲେ –

କ) ଓଠରେ ହସ ଆଏ ☐

ଖ) ଆଖି ବନ୍ଦ ହୋଇଯାଏ ☐

ଗ) ଆଖିରେ ଲୁହ ଆସେ ☐

ଘ) ମୁଣ୍ଡ ହଲିଯାଏ ☐

୪. ଭାଷାର ଶୁଦ୍ଧ ବ୍ୟବହାର ଓ ପ୍ରସାର ପାଇଁ -

କ) ଅନ୍ୟ ଭାଷା ଜାଣିବା ଗୁରୁତ୍ୱପୂର୍ଣ୍ଣ ☐

ଖ) ଜ୍ଞାନ ବିଜ୍ଞାନ ଜାଣିବା ଗୁରୁତ୍ୱପୂର୍ଣ୍ଣ ☐

ଗ) ବ୍ୟାକରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ☐

ଘ) ଧର୍ମ ଧାରଣା ରହିବା ଗୁରୁତ୍ୱପୂର୍ଣ୍ଣ ☐

୫. ମଣିଷ ଶ୍ରେଷ୍ଠ ଜୀବ ହୋଇପାରିଛି-

କ) ଇଂରାଜୀ ପାଇଁ ☐

ଖ) ଗଣିତ ପାଇଁ ☐

ଗ) ବିଜ୍ଞାନ ପାଇଁ ☐

ଘ) ଭାଷା ପାଇଁ ☐

୬. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ଯୋଗ କର -

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସହଜପନ୍ଥୀ ସାଧକ | ଭାଗବତ |
| ଫକୀର ମୋହନ ସେନାପତି | ବର୍ଣ୍ଣବୋଧ |
| ଜଗନ୍ନାଥ ଦାଶ | ଓଡ଼ିଆ ବ୍ୟାକରଣ |
| ମଧୁସୂଦନ ରାଓ | ଚର୍ଯ୍ୟାଗୀତି |

୭. ବନ୍ଧନୀରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।

କ) ଓଡ଼ିଆ ଲିପିର ଉପର ଭାଗ ---------- । (ସରଳରେଖା, ଗୋଲାକୃତ)

ଖ) ଧ୍ୱନିର ଦୃଶ୍ୟମାନ ଆକୃତିକୁ --------- କହନ୍ତି । (ଲିପି, ବର୍ଣ୍ଣ)

ଗ) ଶାସ୍ତ୍ରୀୟମାନ୍ୟତା ଲାଭ କରିବାରେ ଓଡ଼ିଆ ଭାଷାର ସ୍ଥାନ ---------- । (ପଞ୍ଚମ, ଷଷ୍ଠ)

ଘ) ଭାଷାର ନିଜସ୍ୱ ନିୟମକୁ ---------- କହନ୍ତି । (ବ୍ୟାକରଣ, ଅଭିଧାନ)

ଙ) ନାଟ୍ୟଶାସ୍ତ୍ର ---------- ରଚନା କରିଥିଲେ । (ସାରଳା ଦାସ, ଭରତ ମୁନି)

-୦-

ଦ୍ୱିତୀୟ ଅଧ୍ୟାୟ

# ଧ୍ୱନି, ଲିପି, ବର୍ଣ୍ଣ ଓ ଅକ୍ଷର

IXVV4K

## ୨ - ଧ୍ୱନି, ଲିପି, ବର୍ଣ୍ଣ, ଅକ୍ଷର

ଭାଷା ସମ୍ବନ୍ଧରେ ଆଲୋଚନା ବେଳେ 'ଧ୍ୱନି' କଥା କୁହାଯାଇଛି । ଭାଷାର ମୂଳ ଉପାଦାନ ଧ୍ୱନି ।

## ୨.୧ - ଧ୍ୱନି

ଆମ କାନିପାଖରେ ଘଟୁଥିବା ଯେକୌଣସି କମ୍ପନକୁ ଆମ କାନକୁ ଯାହା ଶୁଣାଯାଏ ତାକୁ ଧ୍ୱନି କୁହାଯାଏ । ମେଘ ଗର୍ଜିଲେ ଗଡ଼ଗଡ଼ର 'ଧ୍ୱନି' ହୁଏ । ପବନ ବହିଲେ ସୁ - ସୁ - 'ଧ୍ୱନି' ହୁଏ । ଘଣ୍ଟାଟିଏ ମାରିଲେ ଢାଇଁ ଶୁଭେ, ସେମିତି ଗାଡ଼ିଘୋଡ଼ାର ଧ୍ୱନି ଅଛି, ପଶୁପକ୍ଷୀ, କୀଟପତଙ୍ଗମାନଙ୍କର ମଧ୍ୟ ଧ୍ୱନି ସୃଷ୍ଟିକରିବାର କ୍ଷମତା ଅଛି । କିନ୍ତୁ ମଣିଷ ଏକମାତ୍ର ପ୍ରାଣୀ ଯିଏ ନିଜ ପ୍ରୟାସ ଦ୍ୱାରା ଧ୍ୱନିକୁ ନିୟନ୍ତ୍ରଣ କରି ଉପସ୍ଥାପନ କରିପାରେ । ଏପରିକି ମନ ଭିତରେ ସୃଷ୍ଟିହେଉଥିବା ଭାବକୁ ନିୟନ୍ତ୍ରଣ କରି ମଣିଷ ଚୁପ୍ ରହିପାରେ, କଥା କୁହାକୁହି କରିପାରେ କିମ୍ବା ଗୋଳମାଳ୍ ଗପ କରିବେଲ ପାରେ ପୁଣି ଇଚ୍ଛା ଅନୁସାରେ ଧୀରେ କହିପାରେ, କଣ୍ଠ ଫାଟିଲେ ଚିତ୍କାରକରି କହିପାରେ ଏବଂ ଆଉ ଅନେକ ଶୈଳୀ ମଧ୍ୟ ବ୍ୟବହାର କରିପାରେ । ଏତେ ସବୁ ଧ୍ୱନି ନିୟନ୍ତ୍ରଣ କରିବାର କ୍ଷମତା କେବଳ ମଣିଷର ଅଛି । ତେଣୁ ବ୍ୟାକରଣ ଶାସ୍ତ୍ରରେ ଧ୍ୱନି କହିଲେ କେବଳ ମଣିଷ ମୁଖରୁ ନିର୍ଗତ ହୋଇଥିବା ଏବଂ ଏହା ମାଧ୍ୟମରେ ଅର୍ଥବୋଧ କରିବା ପାଇଁ ଶବ୍ଦଗଠନର କ୍ଷମତାଥିବା ଓ ଶୁଣି ହେଉଥିବା କମ୍ପନକୁ ବୁଝାଏ । କହି ଓ ଶୁଣି ହେଉଥିବାରୁ ଏହାକୁ ଭାଷିକଧ୍ୱନି କୁହାଯାଏ । ଏ ହେତୁ ଚିତ୍କାର କିମ୍ବା ହିକିଲ ମାରିବା ଇତ୍ୟାଦି ଧ୍ୱନି ଭାଷିକ ଧ୍ୱନି ନୁହେଁ, କାରଣ ଏସବୁ ଶବ୍ଦ ଗଠନ କରିବାର କ୍ଷମତା ରଖିନାହିଁ ।

ଅ, ଆ, ଇ, ଈ, କ, ଖ, ଗ ଆଦି ଭାଷିକ ଧ୍ୱନି, କାରଣ ଏଗୁଡ଼ିକୁ ନେଇ 'ଅଖ' ଗଢ଼ି ହେବ, 'ଆଇ' କହିହେବ, ସେମିତି କଳ, ଖଗ, ଗଳ ଆଦି ଅର୍ଥଥିବା ସଂକେତ ତିଆରି କରିହେବ । ତେଣୁ ଏଗୁଡ଼ିକ ଗୋଟିଏଗୋଟିଏ ଭାଷିକଧ୍ୱନି । ଏହିପରି ପୃଥିବୀର ସବୁ ଭାଷାର ନିଜସ୍ୱ ଭାଷିକଧ୍ୱନି ରହିଛି, ଏଥିରୁ କେତେକ ଧ୍ୱନି ସମାନ, କେତେକ ଅସମାନ ହୋଇପାରେ । ସୁତରାଂ ଯାହା ମଣିଷ ମୁଖରେ ଅର୍ଥପୂର୍ଣ୍ଣ ଭାବେ କୁହାଯାଏ ବା ଉଚ୍ଚାରିତ ହୁଏ ତାହା "ଧ୍ୱନି" ।

## ଲିପି

ଆମେ କହିବାବେଳେ ଯେଉଁ ଧ୍ୱନି ଉଚ୍ଚାରଣ କରୁ ତା'ର ଦେଖାହେଉଥିବା ଆକାରଟି ହେଉଛି ଲିପି । ମାଟିରେ ଗାରିକୁ ଆଙ୍କ ଦେବାକୁ ଲିପିଯାଏ । ତାକୁ ତା ପରେ ଲେଖା ଲିପାଯାଏ । ସାଧାରଣ ଭାବେ 'ଲିପିବା' ଓ 'ଲେଖିବା' ଅର୍ଥରେ ପ୍ରୟୋଗ ହୁଏ । ଶୁଣାଯାଉଥିବା ଧ୍ୱନିଗୁଡ଼ିକୁ ଦେଖିବାପାଇଁ ପଥର କାନ୍ଥ, ତାଳପତ୍ର, କଳା ବା କାଗଜରେ ଏପରି ନିର୍ଦ୍ଦିଷ୍ଟ ଢାଞ୍ଚାରେ ଲେଖିଦିଆଯାଏ ବା ଲିପି ଦିଆଯାଏ ଓ ତାହା ସେହି ଧ୍ୱନିର ପ୍ରତୀକ ବୋଲି ଶିଖାଇଦିଆଯାଏ, ଆମେ ସେହି ଲିପିଯାଇଥିବା ରୂପକୁ ଦେଖି ଉଚିତ ଧ୍ୱନି ଉଚ୍ଚାରଣ କରୁ । ଭାଷା କ୍ଷେତ୍ରରେ ଧ୍ୱନିର ଲିଖିତ ରୂପକୁ 'ଲିପି' କୁହାଯାଏ ।

ଅ ଏହି ଛବିଟିଏ ଖ-ଏହି ଛବିକୁ ଦେଖିଲେ ଆମେ 'ଅଖ' କହିବା । ପୁଣି ତ-ଏହି ଛବି ସହ କ-ଏହି ଛବିକୁ ଦେଖିଲେ ଆମେ 'ତକ' କହିବା । ଏପରି କହିବା ସହ ଆମେ ତା'ର ଅର୍ଥ ବା ଭାବକୁ ମଧ୍ୟ ବୁଝିବା । ପୂର୍ବରୁ ଭାଷା

ସମ୍ବନ୍ଧରେ ଆଲୋଚନା କଲାବେଳେ ଆମେ ଜାଣିଥିଲେ ଯେ ଭାଷା ହେଉଛି ପ୍ରତୀକ ବା ସଂକେତ । ଆମେ ଚକର ଚିତ୍ର ନ କରି କେବଳ 'ଚକ' ଉଚ୍ଚାରଣ କଲେ ସେ ବସ୍ତୁଟିକୁ ବୁଝିଯାଉ । ତେଣୁ ଏହି ଉଚ୍ଚାରଣ ସେହି ବସ୍ତୁର ପ୍ରତୀକ । ପୁଣି ଏହି ଧ୍ୱନିର ଉଚ୍ଚାରଣକୁ ଦେଖିବା ଓ ଦେଖାଇବାପାଇଁ ଆମେ ଯେଉଁ ସଂକେତ ଆଙ୍କିଦେଲେ ତାହା ସେହି ଧ୍ୱନିର ପ୍ରତୀକ ଭାବେ ଦେଖିହେଲା । ବ୍ୟବହୃତ ଧ୍ୱନିର ପ୍ରତିନିଧିତ୍ୱ କରୁଥିବା ଦୃଶ୍ୟମାନ ସଙ୍କେତ ବା ପ୍ରତୀକ ହେଉଛି ଲିପି ।

ପୃଥିବୀର ସବୁ ଭାଷାର ଲିପି ସୃଷ୍ଟି ହୋଇନାହିଁ । ସମୃଦ୍ଧ ଓ ବିକଶିତ ଭାଷାମାନଙ୍କରେ ଜ୍ଞାନ ବା ଜ୍ଞାନକୁ ସାଇତି ରଖିବା ପାଇଁ ଓ ଆଦାନପ୍ରଦାନ ପାଇଁ ଲିପିର ବ୍ୟବହାର କରାଯାଏ । ଗୋଟିଏ ସମୃଦ୍ଧ ଭାଷାର ଗୋଟିଏ ବିକଶିତ ଲିପିମାଳା ବ୍ୟବହୃତ ହୋଇଥାଏ । ଏପରି କେତେକ ଭାଷା ରହିଛି ଯେଉଁମାନଙ୍କର କଥନ ଭଙ୍ଗୀ ଭିନ୍ନ ମାତ୍ର ଲିଖନପଦ୍ଧତିର ଲିପି ସମାନ । ଓଡ଼ିଆ ଭାଷାର ସ୍ୱତନ୍ତ୍ର ଲିପି ଥିବାବେଳେ ବଙ୍ଗଳା ଓ ଅହମିୟା ଭାଷାରେ ଗୋଟିଏ ପ୍ରକାର ଲିପି ବ୍ୟବହୃତ ହୁଏ । ଆମେରିକା ଅଧିବାସୀ, ନିଜ ଭାଷାକୁ 'ଇଂରାଜୀ' ନ କହି 'ଆମେରିକାନ୍' ଭାଷା ବୋଲି କହନ୍ତି । କିନ୍ତୁ ଉଭୟ ଭାଷାରେ ଏକ ପ୍ରକାର ଲିପିର ବ୍ୟବହାର କରାଯାଏ । ଋଷ, ଫରାସୀ ଆଦି ଭାଷାରେ ନିଜନିଜର ସ୍ୱତନ୍ତ୍ର ଲିପି ଥିବାବେଳେ ଚୀନଭାଷାରେ ପ୍ରତ୍ୟେକ ଧ୍ୱନିପାଇଁ ଲିପି ନଥାଇ ପ୍ରତ୍ୟେକ ଶବ୍ଦ ପାଇଁ ଗୋଟିଏ ଗୋଟିଏ ଚିତ୍ର ଆଙ୍କିବାକୁ ପଡ଼ିଥାଏ । ଏହି ଚିତ୍ରଲିପି ମଧ୍ୟ ସେ ଭାଷାର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଥାଏ ।

## ବର୍ଣ୍ଣ

ସବୁଭାଷାର ଧ୍ୱନି ନିଶ୍ଚୟ ଅଛି । କିନ୍ତୁ କେବଳ ସମୃଦ୍ଧ ବିକଶିତ ଭାଷାର ଲିପିଥାଏ । ଲିପିକୁ ଦେଖି ଧ୍ୱନିକୁ ଉଚ୍ଚାରିତ ଚିହ୍ନିବା ଓ ରୂପ ଦେବାର ବିଧିକୁ 'ବର୍ଣ୍ଣ' କୁହାଯାଏ । ସାଧାରଣଭାବେ ଗୋଟିଏଗୋଟିଏ ଧ୍ୱନିପାଇଁ ଗୋଟିଏଗୋଟିଏ ଲିପି ରଖାଯାଏ । କିନ୍ତୁ କେତେକ ସ୍ଥଳରେ ଗୋଟିଏ ଧ୍ୱନିପାଇଁ ଏକାଧିକ ଲିପି ଏବଂ ଏକାଧିକ ଧ୍ୱନିପାଇଁ ଗୋଟିଏ ଲିପି ମଧ୍ୟ ବର୍ଣ୍ଣ ଆକାରରେ ରହିପାରେ । ଓଡ଼ିଆ ବର୍ଣ୍ଣମାନଙ୍କ ମଧ୍ୟରୁ ଗୋଟିଏ 'ସ' ଧ୍ୱନିପାଇଁ ତିନୋଟି ଲିପି ରହିଛି । ଯଥା: ଶ, ଷ, ସ । ଏହାର ତିନିପ୍ରକାର ଉଚ୍ଚାରଣ ଆଜି ଆମ ଭାଷାରେ ନାହିଁ, କିନ୍ତୁ ତିନୋଟି ବର୍ଣ୍ଣର ବ୍ୟବହାର ଅଛି । ଇ, ଈ ଏବଂ ଉ, ଊ ମଧ୍ୟ ସେହିପରି ଗୋଟିଏଗୋଟିଏ ଧ୍ୱନିପାଇଁ ଦୁଇଦୁଇଟି ଲିପି ବ୍ୟବସ୍ଥା ଚଳିଆସିଛି । ଓଡ଼ିଆ ଭାଷାର ଯୁକ୍ତବର୍ଣ୍ଣରେ ଏପରି କେତେକ ଚିହ୍ନ ଅଛି ଯାହା ଗୋଟିଏ ପ୍ରକାର ଲେଖାଯାଉଥିଲେ ମଧ୍ୟ ଭିନ୍ନସ୍ଥିତିରେ ଭିନ୍ନ ଉଚ୍ଚାରଣ ହୋଇଥାଏ । ଯଥା : 'ମୁଣ୍ଡ', ଏଠାରେ 'ଣ' ସହିତ ଥିବା ଚିହ୍ନଟି 'ଡ' । କିନ୍ତୁ 'ମୁକ୍ତା' ଏଠାରେ 'କ' ସହିତ ଥିବା ଚିହ୍ନଟି 'ତ' । ଏପରି ଆଉ କେତେକ ଉଦାହରଣ ମଧ୍ୟ ଓଡ଼ିଆ ଭାଷାରେ ମିଳେ ଇଂରାଜୀ ଭାଷାର ବର୍ଣ୍ଣରେ ଲେଖିବା ଏବଂ ଉଚ୍ଚାରଣ କରିବାରେ ଏଭଳି ବହୁ ବିଷମତା ଦେଖାଯାଏ । ତଥାପି ଏସବୁକୁ ଅଭ୍ୟାସଯୋଗେ ମନେରଖି ଶିଖିବାକୁ ହୁଏ ।

ଗୋଟିଏ ଭାଷା କହିବାପାଇଁ ସେହି ଭାଷାର ଧ୍ୱନିକୁ ଶିଖିବାକୁ ହୁଏ, ସେହି ଭାଷାକୁ ପଢ଼ିବାପାଇଁ ତା'ର ଲିପିକୁ ଜାଣିବାକୁ ହୁଏ । ଏହି ଧ୍ୱନି ଓ ତା'ର ପ୍ରତୀକ ଲେଖରୂପ 'ଲିପି' ହେଉଛି 'ବର୍ଣ୍ଣ' ଏବଂ ଯେଉଁ ଶୈଳୀରେ ଏହା ସଜାଯାଇ ଶିଖାଯାଏ ତାକୁ ବର୍ଣ୍ଣମାଳା କୁହାଯାଏ ।

## ଅକ୍ଷର

ସାଧାରଣଭାବେ ଆମେ, ବର୍ଣ୍ଣ, ଲିପି ଓ ଅକ୍ଷରକୁ ଏକାକଥା ବୋଲି ବୁଝିଥାଉ । ବର୍ଣ୍ଣମାଳାରେ ଥିବା ଲିପିକୁ ସେହି ଭାଷାର ଅକ୍ଷର ବୋଲି, ଅନେକ କହିଥାନ୍ତି । ଏହାର କାରଣ ହେଲା ଏହି ଶବ୍ଦର ଅର୍ଥ-ଯାହାକ୍ଷର ହୁଏନାହିଁ ତାହା ଅକ୍ଷର ।

ଗୋଟିଏ କଥା ବା ଜ୍ଞାନକୁ ଲେଖିରଖିଦେଲେ ଏହା ବହୁକାଳଯାଏ ସ୍ଥାୟୀହୋଇ ରହିଯାଏ, କ୍ଷର ହୁଏ ନାହିଁ ବା କ୍ଷୟ ହୁଏନାହିଁ, ଶୀଘ୍ର ନଷ୍ଟ ହୁଏନାହିଁ । ତେଣୁ କାଳକ୍ରମେ ଲିପି ମାଧ୍ୟମରେ ସାଇତି ରଖାଯାଉଥିବାରୁ ଲିପିକୁ **"ଅକ୍ଷର"** କୁହାଯାଇଛି ।

କିନ୍ତୁ ଆଜି ଆଧୁନିକ ବ୍ୟାକାରଣରେ 'ଅକ୍ଷର' କହିଲେ ଗୋଟିଏ ସ୍ଫୋଟରେ ବା ଗୋଟିଏ ଥରରେ ଉଚ୍ଚାରିତ ଧ୍ୱନି ବା ଧ୍ୱନିମାନଙ୍କୁ ବୁଝୁଛୁ ଯଥା : 'ଓ'-ଗୋଟିଏ ଅକ୍ଷର । 'ଧ' ଧରିବାକୁ ଆଦେଶ ଦେବାବେଳେ ଏପରି କୁହାଯାଏ । ଏହା 'ଧ୍' ଏବଂ 'ଅ' ମିଶି ଗୋଟିଏ ଅକ୍ଷର । 'ଖ' ଏବଂ 'ଆ' ମିଶି 'ଖା'-ଗୋଟିଏ ଅକ୍ଷର । କାରଣ ଏହା ଗୋଟିଏ ଥରରେ ଉଚ୍ଚାରିତ ହେଉଛି ।

'କଷ୍ଟ'-ଏହି ଶବ୍ଦରେ 'କ୍ ଅ, ଷ୍ଟ୍ଅ' ଧ୍ୱନିଗୁଡ଼ିକ କ୍ରମଭାବରେ ରହିଛନ୍ତି । ଉଚ୍ଚାରଣ ବେଳେ 'କ୍ଅ' ଗୋଟିଏ ଥରରେ ଉଚ୍ଚାରିତ ହୁଏ ତେଣୁ ଏହା ଗୋଟିଏ ଅକ୍ଷର ଏବଂ 'ଷଟ୍ଅ' ଗୋଟିଏ ଥରରେ ଉଚ୍ଚାରିତ ହୁଏ, ତେଣୁ ଏହା ଗୋଟିଏ ଅକ୍ଷର ।

ଏହିପରି ବିଚାରକଲେ 'ବସ'-ଦୁଇଟି ଅକ୍ଷର କିନ୍ତୁ 'ବସ୍'-ଗୋଟିଏ ଅକ୍ଷର, 'ଉଠ'-ଦୁଇଟି ଅକ୍ଷର, 'ଉଠ୍'-ଗୋଟିଏ ଅକ୍ଷର । ଏମିତି ଦୁଇ, ତିନି, ଚାରିଟି ଧ୍ୱନିକୁ ନେଇ ଗୋଟିଏ ଗୋଟିଏ ଅକ୍ଷର ହୋଇପାରେ । ଉଦାହରଣ ସ୍ୱରୂପ : **ସ୍ୱ ରା ଷ୍ଟ୍ର** – 'ସ୍ୱ୍ଅ' 'ର୍ଆ' 'ଷ୍ଟ୍ର୍ଅ' – ଏଥିରେ ପ୍ରଥମ ଅକ୍ଷରରେ ତିନୋଟି, ଦ୍ୱିତୀୟ ଅକ୍ଷରରେ ଦୁଇଟି ଓ ତୃତୀୟ ଅକ୍ଷରରେ ଚାରିଟି ଧ୍ୱନି ଅଛି ।

## ୨.୫ ବର୍ଣ୍ଣ, ବର୍ଣ୍ଣମାଳା :-

ପୃଥିବୀର ଭିନ୍ନଭିନ୍ନ ମାନବଗୋଷ୍ଠୀ ଦ୍ୱାରା କୁହାଯାଉଥିବା ଓ ଲେଖାଯାଉଥିବା ପ୍ରତ୍ୟେକ ଭାଷାର ପାଞ୍ଚଗୋଟି ମୁଖ୍ୟଅଂଶ ରହିଛି । ସେଗୁଡ଼ିକ ହେଉଛି-ଧ୍ୱନି, ବର୍ଣ୍ଣ, ଶବ୍ଦ, ବାକ୍ୟ ଓ ଅର୍ଥ । ପୂର୍ବରୁ ବର୍ଣ୍ଣ ଓ ଧ୍ୱନି ବିଷୟରେ ସାଧାରଣ ଧାରଣା ଦିଆଯାଇଛି । ଏବେ ଓଡ଼ିଆ ଭାଷାର ଧ୍ୱନି ଓ ବର୍ଣ୍ଣ ବିଷୟରେ ଅଧିକ ଜାଣିବା ।

ଆମେ ବ୍ୟବହାର କରୁଥିବା ଓଡ଼ିଆ ଭାଷାର ମଧ୍ୟ ଧ୍ୱନି, ବର୍ଣ୍ଣ, ଶବ୍ଦ, ବାକ୍ୟ ଓ ଅର୍ଥ ଭଳି ପାଞ୍ଚୋଟି ପ୍ରଧାନ ଅଂଶ ରହିଛି । ଆମ ଭାଷାର ଦୁଇଟି ଧାରା ରହିଛି – କଥନ ଓ ଲିଖନ ଧାରା । ଧ୍ୱନି-କଥନ ଧାରା ସହିତ ଓ ବର୍ଣ୍ଣ-ଲିଖନ ଧାରା ସହିତ ସଂପୃକ୍ତ । ଏହି ମର୍ମରେ ଆସ; ଉଚ୍ଚାରଣ କରି କହିବା ଓ ଲେଖିବା :

| କ-ଉଚ୍ଚାରଣ କରିବା | ଖ-ଲେଖିବା |
|---|---|
| ଅ | ଅ |
| ଇ | ଇ |
| କ୍ | କ |
| ଚ୍ | ଚ |

କ- ସ୍ତମ୍ଭରେ ଥିବା ଅ, ଇ, କ୍, ଚ୍ ଇତ୍ୟାଦି ଆମେ କହିବା ବେଳେ ମୁଖରୁ ନିଃସୃତ ହୋଇଥାଏ । ଏଗୁଡ଼ିକ ଗୋଟିଏ ଗୋଟିଏ ଧ୍ୱନି । ସୁତରାଂ ଯାହା ଉଚ୍ଚାରଣ କରି କୁହାଯାଇଥାଏ ତାହା **"ଧ୍ୱନି"** ।

ଖ-ସ୍ତମ୍ଭରେ ଥିବା ଅ,ଇ,କ,ଚ - ଇତ୍ୟାଦି ଏକ-ଏକ ଲିଖନ ସଙ୍କେତ ବା ଲିଖିତ ଦୃଶ୍ୟରୂପ । କ-ସ୍ତମ୍ଭର ଅ, ଇ, କ୍, ଚ୍ ଇତ୍ୟାଦି ମୁଖ ନିଃସୃତ ଧ୍ୱନିଗୁଡ଼ିକୁ ଖ-ସ୍ତମ୍ଭରେ ଗୋଟିଏ ଲେଖାଏଁ ରୂପ ବା ଆକୃତି ଦିଆଯାଇଛି । ସୁତରାଂ ମୁହଁରୁ ଉଚ୍ଚାରିତ ହେଉଥିବା ଧ୍ୱନିଗୁଡ଼ିକର ଲିଖନଯୋଗ୍ୟ ସାଙ୍କେତିକ ରୂପ ହେଉଛି **'ବର୍ଣ୍ଣ'** ।

**ଆସ ମନେରଖିବା :** ଯାହାଦ୍ୱାରା ମୁଖନିଃସୃତ ଅଦେଖା ଧ୍ୱନିଗୁଡ଼ିକ ବର୍ଣ୍ଣିତ ବା ରୂପାୟିତ ହୋଇଥାଏ ତାହାକୁ ବର୍ଣ୍ଣ କୁହାଯାଏ । ଅର୍ଥାତ ଭାଷା ବ୍ୟବହାର ବେଳେ ଯାହା ଉଚ୍ଚାରିତ ହୁଏ ତାହା **'ଧ୍ୱନି'** ଯାହା ଲେଖାଯାଏ ତାହା **'ବର୍ଣ୍ଣ'** ।

ଧ୍ୱନି ଓ ଏହାର ଲିଖନ ଆକୃତି- 'ବର୍ଣ୍ଣ' କୌଣସି ଅର୍ଥ ପ୍ରକାଶ କରିପାରନ୍ତି ନାହିଁ । ଏ ଉଭୟ ଆମ ଭାଷାର ସର୍ବନିମ୍ନ ଅର୍ଥ ନଥିବା ଭାଷିକ ଉପାଦାନ ଏଥିରୁ ଭାଷା ପାଇଁ ସାର୍ଥକ ଶବ୍ଦ ଗଠିତ ହୁଏ । ଏବେ ତଳେ ଦିଆଯାଇଥିବା ଉଦାହରଣକୁ ଦେଖିବା :

| କ-ଅଲଗା କରି ବା ଛାଡ଼ିଛାଡ଼ି କହିବା/ଲେଖିବା | | ଖ-ଲଗେଇକରି କହିବା/ଲେଖିବା |
|---|---|---|
| ଲ୍ .............ଫ୍ | ଲ୍ --- ଫ୍ | ଲ୍+ଫ୍ = ଲ୍ଫ୍ |
| ଫ..............ଲ | ଫ --- ଲ | ଫ + ଲ = ଫଲ |
| ଛ୍ .............. ଗ୍ | ଛ୍ --- ଗ୍ | ଛ୍ + ଗ୍ = ଛ୍ଗ୍ |
| ଗ ............ ଛ | ଗ --- ଛ | ଗ+ଛ = ଗଛ |

କ-ସ୍ତମ୍ଭରେ ଥିବା ଲ୍, ଫ୍, ଛ୍, ଗ୍ - କହିଲା ବେଳେ ଗୋଟିଏ ଗୋଟିଏ ଧ୍ୱନି । ଲ - ଫ - ଗ - ଛ ଲେଖିଲା ବେଳେ ଗୋଟିଏ ଗୋଟିଏ ବର୍ଣ୍ଣ । ଖାଲି ଲ, ଫ, ଗ, ଛ ଧ୍ୱନି ବା ବର୍ଣ୍ଣର ଅର୍ଥ କିଛି ବି ନାହିଁ । ଏଥିରୁ ସ୍ପଷ୍ଟ ହେଲା, ଏଣୁତେଣୁ କରି ଧ୍ୱନି ବା ବର୍ଣ୍ଣ କହି ବା ଲେଖି ଦେଲେ ଭାଷା ହୁଏ ନାହିଁ । ଭାଷା ହେବା ପାଇଁ କଥିତ ଧ୍ୱନି ଅଥବା ତାହାର ଲିଖିତ ସ୍ୱରୂପ ବର୍ଣ୍ଣ ସହିତ ଆଉ ଅନ୍ୟ ଧ୍ୱନି ବା ବର୍ଣ୍ଣଗୁଡ଼ିକୁ ମିଶାଇବାକୁ ହୁଏ । ଖାଲି ଏଣୁତେଣୁ ଧ୍ୱନି ବା ବର୍ଣ୍ଣକୁ ଆଡୁସାଡୁ କରି ମିଶାଇ ଦେଲେ ଭାଷା ହୁଏ ନାହିଁ । ଯେପରି ଖ - ସ୍ତମ୍ଭରେ ଥିବା 'ଲ୍' ସହିତ 'ଫ୍' ଧ୍ୱନି ବା ଲ-ଫ ବର୍ଣ୍ଣକୁ ମିଶାଇ 'ଲ୍ଫ୍/ଲଫ' କରିବା ସତ୍ତ୍ୱେ ତାହା କିଛି ବି ଅର୍ଥ ପ୍ରକାଶ କରୁନାହିଁ । ଠିକ୍ ସେହିପରି ଛ୍ + ଗ୍ = ଛଗ ନିରର୍ଥକ ମିଶ୍ରଣ । ଏ ପ୍ରକାର ମିଶ୍ରଣ ଭାଷା ଯୋଗ୍ୟ ନୁହେଁ । ଭାଷା ଯୋଗ୍ୟ ହେବାକୁ ହେଲେ ନିରର୍ଥକ ଧ୍ୱନି ବା ବର୍ଣ୍ଣଗୁଡ଼ିକୁ ପଦ୍ଧତିବଦ୍ଧ କରି ମିଶାଇବାକୁ ହୁଏ । ଅର୍ଥାତ୍ ଧ୍ୱନି ବା ବର୍ଣ୍ଣର ଅର୍ଥ ପ୍ରକାଶଧର୍ମୀ ଶୃଙ୍ଖଳିତ ସଜାଣକୁ ପଦ୍ଧତିବଦ୍ଧ ସାର୍ଥକ ସମଷ୍ଟି କୁହାଯାଏ । ଶୃଙ୍ଖଳିତ ସଜାଣର ଧ୍ୱନି ବା ବର୍ଣ୍ଣ ସମଷ୍ଟି ସାର୍ଥକ ହେଲେ ଭାଷା ଯୋଗ୍ୟ ହୁଏ । ଭାଷା ଯୋଗ୍ୟ ସାର୍ଥକ ଧ୍ୱନି ସମାହାର ବା ବର୍ଣ୍ଣ ସମାହାରକୁ **'ଶବ୍ଦ'** କୁହାଯାଏ । ଏ କାରଣରୁ ଫ + ଲ, ଗ + ଛ, ଫ + ଲ + ଗ + ଛ ସାର୍ଥକ ଭାବରେ ମିଶି ଥିବାରୁ ଫଲ, ଗଛ, ଫଲଗଛ ପରି ଶବ୍ଦ ଗଠିତ ହୋଇଛି ।

## ୨.୫.୧ ଏଥିରୁ ଆମେ ବୁଝିଲେ :-

- ଗୋଟିଏ ଭାଷାର ସାର୍ଥକ ଉପାଦାନ ହେଉଛି **'ଶବ୍ଦ'** ।
- ଶବ୍ଦ - ସେହି ନିର୍ଦ୍ଦିଷ୍ଟ ଭାଷାର ଧ୍ୱନି ବା ବର୍ଣ୍ଣଗୁଡ଼ିକର ସାର୍ଥକ ସମାହାର ବା ଅର୍ଥଯୁକ୍ତ ସମଷ୍ଟି ।
- ଧ୍ୱନି ବା ବର୍ଣ୍ଣଗୁଡ଼ିକର ସାର୍ଥକ ସମଷ୍ଟିରୁ ଗଢ଼ା ଶବ୍ଦଦ୍ୱାରା ଗୋଟିଏ ଭାଷା ସ୍ୱତନ୍ତ୍ର ଓ ସ୍ଥିର ରୂପ ପାଇଥାଏ । ଏ କାରଣରୁ ଓଡ଼ିଆ ଭାଷା ଇଂରେଜୀ, ବଙ୍ଗଳା, ହିନ୍ଦୀ ଓ ସଂସ୍କୃତ ଠାରୁ ନିଆରା ।

◆ ଶବ୍ଦ ଗଠନ ପାଇଁ ପ୍ରତ୍ୟେକ ଭାଷାର ନାନା ପ୍ରକାର ଧ୍ୱନି ବା ବର୍ଣ୍ଣଥାଏ । ଆମ ଓଡ଼ିଆ ଭାଷାର ଧ୍ୱନି ବା ବର୍ଣ୍ଣ ସ୍ୱତନ୍ତ୍ର । ଏମାନଙ୍କର ଅର୍ଥ ପ୍ରକାଶକାରୀ ସଜାଣ ପଦ୍ଧତିବଦ୍ଧ ଶୃଙ୍ଖଳା ଓ ନିୟମ କୌଶଳ ବି ସ୍ୱତନ୍ତ୍ର ।

◆ ମନେରଖ ବ୍ୟଞ୍ଜନ ଧ୍ୱନିଗୁଡ଼ିକୁ ହଳନ୍ତ୍ ଦିଆଯାଇ ସୂଚେଇ ଦିଆଯାଏ - ଯଥା: କ୍, ଖ୍, ସ୍ । ସ୍ୱର ବର୍ଣ୍ଣରେ ହଳନ୍ତ୍ ଲାଗେ ନାହିଁ । ହଳନ୍ତ୍ ବ୍ୟଞ୍ଜନ ଧ୍ୱନିର ସୂଚକ ଚିହ୍ନ ଓ ସ୍ୱରଧ୍ୱନିର ଅନୁପସ୍ଥିତିକୁ ସୂଚାଏ ।

**୨.୫.୨ :** ପୃଥିବୀରେ ମଣିଷ ସମାଜଦ୍ୱାରା ବ୍ୟବହୃତ ଭାଷାଗୁଡ଼ିକ ସମାନ ନୁହେଁ । ପ୍ରତ୍ୟେକ ଭାଷାର ଧ୍ୱନି ଓ ଧ୍ୱନିକୁ ଲେଖିବା ନିମିତ୍ତ ରୂପ ଦିଆଯାଇଥିବା ବର୍ଣ୍ଣ ସମାନ ସଂଖ୍ୟକ ନଥାଏ । କେତେକ ଭାଷାରେ ଧ୍ୱନି ସଂଖ୍ୟା ଅଧିକ ଓ ବର୍ଣ୍ଣ ସଂଖ୍ୟା କମ୍ - ଯେମିତି ଇଂରାଜୀ ଭାଷା । ଆଉ କେତେକ ଭାଷାରେ ଧ୍ୱନି ସଂଖ୍ୟା କମ୍ ଓ ବର୍ଣ୍ଣସଂଖ୍ୟା ବେଶୀ । ଆମ ଓଡ଼ିଆ ଭାଷାରେ କହିଲା ବେଳେ ଯେତିକି ସଂଖ୍ୟାର ଧ୍ୱନି ବ୍ୟବହାର କରିଥାଉ ଲେଖିଲା ବେଳେ ତା'ଠୁ ଅଧିକ ବର୍ଣ୍ଣ ବ୍ୟବହାର କରୁ । ଏହେତୁ ଓଡ଼ିଆରେ ଧ୍ୱନି ସଂଖ୍ୟା କମ୍ ଓ ବର୍ଣ୍ଣ ସଂଖ୍ୟା ବେଶୀ ।

ଓଡ଼ିଆରେ ୮ଟି ସ୍ୱରଧ୍ୱନି ଉଚ୍ଚାରିତ ହୁଏ; ମାତ୍ର ୧୧ଟି ସ୍ୱର ବର୍ଣ୍ଣ ଆକାରରେ ଲେଖାଯାଏ । ସେହିପରି ଓଡ଼ିଆରେ ୩୩ ଗୋଟି ବ୍ୟଞ୍ଜନ ଧ୍ୱନି ଉଚ୍ଚାରିତ ହୁଏ ଏବଂ ଲେଖିବା ବେଳେ ୩୯ ଗୋଟି ବ୍ୟଞ୍ଜନ ବର୍ଣ୍ଣ ବ୍ୟବହୃତ ହୁଏ । ସୁତରାଂ ଓଡ଼ିଆରେ ଧ୍ୱନି ସଂଖ୍ୟା ୪୧ ଏବଂ ବର୍ଣ୍ଣ ସଂଖ୍ୟା - ୫୦ ।

**ଓଡ଼ିଆରେ ଉଚ୍ଚାରିତ ବା ଭାଷିକ ଧ୍ୱନିସମୂହ :**

(କ) - ଅ, ଆ, ଇ, ଉ, ଏ, ଐ, ଓ, ଔ - ସ୍ୱରଧ୍ୱନି - ୮ଟି ।

ମନେରଖ - ଓଡ଼ିଆରେ 'ଋ' ଧ୍ୱନିର ସ୍ୱତନ୍ତ୍ର ଉଚ୍ଚାରଣ ନାହିଁ । ଏହା ର୍ + ଉ = ରୁ ପରି ଉଚ୍ଚାରିତ ହୁଏ । ମାତ୍ର ଏହାର ବର୍ଣ୍ଣମୂଲ୍ୟ ରହିଛି । ଈ, ଊ - ଏ ଉଭୟ ଧ୍ୱନିର ଉଚ୍ଚାରଣ ଇ / ଉ ପରି ହୋଇଥାଏ । ମାତ୍ର ଏ ଉଭୟଙ୍କର ଶବ୍ଦରେ ସ୍ୱତନ୍ତ୍ର ବର୍ଣ୍ଣମୂଲ୍ୟ ରହିଛି ।

(ଖ) କ୍, ଖ୍, ଗ୍, ଘ୍, ଚ୍, ଛ୍, ଜ୍, ଝ୍, ଟ୍, ଠ୍, ଡ୍, ଢ୍, (ଡ଼୍ / ଢ଼୍) ଣ୍, ତ୍, ଥ୍, ଦ୍, ଧ୍, ନ୍, ପ୍, ଫ୍, ବ୍, ଭ୍, ମ୍, ୟ୍, ର୍, ଲ୍, ଳ୍, ୱ୍, ସ୍, ହ୍ - ୩୨ଟି ବ୍ୟଞ୍ଜନଧ୍ୱନି ଓଡ଼ିଆରେ ମୌଳିକ ଗୁଣରେ ଉଚ୍ଚାରିତ ହୁଏ । ଙ୍, ଞ୍, ଯ୍, ଶ୍, ଷ୍ - ଏହି ୫ଟି ଧ୍ୱନିର ମୌଳିକ ଉଚ୍ଚାରଣ ଆମ ଭାଷାରେ ନାହିଁ । ଓଡ଼ିଆରେ 'ଃ' (ବିସର୍ଗ), 'ଁ' (ଚନ୍ଦ୍ରବିନ୍ଦୁ) ସ୍ୱର ଧ୍ୱନିକୁ 'ଂ' (ଅନୁସ୍ୱାର) ବ୍ୟଞ୍ଜନ ଧ୍ୱନିକୁ ଆଶ୍ରୟ କରି ଉଚ୍ଚାରିତ ହୁଅନ୍ତି ।

ମୋଟ ଉପରେ ଓଡ଼ିଆରେ ମୌଳିକ ସ୍ୱରଧ୍ୱନି ସଂଖ୍ୟା - ୮ ଓ ବ୍ୟଞ୍ଜନ ଧ୍ୱନି ସଂଖ୍ୟା - ୩୩ । ମୋଟ ଧ୍ୱନି ସଂଖ୍ୟା ୪୧ । ମାତ୍ର ବର୍ଣ୍ଣ ସଂଖ୍ୟା - ୫୦ । ଆଗକୁ ବର୍ଣ୍ଣ ଏବଂ ବର୍ଣ୍ଣର ବର୍ଗୀୟ ଓ ଅବର୍ଗୀୟ ସଜାଣ ସଂପର୍କରେ ସ୍ୱତନ୍ତ୍ର ବିଚାର କରାଯାଉଛି ।

## ୨.୫.୩ ବର୍ଣ୍ଣମାଳା:

ସାଧାରଣତଃ ଗୋଟିଏ ଭାଷାର ଲିଖନଧାରାରେ କେତେକ ନିର୍ଦ୍ଦିଷ୍ଟ ବର୍ଣ୍ଣ ମୌଳିକ ଓ ପ୍ରାଥମିକ ବର୍ଣ୍ଣ ଭାବରେ ବ୍ୟବହୃତ ହୁଏ । ଏହି ମୌଳିକ ଓ ପ୍ରାଥମିକ ବର୍ଣ୍ଣକୁ ଆଧାର କରି ଉଭୟ କଥିତ ଓ ଲିଖିତ ଭାଷାପାଇଁ ଶବ୍ଦ ଗଢ଼ାହୋଇଥାଏ । ସୁତରାଂ ଗୋଟିଏ ନିର୍ଦ୍ଦିଷ୍ଟ ଭାଷାର ସାର୍ଥକ ଶବ୍ଦ ନିମିତ୍ତ ଲିଖନ ଶୃଙ୍ଖଳାରେ ଯେଉଁ ବର୍ଣ୍ଣଗୁଡ଼ିକ ପ୍ରାଥମିକ ବର୍ଣ୍ଣ ଭାବରେ ଆଧାରିତ ହୁଏ ସେହିସବୁ ବର୍ଣ୍ଣକୁ ନେଇ ସେହି ଭାଷାର "ବର୍ଣ୍ଣମାଳା" ସ୍ଥିର ବା ସଜ୍ଜିତ ହୋଇଥାଏ ।

**ଆସ ମନେରଖିବା :**

- ଗୋଟିଏ ନିର୍ଦ୍ଦିଷ୍ଟ ଭାଷାର ଯେଉଁ ବର୍ଣ୍ଣଗୁଡ଼ିକ ସରଳ ଓ ପ୍ରାଥମିକ ଆଧାର ବର୍ଣ୍ଣ ସେହିଗୁଡ଼ିକର ସମାହାର ତାଲିକାକୁ ସେହି ଭାଷାର **'ବର୍ଣ୍ଣମାଳା'** କୁହାଯାଏ ।
- **"ବର୍ଣ୍ଣମାଳା"**ରେ ସ୍ଥାନ ପାଇବାକୁ ଯୋଗ୍ୟ ବର୍ଣ୍ଣଗୁଡ଼ିକ ମୁକ୍ତ ଏବଂ ଉଚ୍ଚାରଣ ଦିଗରୁ ସ୍ୱତନ୍ତ୍ର ଓ ମୌଳିକ ।
- ବର୍ଣ୍ଣମାଳାର ମୌଳିକ ବର୍ଣ୍ଣଗୁଡ଼ିକର ଲିଖନ ଆକୃତି ମଧ୍ୟ ସ୍ୱତନ୍ତ୍ର ଓ ନିର୍ଦ୍ଦିଷ୍ଟ ରୂପର ହୋଇଥାଏ ।
- ପ୍ରାୟତଃ ବର୍ଣ୍ଣମାଳାରେ ରହିବାକୁ ଯୋଗ୍ୟ ବର୍ଣ୍ଣଗୁଡ଼ିକର ଶବ୍ଦରେ ସ୍ଥାନ ବଦଳିଗଲେ ଅର୍ଥ ବଦଳିଯାଏ । ଯଥା – ବଗ – ଗବ / ବର – ରବ / ଗାଲୁ – ଲୁଗା / ଗରମ – ମଗର / ଦଇବ – ବଇଦ ।
- ସରଳ ନିୟମରେ ମିଶ୍ରିତ ସଂଯୁକ୍ତ ବର୍ଣ୍ଣ ବି କେତେକ ଭାଷାରେ ବର୍ଣ୍ଣମାଳାରେ ସ୍ଥାନ ପାଇଥା'ନ୍ତି । ଆମ ଓଡ଼ିଆ ଭାଷାରେ ଐ, ଔ, ୟ, କ୍ଷ – ଏ କାରଣରୁ ବର୍ଣ୍ଣମାଳାରେ ରହିଛନ୍ତି ।

ପ୍ରାୟତଃ ବର୍ଣ୍ଣମାଳାରେ ସ୍ଥାନ ପାଇଥିବା ବର୍ଣ୍ଣ ଶବ୍ଦର ଆରମ୍ଭ, ମଧ୍ୟ ଓ ଶେଷରେ ରହି ଶବ୍ଦ ଗଠନ କରିବାରେ ସହଯୋଗ କରିଥାଏ ।

- ଆମ ଓଡ଼ିଆ ଭାଷାରେ କେତେକ ବର୍ଣ୍ଣ ଶବ୍ଦର ଆରମ୍ଭରେ ବସୁ ନଥିଲେ ବି (ଙ, ଞ, ଣ, ଳ) ଅନ୍ୟ ସମସ୍ତ ଧର୍ମ ରଖୁଥିବାରୁ ଏଗୁଡ଼ିକୁ ବର୍ଣ୍ଣମାଳାରେ ସ୍ଥାନ ଦିଆଯାଇଛି ।

## ୨.୫.୪ ଓଡ଼ିଆ ବର୍ଣ୍ଣମାଳା :

ଆଗରୁ ଆମେ ଜାଣିସାରିଛେ ଯେ ଓଡ଼ିଆ ଭାଷାରେ ୪୧ଟି ଧ୍ୱନି ରହିଛି । ଏହିସବୁ ଧ୍ୱନିକୁ ନେଇ ଓ ଧ୍ୱନି ନିମିତ୍ତ ୫୦ ଗୋଟି ବର୍ଣ୍ଣ ପ୍ରଚଳିତ ହୋଇ ଆସୁଛି । ଅର୍ଥାତ୍ ଓଡ଼ିଆ ଲିଖନ ବ୍ୟବସ୍ଥାରେ ପ୍ରାଥମିକ ବର୍ଣ୍ଣ ଭାବରେ ୫୦ଗୋଟି ବର୍ଣ୍ଣ ବ୍ୟବହୃତ ହୋଇଥାଏ ।

ମୋଟ ଉପରେ ଓଡ଼ିଆ ଭାଷାର ଲିଖନରେ ଯେଉଁ ମୌଳିକ ଓ ସରଳ ପ୍ରକୃତିର ବର୍ଣ୍ଣଗୁଡ଼ିକ ବ୍ୟବହୃତ ହୋଇଥାଏ, ସେଗୁଡ଼ିକର ସମାହାର ସଜାଣକୁ ଓଡ଼ିଆ ଭାଷାର "ବର୍ଣ୍ଣମାଳା" କୁହାଯାଏ ।

## ୨.୫.୫ ଓଡ଼ିଆ ବର୍ଣ୍ଣମାଳାର ସ୍ୱରୂପ :

ଭାଷା ଧ୍ୱନି ମାଧ୍ୟମରେ ଉଚ୍ଚାରିତ ହୁଏ ଓ ବର୍ଣ୍ଣ ମାଧ୍ୟମରେ ସ୍ୱତନ୍ତ୍ର, ନିର୍ଦ୍ଦିଷ୍ଟ ଓ ଲିଖିତ ରୂପ ପାଏ । ଓଡ଼ିଆ ଭାଷା କ୍ଷେତ୍ରରେ ଲିଖନ ରୂପରେ ବ୍ୟବହୃତ ହେଉଥିବା ଓଡ଼ିଆ ବର୍ଣ୍ଣମାଳାକୁ ଦୁଇଗୋଟି ଭାଗରେ ବିଭକ୍ତ କରାଯାଏ । ସେହି ଦୁଇଟି ଭାଗ ହେଉଛି – (କ) ସ୍ୱରବର୍ଣ୍ଣ, (ଖ) ବ୍ୟଞ୍ଜନ ବର୍ଣ୍ଣ ।

## ୨.୫.୬ – ସ୍ୱରବର୍ଣ୍ଣ :

ଅନ୍ୟ ଧ୍ୱନିର ସାହାଯ୍ୟ ନନେଇ ସ୍ୱାଧୀନ ଭାବରେ ବିନା ବାଧାରେ ଉଚ୍ଚାରିତ ହେଉଥିବା ସ୍ୱରଧ୍ୱନିର ସାଙ୍କେତିକ ଲିଖନ ରୂପକୁ **'ସ୍ୱରବର୍ଣ୍ଣ'** କୁହାଯାଏ ।

ପାରମ୍ପରିକ ଭାବେ ହ୍ରସ୍ୱ, ଦୀର୍ଘ ଉଚ୍ଚାରଣ ଭେଦରେ ସ୍ୱରବର୍ଣ୍ଣଗୁଡ଼ିକୁ ହ୍ରସ୍ୱ ଓ ଦୀର୍ଘ ଦୁଇ ଭାଗରେ ବିଭକ୍ତ କରାଯାଏ । ଅ, ଇ, ଉ, ଋ, ଏ, ଓ – ଏହି ଛଅଗୋଟି ବର୍ଣ୍ଣକୁ ହ୍ରସ୍ୱ ଏବଂ ଆ, ଈ, ଊ – ଏହି ତିନିଗୋଟି ବର୍ଣ୍ଣକୁ ଦୀର୍ଘ ଭାବେ ଚିହ୍ନଟ କରାଯାଏ ।

ଐ, ଔ-ଦୁଇଟି ସଂଯୁକ୍ତ ସ୍ୱରବର୍ଣ୍ଣ । ଐ-ଉଚ୍ଚାରଣ ବେଳେ ଅ'ଠାରୁ ଇ' ଏବଂ ଔ-ଉଚ୍ଚାରଣ ବେଳେ ଅ' ବା ଓ'ଠାରୁ ଉ' ଆଡ଼କୁ ଧ୍ୱନି ଚଳମାନ ହେବା ପରି ଲାଗେ । ତେଣୁ ଏ ଦୁଇଟିକୁ ସଂଯୁକ୍ତ ସ୍ୱର ଓ ବର୍ଣ୍ଣ ଦୁଇଟିକୁ ସଂଯୁକ୍ତ ସ୍ୱରବର୍ଣ୍ଣ କୁହାଯାଏ । ହ୍ରସ୍ୱ, ଦୀର୍ଘ, ସଂଯୁକ୍ତ ସ୍ୱର ସହ 'ର' ସ୍ୱତନ୍ତ୍ର ଉଚ୍ଚାରିତ ଧ୍ୱନିର ସଂକେତ ଭାବେ ୧୧ଟି ସ୍ୱରବର୍ଣ୍ଣ ବ୍ୟବହୃତ ହେଉଛି ।

ଓଡ଼ିଆ ବର୍ଣ୍ଣମାଳାରେ ସ୍ଥାନିତ ସ୍ୱରବର୍ଣ୍ଣଗୁଡ଼ିକ ହେଉଛି - ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ ।

ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶନ୍ଧି ଯାଏ ଊଣାଅଧିକେ ବ୍ୟବହୃତ ହେଉଥିବା 'ଌ' ଓ ଦୀର୍ଘ 'ଋ' ର ପ୍ରଚଳନ ଆଉ ଓଡ଼ିଆ ଭାଷାରେ ନଥିବାରୁ ଏ ଦୁଇଟିକୁ ସ୍ୱରବର୍ଣ୍ଣ ତାଲିକା ପର୍ଯ୍ୟାୟରେ ଏବେ ଗ୍ରହଣ କରାଯାଉ ନାହିଁ ।

## ୨.୫.୭ - ବ୍ୟଞ୍ଜନ ବର୍ଣ୍ଣ:

ଉଚ୍ଚାରଣ ବେଳେ କାକଳିରୁ ଓଠ ଭିତରେ କୌଣସି ସ୍ଥାନରେ ପବନ ବାଧା କିଂବା ସଂଘର୍ଷର ସହିତ ନିର୍ଗତ ହେଲେ ଅଥବା ଉଚ୍ଚାରଣ ଅନ୍ତର୍ମୁଖୀ ହେଲେ ସେପରି ଧ୍ୱନିର ଲିଖନ ରୂପକୁ "ବ୍ୟଞ୍ଜନବର୍ଣ୍ଣ" କୁହାଯାଏ । ବ୍ୟଞ୍ଜନ ଧ୍ୱନିଗୁଡ଼ିକ ସ୍ୱରଧ୍ୱନିର ସାହାଯ୍ୟ ନେଇ ଉଚ୍ଚାରିତ ହୋଇଥାନ୍ତି ।

ଓଡ଼ିଆ ଭାଷାର କଥନ ଧାରାରେ ୩୩ଗୋଟି ବ୍ୟଞ୍ଜନ ଧ୍ୱନି ଉଚ୍ଚାରିତ ହୁଏ । ମାତ୍ର ଲିଖନ ଧାରାରେ ୩୯ଗୋଟି **ବ୍ୟଞ୍ଜନବର୍ଣ୍ଣ** ବ୍ୟବହୃତ ହୁଏ । ଏଗୁଡ଼ିକୁ ତିନିଭାଗରେ ବିଭକ୍ତ କରାଯାଏ । ଯଥା - (କ) ବର୍ଗ୍ୟ ବ୍ୟଞ୍ଜନ, (ଖ) ଅବର୍ଗ୍ୟ ବ୍ୟଞ୍ଜନ ଓ (ଗ) ଆଶ୍ରିତ ବା ଅଯୋଗବାହ ବ୍ୟଞ୍ଜନ ।

## ୨.୫.୮ - ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ :

'କ' ଠାରୁ 'ମ' ପର୍ଯ୍ୟନ୍ତ (କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ)-୨୫ ଗୋଟି 'ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ' ଭାବରେ ଗୃହୀତ । ଏହି ୨୫ ଗୋଟି ବର୍ଣ୍ଣକୁ ଏହାର ଉଚ୍ଚାରଣ ସ୍ଥାନ ଆଧାରରେ ପାଞ୍ଚଟି ବର୍ଗ ବା ଶ୍ରେଣୀରେ ଭାଗଭାଗ କରାଯାଇଛି । ପ୍ରତ୍ୟେକ ଭାଗରେ ୫ଟି କରି ବର୍ଣ୍ଣ ରହିଛି । ଉଚ୍ଚାରଣ ସ୍ଥାନ ଓ ପ୍ରତ୍ୟେକ ବର୍ଗର ପ୍ରଥମ ବର୍ଣ୍ଣକୁ ଆଶ୍ରୟ କରି ବର୍ଗଗୁଡ଼ିକର ନାମକରଣ କରାଯାଇଛି । ଉଚ୍ଚାରଣ ସ୍ଥାନକୁ ନେଇ ବର୍ଗ ବା ଶ୍ରେଣୀଭୁକ୍ତ ହୋଇଥିବାରୁ ଏଗୁଡ଼ିକୁ **'ବର୍ଗ୍ୟବ୍ୟଞ୍ଜନ ବର୍ଣ୍ଣ'** କୁହାଯାଏ । ଆସ, ଆମ ଭାଷାର ବର୍ଗ୍ୟବ୍ୟଞ୍ଜନଗୁଡ଼ିକୁ ନିମ୍ନ ପ୍ରକାରେ ଜାଣିବା :

| କ୍ରମ | ବର୍ଣ୍ଣସମୂହ | ବର୍ଣ୍ଣସଂଖ୍ୟା | ଉଚ୍ଚାରଣ ସ୍ଥାନ | ବର୍ଣ୍ଣରନାମ | ବର୍ଗର ନାମ (ପ୍ରଥମ ବର୍ଣ୍ଣରନାମ ଅନୁସାରେ) |
|---|---|---|---|---|---|
| ୧. | କ,ଖ,ଗ,ଘ,ଙ | ୫ | କଣ୍ଠ | କଣ୍ଠ୍ୟବ୍ୟଞ୍ଜନବର୍ଣ୍ଣ | କଣ୍ଠ୍ୟବର୍ଗ (କ - ବର୍ଗ) |
| ୨. | ଚ,ଛ,ଜ,ଝ,ଞ | ୫ | ତାଲୁ | ତାଲବ୍ୟ ବ୍ୟଞ୍ଜନବର୍ଣ୍ଣ | ତାଲବ୍ୟ ବର୍ଗ (ଚ - ବର୍ଗ) |
| ୩. | ଟ,ଠ,ଡ,ଢ,ଣ | ୫ | ମୂର୍ଦ୍ଧା | ମୂର୍ଦ୍ଧଣ୍ୟ ବ୍ୟଞ୍ଜନବର୍ଣ୍ଣ | ମୂର୍ଦ୍ଧଣ୍ୟ ବର୍ଗ (ଟ - ବର୍ଗ) |
| ୪. | ତ,ଥ,ଦ,ଧ,ନ | ୫ | ଦାନ୍ତ | ଦନ୍ତ୍ୟ ବ୍ୟଞ୍ଜନବର୍ଣ୍ଣ | ଦନ୍ତ୍ୟ ବର୍ଗ (ତ - ବର୍ଗ) |
| ୫. | ପ,ଫ,ବ,ଭ,ମ | ୫ | ଓଷ୍ଠ | ଓଷ୍ଠ୍ୟ ବ୍ୟଞ୍ଜନବର୍ଣ୍ଣ | ଓଷ୍ଠ୍ୟ ବର୍ଗ (ପ - ବର୍ଗ) |
| | | ମୋଟ-୨୫ | | | |

**ଆସ ମନେ ରଖିବା :**

- ପ୍ରତ୍ୟେକ ବର୍ଣ୍ଣର ସ୍ୱତନ୍ତ୍ର ଉଚ୍ଚାରଣ ପଦ୍ଧତି ଓ ବୈଶିଷ୍ଟ୍ୟ ରହିଛି ।
- ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣଟି ନାସିକ୍ୟ ବ୍ୟଞ୍ଜନ ବର୍ଣ୍ଣ ।
- ଙ, ଞ, ଣ, ନ, ମ – ଏ ପାଞ୍ଚଟି ନାସିକ୍ୟ ବର୍ଣ୍ଣ ମଧ୍ୟରୁ ପ୍ରଥମ ତିନୋଟି ଶବ୍ଦର ଆରମ୍ଭରେ ବସେ ନାହିଁ ।
- କଣ୍ଠ୍ୟ 'ଙ' ଏବଂ ତାଲବ୍ୟ 'ଞ' ବର୍ଣ୍ଣର ଅବିକଳ ଏକକ ବ୍ୟବହାର ଓଡ଼ିଆରେ ନାହିଁ । କେବଳ ଯୁକ୍ତବ୍ୟଞ୍ଜନରେ ଏ ଦୁଇଟିର ବ୍ୟବହାର ମିଳିଥାଏ ।
- ଓଡ଼ିଆରେ ମୂର୍ଦ୍ଧଣ୍ୟ ବ୍ୟଞ୍ଜନ ବର୍ଣ୍ଣ "ଡ / ଢ"ର ଦୁଇ ପ୍ରକାର ଉଚ୍ଚାରଣ ରହିଛି । ଶବ୍ଦର ଆରମ୍ଭରେ ଡ / ଢ ପୂର୍ଣ୍ଣମାତ୍ରାରେ ମୌଳିକ ମୂର୍ଦ୍ଧଣ୍ୟ ଗୁଣରେ ଥାଏ । ମାତ୍ର ଶବ୍ଦର ପ୍ରଥମ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ ସଂସ୍ପର୍ଶରେ ଆସିଲେ ଉଭୟର ମୌଳିକ ଉଚ୍ଚାରଣ ଆଂଶିକ ବଦଳିଯାଏ । ଦ୍ୱିତୀୟ ପ୍ରକାରର ଡ଼ / ଢ଼ ମୂଳ ଡ /ଢ ର ଉପଧ୍ୱନି ମୂଳକ ବର୍ଣ୍ଣ । ଏହି ବର୍ଣ୍ଣ ଦ୍ୱୟକୁ ସ୍ୱତନ୍ତ୍ର ଭାବରେ ଚିହ୍ନାଇବା ନିମିତ୍ତ ତଳେ ବିନ୍ଦୁ ଦିଆଯାଇଥାଏ । ଯଥା – ଡବା-ବାଡ଼ / ଢଗ-ଗଢ଼ ।

| ଆମେ ଲେଖି ପାରିବା | ଆମେ ଲେଖିବା ନାହିଁ |
|---|---|
| ଡଗର | ଡ଼ଗର |
| ଡକ୍ଟର | ଡ଼କ୍ଟର |
| ଗଢ | ଗଢ଼ |
| ଢମାଳି | ଢ଼ମାଳି |
| ଡରଡର, ଢଗଢ଼ମାଳି | ଡ଼ରଡ଼ର, ଢ଼ଗଢ଼ମାଳି |

ଯୁଗ୍ମ ଶବ୍ଦରେ ମୂଳ 'ଡ' ତା'ର ଗୁଣ ବଦଳାଏ ନାହିଁ ।

## ୨.୫.୯– ଅବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ :

ଓଡ଼ିଆ ଭାଷାରେ ଆଉ କେତୋଟି ବ୍ୟଞ୍ଜନବର୍ଣ୍ଣ ରହିଛି ଯେଉଁଗୁଡ଼ିକର ଉଚ୍ଚାରଣ ସ୍ଥାନ ଓ ଧର୍ମ ଅଲଗାଅଲଗା । ଗୋଟିଏ ବର୍ଣ୍ଣର ଅନ୍ୟ ବର୍ଣ୍ଣ ସହିତ ମେଳ ନଥାଏ । ସମାନ ଶ୍ରେଣୀ ବା ନିର୍ଦ୍ଦିଷ୍ଟ ବର୍ଗ ନଥିବାରୁ ସେହିଗୁଡ଼ିକୁ 'ଅବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ' କୁହାଯାଏ । ସେହି ବର୍ଣ୍ଣଗୁଡ଼ିକ – 'ଯ' ଠାରୁ 'ଁ' (ଚନ୍ଦ୍ରବିନ୍ଦୁ) ପର୍ଯ୍ୟନ୍ତ–୧୪ଗୋଟି ବର୍ଣ୍ଣ । ଯଥା– ଯ, ୟ, ର, ଳ, ଲ, ୱ, ଶ, ଷ, ସ, ହ, କ୍ଷ, ଃ (ବିସର୍ଗ), ଂ (ଅନୁସାର), ଁ (ଚନ୍ଦ୍ରବିନ୍ଦୁ) ।

## ୨.୫.୧୦– ଅବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ ସ୍ୱରୂପ ଓ ପ୍ରକାର :

ଆମେ ୧୪ଗୋଟି ଅବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣକୁ ନିମ୍ନମତେ ବର୍ଣ୍ଣନା କରିପାରିବା :

(କ) ଯ, ୟ ଦୁଇଟି ବର୍ଣ୍ଣ । 'ଯ' ପ୍ରାୟ ବର୍ଗ୍ୟ 'ଜ' ପରି ଉଚ୍ଚାରିତ ହୁଏ । ଏହା କେବଳ 'ୟ' ପରିବର୍ତ୍ତେ କେତେକ ଶବ୍ଦରେ ବ୍ୟବହୃତ ହୁଏ । ସଂୟମ > ସଂଯମ, ସହାୟ > ସାହାଯ୍ୟ, କାର୍ୟ > କାର୍ଯ୍ୟ । କାୟା, ଦୟା ପରି ଅନେକ ଶବ୍ଦରେ 'ୟ'– 'ଯ' ହୁଏ ନାହିଁ ।

(ଖ) ର, ଳ, ଲ- ଉଚ୍ଚାରଣ ଶବ୍ଦ ଗଠନ କ୍ଷମତା ଦୃଷ୍ଟିରୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ରବର୍ଣ୍ଣ ।

(ଗ) ୱ- ନିରୁତା ଓଡ଼ିଆ ଶବ୍ଦରେ ଏହାର ଏକକ ବ୍ୟବହାର ନାହିଁ । ମାତ୍ର ୱାପସ୍, ୱିକେଟ, ୱାରେଣ୍ଟ, ଭଳି କେତେକ ଅନ୍ୟ ଭାଷାରୁ ଆସିଥିବା ଶବ୍ଦରେ ଏହାର ଏକକ ସତ୍ତା ରହିଛି ।

(ଘ) ଶ, ଷ, ସ, ହ – ଏ ଚାରୋଟି ଅବର୍ଗ୍ୟ ବର୍ଣ୍ଣ ଉଚ୍ଚାରଣ ବେଳେ ବାୟୁର ଗତିରେ ସଂଘର୍ଷ ଘଟି ମୁଖବିବରରେ ଘର୍ଷଣ ସୃଷ୍ଟି ହୋଇଥାଏ । ତେଣୁ ଏଗୁଡ଼ିକୁ ଉଷ୍ମ ଧ୍ୱନିମୂଳକ **"ଉଷ୍ମବର୍ଣ୍ଣ"** କୁହାଯାଏ ।

(ଙ) ଓଡ଼ିଆରେ ଉଚ୍ଚାରଣ ଦିଗରୁ 'କ୍ଷ' ବର୍ଣ୍ଣଟି ସଂସ୍କୃତ ଅନୁସାରୀ ହୋଇ କ୍ + ଷ ରୂପରେ ପ୍ରକାଶ ପାଏ ନାହିଁ । ଏହାର ଉଚ୍ଚାରଣ-ଖ୍ + ୟ (ଇ+ଅ) ମିଶି 'ଖ୍ୟ' ଭଳି ହୋଇଥାଏ । ଏକ ସରଳ ଯୁକ୍ତାକ୍ଷର ଓ ସ୍ୱତନ୍ତ୍ର ଉଚ୍ଚାରଣ ସହିତ ଶବ୍ଦର ଆଦ୍ୟ-ମଧ୍ୟ-ପ୍ରାନ୍ତ ସ୍ଥଳରେ ବସୁଥିବାରୁ 'କ୍ଷ' ଓଡ଼ିଆ ବର୍ଣ୍ଣମାଳାରେ ସ୍ୱତନ୍ତ୍ର ବର୍ଣ୍ଣ ଭାବରେ ସ୍ଥାନ ପାଇଆସିଛି ।

(ଚ) ଃ, ଂ, ଁ (ବିସର୍ଗ, ଅନୁସାର, ଚନ୍ଦ୍ରବିନ୍ଦୁ) – ଏ ତିନୋଟି ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ସ୍ୱାଧୀନ ଭାବରେ ଯୋଗ ହୋଇ ଶବ୍ଦଗଠନ କରିପାରନ୍ତି ନାହିଁ । ଏ ହେତୁ ଏଗୁଡ଼ିକୁ 'ଅଯୋଗବାହ' ବର୍ଣ୍ଣ କୁହାଯାଏ । ଅନ୍ୟ ବର୍ଣ୍ଣକୁ ଆଶ୍ରୟ କରି ଏ ତିନୋଟି ରୂପ ପାଇଥିବାରୁ ବା ଶବ୍ଦରେ ଯୋଗ ହେଉଥିବାରୁଏଗୁଡ଼ିକୁ **'ଆଶ୍ରିତବ୍ୟଞ୍ଜନବର୍ଣ୍ଣ'** କୁହାଯାଏ ।

ଏଠାରେ ଉଲ୍ଲେଖ ଯୋଗ୍ୟ : ଃ, ଂ, ଁ ଅନ୍ୟ ବର୍ଣ୍ଣକୁ ଆଶ୍ରୟ କରି ଯୋଗ ହେବା ଦ୍ୱାରା ନୂତନ ଶବ୍ଦ ଗଠିତ ହୁଏ, ଅର୍ଥାତ୍ ଶବ୍ଦରେ ଥିବା ଅନ୍ୟ ବର୍ଣ୍ଣ ସହିତ ଃ, ଂ, ଁ ଯୋଗ ହେବା ଦ୍ୱାରା ଅର୍ଥ ଭିନ୍ନ ହୋଇଯାଏ । ଯଥା : ଆ-ଆଃ, ଓ-ଓଃ. ପାଇ – ପାଇଁ, ଭଇ – ଭଇଁ, ନାହି – ନାହିଁ, ବହି – ବହିଃ, ବଶ – ବଂଶ, ବର- ବରଂ,

## ୨.୫.୧୧- ଓଡ଼ିଆ ବର୍ଣ୍ଣମାଳାର କ୍ରମ :

ପୂର୍ବ ପାଠଗୁଡ଼ିକରୁ ଆମେ ଜାଣିଲେ ଓଡ଼ିଆ ଭାଷାର ଲିଖନଧାରାରେ ୧୧ ଗୋଟି ସ୍ୱରବର୍ଣ୍ଣ, ୩୬ ଗୋଟି ବର୍ଗ୍ୟ ଓ ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ଓ ୩ ଗୋଟି ଅବର୍ଗ୍ୟ ଆଶ୍ରିତ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ମୋଟ ୫୦ ଗୋଟି ପ୍ରାଥମିକ ବର୍ଣ୍ଣ ବ୍ୟବହୃତ ହୁଏ । ଏହି ୫୦ ଗୋଟି ବର୍ଣ୍ଣକୁ ନେଇ ନିମ୍ନ ତାଲିକା ଅନୁସାରେ ଓଡ଼ିଆ ବର୍ଣ୍ଣମାଳା ନିର୍ଦ୍ଧାରଣ କରାଯାଇପାରେ :

### ଓଡ଼ିଆ ବର୍ଣ୍ଣମାଳା

| | | |
|---|---|---|
| ସ୍ୱରବର୍ଣ୍ଣ | ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ | ୧୧ |
| ବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ | କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ,<br>ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ,<br>ପ, ଫ, ବ, ଭ, ମ | ୨୫ |
| ଅବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ | ଯ, ୟ, ର, ଳ, ଲ, ୱ, ଶ, ଷ, ସ, ହ, କ୍ଷ, ଃ, ଂ, ଁ | ୧୪ |
| | ବର୍ଣ୍ଣସଂଖ୍ୟା | ୫୦ |

**ଆସ ମନେରଖିବା :**

- ଓଡ଼ିଆ ବର୍ଣ୍ଣମାଳାରେ ଜ / ଯ ଦୁଇଟି ସ୍ୱତନ୍ତ୍ର ବର୍ଣ୍ଣ ।
- ଓଡ଼ିଆ ବର୍ଣ୍ଣମାଳାରେ ଯ / ୟ ଦୁଇଟି ସ୍ୱତନ୍ତ୍ର ବର୍ଣ୍ଣ ।
- ଓଡ଼ିଆ ବର୍ଣ୍ଣମାଳାରେ ଳ / ଲ ଦୁଇଟି ସ୍ୱତନ୍ତ୍ର ବର୍ଣ୍ଣ ।
- ଓଡ଼ିଆ ବର୍ଣ୍ଣମାଳାରେ ଶ / ଷ / ସ - ତିନୋଟି ସ୍ୱତନ୍ତ୍ର ବର୍ଣ୍ଣ ।
- ଓଡ଼ିଆ ବର୍ଣ୍ଣମାଳାରେ ଇ / ଈ / ଉ / ଊ - ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବର୍ଣ୍ଣ ।

କାରଣ ଏଗୁଡ଼ିକର ବ୍ୟବହାର ଓ ସ୍ଥାନ ବଦଳିଗଲେ ଶବ୍ଦର ଅର୍ଥ ଓ ଭାବ ବି ବଦଳି ଯାଏ । ଏହି ମର୍ମରେ ଆସ ଅଭ୍ୟାସ କରିବା :

ଯାଇ - ଜାଇ / କାଳ - କାଲ / ବଶ - ବସ / ଭାସ - ଭାଷ / ଗାଇ - ଗାଈ / ଯାତ - ଜାତ, ବେଳ-ବେଲ / ଶତ-ସତ ।

ଦୀର୍ଘ ଦିନ ଧରି ଓଡ଼ିଆ ଲିଖନ ପରମ୍ପରାରେ ଅବର୍ଗ୍ୟ -ବ ବର୍ଣ୍ଣକୁ ବର୍ଗ୍ୟ - ବ ପରି କିଂବା ବର୍ଣ୍ଣ ଭିତରେ ବିନ୍ଦୁଟିଏ ଦେଇ ଲେଖାଯାଉଥିଲା । ଅବର୍ଗ୍ୟ ବ - ନିମିତ୍ତ ଏବେ ବିକଳ୍ପରେ 'ୱ' କୁ ବର୍ଣ୍ଣ ସଙ୍କେତ (ଲିପି) ଭାବରେ ବ୍ୟବହାର କରାଗଲାଣି ।

## ୨.୬ - ମାତ୍ରା ଓ ଫଳା :

ଓଡ଼ିଆ ଭାଷାର ଉଭୟ କଥନ ଓ ଲିଖନ ପ୍ରକ୍ରିୟାରେ ବ୍ୟଞ୍ଜନ ବର୍ଣ୍ଣ ସହିତ ସ୍ୱର ବର୍ଣ୍ଣକୁ ଓ ବ୍ୟଞ୍ଜନ ବର୍ଣ୍ଣ ସହିତ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣକୁ ମିଶାଇ ଆକ୍ଷରିକ ରୂପ ଦିଆଯାଇଥାଏ । ଆସ ଏଠାରେ ଦିଆଯାଇଥିବା ଉଦାହରଣକୁ ଲକ୍ଷ୍ୟ କରିବା -

| | | |
|---|---|---|
| 'କ' - | ଗୋଟିଏ ବର୍ଣ୍ଣ | କ୍ + ଅ = କ - ଗୋଟିଏ ଅକ୍ଷର ('ଅ'ର ମାତ୍ରା ନାହିଁ) |
| 'କ' - | ଗୋଟିଏ ବର୍ଣ୍ଣ | କ୍ + ଇ = କି - ଗୋଟିଏ ଅକ୍ଷର |
| 'ସ' - | ଗୋଟିଏ ବର୍ଣ୍ଣ | ସ୍ + ଆ = ସା - ଗୋଟିଏ ଅକ୍ଷର |
| 'ଗ' - | ଗୋଟିଏ ବର୍ଣ୍ଣ | ଗ୍ + ନ୍ + ଅ = ଗ୍ନ - ଗୋଟିଏ ଅକ୍ଷର |
| 'ତ' - | ଗୋଟିଏ ବର୍ଣ୍ଣ | ତ୍ + ର୍ + ଈ = ତ୍ରୀ - ଗୋଟିଏ ଅକ୍ଷର |

ସୁତରାଂ ଓଡ଼ିଆରେ ଲେଖିବା ବେଳେ ଶବ୍ଦ ଗଠନ ନିମିତ୍ତ ଏକାଧିକ ବର୍ଣ୍ଣକୁ ମିଶାଇ ଆମେ ଅକ୍ଷର ନିର୍ଦ୍ଧାରଣ କରିଥାଉ । ଅର୍ଥାତ୍ ଓଡ଼ିଆରେ ଗୋଟିଏ ଅକ୍ଷର ଭିତରେ ଏକାଧିକ ବର୍ଣ୍ଣ ମିଶିକରି ରହିପାରେ । ଏହି କାରଣରୁ ଓଡ଼ିଆ ଏକ ଆକ୍ଷରିକ ଭାଷା ।

### ୨.୬.୧ - ମାତ୍ରା :

ଓଡ଼ିଆରେ ଆକ୍ଷରିକ ଲିଖନ ବିଧାନରେ ଗୋଟିଏ ବ୍ୟଞ୍ଜନ ସହିତ ଗୋଟିଏ ସ୍ୱରକୁ ମିଶାଇ ଲିଖିତ ରୂପ ଦିଆଯାଇ ପାରିଥାଏ । ଶୁଦ୍ଧ ବ୍ୟଞ୍ଜନ ବର୍ଣ୍ଣକୁ (କ୍ / ଗ୍ / ହ୍ / ସ୍ ଇତ୍ୟାଦି) ଶବ୍ଦର ଆରମ୍ଭରେ ରଖି ଓଡ଼ିଆ ଭାଷାରେ ଶବ୍ଦ କୁହାଯାଇ

କିଂବା ଲେଖାଯାଇ ପାରେନାହିଁ । ସେଥିପାଇଁ ପ୍ରତ୍ୟେକ ବ୍ୟଞ୍ଜନ ବର୍ଣ୍ଣର ଶୁଦ୍ଧ ରୂପରେ "ଅ" ସ୍ୱରଟିକୁ ଉଚ୍ଚାରଣର ବା ଲିଖନର ଆଧାର ଭାବରେ ମିଶାଯାଇଥାଏ । ଯଥା - କ୍ + ଅ = କ / ବ୍ + ଅ = ବ । ଏଠାରେ କ / ବ ସ୍ୱର ମିଶ୍ରିତ ବ୍ୟବହାର ଯୋଗ୍ୟ ଏକ ଏକ ବର୍ଣ୍ଣ ରୂପ । "ଅ" ବ୍ୟତୀତ ଅନ୍ୟ ୧୦ଟି ସ୍ୱରବର୍ଣ୍ଣ ବ୍ୟଞ୍ଜନବର୍ଣ୍ଣ ସହିତ ମିଶି ତାହାକୁ ଲିଖିତ ଅକ୍ଷର ରୂପ ଦେଇଥାନ୍ତି । ଲିଖିତ ଅକ୍ଷର ରୂପ ପାଇଲା ବେଳେ ବ୍ୟଞ୍ଜନବର୍ଣ୍ଣ ସହିତ ମିଶିଥିବା ସ୍ୱରବର୍ଣ୍ଣର (ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ) ପୂର୍ଣ୍ଣାଙ୍ଗ ରୂପଟି ଯୋଗ ହୋଇପାରେ ନାହିଁ । ବ୍ୟଞ୍ଜନବର୍ଣ୍ଣ ପୂର୍ଣ୍ଣ ରୂପରେ ଲେଖାଯାଏ ଏବଂ ଏହାସହିତ ସ୍ୱରବର୍ଣ୍ଣ କେବଳ 'ଚିହ୍ନ' ଆକୃତିରେ ଲାଗିଥାଏ । କଥନବେଳେ ଏହି ମାତ୍ରା ବ୍ୟଞ୍ଜନ ବର୍ଣ୍ଣର ମୂଳ ଉଚ୍ଚାରଣ ସହିତ ମିଶିକରି ଉଚ୍ଚାରିତ ହୁଏ ।

**ମନେରଖ -**

ଅତଏବ ସ୍ୱରବର୍ଣ୍ଣଗୁଡ଼ିକ ବ୍ୟଞ୍ଜନବର୍ଣ୍ଣରେ ମିଶିଲେ ବିଭିନ୍ନ ସାଙ୍କେତିକ ଚିହ୍ନ ସ୍ୱରୂପ ହୋଇ ଲାଗିଥା'ନ୍ତି । ସ୍ୱରର ସାଙ୍କେତିକ ଚିହ୍ନକୁ 'ମାତ୍ରା' କୁହାଯାଏ । ଏହାକୁ 'କାର' ବା 'ବନା' ବୋଲି ମଧ୍ୟ କୁହାଯାଇଥାଏ । ସ୍ୱରର ସଙ୍କେତ ଚିହ୍ନଗୁଡ଼ିକୁ ବ୍ୟଞ୍ଜନବର୍ଣ୍ଣ ସହିତ ଯୋଗ କରିବାର ଉପାୟକୁ 'ବନାନ' ପକ୍ରିୟା କୁହାଯାଇଥାଏ । ଏବେ ତଳେ ଦିଆଯାଇଥିବା ସ୍ୱରବର୍ଣ୍ଣ ଓ ସେଗୁଡ଼ିକର ସାଙ୍କେତିକ 'ମାତ୍ରା' ସ୍ୱରୂପକୁ ଲକ୍ଷ୍ୟ କରିବା :

| ସ୍ୱରବର୍ଣ୍ଣ | ସ୍ୱର ସାଙ୍କେତିକ ମାତ୍ରା ଚିହ୍ନ | ମାତ୍ରାର ନାମ | ବ୍ୟବହାର ପକ୍ରିୟା | ଲିଖନ ଉଦାହରଣ |
|---|---|---|---|---|
| ଆ | ' ା ' | ଆ'କାର | ଠ୍ + ା = ଠା (ଠ୍+ଆ) | କଠା |
| ଇ | ' ି ' | ହ୍ରସ୍ୱ ଇ-କାର | ଠ୍ + ି = ଠି (ଠ+ଇ) | ଏଠି |
| ଈ | ' ୀ ' | ଦୀର୍ଘ ଈ-କାର | ଟ୍+ୀ= ଟୀ (ଟ୍+ଈ) | କଟୀ |
| ଉ | ' ୁ ' | ଉ - କାର | ଠ୍ + ୁ = ଠୁ | ଠୁଳ |
| ଊ | ' ୂ ' | ଊ - କାର | କ୍ + ୂ = କୂ (କ+ଊ) | କୂପ |
| ଋ | ' ୃ ' | ଋ- କାର | କ୍ + ୃ = କୃ (କ + ଋ) | କୃଷକ |
| ଏ | ' େ ' | ଏ-କାର | କ୍+ େ = କେ (କ+ଏ) | କେଶେ |

| | | | | |
|---|---|---|---|---|
| ଐ | ' ୈ ' | ଐ-କାର | ବ+ୈ = ବୈ | ବୈଠକ |
| ଓ | 'ୋ' | ଓ-କାର | କ୍+ୋ=କୋ (କ୍+ଓ) | କୋଳ |
| ଔ | ' ୌ ' | ଔ-କାର | କ୍+ ୌ = କୌ (କୁ + ଔ) | କୌଶଳ |

**ଆସ ମନେରଖିବା -**

୧. ଓଡ଼ିଆ ଭାଷାରେ ଲେଖିଲା ବେଳେ ହ୍ରସ୍ୱ - 'ଇ'-କାର ନିମିତ୍ତ ଦୁଇପ୍ରକାର ବର୍ଣ୍ଣ ମାତ୍ରା-ଚିହ୍ନର ବ୍ୟବହାର ରହିଛି । ଉଦାହରଣ ସ୍ୱରୂପ -

**ପ୍ରଥମ ପ୍ରକାର -** ଇଟିଲି, କିଟିମିଟି, ବିକିରି - ବ୍ୟଞ୍ଜନ ବର୍ଣ୍ଣ ଉପରେ ଇ-କାର ଚିହ୍ନ 'ି' ଲାଗିଛି । ଅଧିକାଂଶ ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣରେ ଏହି ଚିହ୍ନଟି ପ୍ରଧାନ / ଇ-କାର / ମାତ୍ରା ଚିହ୍ନ ଭାବରେ ଲାଗେ ।

**ଦ୍ୱିତୀୟ ପ୍ରକାର -** ଖିରି, ଥିରିଥିରି, ଧିକିଧିକି - କେବଳ ଖ, ଥ, ଧ ଏହି ତିନୋଟି ବର୍ଣ୍ଣ ତଳେ 'ି' ଇ-କାର ଚିହ୍ନଟି ଲାଗିଥାଏ । ମୁଖ୍ୟ ଇ-କାର ଚିହ୍ନର ଏହା ଏକ ବିକଳ୍ପ ଲିଖନ ଚିହ୍ନ ।

୨. 'ଅ' ସ୍ୱରବର୍ଣ୍ଣ (କ୍+ଅ / ଖ୍+ଅ / ବ୍+ଅ) ସମସ୍ତ ବ୍ୟଞ୍ଜନବର୍ଣ୍ଣରେ ଆଧାର ବର୍ଣ୍ଣଭାବରେ ଥିବାରୁ ଏହାର ମାତ୍ରାରୂପ ନାହିଁ ।

## ୨.୬.୨- ଫଳା :

ଗୋଟିଏ ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ ମାତ୍ରାଗୁଣରେ ଲାଗିଲାଭଳି ଗୋଟିଏ ବ୍ୟଞ୍ଜନବର୍ଣ୍ଣରେ ଆଉ ଗୋଟିଏ ବ୍ୟଞ୍ଜନବର୍ଣ୍ଣ ଲାଗିଥାଏ । କେତେକ ବ୍ୟଞ୍ଜନବର୍ଣ୍ଣ ଅନ୍ୟ ବ୍ୟଞ୍ଜନବର୍ଣ୍ଣରେ ମୂଳ ଆକୃତିରେ ନଲାଗି ଫାଳିକିଆ ବା ଖଣ୍ଡିତ ଆକୃତିରେ ଲାଗିଥାଏ । ଏହି ଖଣ୍ଡିତାଂଶ ବା ଫାଳିକିଆ ସଂକ୍ଷିପ୍ତ ରୂପରେ ଲାଗୁଥିବା ବ୍ୟଞ୍ଜନବର୍ଣ୍ଣର ସାଙ୍କେତିକ ରୂପକୁ **'ଫଳା'** କୁହାଯାଏ । ଅର୍ଥାତ୍ **'ଫଳା'** ହେଉଛି ବ୍ୟଞ୍ଜନବର୍ଣ୍ଣରେ ମିଶୁଥିବା ଅନ୍ୟ ବ୍ୟଞ୍ଜନବର୍ଣ୍ଣର ସଂକ୍ଷିପ୍ତ ବା ଖଣ୍ଡିତ ସାଙ୍କେତିକ ରୂପ ।

ଏଠାରେ 'ଫଳା' ରୂପରେ ଲାଗୁଥିବା ବ୍ୟଞ୍ଜନବର୍ଣ୍ଣର ସାଙ୍କେତିକ ସଂକ୍ଷିପ୍ତ ରୂପ ଓ ତାହାର ବ୍ୟବହାର ବିଧି ପ୍ରଦାନ କରାଗଲା ।

| ଫଳାଯୋଗ୍ୟ ପୂର୍ଣ୍ଣ ବ୍ୟଞ୍ଜନବର୍ଣ୍ଣ | ଫଳାଚିହ୍ନ | ଫଳାର ନାମ | ଫଳା ବ୍ୟବହାର ପ୍ରଣାଳୀ ଫଳା / ଫଳା | ଉଦାହରଣ |
|---|---|---|---|---|
| ଣ | ' ଓ ' | ଣ - ଫଳା | ଷ୍ + ଓ = ଷ୍ଣ (ଷ୍ + ଣ-ଫଳା) | ଉଷ୍ଣ, ତୃଷ୍ଣା, କୃଷ୍ଣ ଅର୍ଣ୍ଣ, କର୍ଣ୍ଣ, ଉର୍ଣ୍ଣ |
| ନ | ( ୍ନ ) | ନ - ଫଳା | ସ୍ + ୍ନ = ସ୍ନ (ସ୍ + ନ-ଫଳା) | ସ୍ନାନ, ବାସ୍ନା, ମଗ୍ନ, ପ୍ରଶ୍ନ, ଚିହ୍ନ, ବିଘ୍ନ |
| ମ | ( ୍ମ ) | ମ - ଫଳା | ଲ୍ + ୍ମ = ଲ୍ମ ( ଲ୍ + ମ-ଫଳା) | ଗୁଲ୍ମ, ଛଦ୍ମ, ଜନ୍ମ, ଶ୍ମଶାନ |
| ଯ | ( ୍ୟ ) | ଯ - ଫଳା ବିକଳ୍ପରେ (ଯ-ଫଳା ବି କୁହାଯାଏ) | କ୍ + ୍ୟ = କ୍ୟ (କ୍ + ଯ-ଫଳା) | ବାକ୍ୟ, କାବ୍ୟ, ଗଦ୍ୟ, ରମ୍ୟ |
| ର | ( ୍ର ) | ର - ଫଳା | କ୍ + ୍ର = କ୍ର (କ୍ + ର-ଫଳା) | କ୍ରମ, ଚକ୍ର, ଭ୍ରମ, ନମ୍ର |
| ଲ | ( ୍ଲ ) | ଲ - ଫଳା | କ୍ + ୍ଲ = କ୍ଲ ( କ୍ + ଲ -ଫଳା) | ଶୁକ୍ଳ, କ୍ଲାନ୍ତ, ଅମ୍ଳ, ମ୍ଳାନ |
| ଳ | ( ୍ଳ ) | ଳ - ଫଳା | ହ୍ + ୍ଳ = ହ୍ଳ (ହ୍ + ଳ-ଫଳା) | ଗେହ୍ଲା, ମହ୍ଲାର, ମଲ୍ଲ |
| ୱ | ( ୍ୱ ) | ୱ - ଫଳା | କ୍ + ୍ୱ = କ୍ୱ (କ୍ + ୱ-ଫଳା) | ପକ୍ୱ, ସ୍ୱ, ବିଶ୍ୱ, ସତ୍ୱ |

**ଆସ ଜାଣିବା ଓ ମନେରଖିବା :**

◆ ଓଡ଼ିଆରେ କେବଳ ଯ-ଫଳା ପ୍ରଥମ ବର୍ଣ୍ଣ ବା ଫଳା ଗ୍ରହଣକାରୀ ବର୍ଣ୍ଣର ଡାହାଣ ପାର୍ଶ୍ୱରେ ଲାଗେ । ଅନ୍ୟ ଫଳାଗୁଡ଼ିକ ମୂଳ ବର୍ଣ୍ଣର ତଳେ ସଂକ୍ଷିପ୍ତ ସାଙ୍କେତିକ ଖଣ୍ଡାଂଶ ବା ଚିହ୍ନ ରୂପେ ଲାଗେ ।

◆ ଓଡ଼ିଆ ଭାଷାରେ ଆଉ କେତେକ ବ୍ୟଞ୍ଜନ ବର୍ଣ୍ଣ ସାଙ୍କେତିକ ଓ ସଂକ୍ଷିପ୍ତ ଚିହ୍ନ ରୂପରେ ଅନ୍ୟ ବ୍ୟଞ୍ଜନ ସହିତ ଯୁକ୍ତ ହୋଇଥା'ନ୍ତି ।

ଉଦାହରଣ ସ୍ୱରପ -

| ବ୍ୟଞ୍ଜନବର୍ଣ୍ଣ | ସଂକ୍ଷିପ୍ତ ବା ସାଙ୍କେତିକ ଚିହ୍ନ | ବ୍ୟବହୃତ ବର୍ଣ୍ଣ |
|---|---|---|
| କ | ୍କ | ସ୍କ - ସ୍କନ୍ଧ |
| ଜ | ୍ଜ | ଜ୍ଜ - ଅବ୍ଜ |
| ଡ | ୍ଡ | ଣ୍ଡ - ମୁଣ୍ଡ |
| ଢ | ୍ଢ | ଣ୍ଢ - ଶୁଣ୍ଢ |
| ତ | ୍ (ଆରମ୍ଭରେ ଥିଲେ) (ତ୍+କ) | ତ୍କ - ଉତ୍କଳ |
| ତ | ୍ତ (ପରେ ଥିଲେ)(କ୍+ତ) | କ୍ତ - ରକ୍ତ |
| ଥ | ୍ଥ | ସ୍ଥ - ସ୍ଥାନ |
| ର | ର୍ (ରେଫ୍ ଯୋଗ)-ଆରମ୍ଭରେ ପ୍ରଥମ ବ୍ୟଞ୍ଜନ 'ର' ହୋଇଥିଲେ ର୍+କ=ର୍କ | ର୍କ - ତର୍କ |

ଓଡ଼ିଆରେ ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ 'ବ୍'ର ଫଳା ନାହିଁ । ଅବର୍ଗ୍ୟ 'ୱ' ବର୍ଣ୍ଣଟିର ସଂକ୍ଷିପ୍ତ ରୂପ '୍ୱ' ଫଳାରୂପରେ ପ୍ରଥମ ବର୍ଣ୍ଣର ନିମ୍ନରେ ଲାଗେ । ଏହି ଚିହ୍ନଟି କେବଳ 'ବ' ସହିତ ଯୋଗ ହେଲେ, ବର୍ଗ୍ୟ 'ବ' ଭାବେ ଗ୍ରହଣ କରାଯାଏ । ବର୍ଗ୍ୟ 'ବ'ର ସାଙ୍କେତିକ ଚିହ୍ନଟି କେବଳ ଯୁକ୍ତାକ୍ଷରରେ ଯୋଗ ହୋଇଥାଏ । ଯଥା - ଶିମ୍ବ, ଆମ୍ବ, ତମ୍ବା ।

## ୨.୭ - ଯୁକ୍ତବର୍ଣ୍ଣ ( ଯୁକ୍ତାକ୍ଷର) :

ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ମିଶିଲେ ଯେଉଁ ବର୍ଣ୍ଣଟି ଗଠିତ ହୁଏ ତାହାକୁ **'ଯୁକ୍ତବର୍ଣ୍ଣ'** କୁହାଯାଏ । ଯୁକ୍ତବର୍ଣ୍ଣରେ ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ପରସ୍ପର ହୋଇ ଉଚ୍ଚାରଣ ଧର୍ମମାନି ମିଶିକରି ରହିଥାଏ । ଅତଏବ ଦୁଇଟି ବା ତହିଁରୁ ଅଧିକ ବ୍ୟଞ୍ଜନ ବର୍ଣ୍ଣ ମିଶିକରି ରହିଲେ **ଯୁକ୍ତବ୍ୟଞ୍ଜନ** ବର୍ଣ୍ଣ ସୃଷ୍ଟି ହୁଏ । ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣକୁ ଲିଖନ ଧାରାରେ **ଯୁକ୍ତାକ୍ଷର** ମଧ୍ୟ କୁହାଯାଏ ।

କ୍+କ୍= କ୍କ , କ୍+ତ = କ୍ତ ଠାରୁ ଞ୍ଜ, ସ୍ଫ, ହ୍ମ, ଷ୍ଣ, ସ୍ମ, ଦ୍ଧ, ଗ୍ମ ଆଦି ଅନେକ ଯୁକ୍ତବର୍ଣ୍ଣ ଯୁକ୍ତାକ୍ଷର ପଦ୍ଧତିରେ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇଥାଏ । ଓଡ଼ିଆରେ ବ୍ୟବହୃତ ହେଉଥିବା ଯୁକ୍ତବର୍ଣ୍ଣଗୁଡ଼ିକ ମଧ୍ୟରୁ କେତୋଟିର ଉଦାହରଣ ନିମ୍ନପ୍ରକାରେ ଦିଆଗଲା-

### ବହୁ ପ୍ରଚଳିତ ଓଡ଼ିଆ ଯୁକ୍ତବର୍ଣ୍ଣ

| ୧ମ ବ୍ୟଞ୍ଜନ+୨ୟବ୍ୟଞ୍ଜନ = ଯୁକ୍ତବ୍ୟଞ୍ଜନ | ୧ମ ବ୍ୟଞ୍ଜନ + ୨ୟ ବ୍ୟଞ୍ଜନ = ଯୁକ୍ତ ବ୍ୟଞ୍ଜନ |
|---|---|
| କ୍+କ = କ୍କ ('୍କ' ସାଙ୍କେତିକ ରୂପ) | ସ+ଥ = ସ୍ଥ ('୍ଥ' ଥ ବର୍ଣ୍ଣର ସାଙ୍କେତିକ ରୂପ) |
| କ୍+ତ = କ୍ତ ('୍ତ' ସାଙ୍କେତିକ ରୂପ) | ସ୍+ଫ = ସ୍ଫ ('ଫ' ସାଙ୍କେତିକ ରୂପ) |

କ୍+ସ = କ୍ସ

କ୍+ଷ = କ୍ଷ (ସଂସ୍କୃତାନୁସାରୀ)

ଗ୍+ଣ = ଗ୍ଣ

ଗ୍+ଧ = ଗ୍ଧ

ଚ୍+ଚ = ଚ୍ଚ (ଦ୍ୱିତ୍ୱ, ଯୁକ୍ତ ବ୍ୟଞ୍ଜନ)

ଛ+ଛ = ଚ୍ଛ (ଦ୍ୱିତ୍ୱ ଯୁକ୍ତବର୍ଣ୍ଣ)

ଜ୍+ଜ = ଜ୍ଜ (ଦ୍ୱିତ୍ୱ ଯୁକ୍ତବର୍ଣ୍ଣ)

ଜ+ଞ = ଜ୍ଞ (ଜଟିଳ ଯୁକ୍ତବର୍ଣ୍ଣ)

ଟ୍+ଟ = ଟ୍ଟ (ଦ୍ୱିତ୍ୱ ଯୁକ୍ତବର୍ଣ୍ଣ)

ତ୍+କ = ତ୍କ ( ୍ ସାଙ୍କେତିକ ରୂପ)

ଡ୍+ଡ = ଡ୍ଡ (ଦ୍ୱିତ୍ୱ ଯୁକ୍ତବ୍ୟଞ୍ଜନ)

ତ୍+ସ = ତ୍ସ ('୍' ତ ସାଙ୍କେତିକ ରୂପ)

ତ୍+ତ = ତ୍ତ (ଦ୍ୱିତ୍ୱ ବ୍ୟଞ୍ଜନ ରୂପ)

ତ୍+ପ = ତ୍ପ ( ୍ ସାଙ୍କେତିକ ଚିହ୍ନ ରୂପ)

ଦ୍+ଦ = ଦ୍ଦ (ଦ୍ୱିତ୍ୱ ବ୍ୟଞ୍ଜନ ରୂପ)

ଦ୍+ଧ = ଦ୍ଧ (ବଦ୍ଧାକ୍ଷରୀ ଯୁକ୍ତବ୍ୟଞ୍ଜନ)

ଦ୍+ଭ = (ଭ)

ଲ୍+କ = ଲ୍କ (ଯୁକ୍ତବ୍ୟଞ୍ଜନ / '୍' ସାଙ୍କେତିକ ରୂପ)

ପ୍+ତ = ପ୍ତ (ଯୁକ୍ତ ବ୍ୟଞ୍ଜନ)

ଲ୍+ପ = ଲ୍ପ (ଯୁକ୍ତବ୍ୟଞ୍ଜନ)

ମ୍+ମ = ମ୍ମ (ଦ୍ୱିତ୍ୱ ବ୍ୟଞ୍ଜନ)

ଶ୍+ଚ/ଶ୍+ଚୁ = ଶ୍ଚ / ଶ୍ଚୁ (ଯୁକ୍ତବ୍ୟଞ୍ଜନ)

ସ୍+ପ = ସ୍ପ (ଯୁକ୍ତବ୍ୟଞ୍ଜନ)

ସ୍+ତ = ସ୍ତ (ଯୁକ୍ତବ୍ୟଞ୍ଜନ)

ଷ୍+କ = ଷ୍କ (ସାଙ୍କେତିକ ରୂପ-୍ )

ଷ୍+ଟ = ଷ୍ଟ

ଷ୍+ଠ = ଷ୍ଠ

ବ୍+ବ = ବ୍ବ (ଦ୍ୱିତ୍ୱବ୍ୟଞ୍ଜନ)

ବ୍+ଦ = ବ୍ଦ

ବ+ଧ = ବ୍ଧ

ତ୍+ନ = ତ୍ନ, ତ୍ନ

ହ+ଣ = ହ୍ଣ

କ୍ଷ+ଣ = କ୍ଷ୍ଣ

ନ୍+ସ = ନ୍ସ

ତ୍+ଥ = ତ୍ଥ

ଦ୍+ଗ = ଦ୍ଗ

ତିନୋଟି ବ୍ୟଞ୍ଜନ ବର୍ଣ୍ଣକୁ ନେଇ ଯୁକ୍ତାକ୍ଷର ଲେଖିବାର ପଦ୍ଧତି ମଧ୍ୟ ଓଡ଼ିଆ ଭାଷାରେ ରହିଛି ।

୧ମ ବ୍ୟଞ୍ଜନ+୨ୟ ବ୍ୟଞ୍ଜନ+ତୃତୀୟ ବ୍ୟଞ୍ଜନ=ଯୁକ୍ତ ବ୍ୟଞ୍ଜନ

ନ୍+ତ୍+ର=ନ୍ତ୍ର

ସ+ତ୍+ର=ସ୍ତ୍ର

**ମନେରଖ :** ଏଥିରେ ଥିବା ସାଙ୍କେତିକ ରୂପଗୁଡ଼ିକ ଫଳା ନୁହେଁ, କେବଳ ବ୍ୟଞ୍ଜନ ବର୍ଣ୍ଣର ଖଣ୍ଡିତ ସଙ୍କେତ-ଚିହ୍ନ ।

## ୨.୮ ଅନୁନାସିକ ଯୁକ୍ତବର୍ଣ୍ଣ :

ଆମେ ଆଗରୁ ଜାଣିଛେ ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣ-ନାସିକ୍ୟ ବର୍ଣ୍ଣ । ନିର୍ଦ୍ଦିଷ୍ଟ ବର୍ଗର ନାସିକ୍ୟ ବର୍ଣ୍ଣ ସହିତ ସେହି ବର୍ଗର ଅନ୍ୟ ବର୍ଣ୍ଣର ସୁଯୋଗ ଘଟିଲେ ଯେଉଁ ଯୁକ୍ତବର୍ଣ୍ଣ ସୃଷ୍ଟି ହୁଏ ତାହାକୁ 'ଅନୁନାସିକା ଯୁକ୍ତବର୍ଣ୍ଣ' କୁହାଯାଏ । ଓଡ଼ିଆରେ ମୋଟ ୨୦ଟି ଅନୁନାସିକ୍ୟ ଯୁକ୍ତ ବର୍ଣ୍ଣ ରହିଛି । ଏ ପ୍ରକାର ଯୁକ୍ତ ବର୍ଣ୍ଣରେ ମିଶି ରହିଥିବା ବ୍ୟଞ୍ଜନ ବର୍ଣ୍ଣ ଦୁଇଟିର ମୌଳିକ ବା ସ୍ୱତନ୍ତ୍ର ରୂପ ଲୋପପାଇ ଏହା ଭିନ୍ନ ଲିପିରୂପ ପ୍ରକାଶ ପାଇଥାଏ । ତଳ ଉଦାହରଣକୁ ଲକ୍ଷ୍ୟ କରିବା :

| କ - ବର୍ଗ | ଚ - ବର୍ଗ | ଟ - ବର୍ଗ | ତ - ବର୍ଗ | ପ - ବର୍ଗ |
|---|---|---|---|---|
| ଙ୍+କ = ଙ୍କ | ଞ୍+ଚ = ଞ୍ଚ | ଣ୍+ଟ = ଣ୍ଟ | ନ୍+ତ = ନ୍ତ | ମ୍+ପ = ମ୍ପ |
| ଙ୍+ଖ = ଙ୍ଖ | ଞ୍+ଛ = ଞ୍ଛ | ଣ୍+ଠ = ଣ୍ଠ | ନ୍+ଥ = ନ୍ଥ | ମ୍+ଫ = ମ୍ଫ |
| ଙ୍+ଗ = ଙ୍ଗ | ଞ୍+ଜ = ଞ୍ଜ | ଣ୍+ଡ = ଣ୍ଡ | ନ୍+ଦ = ନ୍ଦ | ମ୍+ବ = ମ୍ବ |
| ଙ୍+ଘ = ଙ୍ଘ | ଞ୍+ଝ = ଞ୍ଝ | ଣ୍+ଢ = ଣ୍ଢ | ନ୍+ଧ = ନ୍ଧ | ମ୍+ଭ = ମ୍ଭ |

- ଅନୁନାସିକ ଯୁକ୍ତାକ୍ଷରଗୁଡ଼ିକୁ ଅନୁସ୍ୱାର ଯୋଗକରି ବିକଳ୍ପରେ ଲେଖାଯାଇ ପାରେ । ଯଥା-ଟଙ୍କା-ଟଂକା / ଅଙ୍ଗ-ଅଂଗ / ମଞ୍ଚ-ମଂଚ / ସମ୍ଭବ-ସଂଭବ /ସମ୍ବନ୍ଧ-ସଂବଧ ।
- ଏହିପରି ହଳନ୍ତ୍ ମାଧ୍ୟମରେ କେତେକ ଯୁକ୍ତାକ୍ଷରକୁ ଭିନ୍ନଭିନ୍ନ କରି ଭାଙ୍ଗି ଦେଇ ଲେଖାଯାଇ ପାରେ । ଯଥା:- ଉତ୍କର୍ଷ-ଉତ୍‌କର୍ଷ / ମୁଗ୍ଧ-ମୁଗ୍‌ଧ / ବକ୍ସି-ବକ୍‌ସି / ତନ୍ତ୍ର-ତନ୍‌ତ୍ର / ଉତ୍ସାହ-ଉତ୍‌ସାହ ।
- 'ଁ' ଯୋଗକରି ନାସିକ୍ୟ ଯୁକ୍ତବର୍ଣ୍ଣକୁ ସରଳ କରି ଲେଖାଯାଇପାରେ । ଯଥା:- ପେଙ୍କାଳି-ପେଁକାଳି / କୈଞ୍ଚି-କଇଁଚି / ପାଞ୍ଚଣ-ପାଁଚଣ ।

## ୨.୯ - ଯୁକ୍ତବର୍ଣ୍ଣର ବୈଶିଷ୍ଟ୍ୟ :

୨.୭ ଓ ୨.୮ ପ୍ରଭାଗରେ ଥିବା ସମସ୍ତ ଯୁକ୍ତ ବ୍ୟଞ୍ଜନବର୍ଣ୍ଣକୁ ନିରୀକ୍ଷଣ କଲେ ଦେଖାଯିବ ଏମାନଙ୍କର ଗଠନ, ରୂପ ଓ ଲିଖନ ସତ୍ତାରେ କେତେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । କେତେକ ବୈଶିଷ୍ଟ୍ୟ ଏହିପରି :

### ୨.୯.୧ - ଗଠନମୂଳକ ବୈଶିଷ୍ଟ :

ଗଠନ ଦିଗରୁ ଓଡ଼ିଆରେ ଯୁକ୍ତବର୍ଣ୍ଣ ପାଞ୍ଚପ୍ରକାରର

(କ) ପ୍ରଥମ ବ୍ୟଞ୍ଜନ ବର୍ଣ୍ଣଟି ପୂର୍ଣ୍ଣରୂପରେ ରହେ । ତା'ର ତଳେ ଡାହାଣ ପାଖକୁ ସଂଯୁକ୍ତ ହୋଇ ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣଟିର ପୂର୍ଣ୍ଣରୂପଟି ଛୋଟ ଆକାରରେ ଲାଗିଥାଏ । ଯଥା :-

| | |
|---|---|
| ଣ+ଟ=ଣ୍ଟ - ଘଣ୍ଟ | ଷ୍+ଟ=ଷ୍ଟ - ସ୍ପଷ୍ଟ |
| ଣ୍+ଠ=ଣ୍ଠ - କଣ୍ଠ | ମ୍+ମ=ମ୍ମ - ସମ୍ମାନ |
| ଶ୍+ଚ=ଶ୍ଚ - ପଶ୍ଚ | କ୍ଷ୍+ଣ=କ୍ଷ୍ଣ - ତୀକ୍ଷ୍ଣ |
| ସ୍+ପ=ସ୍ପ - ସ୍ପର୍ଶ | ଗ+ଧ=ଗ୍ଧ - ମୁଗ୍ଧ ଇତ୍ୟାଦି । |

(ଖ) ପ୍ରଥମ ବ୍ୟଞ୍ଜନ ବର୍ଣ୍ଣର ଲିପିରୂପ ସଂପୂର୍ଣ୍ଣ ରୂପେ ରୁହେ । ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣର ସାଙ୍କେତିକ ଲିଖନ ରୂପଟି ପ୍ରଥମ ବ୍ୟଞ୍ଜନର ତଳେ ଯୁକ୍ତ ହୋଇ ରହିଥାଏ । ଉଦାହରଣ ସ୍ୱରୂପ :

କ୍+ତ=କ୍ତ ('୍ତ'- ତ୍ ବର୍ଣ୍ଣର ସାଙ୍କେତିକ ରୂପ)

ନ୍+ଥ =ନ୍ଥ ('୍ଥ' - ଥ୍ ବର୍ଣ୍ଣର ସାଙ୍କେତିକ ରୂପ)

ମ୍+ଭ = ମ୍ଭ ('୍ଭ' - ଭ୍ ବର୍ଣ୍ଣର ସାଙ୍କେତିକ ଚିହ୍ନ ରୂପ)

ମ୍+ବ=ମ୍ବ ('୍ବ' - ବର୍ଗ୍ୟ ବ ବର୍ଣ୍ଣର ସାଙ୍କେତିକ ରୂପ)

ସ୍+କ=ସ୍କ ('୍କ' - କ୍ ବର୍ଣ୍ଣର ସାଙ୍କେତିକ ରୂପ) ଇତ୍ୟାଦି ।

ଆସ ଜାଣିରଖିବା - **କ, ଛ, ଜ, ଡ, ଢ, ତ, ଥ** - ଇତ୍ୟାଦି ବ୍ୟଞ୍ଜନ ବର୍ଣ୍ଣର କ୍ଷୁଦ୍ରାଂଶୀ ସାଙ୍କେତିକ ରୂପକୁ 'ଫଳା' କୁହାଯିବ ନାହିଁ ।

ଏଗୁଡ଼ିକ (୍କ, ୍ଥ, ୍ବ, ୍ଭ, ୍ତ) କେବଳ ସଂଯୁକ୍ତ ଆଧାର ବର୍ଣ୍ଣ ନିମିତ୍ତ ସହଯୋଗୀ ବର୍ଣ୍ଣର ସାଙ୍କେତିକ ରୂପମାତ୍ର ହୋଇଥାଏ ।

(ଗ) ଓଡ଼ିଆରେ ଯୁକ୍ତବର୍ଣ୍ଣ ଗଠନ ବେଳେ ଯଦି 'ର' ବର୍ଣ୍ଣ ଆରମ୍ଭରେ ରୁହେ ତା'ର ସଂକ୍ଷିପ୍ତ ରୂପକୁ 'ରେଫ୍' କୁହାଯାଏ ଏବଂ ତାହା ସାଂକେତିକ ଯୁକ୍ତଚିହ୍ନ ଭାବରେ ଦ୍ୱିତୀୟ ବର୍ଣ୍ଣର ଉପର ଭାଗର ଡାହାଣ ପାର୍ଶ୍ୱରେ ଲାଗିକରି ଯୋଗ କରାଯାଏ । ଯଥା- ର୍ + କ - ର୍କ / ର୍+ମ=ର୍ମ- ଅର୍କ, ତର୍କ, ମର୍ମ, କର୍ମ । ଓଡ଼ିଆରେ 'ର' ବର୍ଣ୍ଣର ପ୍ରାଥମିକ ସଂଯୁକ୍ତ ରୂପ ରେଫ୍‌କୁ "ରେଫ୍‌ଯୋଗ" କୁହାଯାଏ ।

**ମନେରଖ** - 'ର' ଯଦି ଦ୍ୱିତୀୟ ବର୍ଣ୍ଣରୂପ ମିଶିରହେ ତେବେ ତାହା ର-ଫଳା ('୍ର') ହୁଏ । (କ୍ରମ, ବକ୍ର, ଚକ୍ର)

ଏହିପରି 'ତ୍' ବ୍ୟଞ୍ଜନ ଯଦି ଯୁକ୍ତବ୍ୟଞ୍ଜନ ବର୍ଣ୍ଣ ଗଠନ ବେଳେ ଆରମ୍ଭରେ ପ୍ରଥମ ବର୍ଣ୍ଣ ହୋଇ ରହେ ତେବେ ତା'ର ସଂକ୍ଷିପ୍ତ ରୂପ '୍' ଏପରି ଭାବରେ ଭିନ୍ନ ପ୍ରକାରର ହୋଇଥାଏ । ଯଥା-

ତ୍+କ=ତ୍କ (ଉତ୍କଳ, ଉତ୍କର୍ଷ)

ତ୍+ପ=ତ୍ପ (ଉତ୍ପଳ, ଉତ୍ପନ୍ନ)

ତ୍+ସ=ତ୍ସ (ଉତ୍ସ, ଉତ୍ସବ)

ଅତଏବ ଓଡ଼ିଆରେ 'ତ୍' ବ୍ୟଞ୍ଜନ ବର୍ଣ୍ଣଟି ଯୁକ୍ତବର୍ଣ୍ଣ ଗଠନବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣ ଭାବରେ ଦୁଇ ପ୍ରକାରେ ସଂଯୁକ୍ତ ହୋଇଥାଏ । ଉଭୟ ପ୍ରକାର ସଂଯୁକ୍ତୀ ପାଇଁ 'ତ୍' ବର୍ଣ୍ଣର ଦୁଇପ୍ରକାର ସାଙ୍କେତିକ ଚିହ୍ନ (୍ତ, ୍ / ତପ୍ତ, ତତ୍ପର) ବ୍ୟବହୃତ ହୁଏ ।

(ଘ) ପ୍ରଥମ ବ୍ୟଞ୍ଜନବର୍ଣ୍ଣ ଭାବରେ ନ୍/ସ୍ ଥାଇ ଏଥିସହିତ ତ୍ ଓ ପରେପରେ ର ବ୍ୟଞ୍ଜନ ବର୍ଣ୍ଣ ଯୋଗହୁଏ ସେହି ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣ ତ୍ରିବର୍ଣ୍ଣୀ ଯୁକ୍ତ ବର୍ଣ୍ଣ ହୋଇଯାଏ । ଯଥା :

ନ୍+ତ୍+ର=ନ୍ତ୍ର (ଏହାର ଯୁକ୍ତାକ୍ଷରଟି ଏହିପରି-ନ୍ତ୍ର) ତନ୍ତ୍ର, ମନ୍ତ୍ର, ଯନ୍ତ୍ର ସ୍+ ତ୍+ର=ସ୍ତ୍ର (ଏହାର ଯୁକ୍ତାକ୍ଷରଟି ଏହିପରି-ସ୍ତ୍ର)-ବସ୍ତ୍ର, ଶାସ୍ତ୍ର, ସ୍ତ୍ରୀ ।

(ଙ) ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟଞ୍ଜନ ସହିତ ସେହି ବ୍ୟଞ୍ଜନ ପୁନର୍ବାର ମିଶି ଓଡ଼ିଆରେ 'ଦ୍ୱିତ୍ୱ (ଯୁକ୍ତ) ବ୍ୟଞ୍ଜନ' ବର୍ଣ୍ଣ ସୃଷ୍ଟି ହୋଇଥାଏ । କେତେକ ଦ୍ୱିତ୍ୱ (ଯୁକ୍ତ) ବ୍ୟଞ୍ଜନ ବର୍ଣ୍ଣ ନିମିତ୍ତ ଓଡ଼ିଆରେ ସ୍ୱତନ୍ତ୍ର ରୂପର ଯୁକ୍ତାକ୍ଷର ଲିପିରୂପ ରହିଛି । ଏ ପ୍ରକାର ବର୍ଣ୍ଣ ବା ଅକ୍ଷରକୁ ବନ୍ଧାକ୍ଷରର ବର୍ଣ୍ଣ ଭାବରେ ଘେନାଯାଏ । ଯଥା -

ଚ୍+ଚ=ଚ୍ଚ - ସଚ୍ଚା / ଟ୍+ଟ=ଟ୍ଟ-ପଟ୍ଟଚିତ୍ର / ତ୍+ତ=ତ୍ତ-ସତ୍ତା / ଛ୍+ଛ=ଚ୍ଛ / ବ୍+ବ=ବ୍ବ-ତିବ୍ବତ

ଦ୍+ଦ=ଦ୍ଦ - ଉଦ୍ଦେଶ୍ୟ

**ମନେରଖ** - ବିଷମ ବ୍ୟଞ୍ଜନ ବର୍ଣ୍ଣ ବା ଅଲଗା ଅଲଗା ବ୍ୟଞ୍ଜନ ବର୍ଣ୍ଣ ମିଶି ଓଡ଼ିଆରେ ସ୍ୱତନ୍ତ୍ର ଯୁକ୍ତବର୍ଣ୍ଣ ଗଠନ କରନ୍ତି । ଏଗୁଡ଼ିକୁ ବି ସ୍ୱତନ୍ତ୍ର ବନ୍ଧାକ୍ଷରରେ ଲେଖାଯାଏ । ଯଥା-

ଜ୍+ଞ=ଜ୍ଞ - ଜ୍ଞାନ / ବିଜ୍ଞ (ଜଟିଳ ଓ ବିଲୋପ ଭଙ୍ଗୀରେ ଗଠିତ ନାସିକ୍ୟ ଯୁକ୍ତବ୍ୟଞ୍ଜନ)

ଦ୍+ଧ=ଦ୍ଧ - ବୃଦ୍ଧ, ବୁଦ୍ଧ, ଆବଦ୍ଧ ।

ଦ୍+ଭ=ଦ୍ଭ - ଉଦ୍ଭିଦ, ଉଦ୍ଭବ, ତଦ୍ଭବ ।

## ୨.୯.୨ ବିଶେଷ ବୈଶିଷ୍ଟ୍ୟ :

(କ) ଓଡ଼ିଆରେ 'ର' ବର୍ଣ୍ଣର ଯୋଗରୂପ ରେଫ୍ ( ) ଓ 'ୟ' ଫଳା (୍ୟ) ବ୍ୟତୀତ ସମସ୍ତ ସାଙ୍କେତିକ ଫଳାଚିହ୍ନ ଓ ଯୁକ୍ତବ୍ୟଞ୍ଜନର ସଂକ୍ଷିପ୍ତ ଚିହ୍ନ ପ୍ରଥମ ବର୍ଣ୍ଣର ତଳେ ଲାଗିଥାଏ । ରେଫ୍ ବର୍ଣ୍ଣର ଉପରେ ଓ ୟ-ଫଳା ବର୍ଣ୍ଣର ଡାହାଣ ପାର୍ଶ୍ୱରେ ଲାଗେ ।

(ଖ) ଓଡ଼ିଆରେ 'ଡ' ଆଉ 'ତ' ବ୍ୟଞ୍ଜନର ସାଙ୍କେତିକ ଲିଖନରୂପ ସମାନ ଆକୃତିର । ଯଥା - '୍ଡ' (ମଣ୍ଡା, ଗେଣ୍ଡା, କାପ୍ତା, ଶସ୍ତା) ।

(ଗ) ଓଡ଼ିଆରେ ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ 'ବ' ର ସାଙ୍କେତି ଚିହ୍ନ, ୱ-ଅବର୍ଗ୍ୟ ବର୍ଣ୍ଣର ଫଳାଚିହ୍ନ ଆଉ 'ୟ'- ଫଳାର ଚିହ୍ନ ପ୍ରାୟ-ଏକାଭଳି ଯଥା - '୍ୟ' ।

(ଘ) ଫଳା ଚିହ୍ନ ! ସାମାନ୍ୟ ଛାଡିକରି ରୁହେ ଏବଂ ଯୁକ୍ତବର୍ଣ୍ଣର ସାଙ୍କେତିକ ଚିହ୍ନଗୁଡିକ ଲାଗିକରି ରୁହେ । ଯଥା-ଆମ୍ବ / ପକ୍ୱ / ସମ୍ବାଦ - ସତ୍ୱର / ଆମ୍ବିଳା - ବିଶ୍ୱ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଧ୍ୱନି, ଲିପି, ବର୍ଣ୍ଣ, ଅକ୍ଷର ସଂପର୍କରେ ପାଠରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି ।
- ଏ ସଂପର୍କିତ ଧାରଣା ସହିତ ଶିକ୍ଷକମାନେ ନିଜକୁ ସନ୍ଦେହମୁକ୍ତ କରିବା ସହିତ ଶିକ୍ଷାର୍ଥୀମାନଙ୍କର ଧାରଣାକୁ ଦୃଢ଼ କରିବେ ।
- ଆବଶ୍ୟକ ସ୍ଥଳେ ଅଧିକ ତଥ୍ୟ ସଂଗ୍ରହ କରି ପ୍ରସ୍ତୁତ ହେବେ ।

## ଅଭ୍ୟାସ କାର୍ଯ୍ୟ

**୧. ଆସ କଥାବାର୍ତ୍ତା ହେବା-**

କ) ଧ୍ୱନି କହିଲେ ଆମେ କ'ଣ ବୁଝୁ ?

ଖ) ବର୍ଣ୍ଣ ଓ ଅକ୍ଷର ମାଧ୍ୟମରେ ପାର୍ଥକ୍ୟ କ'ଣ ?

ଗ) ଓଡ଼ିଆରେ ସ୍ୱରଧ୍ୱନି ଓ ବ୍ୟଞ୍ଜନ ଧ୍ୱନିର ସଂଖ୍ୟା କେତେ ?

ଘ) ବର୍ଣ୍ଣମାଳାକୁ କେତେ ଭାଗରେ ବିଭକ୍ତ କରାଯାଏ ଓ କ'ଣ କ'ଣ ?

ଙ) କେଉଁ ବର୍ଣ୍ଣଗୁଡ଼ିକ ଆଶ୍ରିତବ୍ୟଞ୍ଜନ ?

**୨. ଅଲଗାଟିକୁ ବାଛି ପାଖ କୋଠରିରେ ଲେଖିବା ।**

କ) କ୍, ଚ୍, ଠ୍, ତ୍, ପ୍ [ ]

ଖ) ଙ, ଣ, ନ, ଞ, ଙ୍କ [ ]

ଗ) ପ୍, ର୍, ଇ, ଶ୍, ବ୍ [ ]

ଘ) ମ, ନ, ଳ, ଭ, ବ [ ]

ଙ) ଶ, ଷ, ସ, ହ, କ୍ଷ [ ]

**୩. ଭୁଲ୍ ଉତ୍ତରଟିକୁ ବାଛି କୋଠରିରେ ଲେଖିବା :**

ବର୍ଣ୍ଣମାଳାରେ ସ୍ଥାନ ପାଇବାକୁ ଯୋଗ୍ୟ ବର୍ଣ୍ଣର ଲକ୍ଷଣ ହେଉଛି -

କ) ଶବ୍ଦର ଆରମ୍ଭ, ମଧ୍ୟ ଓ ଶେଷରେ ରହିପାରେ ।

ଖ) ଶବ୍ଦରେ ବର୍ଣ୍ଣର ସ୍ଥାନ ବଦଳିଗଲେ ଶବ୍ଦର ଅର୍ଥ ବଦଳି ନଥାଏ ।

ଗ) ମୌଳିକ ଉଚ୍ଚାରଣ ଯୋଗ୍ୟ ହୋଇଥାଏ ।

ଘ) ସ୍ୱର ଓ ବ୍ୟଞ୍ଜନ ଧର୍ମ ରଖୁଥିବ / ରକ୍ଷାକରେ ।

ଉ.

**୪. ଠିକ ଉତ୍ତରଟି କୋଠରିରେ ଲେଖିବା :-**

ଓଡ଼ିଆ ଭାଷାରେ –

କ) ମୋଟ ଧ୍ୱନି ସଂଖ୍ୟା ୪୧ ଓ ବର୍ଣ୍ଣ ସଂଖ୍ୟା ୪୮ ।

ଖ) ମୋଟ ଧ୍ୱନି ସଂଖ୍ୟା ୩୮ ଓ ବର୍ଣ୍ଣ ସଂଖ୍ୟା ୫୦ ।

ଗ) ମୋଟ ଧ୍ୱନି ସଂଖ୍ୟା ୪୧ ଓ ବର୍ଣ୍ଣ ସଂଖ୍ୟା ୫୦ ।

ଘ) ମୋଟ ଧ୍ୱନି ସଂଖ୍ୟା ୪୧ ଓ ବର୍ଣ୍ଣ ସଂଖ୍ୟା ୫୪ ।

**୫. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା :**

କ) ଆମେ ଜାଣିଥିବା କେଉଁ ଭାଷାରେ ବର୍ଣ୍ଣ ସଂଖ୍ୟା କମ୍ ଓ ଧ୍ୱନି ସଂଖ୍ୟା ଅଧିକ ?

ଉ.

ଖ) ସ୍ୱରବର୍ଣ୍ଣ କାହାକୁ କୁହାଯାଏ ?

ଉ.

ଗ) ଓଡ଼ିଆ ଭାଷାରେ କେତୋଟି ସ୍ୱରଧ୍ୱନି ଅଛି ଓ କ'ଣ କ'ଣ ?

ଉ.

ଘ) ସ୍ୱରଧ୍ୱନିର ବର୍ଣ୍ଣ ସଂଖ୍ୟା କେତେ ଓ ସେଗୁଡ଼ିକ କ'ଣ କ'ଣ ?

ଉ.

ଙ) ବ୍ୟଞ୍ଜନବର୍ଣ୍ଣ କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?

ଉ.

ଚ) 'ମାତ୍ରା' କାହାକୁ କହନ୍ତି ।

ଉ.

ଛ) 'ଫଳା' କହିଲେ କ'ଣ ବୁଝ ?

ଉ.

୬. ତଳେ ଦିଆଯାଇଥିବା ଶବ୍ଦ ଗୁଡ଼ିକର କୌଣସି ଅକ୍ଷରରେ ଃ, ଂ , ଁ ମଧ୍ୟରୁ ଯେ କୌଣସି ଗୋଟିଏ ଲଗାଇଲେ ଶବ୍ଦର ଅର୍ଥ ବଦଳିଯିବ, ଯଥା = ପାଇ - ପାଇଁ ('ଇ' ଅକ୍ଷରରେ ଚନ୍ଦ୍ରବିନ୍ଦୁ)

ମାସ -

ଆ -

କାଇ -

ଚାହି -

ବର -

ଭ -

୭. ଆସ, ଅଲଗା ବର୍ଣ୍ଣଟିକୁ ଚିହ୍ନାଇବାପାଇଁ କାରଣ ସହ ଉତ୍ତର ପାଖ କୋଠରିରେ ଲେଖିବା ।

| | ଉତ୍ତର | କାରଣ |
|---|---|---|
| ଯେପରି - ଖ, ଛ, ଠ, ଥ, ପ | 'ପ' ଏହା ବର୍ଗର ପ୍ରଥମ ବ୍ୟଞ୍ଜନ ଓ | ଅନ୍ୟ ଗୁଡ଼ିକ ବର୍ଗର ଦ୍ୱିତୀୟ ବ୍ୟଞ୍ଜନ |
| କ) ଗ, ଚ, ଡ, ଣ, ର | ଉତ୍ତର | କାରଣ |
| | | |
| ଖ) ଘ, ସ, ଡ, ନ, ଚ | | |
| ଗ) ୟ, ଓ୍ୱ, ଐ, ଙ | | |
| ଘ) ଟ, ବ, ଡ, ଠ, ଢ଼ | | |
| ଙ) ର, ଳ, ଲ, ଞ, ୟ, | | |

୮. ପାଖ କୋଠରିରେ ଗୋଟିଏ ଶବ୍ଦରେ ଉତ୍ତର ଲେଖ:

କ) " ଁ " କି ପ୍ରକାର ବର୍ଣ୍ଣ ?

ଖ) କେଉଁ ବର୍ଣ୍ଣଗୁଡ଼ିକର ବର୍ଗ ନାହିଁ ?

ଗ) ମୁଖରୁ ଉଚ୍ଚାରିତ ହେଲେ -

ଘ) ମୁଖରୁ ଉଚ୍ଚାରିତ ହୋଇ ଲିଖିତ ରୂପ ନେଲେ -

ଚ) ବର୍ଣ୍ଣର ସାର୍ଥକ ଓ ପଦ୍ଧତିବଦ୍ଧ ସମାହାରକୁ କ'ଣ କୁହାଯାଏ ?

୯. 'କ' ସ୍ତମ୍ଭରେ ଥିବା ବର୍ଣ୍ଣ ସହିତ 'ଖ' ସ୍ତମ୍ଭରେ ସଂପର୍କ ଥିବା ଉକ୍ତିକୁ ମେଳାଇବା ।

| 'କ' | 'ଖ' |
|---|---|
| ଃ | ଓଡ଼ିଆରେ ସ୍ୱତନ୍ତ୍ର ଉଚ୍ଚାରଣ ନ ଥିବା ବର୍ଣ୍ଣ |
| ଐ | ମୂର୍ଦ୍ଧଣ୍ୟ ବ୍ୟଞ୍ଜନବର୍ଣ୍ଣ |
| ଶ | ଅଯୋଗବାହ ବ୍ୟଞ୍ଜନ |
| ଯ | ସଂଯୁକ୍ତସ୍ୱର |
| ଣ | ଉପରେ ଯୋଗ ହେଉଥିବା ଚିହ୍ନ |
| ଁ | ଉଷ୍ମବର୍ଣ୍ଣ |

୧୦. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଆଉ କିପରି ବିକଳ୍ପରେ ଲେଖିପାରିବା ? ଯେପରି ମାଙ୍କଡ଼ = ମାଂକଡ଼

କ) ବାଞ୍ଛା =

ଖ) ତନ୍ତ୍ର =

ଗ) ଉତ୍ସାହ =

ଘ) ପାଞ୍ଚଣ =

ଙ) ମୁଗ୍ଧ =

-୦-

ଦ୍ୱିତୀୟ ଅଧ୍ୟାୟ

# ଶବ୍ଦ ବିଭାଗ

IY5R68

## ୨.୧ (କ) ଶବ୍ଦ କ'ଣ ?

ଗୋଟିଏ ଅକ୍ଷର କିମ୍ବା, ଗୋଟିଏରୁ ଅଧିକ ଅକ୍ଷର ଏକାଠି ମିଶି ଏକ ନିର୍ଦ୍ଦିଷ୍ଟ ଅର୍ଥ ବୁଝାଉଥିଲେ ତାକୁ ଶବ୍ଦ କୁହାଯାଏ । କିନ୍ତୁ ଏକ ବା ଏକରୁ ଅଧିକ ଅକ୍ଷର ଏକାଠି ହେଲେ ମଧ୍ୟ ଯଦି କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନବୁଝାଏ ତେବେ ତାହାକୁ ଶବ୍ଦ କୁହାଯିବ ନାହିଁ । ଯେପରି–

'ଜଳ'ର ଅର୍ଥ – ପାଣି, ସାଧା ତରଳ, ସ୍ନାନଯୋଗ୍ୟ, ପାନଯୋଗ୍ୟ ଇତ୍ୟାଦି

'କପୋତ'ର ଅର୍ଥ – ଏକ ପ୍ରକାରର ପକ୍ଷୀ

ଏହି ଅକ୍ଷର ବା ଅକ୍ଷର ସମୂହର ଅର୍ଥ ଥିବାରୁ ଏଗୁଡ଼ିକ ଗୋଟିଏଗୋଟିଏ ଶବ୍ଦ କିନ୍ତୁ ଠଗପ, ଖଳିଙ୍ଗ, ନଦନଳମ ଭଳି ଅକ୍ଷର-ସମୂହର ନିର୍ଦ୍ଦିଷ୍ଟ ଅର୍ଥ ନଥିବାରୁ ଏଗୁଡ଼ିକୁ ଶବ୍ଦ କୁହାଯାଇପାରିବ ନାହିଁ ।

### (ଖ) ଶବ୍ଦର ସ୍ୱରୂପ

ଅକ୍ଷର ସଂଖ୍ୟା ଆଧାରରେ ଶବ୍ଦ ଏକ, ଦୁଇ, ତିନି, ଚାରି ବା ପାଞ୍ଚ ଅକ୍ଷର ବିଶିଷ୍ଟ ହୋଇପାରେ । ପୂର୍ବରୁ 'ଅକ୍ଷର' ଆଲୋଚନାବେଳେ ଏ ସମ୍ପର୍କରେ ସୂଚନା ଦିଆଯାଇଅଛି । ଏହାଠୁ ଅଧିକ ସଂଖ୍ୟାକ ଅକ୍ଷର ଥିବା ଶବ୍ଦ ଓଡ଼ିଆ ଭାଷାରେ କ୍ୱଚିତ୍ ମିଳେ ।

ବ୍ୟବହାର, ଉଚ୍ଚାରଣ ଓ ଅର୍ଥ ଆଧାରରେ ଶବ୍ଦଗୁଡ଼ିକୁ ପ୍ରତିଶବ୍ଦ, ସମୋଚ୍ଚାରିତ ଶବ୍ଦ, ବିପରୀତ ଶବ୍ଦ, ସମାର୍ଥବୋଧକ ଶବ୍ଦ ଆଦି ବିଭିନ୍ନ ଭାବରେ ବିଭକ୍ତ କରାଯାଏ । ଏ ସମ୍ପର୍କରେ ଅଧିକ ଅଧ୍ୟୟନ ଉପର ଶ୍ରେଣୀରେ କରାଯିବ ।

## ୨.୨ ଶବ୍ଦ ଭେଦ

ଯେଉଁ ଭାଷାର ଶବ୍ଦଭଣ୍ଡାର ଯେତେ ସମୃଦ୍ଧ, ସେହି ଭାଷା ସେତେ ବଳିଷ୍ଠ । ତେଣୁ ଶବ୍ଦଭଣ୍ଡାର ଆମ ଭାଷା ଭଣ୍ଡାରର ଅମୂଲ୍ୟ ସମ୍ପଦ । ଶବ୍ଦର ଦୁଇଟି ରୂପ ଥାଏ । ଗୋଟିଏ ବାହ୍ୟିକ ରୂପ ଓ ଅନ୍ୟଟି ଆନ୍ତରିକ ରୂପ ।

ବାହ୍ୟିକ ରୂପ – ଶବ୍ଦଟିକୁ ଆମେ ଆଖିରେ ଯେଉଁ ରୂପରେ ଦେଖୁ ତାହା ତା'ର ବାହ୍ୟିକ ବା ବାହ୍ୟ ରୂପ । ଯେପରି– ସାମାଜିକକୁ ଆମେ 'ସାମାଜିକ' ପରି ଆକ୍ଷରିକ ରୂପ- ପୁସ୍ତକର ଶବ୍ଦ ଦୃଷ୍ଟି ପଥରେ ମିଳି ଜାଣେ ବା ଅର୍ଥ ରହିଛି । ଶବ୍ଦର ବ୍ୟୁତ୍ପତ୍ତି ଓ ଅର୍ଥ ଏହାର ଆନ୍ତରିକ ରୂପ । ଯେପରି ସାମାଜିକ: ସମାଜ+ଇକ=ସାମାଜିକ ଅର୍ଥାତ୍ ମଣିଷ ସୋହାର୍ଦ୍ଦ ଭାବେ ଯେଉଁ ଜୀବନ ଗ୍ରହଣ କରେ ।

ଆମେ ଉପରେ ଆଲୋଚନା କରିଛନ୍ତୁ ଯେ ଶବ୍ଦଭଣ୍ଡାର ଆମ ଭାଷାର ଅମୂଲ୍ୟ ସମ୍ପଦ । ପ୍ରଧାନତଃ ଆମ ଭାଷାରେ ଉତ୍ପତ୍ତି ଦୃଷ୍ଟିରୁ ଚାରିପ୍ରକାର ଶବ୍ଦ ବ୍ୟବହାର କରାଯାଏ । ତାହା ହେଲା ତତ୍ସମ, ତଦ୍ଭବ, ଦେଶଜ ଓ ଆଗନ୍ତୁକ ।

**(କ) ତତ୍ସମ ଶବ୍ଦ :** 'ତତ୍ସମ' ବା 'ତତ୍‌ସମ' ଶବ୍ଦର ଅର୍ଥ ହେଉଛି 'ତାହାପରି', ଅର୍ଥାତ୍ ସଂସ୍କୃତଭାଷାର ଶବ୍ଦ ପରି । ଆମ ଓଡ଼ିଆଭାଷାରେ ସଂସ୍କୃତଭାଷାର କେତେକ ଶବ୍ଦ ଅବିକଳ ବ୍ୟବହାର କରାଯାଏ । ସେହି ଶବ୍ଦଗୁଡ଼ିକ ସଂସ୍କୃତରେ ଯେପରି, ଓଡ଼ିଆରେ ମଧ୍ୟ ସେପରି । ଏଭଳି କେତେକ ଶବ୍ଦର ଉଦାହରଣ ହେଉଛି – ନଦୀ, ଅରଣ୍ୟ, ହସ୍ତୀ, ରବି, ଶଶୀ, ତାରା, ଆନନ୍ଦ, କ୍ଷୁଦ୍ର, ସୂର୍ଯ୍ୟ, ଈଶ୍ୱର, ଗାଭୀ, ବଧୂ, କୂପ, କରୁଣା, ଫଳ, ପିତା, ସତ୍ୟ, ସୁନ୍ଦର, ରାଷ୍ଟ୍ର, ପ୍ରସ୍ଥାନ, ପରିଧାନ, ଲତା, ସଖା, ପତ୍ନୀ, ପ୍ରାଚୀନ, ଅଟ୍ଟାଳିକା, କୃତଜ୍ଞ, ଦକ୍ଷିଣ, କୃଷ୍ଣ, ଜାଗ୍ରତ, ମିତ୍ର, ଗହ୍ୱର, ପ୍ରତିଷ୍ଠା, ଅଭିଷେକ ଇତ୍ୟାଦି ।

**(ଖ) ତଦ୍ଭବ ଶବ୍ଦ :** ପୂର୍ବରୁ ଆଲୋଚନା କରାଯାଇଛି ଯେ କୌଣସି ଭାଷା ଅପରିବର୍ତ୍ତନୀୟ ନୁହେଁ । ଲୋକମାନେ କଥା କହିବାବେଳେ କଷ୍ଟ ଶବ୍ଦର ଉଚ୍ଚାରଣ ସହଜଭାବେ କରିଥାନ୍ତି । ଯେମିତି 'ଚନ୍ଦ୍ର'କୁ 'ଚାନ୍ଦ', 'ଜ୍ୟୋସ୍ନା'କୁ 'ଜହ୍ନ' କୁହାଯାଉଛି । ଏହିପରି ଭାବରେ ସଂସ୍କୃତଭାଷାର ଯେଉଁ ଶବ୍ଦଗୁଡ଼ିକର ଉଚ୍ଚାରଣ ପରିବର୍ତ୍ତନ ହୋଇ ଓଡ଼ିଆଭାଷାରେ ବ୍ୟବହୃତ ହୁଏ ସେଗୁଡ଼ିକୁ ତଦ୍‌ଭବ ଶବ୍ଦ କୁହାଯାଏ । 'ତଦ୍ଭବ' ବା 'ତଦ୍‌ଭବ' ଶବ୍ଦର ଅର୍ଥ ହେଉଛି ତହିଁରୁ ଜାତ ବା ସଂସ୍କୃତରୁ ଜାତ ହୋଇଛି । ତଳ ଶବ୍ଦଗୁଡ଼ିକୁ ଲକ୍ଷ୍ୟ କଲେ ଆମେ ଏହାକୁ ସହଜରେ ବୁଝିପାରିବା ।

| ମୂଳ ସଂସ୍କୃତ ଶବ୍ଦ | ତଦ୍ଭବ ଶବ୍ଦ | ମୂଳ ସଂସ୍କୃତ ଶବ୍ଦ | ତଦ୍ଭବ ଶବ୍ଦ |
|---|---|---|---|
| ନଦୀ | ନଈ | ନକୁଳ | ନେଉଳ |
| ଗ୍ରାହକ | ଗରାଖ | ନୃତ୍ୟ | ନାଚ |
| ଗୋଷ୍ଠ | ଗୋଠ | ସର୍ପ | ସାପ |
| ଘୃତ | ଘିଅ | ଗୃହିଣୀ | ଘରଣୀ |
| ପୁଷ୍କରିଣୀ | ପୋଖରୀ | ଓଷ୍ଠ | ଓଠ |
| ନଗର | ନଅର | ଗୋସ୍ୱାମୀ | ଗୋସାଇଁ |
| ଭଗିନୀ | ଭଉଣୀ | ଷଷ୍ଠୀ | ଷଠୀ |
| ପୁତ୍ର | ପୁଅ | ସପ୍ତ | ସାତ |
| ମାତା | ମାଆ | ଶ୍ମଶାନ | ମଶାଣି |
| ଶୃଗାଳ | ଶିଆଳ | ମସ୍ତକ | ମଥା ଇତ୍ୟାଦି । |
| ମୃତ୍ତିକା | ମାଟି | | |

ଏହିଭଳି ଅନେକ ଶବ୍ଦ ଆମ ଭାଷାରେ ବ୍ୟବହାର କରାଯାଏ ।

**(ଗ) ଦେଶଜ ଶବ୍ଦ :** ଆମ ଭାଷାରେ ବ୍ୟବହୃତ କେତେକ ଶବ୍ଦ ସଂସ୍କୃତ ବା ପ୍ରାକୃତ ଭାଷାରୁ ଆସିନାହିଁ । ଆମ ଦେଶରେ ବସବାସ କରୁଥିବା ପ୍ରାଚୀନ ଆଦିବାସୀ ଭାଷାରୁ ଆସି ଆମ ଭାଷାରେ ପ୍ରଚଳିତ ହୋଇଛି । ପୁଣି ଅନେକ ଶବ୍ଦ ଓଡ଼ିଶାରେ ବାସ କରୁଥିବା ଜନସାଧାରଣଙ୍କ ତୁଣ୍ଡରୁ ମଧ୍ୟ ସୃଷ୍ଟି ହୋଇଛି । ଏ ପ୍ରକାର ଶବ୍ଦଗୁଡ଼ିକ ନିଜ ଦେଶର ମୂଳ ସୃଷ୍ଟି ହୋଇଥିବାରୁ ଏଗୁଡ଼ିକୁ ଦେଶରୁ ଜାତ ବା ଦେଶଜ ଶବ୍ଦ କୁହାଯାଏ । ଏପରି ଶବ୍ଦଗୁଡ଼ିକ ହେଲେ- ଅଳରା, ଅଖାଡୁଆ, କତରା, କାକରା, କୁଟା, କୋରଡ଼ା, ଏଣ୍ଡୁରି, ଠାପୁଆ, ହିଡ଼, ଟାପରା, ତୋରାଣି, ଓରା, ଝାଟୁଆ, ଖପରା, ଧେଣ୍ଡୁରା, କୁଟୁତୁଣୀ, ଗାଲୁ, ଛାପ, ତଉଲ, ଡେଣା ଇତ୍ୟାଦି ।

**(ଘ) ଆଗତ ଶବ୍ଦ –** ପୃଥିବୀର କୌଣସି ଭାଷା ଅବିମିଶ୍ର ନୁହେଁ, ଏକଥା ଅମେ ପୂର୍ବରୁ ଆଲୋଚନା କରିଛନ୍ତି । ଆମ ଭାଷା ଓଡ଼ିଆ ମଧ୍ୟ ଅନ୍ୟ ଭାଷାରୁ ଶବ୍ଦ ଆହରଣ କରି ନିଜ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଛି । ଏଗୁଡ଼ିକୁ ଆଗତ ଶବ୍ଦ କୁହାଯାଏ । ଭିନ୍ନଭିନ୍ନ ଭାଷାଭାଷୀ ଲୋକ ବିଭିନ୍ନ କାରଣରୁ ପରସ୍ପରର ସଂସ୍ପର୍ଶରେ ଆସିଲେ ଏପରି ଆଦାନପ୍ରଦାନ ହୋଇଥାଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନେ ବାସ କରନ୍ତି । ସେମାନେ ମଧ୍ୟ ଭିନ୍ନଭିନ୍ନ ଭାଷା ବ୍ୟବହାର କରନ୍ତି । ନିତିଦିନିଆ ଚଳଣିରେ ହାଟବଜାରରେ, ଅନ୍ୟାନ୍ୟ କାର୍ଯ୍ୟରେ ଓଡ଼ିଆ ଭାଷାଭାଷୀ ଲୋକ ଆଦିବାସୀ ଭାଷାଭାଷୀ ଲୋକଙ୍କ ସହ ମିଶିଥା'ନ୍ତି । ଫଳରେ ଏମାନଙ୍କ ଭାଷାର ଅନେକ ଶବ୍ଦ ମିଶ୍ରଣ ହୋଇଥାଏ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଦକ୍ଷିଣ ସୀମାରେ ତେଲୁଗୁ ଭାଷାଭାଷୀ ଅଞ୍ଚଳ ଏକତ୍ର ଭାବେ ରହିଛି । ତେଣୁ ଉଭୟ ଭାଷାର ଶବ୍ଦଭଣ୍ଡାରରେ ବହୁ ଶବ୍ଦ ଗୃହୀତ ହୋଇଛି । ଅତୀତରେ ସୁଦୂର ଦକ୍ଷିଣ ଭାରତରୁ ତାମିଲ ଭାଷାଭାଷୀ ଗଙ୍ଗବଂଶର ରାଜା ଓଡ଼ିଶାର ଗଜପତି ଭାବରେ ଶାସନ କରୁଥିଲେ । ଓଡ଼ିଶାର ସୂର୍ଯ୍ୟବଂଶୀ ରାଜାମାନେ ମଧ୍ୟ ଦକ୍ଷିଣ ଭାରତର ବହୁ ଅଞ୍ଚଳ ଜୟ କରି ଶାସନ ପ୍ରତିଷ୍ଠା କରିଥିଲେ । ଏହି କାରଣରୁ ଉଭୟ ଭାଷାଭାଷୀ ଲୋକଙ୍କର ମିଳନ ଘଟିଥିଲା । ତେଣୁ କେତେକ ତାମିଲ ଶବ୍ଦ ଓଡ଼ିଆ ଭାଷାରେ ବ୍ୟବହୃତ ହେବାର ଉଦାହରଣ ମିଳେ । ତେଲୁଗୁ, ତାମିଲ ଆଦି ଭାଷାଭାଷୀମାନେ 'ଦ୍ରାବିଡ଼' ଭାବରେ ପରିଚିତ ହେଉଥିବାରୁ ଏହି ଭାଷାରୁ ଆଗତ ଶବ୍ଦଗୁଡ଼ିକୁ ଦ୍ରାବିଡ଼ ଶବ୍ଦ କୁହାଯାଇଥାଏ । ସେହିପରି ମୁସଲମାନ ମୋଗଲ ଶାସନ ଓ ଇଂରେଜମାନଙ୍କ ଶାସନ ବେଳେ ଅନେକ ନୂଆ ନୂଆ ଶବ୍ଦ ଆମ ଭାଷାକୁ ଆସିଛି, ପର୍ତ୍ତୁଗୀଜମାନେ ଓଡ଼ିଶାରେ ବ୍ୟବସାୟ ବାଣିଜ୍ୟ କରୁଥିଲେ । ତେଣୁ କେତେକ ପର୍ତ୍ତୁଗୀଜ ଶବ୍ଦ ମଧ୍ୟ ଓଡ଼ିଆ ଭାଷାରେ ମିଳିଥାଏ । ବିଜ୍ଞାନର ବିକାଶ ଫଳରେ ଆଜି ବହୁ ନୂଆନୂଆ ଶବ୍ଦ ଆମ ଭାଷାର ଶବ୍ଦଭଣ୍ଡାରକୁ ପ୍ରବେଶ କରୁଛି । ଏହି ସବୁ ଆଗତ ଶବ୍ଦର କେତେକ ଉଦାହରଣ ନେଇ ଏ ସମ୍ବନ୍ଧରେ ଜାଣିବା ।

ଓଡ଼ିଆଭାଷାରେ ବ୍ୟବହୃତ ଆଗତ ଶବ୍ଦଗୁଡ଼ିକୁ ଦୁଇଟି ଉପ ବିଭାଗରେ ବିଭକ୍ତ କରାଯାଇଥାଏ । (୧) ଦେଶୀୟ (୨) ବୈଦେଶିକ । ଆଦିବାସୀଭାଷା ଓ ଦ୍ରାବିଡ଼ଭାଷାରୁ ଆଗତ ଶବ୍ଦଗୁଡ଼ିକ ଦେଶୀୟ ଏବଂ ଆରବୀ, ପାର୍ସୀ, ତୁର୍କୀ, ପର୍ତ୍ତୁଗୀଜ, ଇଂରାଜୀ ଆଦି ଭାଷାରୁ ଆଗତ ଶବ୍ଦ ୟୁରୋପୀୟ ବା ବୈଦେଶିକ ଶବ୍ଦ । ଭାରତରେ ବିଦେଶରୁ ଆସି ଶାସନ କରୁଥିବା ମୁସଲମାନ ଓ ମୋଗଲମାନଙ୍କୁ ଯବନ କୁହାଯାଇଥିଲା । ତେଣୁ ସେମାନଙ୍କଦ୍ୱାରା ବ୍ୟବହୃତ ଆରବୀ, ପାର୍ସୀ, ତୁର୍କୀ ଇତ୍ୟାଦି ଭାଷାରୁ ଆସିଥିବା ବୈଦେଶିକ ଶବ୍ଦଗୁଡ଼ିକୁ ଯାବନିକ ଶବ୍ଦ କୁହାଯାଏ ।

**(କ) ଆଦିବାସୀ ଶବ୍ଦ :**

ଓରା, ଚାଳ, କୋଡ଼ି, ଭଅଁର, ଡାଳ, ଓଳି, ହଡ଼ା ...

**(ଖ) ଦ୍ରାବିଡ଼ ଶବ୍ଦ :**

ଆରିସା, ତୋଟା, ଗିଲା, ପିଲା, ବିଲ, ସାନ, ଆଟିକା, କୁଡୁଆ ....

**ଆରବୀ ଶବ୍ଦ :** ଅକଲ, ଅକସ, ଅଦାଲତ, ଇଲମ, ଇସାରା, ଅକ୍ତିଆର, କବର, କାଇଦା, କାଜି, କୋରଖ, କିଲ୍ଲା, ଜିଲ୍ଲା, ଜାରି, କରାମତ, ଦିମାକ, ଜବତ, ଜମି, ଜମିଦାର, ଜବାବ, ଜାରି, ଦୁନିଆ, ଦାଖଲ, ବାତିଲ... ।

**ପାର୍ସୀ ଶବ୍ଦ :** ଅବକାରୀ, ଅମିନ, ଅନ୍ଦାଜ, ଅବସୋସ, ଆମଦାନୀ, କୁର୍ତ୍ତା, କିନାରା, କିସ୍ତି, ଖପା, ଖାନସମା, ଖାତିର, ଗଞ୍ଜି, ଗରିବ, ଗିରଫ, ଗୁମାନ, ତକିଆ, ତଲାସ, ଜହର, ଜାଗା, ନିହାଲ, ନାଲିସ, ନଫା, ଜାହାଜ, ଜୋର, ପେସ୍କାର, ପଞ୍ଜା, ସୁମାରି, ଆଇନ, ଖାଉନ୍ଦ, କୈଫିୟତ...

**ତୁର୍କୀ ଶବ୍ଦ :** କାବୁ, କୁଲି, ଗାଲିଚା, ଚାକୁ, ତୋପ, ବାରୁଦ, ବନ୍ଧୁକ, ବାହାଦୁର, ଲାସ୍...

**ପର୍ତ୍ତୁଗୀଜ ଶବ୍ଦ -** ଆତ, ଆଲମାରି, କାଜ, କାମିଜ, ଗିର୍ଜା, ପାଦ୍ରି, ଫିତା, ବାଲ୍ତି, ନିଲାମ, ମିସ୍ତ୍ରି, ସାଗୁ...

**ଇଂରାଜୀ ଶବ୍ଦ -** ଅପରେସନ୍, ଅର୍ଦ୍ଦଳି, ଆମ୍ଲେଟ୍, କପ୍, କଲେଜ, କୁପନ, ଚେୟାର, ଟେବୁଲ, ପେନ୍, ପେନ୍ସିଲ, ଅଫିସ୍, ରବର, ସାଇକେଲ, ସାର୍ଟ, ପ୍ୟାଣ୍ଟ, ବେଲ୍ଟ, ବେଞ୍ଚ, ଡାକ୍ତର, ମେଡିସିନ୍, ବ୍ଲକ୍, ଭୋଟ୍, ସିନେମା, ଫାଇଲ, ଲଣ୍ଠନ, ରେଲୱେ, ମାଷ୍ଟର,ଜଜ୍, ବାକ୍ସ, ବୋର୍ଡ଼, ଟାଇମ୍, ପୁଲିସ୍, ଡଜନ୍, ହାରମୋନିୟମ୍, ପିନ୍, ଷ୍ଟାପ୍ଲର୍, ସ୍କେଲ୍, ଅର୍ଡ଼ର, ଟିକେଟ୍, ଟେଲିଭିଜନ, ମୋବାଇଲ, ବ୍ୟାଗ୍, କରେଣ୍ଟ, ପଲିଥିନ୍, ସିମେଣ୍ଟ, ଆଜ୍‌ବେଷ୍ଟ, କାର୍, ବସ୍, ମଟରସାଇକେଲ୍, ଫ୍ୟାନ୍, ଇନ୍‌ଭର୍ଟର, କଲର୍, ଟର୍ଚ୍ଚ, ବାର୍‌ଲାଇଟ୍...

ସାଧାରଣତଃ ଆମ ଭାଷାରେ ପ୍ରଚଳିତ ଶବ୍ଦଗୁଡ଼ିକ ଦୁଇ ଭାଗରେ ବିଭକ୍ତ କରାଯାଏ, ମୌଳିକଶବ୍ଦ ଓ ଯୁଗ୍ମଶବ୍ଦ ।

### ୩.୨.୨ ମୌଳିକଶବ୍ଦ

ଆମ ଭାଷା ରାଇଜରେ ଅନେକ ମୌଳିକଶବ୍ଦ ଅଛନ୍ତି । ଯେଉଁ ଶବ୍ଦରୁ ଗୋଟିଏ ହେଲେ ଅକ୍ଷର କାଟିହୁଏ ନାହିଁ ସେଗୁଡ଼ିକ ମୌଳିକଶବ୍ଦ । ମୌଳିକଶବ୍ଦର ଗୋଟିଏ ଅକ୍ଷର କାଟିଦେଲେ ତା'ର ଅଙ୍ଗହାନି ହେବା ସଙ୍ଗେସଙ୍ଗେ ଅର୍ଥପ୍ରକାଶ କରିପାରେ ନାହିଁ । ଉଦାହରଣ ସ୍ୱରୂପ - ନଡ଼ିଆ, ହଡ଼ା, ଘର, ଟଙ୍କା, ପର, ପଇଡ଼, ଭଉଣୀ ପ୍ରଭୃତି ।

### ୩.୨.୩ ଯୁଗ୍ମଶବ୍ଦ

ବ୍ୟବସାୟରେ <u>ଲାଭକ୍ଷତି</u> ଲାଗିରହିଛି ।

ବାହାପୁଆଣିରେ <u>ବନ୍ଧୁବାନ୍ଧବ</u> ଘରକୁ ଆସନ୍ତି ।

ପଡ଼ୋଶୀଙ୍କ ସହିତ <u>ଝଗଡ଼ାଝାଟି</u> କରିବା ଉଚିତ ନୁହେଁ ।

ପିଲାମାନେ, <u>ପଢ଼ାପଢ଼ିକୁ</u> ଗୁରୁତ୍ୱ ଦିଅ ।

କିଏ କବାଟ <u>ଠକ୍‌ଠକ୍</u> କରୁଛି ?

<u>ମଡ଼ମଡ଼</u> ଶବ୍ଦ କରି ଡାଳଟା ଭାଙ୍ଗିଗଲା ।

ଉପରେ ଗାର ଦିଆଯାଇଥିବା ଶବ୍ଦଗୁଡ଼ିକ ଆମ ଭାଷାର ଗୋଟିଏଗୋଟିଏ ଯୁଗ୍ମଶବ୍ଦ ବା ଯୋଡ଼ିଶବ୍ଦ । ଆମେ କଥାବାର୍ତ୍ତା କଲାବେଳେ ବା ଲେଖିଲାବେଳେ ଏପରି ଅନେକ ଯୁଗ୍ମଶବ୍ଦ ବ୍ୟବହାର କରିଥାଉ । ଏହାଦ୍ୱାରା ଆମ କଥା ବା ଲେଖା ଅର୍ଥପୂର୍ଣ୍ଣ ହେବା ସହିତ ଶ୍ରୁତି ମଧୁର ହୁଏ ।

ମନେରଖିବା - ଯୁଗ୍ମଶବ୍ଦ ଛାଡ଼ିଛାଡ଼ି ଲେଖାଯାଏ ନାହିଁ, ଲାଗିଲାଗି ଲେଖାଯାଏ ।

ବ୍ୟବହାର ଦୃଷ୍ଟିରୁ ଯୁଗ୍ମଶବ୍ଦକୁ ପ୍ରାୟତଃ ଛଅ ଭାଗରେ ବିଭକ୍ତ କରାଯାଏ । ସେଗୁଡ଼ିକ ହେଲା :-

(କ) ଶବ୍ଦ ସହିତ ସେହି ଶବ୍ଦର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଯୋଗରେ ଗଠିତ ଯୁଗ୍ମଶବ୍ଦ ।

(ଖ) ପ୍ରାୟ ସମାନ ଅର୍ଥ ବୁଝାଉଥିବା ଦୁଇଟି ଶବ୍ଦ ଯୋଗରେ ଗଠିତ ଯୁଗ୍ମଶବ୍ଦ ।

(ଗ) ଅର୍ଥ ଥିବା ଶବ୍ଦ ସହିତ ଅର୍ଥ ନଥିବା ଶବ୍ଦ ଯୋଗରେ ଗଠିତ ଯୁଗ୍ମଶବ୍ଦ ।

(ଘ) ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ।

(ଙ) ଅସମାପିକା କ୍ରିୟା ଯୋଗରେ ଗଠିତ ଯୁଗ୍ମଶବ୍ଦ ।

(ଚ) ଦ୍ୱିରୁକ୍ତ ଯୁଗ୍ମଶବ୍ଦ

**(କ) ଶବ୍ଦ ସହିତ ସେହି ଶବ୍ଦର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଯୋଗରେ ଗଠିତ ଯୁଗ୍ମଶବ୍ଦ -**

'ଲାଭକ୍ଷତି' ଏହି ଯୁଗ୍ମଶବ୍ଦର ଅନ୍ତର୍ଭୁକ୍ତ । ଏଠାରେ 'ଲାଭ' ଓ ଏହାର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ 'କ୍ଷତି' ଉଭୟେ ଯୋଡ଼ି ହୋଇ ଏକ ଯୁଗ୍ମଶବ୍ଦ ବା ଯୋଡ଼ି ହୋଇଛନ୍ତି । ଏଭଳି ଶବ୍ଦର ଉଦାହରଣ ହେଲେ-

| | | |
|---|---|---|
| ଅଗମୂଳ | କଳାଗୋରା | ଯା'ଆସ |
| ଅଗୁଆଉଣ୍ଢୁନା | ଖଟାମିଠା | ହାନିଲାଭ |
| ଆଗପଛ | ଦୁଃଖସୁଖ | ହ୍ରାସବୃଦ୍ଧି |
| ଏଠିସେଠି | ପାପପୁଣ୍ୟ | କିଣାବିକା |
| ଉଠାପକା | ତଳଉପର | ଦବାନବା |
| ଦିନରାତି | ସଞ୍ଜସକାଳ | ଭଲମନ୍ଦ... ଇତ୍ୟାଦି । |

**(ଖ) ପ୍ରାୟ ସମାନ ଅର୍ଥ ବୁଝାଉଥିବା ଦୁଇଟି ଶବ୍ଦ ଯୋଗରେ ଗଠିତ ଯୁଗ୍ମଶବ୍ଦ :**

ଗାର ଦିଆଯାଇଥିବା 'ବନ୍ଧୁବାନ୍ଧବ', 'ବାହାପୁଆଣି' ପରିଶବ୍ଦ ଏହି ଯୁଗ୍ମଶବ୍ଦ ଶ୍ରେଣୀର ଅନ୍ତର୍ଭୁକ୍ତ । ଏଠାରେ 'ବନ୍ଧୁ' ସହିତ 'ବାନ୍ଧବ' ଓ 'ବାହା' ସହିତ 'ପୁଆଣି'ର ପ୍ରାୟ ସମାନ ଅର୍ଥ ରହିଛି । ଏଭଳି ଯୁଗ୍ମଶବ୍ଦର ଉଦାହରଣ :-

| | | |
|---|---|---|
| ଅସ୍ତ୍ରଶସ୍ତ୍ର | ଭୋକଶୋଷ | ଗଛପତ୍ର |
| ଆଶାଭରସା | ଉପାସଭୋକ | ଘରବାଡ଼ି |
| କଥାବାର୍ତ୍ତା | ଲିପାପୋଛା | ଘରଦୁଆର |
| କଳିକଜିଆ | ଲୁଚାଚୋରା | ଡରଭୟ |
| କଣାକୁଜା | ଶଙ୍ଖମହୁରୀ | ଠେଙ୍ଗାବାଡ଼ି |
| ଖିଆପିଆ | ଶାଖାପ୍ରଶାଖା | ଯୋଡ଼ିଯାଉଁଳି |
| ଦିନକାଳ | ଲହୁଲୁହ | ରାଗରୋଷ |

**(ଗ) ଅର୍ଥ ଥିବା ଶବ୍ଦ ସହିତ ଅର୍ଥ ନଥିବା ଶବ୍ଦର ମିଶ୍ରଣରେ ଗଠିତ ଯୁଗ୍ମଶବ୍ଦ :**

'ଝଗଡ଼ାଝାଟି' ଶବ୍ଦଟି ଏହି ଯୁଗ୍ମଶବ୍ଦର ଏକ ଉଦାହରଣ । ଏଠାରେ 'ଝଗଡ଼ା' ଶବ୍ଦର ନିର୍ଦ୍ଦିଷ୍ଟ ଅର୍ଥ ଥିବାବେଳେ 'ଝାଟି' ଶବ୍ଦର 'ଝଗଡ଼ା' ସହିତ ନିର୍ଦ୍ଦିଷ୍ଟ ସମ୍ପର୍କିତ ଅର୍ଥ ନାହିଁ । ଏଭଳି ଶବ୍ଦଗୁଡ଼ିକ ମଧ୍ୟ ସ୍ଥାନ ବଦଳାଇ ରହିପାରନ୍ତି ।

ତଳ ଶବ୍ଦଗୁଡ଼ିକ ଏଭଳି ଯୁଗ୍ମଶବ୍ଦର ଉଦାହରଣ –

| | | |
|---|---|---|
| ଖର୍ଚ୍ଚବାର୍ଚ୍ଚ | ଅଙ୍କାବଙ୍କା | ବାସନକୁସନ |
| ଗପସପ | ଅନ୍ଧିସନ୍ଧି | ପିଲାଝିଲା |
| ଖଣ୍ଡିଆଖାବରା | କନ୍ଦାକଟା | ବାଗବାଇଶ |
| ଝିଅଝିଆଣି | ରଜାରଇତ | ଲୁଗାପଟା |

**(ଘ) ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ :**

କେତେକ ଧ୍ୱନିସୃଷ୍ଟିକାରୀ ଶବ୍ଦର ସାହାଯ୍ୟ ନେଇ ଏଭଳି ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ଗଠନ କରାଯାଏ । 'ଠକ୍‌ଠକ୍' ଶବ୍ଦ ଏଭଳି ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦର ଏକ ଉଦାହରଣ । ଏହିପରି ଅନ୍ୟ କେତେକ ଶବ୍ଦ :-

| | | |
|---|---|---|
| ଟଣଟଣ୍ | କେଁକେଁ | ଧୁମ୍‌ଧାମ୍ |
| ଠନ୍‌ଠନ୍ | ପେଁପେଁ | ଟପ୍‌ଟପ୍ |
| ଟିନ୍‌ଟିନ୍ | ଚଡ୍‌ଚଡ୍ | କାଉଁକାଉଁ |
| ଝମ୍‌ଝମ୍ | ଫର୍‌ଫର୍ | ସେଁସେଁ |
| ଟିକ୍‌ଟିକ୍ | ଫଁଫଁ | ଗଁଗଁ |

**(ଙ) ଅସମାପିକା କ୍ରିୟା ଯୋଗରେ ଗଠିତ ଯୁଗ୍ମଶବ୍ଦ :**

'ପଢ଼ାପଢ଼ି' ପରି ଶବ୍ଦ ଏହି ଯୁଗ୍ମଶବ୍ଦର ଅନ୍ତର୍ଭୁକ୍ତ । ଏଠାରେ 'ପଢ଼ି' ଏକ ଅସମାପିକା କ୍ରିୟାପଦ । 'ପଢ଼ା' ଶବ୍ଦ ସହିତ 'ପଢ଼ି' ଯୋଗହୋଇ 'ପଢ଼ାପଢ଼ି' ପରି ଯୁଗ୍ମଶବ୍ଦ ହୋଇଛି । ଏହିପରି ଆଉ କେତେକ ଶବ୍ଦର ଉଦାହରଣ ହେଲେ –

| | | |
|---|---|---|
| ଉଠାଉଠି | ପଢ଼ାପଢ଼ି | ଶୁଖାଶୁଖି |
| କଟାକଟି | ଘୋଡ଼ାଘୋଡ଼ି | ଶୁଣାଶୁଣି |
| କାମୁଡ଼ାକାମୁଡ଼ି | ଚଢ଼ାଚଢ଼ି | ମାରାମାରି |
| ଖେଳାଖେଳି | ଛନ୍ଦାଛନ୍ଦି | ଧରାଧରି |
| ଗଡ଼ାଗଡ଼ି | ବନ୍ଧାବନ୍ଧି | ହଣାହଣି |

**(ଚ) ଦ୍ୱିରୁକ୍ତ ଯୁଗ୍ମଶବ୍ଦ**

'ମଟମଟ' ଏକ ଦ୍ୱିରୁକ୍ତ ଯୁଗ୍ମଶବ୍ଦ । ଗୋଟିଏ ଶବ୍ଦକୁ ଦୁଇଥର ବିରାମ ନଦେଇ କହିବା ହେଉଛି ଦ୍ୱିରୁକ୍ତି । ଏହି ଦ୍ୱିରୁକ୍ତିରୁ ଗଠିତ ଯୁଗ୍ମଶବ୍ଦକୁ ଦ୍ୱିରୁକ୍ତ 'ଯୁଗ୍ମଶବ୍ଦ' କୁହାଯାଏ ।

ଏଭଳି ଯୁଗ୍ମଶବ୍ଦର କେତେକ ଉଦାହରଣ ଏହିପରି :

| | | |
|---|---|---|
| ଘରଘର | ଖଲଖଲ | ଧପଧପ |
| ଥରଥର | କଟକଟ | ଢଳଢଳ |
| ଛଳଛଳ | ପଲପଲ | ବଲବଲ |
| ଫରଫର | ସଲସଲ | କଟରକଟର |
| ଦପଦପ | ଝରଝର | ହଟରହଟର |

### ୩.୨.୪ ଲିଙ୍ଗ

ଆମ ଭାଷାରେ କହିବା ଓ ଲେଖିବା ପାଇଁ କେତେକ ପୁରୁଷକୁ ଚିହ୍ନାଉଥିବା ଓ କେତେକ ମହିଳା ବା ସ୍ତ୍ରୀକୁ ଚିହ୍ନାଉଥିବା ଶବ୍ଦ ବ୍ୟବହାର କରୁ । ପୁରୁଷକୁ ଚିହ୍ନାଉଥିବା ଶବ୍ଦ ପୁଂଲିଙ୍ଗ ଶବ୍ଦ ଓ ସ୍ତ୍ରୀକୁ ଚିହ୍ନାଉଥିବା ଶବ୍ଦ ସ୍ତ୍ରୀଲିଙ୍ଗ ଶବ୍ଦ । ଆମକୁ ଅନେକ ସମୟରେ ପୁଂଲିଙ୍ଗ ଶବ୍ଦକୁ ସ୍ତ୍ରୀଲିଙ୍ଗ ରୂପରେ ଶବ୍ଦକୁ ବଦଳାଇ ଲେଖିବାକୁ ପଡ଼େ । ଏଥିପାଇଁ ଆମକୁ କିଛି ନିୟମ ମାନିବାକୁ ପଡ଼ିଥାଏ । ସେହି ନିୟମଗୁଡ଼ିକ ବିଷୟରେ ଆଲୋଚନା କରିବା ।

୧. ପ୍ରାଣୀବାଚକ ପୁଂଲିଙ୍ଗ ଶବ୍ଦକୁ ସ୍ତ୍ରୀଲିଙ୍ଗକୁ ବଦଳାଇବାବେଳେ କେତେକ ସ୍ୱତନ୍ତ୍ର ବିପରୀତଶବ୍ଦ ବ୍ୟବହାର କରାଯାଏ । ଯଥା:-

| | |
|---|---|
| ବାପା - ବୋଉ, ମାଆ | ରଜା - ରାଣୀ |
| ବର - କନ୍ୟା, ବଧୂ | ଅଜା-ଆଇ |
| ପୁରୁଷ - ସ୍ତ୍ରୀ | ମାମୁ - ମାଇଁ |
| ଭାଇ - ଭାଉଜ | ନେତା - ନେତ୍ରୀ |
| ପୁଅ - ବୋହୂ, ଝିଅ | ଦାଦା - ଖୁଡ଼ି |

୨. କେତେକ ପୁଂଲିଙ୍ଗ ଶବ୍ଦ ଶେଷରେ 'ଆ' ଯୋଗ କରାଯାଇ ସ୍ତ୍ରୀଲିଙ୍ଗ ଶବ୍ଦ କରାଯାଇଥାଏ । ଯଥା-

| | |
|---|---|
| ଚପଳ - ଚପଳା | ସଭ୍ୟ - ସଭ୍ୟା |
| ସରଳ - ସରଳା | ବତ୍ସ - ବତ୍ସା |
| ଭଦ୍ର - ଭଦ୍ରା | ପ୍ରଥମ - ପ୍ରଥମା |
| କୋକିଳ - କୋକିଳା | ଦ୍ୱିତୀୟ - ଦ୍ୱିତୀୟା |
| ଦ୍ୱିଜ - ଦ୍ୱିଜା | |

୩. ପୁଂଲିଙ୍ଗ ଶବ୍ଦର ଶେଷରେ ଥିବା 'ଦୁଇଟି ବର୍ଣ୍ଣରେ 'ଇ'- 'ଆ' ଯୋଗହୋଇ ସ୍ତ୍ରୀଲିଙ୍ଗ ହୁଏ ।' ଯୋଗ କରେ ଦୁଇଟି ବର୍ଣ୍ଣରେ 'ଇ'-'ଆ' ଯାଗହୋଇ ସ୍ତ୍ରୀଲିଙ୍ଗ ହୁଏ । ଯେପରି -

| | |
|---|---|
| ବାଳକ - ବାଳିକା | ନାଟକ - ନାଟିକା |

| | | |
|---|---|---|
| ଚାଳକ - ଚାଳିକା | ଗାନ୍ଧିକ - ଗାନ୍ଧିକା (ଇତ୍ୟାଦି) | |
| ନାୟକ - ନାୟିକା | ପାଠକ - ପାଠିକା | |
| | ଗାୟକ - ଗାୟିକା | |
| | ଲେଖକ - ଲେଖିକା | |

୪. ପୁଂଲିଙ୍ଗ ଶବ୍ଦର ଶେଷରେ 'ଈ' (ୀ)କାର ଯୋଗକରି ସ୍ତ୍ରୀଲିଙ୍ଗ ଶବ୍ଦ କରାଯାଏ । ଯେପରି -

| | | |
|---|---|---|
| ନଟ - ନଟୀ | ଦେବ - ଦେବୀ | ବ୍ୟାଘ୍ର-ବ୍ୟାଘ୍ରୀ |
| ସୁନ୍ଦର - ସୁନ୍ଦରୀ | ସିଂହ - ସିଂହୀ | କିଶୋର-କିଶୋରୀ |
| ତରୁଣ - ତରୁଣୀ | କୁମାର - କୁମାରୀ | ମାନବ-ମାନବୀ |
| ମୋଟା - ମୋଟୀ | ଗେଡ଼ା - ଗେଡ଼ୀ | କବି - କବୀ |

୫. ପୁଂଲିଙ୍ଗ ଶବ୍ଦର ଶେଷରେ ଆନୀ 'ବା ଆଣୀ ଯୋଗକରି ସ୍ତ୍ରୀଲିଙ୍ଗ ଶବ୍ଦ କରାଯାଏ । ଯେପରି -

| | |
|---|---|
| ଶିବ - ଶିବାନୀ | ଇନ୍ଦ୍ର - ଇନ୍ଦ୍ରାଣୀ |
| ଯବନ - ଯବନାନୀ | ରୁଦ୍ର-ରୁଦ୍ରାଣୀ |
| ସାହେବ - ସାହେବାଣୀ | ମାଷ୍ଟର - ମାଷ୍ଟରାଣୀ |

୬. ପୁଂଲିଙ୍ଗ ଶବ୍ଦରେ 'ଣୀ' ଓ 'ଉଣୀ' ଯୋଗକରି ସ୍ତ୍ରୀଲିଙ୍ଗ ଶବ୍ଦ କରାଯାଏ । ଯେପରି -

| | |
|---|---|
| ପାଟରା - ପାଟରାଣୀ | ବାଘ - ବାଘୁଣୀ |
| କାଟରା - କାଟରାଣୀ | ଗଉଡ଼ - ଗଉଡୁଣୀ |
| ମିତ - ମିତଣୀ | ହାତୀ - ହାତୁଣୀ |
| ବାୟା - ବାୟାଣୀ | କମାର - କମାରୁଣୀ |
| ମୂଲିଆ - ମୂଲିଆଣୀ | କୁମ୍ଭାର - କୁମ୍ଭାରୁଣୀ |

୭. ପୁଂଲିଙ୍ଗ ଶବ୍ଦରେ 'ଉଲୀ' ଯୋଗ କରି କେତେକ ସ୍ତ୍ରୀଲିଙ୍ଗ ଶବ୍ଦ କରାଯାଏ । ସେପରି ଶବ୍ଦଗୁଡ଼ିକ ହେଲେ-

ବଗ - ବଗୁଲୀ

ବେଙ୍ଗ - ବେଙ୍ଗୁଲୀ

୮. କେତେକ ପୁଂଲିଙ୍ଗ ଶବ୍ଦ ଆମ ସାମାଜିକ ସଂପର୍କ ଅନୁସାରେ ଭିନ୍ନଭିନ୍ନ ଅର୍ଥରେ ଭିନ୍ନଭିନ୍ନ ସ୍ତ୍ରୀଲିଙ୍ଗ ରୂପ ହୋଇଥାଏ । ନିମ୍ନ ଶବ୍ଦଗୁଡ଼ିକର ଅର୍ଥ ଦୃଷ୍ଟିରୁ ସ୍ତ୍ରୀଲିଙ୍ଗରେ ମୁଖ୍ୟତଃ ଦୁଇଟି ରୂପ ରହିଛି ।

ଆଚାର୍ଯ୍ୟ-ଆଚାର୍ଯ୍ୟା (ଯିଏ ପାଠ ପଢ଼ାନ୍ତି)

ଆଚାର୍ଯ୍ୟାଣୀ (ଆଚାର୍ଯ୍ୟଙ୍କ ପତ୍ନୀ)

ଶୂଦ୍ର - ଶୂଦ୍ରା, ଶୂଦ୍ରାଣୀ (ଶୂଦ୍ର ଜାତିର ନାରୀ)

ଶୂଦ୍ରୀ (ଶୂଦ୍ରର ପତ୍ନୀ)

କ୍ଷତ୍ରିୟ - କ୍ଷତ୍ରିୟା (କ୍ଷତ୍ରିୟ ଜାତିର ନାରୀ)

କ୍ଷତ୍ରିୟାଣୀ (କ୍ଷତ୍ରିୟର ପତ୍ନୀ)

ପୁଅ - ଝିଅ, ବୋହୂ (ପୁଅର ପତ୍ନୀ)

ଭାଇ - ଭଉଣୀ, ଭାଉଜ (ଭାଇଙ୍କ ପତ୍ନୀ)

୯. କେତେକ ପୁଂଲିଙ୍ଗ ଶବ୍ଦ ପୂର୍ବରୁ ଓ ପରେ ସ୍ତ୍ରୀଲିଙ୍ଗ ଶବ୍ଦ ଯୋଗକରି ସ୍ତ୍ରୀଲିଙ୍ଗ କରାଯାଏ । ଯେପରି -

କବି - ନାରୀକବି　　ଗୁରୁ - ଗୁରୁପତ୍ନୀ

କର୍ମୀ - ମହିଳାକର୍ମୀ　　ପ୍ରଭୁ - ପ୍ରଭୁପତ୍ନୀ　　ଇତ୍ୟାଦି ।

ଶିଳ୍ପୀ - ନାରୀଶିଳ୍ପୀ

୧୦. ଆମ ଭାଷାରେ ପ୍ରାଣୀକୁ ବୁଝାଉଥିବା କେତେକ ଶବ୍ଦ ଅଛି । ସେହି ଶବ୍ଦଗୁଡ଼ିକ ନିର୍ଦ୍ଦିଷ୍ଟ ଭାବରେ ପୁରୁଷପ୍ରାଣୀ ବା ସ୍ତ୍ରୀପ୍ରାଣୀ ଜଣାପଡ଼େ ନାହିଁ । ଏଭଳି ଶବ୍ଦକୁ ଉଭୟଲିଙ୍ଗୀ ଶବ୍ଦ କୁହାଯାଏ । ଉଭୟ ଲିଙ୍ଗୀ ଶବ୍ଦ ପୂର୍ବରୁ ପୁରୁଷସୂଚକ କିଂବା ନାରୀସୂଚକ ଶବ୍ଦ ବ୍ୟବହାର କରାଯାଇ ତାକୁ ପୁଂଲିଙ୍ଗ ଅଥବା ସ୍ତ୍ରୀଲିଙ୍ଗରେ ପରିଣତ କରାଯାଏ । ଯଥା-

ଛୁଆ - ଅଣ୍ଡିରାଛୁଆ (ପୁଂ) ମାଈଛୁଆ (ସ୍ତ୍ରୀ)

ଫୁଲ - ଅଣ୍ଡିରାଫୁଲ (ପୁଂ) ମାଈଫୁଲ (ସ୍ତ୍ରୀ)

ଯାତ୍ରୀ - ପୁରୁଷଯାତ୍ରୀ (ପୁଂ) ନାରୀଯାତ୍ରୀ (ସ୍ତ୍ରୀ)

ଗଧ - ଅଣ୍ଡିରାଗଧ (ପୁଂ) ମାଈଗଧ (ସ୍ତ୍ରୀ)

ଘୁଷୁରୀ - ଅଣ୍ଡିରାଘୁଷୁରୀ (ପୁଂ) ମାଈଘୁଷୁରୀ (ସ୍ତ୍ରୀ)

ବାଛୁରୀ- ଅଣ୍ଡିରାବାଛୁରୀ (ପୁଂ) ମାଈବାଛୁରୀ (ସ୍ତ୍ରୀ)

ମୂଷା - ଅଣ୍ଡିରାମୂଷା (ପୁଂ) ମାଈମୂଷା (ସ୍ତ୍ରୀ)

ଭାଲୁ - ଅଣ୍ଡିରାଭାଲୁ (ପୁଂ) ମାଈଭାଲୁ (ସ୍ତ୍ରୀ)

କେତେକ ଶବ୍ଦର ବିଶେଷ କରି ପଦପଦବୀଯୁକ୍ତ ଶବ୍ଦର ସ୍ତ୍ରୀଲିଙ୍ଗ ହୁଏ ନାହିଁ । ରାଷ୍ଟ୍ରପତି, ସଭାପତି, ସଚିବ, ରାଜ୍ୟପାଳ, ଜିଲ୍ଲାପାଳ । ଏହା ବ୍ୟତୀତ ସ୍ତ୍ରୀଲିଙ୍ଗ ସୂଚନାପାଇଁ ଆହୁରି ଅନେକ ସୂଚକ ଓ ସ୍ୱତନ୍ତ୍ର ରୂପ ବ୍ୟବହୃତ ହୁଏ, ଯାହା ଆମେ ଅଧିକ ଅଧ୍ୟୟନ କଲେ ଜାଣିବା ।

### ୩.୨.୫ ବଚନ

ବଚନ - ଯାହାଦ୍ୱାରା ବସ୍ତୁ ବା ପ୍ରାଣୀର ସଂଖ୍ୟା ଗଣନା କରି ଜଣାପଡ଼େ, ତାହାକୁ ବଚନ କୁହାଯାଏ । ଓଡ଼ିଆ ଭାଷାରେ ଦୁଇଟି ବଚନର ବ୍ୟବହାର କରାଯାଏ । ଏକ ଅର୍ଥରେ 'ଏକବଚନ' ଓ ଏକରୁ ଅଧିକ ଅର୍ଥରେ 'ବହୁବଚନ' ।

**ଏକବଚନ** - ଯେଉଁ ଶବ୍ଦର ବ୍ୟବହାରଦ୍ୱାରା ବସ୍ତୁ ବା ପ୍ରାଣୀର ସଂଖ୍ୟା ଗୋଟିଏ ବୋଲି ଜଣାପଡ଼େ, ତାହା ଏକବଚନ ହୁଏ । ଯଥା - କୁକୁର, ଘରଟେ, ମୁଁ, ଛାତ୍ରଟି, ଗଛ, ନଦୀ ଇତ୍ୟାଦି ।

୧. ଓଡ଼ିଆରେ କେତେକ ସ୍ଥଳରେ ଏକ ବଚନକୁ ସୂଚାଇବା ପାଇଁ, ଏ, ଟା, ଟି, ଟିଏ, ଟାଏ, ଗୋଟିଏ, ଗୋଟାଏ, ଗୋଟେ, ଗୋଟାକ, ଖଣ୍ଡିକ, ଖଣ୍ଡେ, ଖଣ୍ଡିଏ ଭଳି ସୂଚକ ବା ଚିହ୍ନ ଲାଗିଥାଏ । ଏହି ସୂଚକଗୁଡ଼ିକ ମଧ୍ୟରୁ କେତେକ ଶବ୍ଦର ପୂର୍ବରୁ ଓ କେତେକ ଶବ୍ଦର ପରେ ଲାଗିଥାଏ । ଶବ୍ଦର ପୂର୍ବରୁ ଲାଗିଥିବା ସୂଚକଗୁଡ଼ିକୁ 'ଅଭିଯୋଜକ' ଓ ପରେ ଲାଗିଥିବା ସୂଚକଗୁଡ଼ିକୁ 'ସଂଯୋଜକ' କୁହାଯାଏ ।

ଅଭିଯୋଜକ - ଖଣ୍ଡିଏ ବହି, ଗୋଟେ କଥା, ଗୋଟିଏ ଜିନିଷ, ଗୋଟାଏ ଆମ୍ବ, ପଦେ କଥା ଇତ୍ୟାଦି ।

ଏଠାରେ ଗାର ଦିଆଯାଇଥିବା ସୂଚକଗୁଡ଼ିକ ଅଭିଯୋଜକ ଭାବରେ ଶବ୍ଦର ପୂର୍ବରୁ ଲାଗିଛନ୍ତି ।

ସଂଯୋଜକ - ପିଲାଟି, ଲୋକଟିଏ, ଘରଟେ, ଗାଡ଼ିଟା, ଲୁଗାଖଣ୍ଡେ, ବହିଖଣ୍ଡିଏ, କୁଟାଖଣ୍ଡିକ ଇତ୍ୟାଦି । ଏଠାରେ ଗାର ଦିଆଯାଇଥିବା ସୂଚକଗୁଡ଼ିକ ସଂଯୋଜକ ଭାବରେ ଶବ୍ଦର ପରେ ଲାଗିଛି ।

**ବହୁବଚନ** - ଯେଉଁ ଶବ୍ଦର ବ୍ୟବହାରଦ୍ୱାରା ବସ୍ତୁ ବା ପ୍ରାଣୀର ସଂଖ୍ୟା ଏକରୁ ଅଧିକ ବୋଲି ଜଣାଯାଏ, ତାହାର ବହୁବଚନ ହୁଏ । ୧. ଓଡ଼ିଆଭାଷାରେ ବହୁବଚନକୁ ସୂଚାଇବାପାଇଁ କେତେକ ସୂଚକ ବା ଚିହ୍ନ ବ୍ୟବହାର କରାଯାଏ । ସେଗୁଡ଼ିକ ହେଉଛି ଏ, ମାନ, ମାନେ, ଗୁଡ଼ିକ, ଗୁଡ଼ାକ, ଗୁଡ଼ିଏ, ଗୁଡ଼ାଏ, ସମୂହ, ସବୁ, ଶ୍ରେଣୀ, ବର୍ଗ, ଗଣ, ଯୂଥ, ଦଳ, ପଲ, ରାଜି, ମାଳା, ପଂକ୍ତି, ବୃନ୍ଦ, ରାଶି ଇତ୍ୟାଦି । ଯେପରି ପିଲାଏ, ଲୋକେ, ମନୁଷ୍ୟମାନେ, ଆମ୍ବଗୁଡ଼ିକ, ମାଙ୍କଡ଼ଗୁଡ଼ାକ, ଫଳଗୁଡ଼ିଏ, ପତ୍ରଗୁଡ଼ାଏ, ଦୁର୍ଗସମୂହ, ପର୍ବତଶ୍ରେଣୀ, ବନ୍ଧୁବର୍ଗ, ପକ୍ଷିଗଣ, କରିଯୂଥ, ଗୋରୁପଲ, ଡକାୟତଦଳ, ବୃକ୍ଷରାଜି, ପର୍ବତମାଳା, ବକପଂକ୍ତି, ସୁଧିବୃନ୍ଦ ଇତ୍ୟାଦି ।

୨. ଶବ୍ଦ ପୂର୍ବରୁ ବହୁ, ବହୁତ, ଅନେକ, ସବୁ, କେତେକ, ଅଧିକାଂଶ, ଅଗଣିତ, ଗୁଡ଼ାଏ, ଗୁଡ଼ିଏ, କିଛି ଇତ୍ୟାଦି ସୂଚକ ଲଗାଯାଇ ବହୁବଚନ କରାଯାଏ । ଯେପରି ବହୁରାଜା, ବହୁତପିଲା, ଅନେକଝିଅ, ସବୁଲୋକ, କେତେକଲୋକ, ଅଧିକାଂଶ ଶିକ୍ଷକ, ଅଗଣିତ ପରମ୍ପରା, ଗୁଡ଼ାଏବହି, ଗୁଡ଼ିଏପତ୍ର, କିଛିଫୁଲ ଇତ୍ୟାଦି । ଏପରି ସ୍ଥଳେ ଶବ୍ଦର ପରେ ବହୁବଚନ ହୋଇଥିବା ସୂଚକ ବା ଚିହ୍ନ ଲାଗେ ନାହିଁ । 'ବହୁତ ପିଲାମାନେ' ହେବ ନାହିଁ ।

୩. କେତେକ ସ୍ଥଳରେ ସଂଖ୍ୟାବାଚକ ଶବ୍ଦକୁ ସୂଚକ ଭାବେ ବ୍ୟବହାର ଦ୍ୱାରା ବହୁବଚନ କରାଯାଏ । ଯେପରି- ଦୁଇପୁରୁଷ, ତିନିମୁଣ୍ଡ, ପାଞ୍ଚଇନ୍ଦ୍ରିୟ, ଶହଶହ ବର୍ଷ ଇତ୍ୟାଦି ।

୪. ଅନେକ ସ୍ଥଳରେ ଏକବଚନ ଶବ୍ଦକୁ ବାରମ୍ବାର ଦୋହରାଇ ବ୍ୟବହାର କରାଯାଇ ବହୁବଚନ କରାଯାଏ, ଯେପରି ଦେଶଦେଶ, ଘରଘର, ପଣପଣ, ବଡ଼ବଡ଼, ଛୋଟଛୋଟ ଇତ୍ୟାଦି ।

୫. କେତେକ ଚିରନ୍ତନ ସତ୍ୟ କଥାକୁ ବୁଝାଇବାପାଇଁ ଏକବଚନ ଶବ୍ଦଦ୍ୱାରା ବହୁବଚନ ଅର୍ଥ ବୁଝାଇଥାଏ । ଯଥା- ଶିଶୁ ନିଷ୍ପାପ, ପିଲା ଠାକୁର, ମଣିଷ ସ୍ନେହଶୀଳ, ବାଘ ରାତିରେ ଶିକାର କରେ, ବିରାଡ଼ି ମୂଷା ମାରେ ।

୬. ବେଳେବେଳେ ଆମେ କହିଲାବେଳେ ବା ଲେଖିଲାବେଳେ ଦୁଇଟି ବହୁବଚନ ସୂଚକ ଶବ୍ଦ ବ୍ୟବହାର କରିଥାଉ । କିନ୍ତୁ ତାହା ଭୁଲ । ଯେପରି- ସମସ୍ତ ଭାଇ ଓ ଭଉଣୀମାନେ । ଅନେକ ବନ୍ଧୁବର୍ଗ, ଛାତ୍ରଛାତ୍ରୀଗଣମାନେ, ବହୁମନୁଷ୍ୟମାନେ ଇତ୍ୟାଦି । ଏଠାରେ ଆମେ ଗୋଟିଏ ବହୁବଚନ ସୂଚକ ଶବ୍ଦ ବ୍ୟବହାର କରିବା ଉଚିତ ।

୭. ଗଣାଯାଇପାରୁନଥିବା ବସ୍ତୁର ବହୁବଚନ ହୋଇପାରେ ନାହିଁ । ଯେପରି ପାଣି, ବାଲି, ମାଟି, ସୁନା, ପଥର ଇତ୍ୟାଦି । ତେବେ ଏପରି କ୍ଷେତ୍ରରେ ସଂଖ୍ୟାସୂଚକ ଶବ୍ଦଦ୍ୱାରା ବହୁବଚନ ଅର୍ଥ ପ୍ରକାଶ କରାଯାଇପାରେ । ଯଥା- ପାଞ୍ଚଖଣ୍ଡ ପଥର, ତିନିବୋଝ ବାଲି, ଦୁଇ ଶଗଡ଼ ମାଟି, ପାଞ୍ଚ ତୋଳା ସୁନା, ଚାରି ମାଠିଆ ପାଣି ଇତ୍ୟାଦି ।

### ୩.୨.୬ ପୁରୁଷ

ପ୍ରତ୍ୟେକ ବ୍ୟକ୍ତି 'ମୁଁ' ବା 'ଆମ୍ଭେ' ଦ୍ୱାରା ନିଜର କଥାକୁ ବ୍ୟକ୍ତ କରନ୍ତି । ଯାହାକୁ ବ୍ୟକ୍ତ କରନ୍ତି, ତାକୁ ତୁ, ତୁମେ, ତୁମ୍ଭେ, ତୁମ୍ଭେମାନେ ପ୍ରଭୃତିଦ୍ୱାରା ସମ୍ବୋଧନ କରନ୍ତି । ଏହା ବ୍ୟତୀତ ଅନ୍ୟ ସମସ୍ତଙ୍କୁ ସେ, ଯେ, କିଏ, ଏହା, ଏହି, ତାହା, ସେମାନେ, ଯେଉଁମାନେ, କେଉଁମାନେ ପ୍ରଭୃତିଦ୍ୱାରା ସମ୍ବୋଧନ କରାଯାଏ । ଏ ଦୃଷ୍ଟିରୁ ବ୍ୟକ୍ତି ବିଶେଷଙ୍କୁ ତିନୋଟି ପୁରୁଷରେ ବିଭକ୍ତ କରାଯାଏ । ଯଥା- ପ୍ରଥମପୁରୁଷ, ଦ୍ୱିତୀୟପୁରୁଷ ଓ ତୃତୀୟପୁରୁଷ । ପ୍ରତ୍ୟେକ ପୁରୁଷର ମଧ୍ୟ ଏକ ବଚନ ଓ ବହୁବଚନ ରୂପ ରହିଛି । ସହଜରେ ମନେ ରଖିବାକୁ ହେଲେ - "ମୁଁ" ପ୍ରଥମପୁରୁଷ "ତୁ" ଦ୍ୱିତୀୟପୁରୁଷ ଓ ଆଉସବୁ ତୃତୀୟପୁରୁଷ ।

୧. ପ୍ରଥମପୁରୁଷ - ଯିଏ କହେ ବା ନିଜେ ବକ୍ତା ହେଉଛି ପ୍ରଥମପୁରୁଷ । ଯଥା- ମୁଁ ଖାଇବି, ଏଠାରେ ମୁଁ ହେଉଛି ବକ୍ତା ଓ ଏହା ପ୍ରଥମ ପୁରୁଷ । ସେହିପରି ବକ୍ତା ଓ ବକ୍ତାଙ୍କ ସହିତ ସମ୍ବନ୍ଧଥିବା ଅନ୍ୟମାନଙ୍କ ପାଇଁ ଓଡିଆ ଭାଷାରେ ଆମେ, ଆମ୍ଭେ, ଆମେମାନେ, ଆମ୍ଭେମାନେ ବ୍ୟବହୃତ ହେଉଥିବା ଶବ୍ଦ ପ୍ରଥମପୁରୁଷ ଅଟେ ।

୨. ଦ୍ୱିତୀୟପୁରୁଷ - ବକ୍ତାଙ୍କ କଥାକୁ ଯେ ଶୁଣନ୍ତି ବା ଶ୍ରୋତା ହେଉଛନ୍ତି ଦ୍ୱିତୀୟ ପୁରୁଷ। ତୁ, ଆପଣ, ତୁମେ, ତୁମ୍ଭେ, ତୁମେମାନେ, ତୁମ୍ଭେମାନେ, ଆପଣମାନେ ଦ୍ୱିତୀୟ ପୁରୁଷ ଅନ୍ତର୍ଭୁକ୍ତ । ଯେପରି ତୁ ପଢ଼ିବୁ, ତୁମେ ପଢ଼ିବ, ଆପଣ ପଢ଼ିବେ, ତୁମେମାନେ ପଢ଼ିବ ଇତ୍ୟାଦି ।

୩. ତୃତୀୟପୁରୁଷ - ବକ୍ତା ଓ ଶ୍ରୋତା ବ୍ୟତୀତ ଅନ୍ୟ ବ୍ୟକ୍ତିମାନଙ୍କୁ ତୃତୀୟପୁରୁଷ ଭାବେ ଧରିନିଆଯାଏ । ଅର୍ଥାତ୍ ଯାହା ବିଷୟରେ ବା ଯେଉଁମାନଙ୍କ ବିଷୟରେ କିଛି କୁହାଯାଏ, ସେମାନଙ୍କୁ ତୃତୀୟପୁରୁଷ କୁହାଯାଏ । ସେ, ଯିଏ, କେ, କିଏ, ସେମାନେ, ଯେଉଁମାନେ, କେଉଁମାନେ ଇତ୍ୟାଦି ତୃତୀୟପୁରୁଷସୂଚକ ଶବ୍ଦ ଏହା ବ୍ୟତୀତ ପ୍ରତ୍ୟେକ ନାମକୁ ବୁଝାଉଥିବା ଶବ୍ଦ ତୃତୀୟପୁରୁଷ ଅଟନ୍ତି ।

### ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ଶିକ୍ଷାର୍ଥୀଙ୍କ ନିକଟରେ ତଥ୍ୟ ପହଞ୍ଚାଇବା ପୂର୍ବରୁ ତଥ୍ୟ ସଂପର୍କରେ ନିଜର ଧାରଣାକୁ ଦୃଢ଼ କରିବେ ।
- ତଥ୍ୟ ସଂପର୍କରେ ନିଜକୁ ପ୍ରସ୍ତୁତ ରଖିବେ ।
- ଦିଆଯାଇଥିବା ତଥ୍ୟ ବ୍ୟତୀତ ଆଉ ଅଧିକ ତଥ୍ୟ ଶିକ୍ଷକ ସଂଗ୍ରହ କରି ଉପସ୍ଥାପନ କରିବେ ।

## ଅଭ୍ୟାସକାର୍ଯ୍ୟ

୧. ଆସ କଥାବାର୍ତ୍ତା ହେବା ।

(କ) ଶବ୍ଦ କହିଲେ ଆମେ କ'ଣ ବୁଝୁ ?

(ଖ) ଆମ ଭାଷାରେ ମୁଖ୍ୟତଃ କେତେ ପ୍ରକାର ଶବ୍ଦ ବ୍ୟବହାର କରାଯାଏ ଓ କ'ଣ କ'ଣ ?

(ଗ) ମୌଳିକ ଶବ୍ଦ କାହାକୁ କୁହାଯାଏ ?

(ଘ) ଆମ ଭାଷାରେ କେତେ ପ୍ରକାର ଯୁଗ୍ମଶବ୍ଦ ଦେଖିବାକୁ ମିଳେ ?

(ଙ) ବ୍ୟାକରଣରେ 'ପୁରୁଷ' ଆମେ କିପରି ଚିହ୍ନିବା ?

୨. ଆସ ଉତ୍ତର ଲେଖିବା ।

(କ) ଶବ୍ଦର କେତୋଟି ରୂପଥାଏ ଓ କ'ଣ କ'ଣ ?

(ଖ) ଆମ ଭାଷାରେ ମୁଖ୍ୟତଃ କେତେ ପ୍ରକାର ଶବ୍ଦ ବ୍ୟବହାର କରାଯାଏ ଓ କ'ଣ କ'ଣ ?

(ଗ) ମୌଳିକଶବ୍ଦ କାହାକୁ କହନ୍ତି ?

(ଘ) ଆମ ଭାଷାରେ କେତେ ପ୍ରକାର ଯୁଗ୍ମଶବ୍ଦ ବ୍ୟବହାର କରାଯାଏ ?

(ଙ) ପୁଂଲିଙ୍ଗ ଶବ୍ଦ ଓ ସ୍ତ୍ରୀଲିଙ୍ଗ ଶବ୍ଦ ମଧ୍ୟରେ ପାର୍ଥକ୍ୟ କ'ଣ ?

(ଚ) ଏକବଚନ ଶବ୍ଦ ଓ ବହୁବଚନ ଶବ୍ଦ କିପରି ଚିହ୍ନଟ କରାଯାଏ ?

(ଛ) ବ୍ୟାକରଣରେ ପୁରୁଷ କେତେ ପ୍ରକାର, ଉଦାହରଣ ସହ ବୁଝାଅ ।

୩. ଉତ୍ପତ୍ତି ଆଧାରରେ ଅଲଗା ଶବ୍ଦଟିକୁ ବାଛି ଲେଖ ।

(କ) ହସ୍ତୀ, ରବି, ହାତୀ, ଶଶୀ

(ଖ) ଘିଅ, ନକୁଳ, ପୋଖରୀ, ନଈ

(ଗ) କାକରା, କତରା, ଟାପରା, ଅଟ୍ଟାଳିକା

(ଘ) ପୁଅ, ବେଞ୍ଚ, ସାପ, ନାଟ

(ଙ) ଅନ୍ଦାଜ, ଅପରେସନ, କପ୍, କଲେଜ

୪. ଅଲଗା ଶବ୍ଦଟିକୁ ବାଛ ।

(କ) ଆଗପଛ, ଏଠିସେଠି, ଘରବାଡ଼ି, କିଣାବିକା

(ଖ) ଡରଭୟ, ଦୁଃଖସୁଖ, ଲହୁଲୁହ, ଖିଆପିଆ

(ଗ) ଟିନ୍‌ଟିନ୍, ଗପସପ, କାମଦାମ, ଲୁଗାପଟା

(ଘ) ଉଠାଉଠି, କଟାକଟି, ଶୁଣାଶୁଣି, ସଲସଲ

(ଙ) କନ୍ଦାକଟା, ଟଣ୍‌ଟଣ୍, କେଁ କେଁ, ଧୁମ୍‌ଧାମ୍

୫. ଅଲଗା ଶବ୍ଦଟିକୁ ବାଛ ।

(କ) ରାଣୀ, ଚପଳା, ସରଳା, ବାଳା

(ଖ) ଭାଉଜ, ବୋହୂ, ବାଳିକା, ଆଈ

(ଗ) ନାୟିକା, କୋକିଳା, ଗାୟିକା, ପାଠିକା

(ଘ) ଶିବାନୀ, ଇନ୍ଦ୍ରାଣୀ, ଭବାନୀ, ସୁନ୍ଦରୀ

(ଙ) ବାଘୁଣୀ, ଗଉଡୁଣୀ, କେଳୁଣୀ, ଇନ୍ଦ୍ରାଣୀ

୬. ତଳ ପୁଂଲିଙ୍ଗ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ସ୍ତ୍ରୀଲିଙ୍ଗ ରୂପ ଅଛି । ତାହା ଲେଖି ପାର୍ଥକ୍ୟ ଦର୍ଶାଅ ।

(କ) ଆଚାର୍ଯ୍ୟ -

(ଖ) ପୁଅ -

(ଗ) ଭାଇ -

(ଘ) କ୍ଷତ୍ରିୟ -

(ଙ) ଶୂଦ୍ର -

୭. ତଳ ଶବ୍ଦଗୁଡ଼ିକର ସ୍ତ୍ରୀଲିଙ୍ଗ ରୂପ ଲେଖ ।

(କ) କବି -

(ଖ) ଅଣ୍ଡିରାଫୁଲ

(ଗ) ପୁରୁଷଯାତ୍ରୀ -

(ଘ) ଗୁରୁ -

(ଙ) କର୍ମୀ -

୮. ତଳ ରୂପକୁ ବ୍ୟବହାର କରି ବହୁବଚନଶବ୍ଦ ଗୋଟିଏଲେଖାଏଁ ଲେଖ ।

(କ) ମାନେ -

(ଖ) ଗଣ -

(ଗ) ବର୍ଗ -

(ଘ) ଶ୍ରେଣୀ -

(ଙ) ପଲ -

୯. ପ୍ରଥମ ଧାଡ଼ିରେ ଥିବା ଶବ୍ଦ ସହିତ ଦ୍ୱିତୀୟ ଧାଡ଼ିରେ ସଂପର୍କ ଥିବା ଶବ୍ଦକୁ ଗାର ଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମୁଁ | ଦ୍ୱିତୀୟ ପୁରୁଷ |
| ଗାଈ | ପ୍ରଥମ ପୁରୁଷ |
| ଆପଣ | ତୃତୀୟ ପୁରୁଷ |
| ସେମାନେ | |
| ତୁ | |
| ଆପଣମାନେ | |
| ଆମ୍ଭେ | |
| ରାନୁ | |

୧୦. ବନ୍ଧନୀରୁ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।

(କ) ସଭାରେ ଅନେକ ନାରୀ --------- ଉପସ୍ଥିତ ଥିଲେ । (ନେତା, ନେତ୍ରୀ)

(ଖ) ପିଲାମାନେ ହାତ --------- ହୋଇ ଚାଲୁଛନ୍ତି । (କୋଳାକୋଳି, ଧରାଧରି)

(ଗ) ଆମ ଚାଳଟି ମାଙ୍କଡ଼ --------- ଭାଙ୍ଗି ଦେଲେ । (ଗୁଡ଼ାକ, ଟାଏ)

(ଘ) ବିବାହ ଉତ୍ସବରେ ବନ୍ଧୁ --------- ଯୋଗ ଦିଅନ୍ତି । (ବର୍ଗ, ଦଳ)

(ଙ) ଏତେ --------- ବହି ତୁମେ ନେଇପାରିବନି । (ଗଣ, ଗୁଡ଼ାଏ)

(ଚ) ପ୍ରଦ୍ୟୁମ୍ନବାବୁଙ୍କ ସ୍ତ୍ରୀ ଏତେ --------- ମୁଁ ଜାଣିନଥିଲି । (ମୋଟା, ମୋଟୀ)

(ଛ) ତାଙ୍କର --------- ଚାଲିରେ ମୁଁ ଡରିଗଲି । (ଝଣଝଣ, ଧପଧପ)

-୦-

IYEH7V

**ଚତୁର୍ଥ ଅଧ୍ୟାୟ**

# ପଦ ପରିଚୟ

## ୪.୧ ପଦ

ପୂର୍ବ ଅଧ୍ୟାୟରୁ ଆମେ ଜାଣିଅଛେ- ଧ୍ୱନି ବା ବର୍ଣ୍ଣ ପାଖକୁପାଖ ହୋଇ ମିଳିତ ହେଲେ ସାର୍ଥକ 'ଶବ୍ଦ'ଟିଏ ଗଠିତ ହୁଏ । ଶବ୍ଦ କେବଳ ନିର୍ଦ୍ଦିଷ୍ଟ ଅର୍ଥଟିଏ ସଙ୍କେତ କରେ ବା ବୁଝାଏ । ମାତ୍ର, ସେଟିଏ ପୂର୍ଣ୍ଣାଙ୍ଗ ଭାବର ଅର୍ଥ ଶବ୍ଦ ପ୍ରକାଶ କରିପାରେ ନାହିଁ । ସେଥିପାଇଁ ଏକାଧିକ ସାର୍ଥକ ଶବ୍ଦର ନିୟମ ଅନୁଯାୟୀ ବ୍ୟବହାର ଓ ସମଷ୍ଟି ଦରକାର ପଡ଼େ । ତଳେ ଥିବା ଉଦାହରଣଗୁଡ଼ିକୁ ଏହି ମର୍ମରେ ଲକ୍ଷ୍ୟ କରିବା :

(କ) ଲାଗେ ମାଛ ନଈ ଭଲ ।

(ଖ) ମାଛ ସୁଆଦ ପୋଖରୀର ଭାରି ଏହି ।

(ଗ) ନଈମାଛ ଭଲ ଲାଗେ ।

(ଘ) ଏହି ପୋଖରୀର ମାଛ ଭାରି ସୁଆଦ ।

'କ' ଉଦାହରଣଟିରେ / ଲାଗେ, ମାଛ, ନଈ, ଭଲ / ଚାରୋଟି ଶବ୍ଦ ରହିଛି । 'ଖ' ଉଦାହରଣଟିରେ / ମାଛ, ସୁଆଦ, ପୋଖରୀର, ଭାରି, ଏହି / ପାଞ୍ଚୋଟି ଶବ୍ଦ ରହିଛି । କ/ଖ - ଉଭୟ ଉଦାହରଣରେ ପ୍ରତ୍ୟେକ ଶବ୍ଦର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥ ରହିଛି । ଶବ୍ଦଗୁଡ଼ିକ ଗୋଟିଏ ପରେ ଗୋଟିଏ ହୋଇ ମିଳିତ ହୋଇଯାଇଛି । ମାତ୍ର ଏଗୁଡ଼ିକ ମିଶି କୌଣସି ଭାବଟି ପ୍ରକାଶ କରୁନାହାନ୍ତି । କାରଣ ଶବ୍ଦଗୁଡ଼ିକର ମିଳିତ ହେବା ବା ପରସ୍ପର ଯୋଗ ହେବାର ପାରସ୍ପରିକ ସାପେକ୍ଷ ସମ୍ପର୍କ ନାହିଁ ।

ଏବେ 'ଗ' ଓ 'ଘ' ଉଦାହରଣର ଶବ୍ଦ ଓ ସେଗୁଡ଼ିକର ସମଷ୍ଟିକୁ ବିଚାର କରିବା । 'କ' ଉଦାହରଣରେ ଥିବା ଶବ୍ଦଗୁଡ଼ିକ 'ଗ' ଉଦାହରଣଟିରେ ରହିଛି । ମାତ୍ର ଗୋଟିଏ ଶବ୍ଦ ପରେ ଆଉ ଗୋଟିଏ ଶବ୍ଦ ବସାଇବାରେ ସୁସଂଗତ ବା ପରସ୍ପର ଭିତରେ ସାପେକ୍ଷ ଭାବ ରହିଛି । ନଈ ସହିତ ମାଛ ଶବ୍ଦ ମିଶି ଏକ ଯୁଗ୍ମ ଶବ୍ଦ- 'ନଈମାଛ' ଗଠିତ ହୋଇଛି । ନଈମାଛ ଭଲ ଲାଗେ - ଶବ୍ଦ ତିନୋଟି ମିଳିତ ହୋଇ ପୂର୍ଣ୍ଣ ଭାବଟିଏ ପ୍ରକାଶ ପାଉଛି । ସେହିପରି 'ଖ' ଉଦାହରଣରେ ଥିବା ପାଞ୍ଚୋଟି ଯାକ ଶବ୍ଦ 'ଘ' ଉଦାହରଣରେ ଭାବ ଅନୁସାରେ ଯାହା ପରେ କିଏ ରହିବା ଉଚିତ ତାହାକୁ ମାନି ମିଳିତ ହୋଇଛି । ଫଳରେ 'ଏହି ପୋଖରୀର ମାଛ ଭାରି ସୁଆଦ' – ଭଳି ଶବ୍ଦ ସମଷ୍ଟିଟିରୁ ଏକ ନିର୍ଦ୍ଦିଷ୍ଟ ପୂର୍ଣ୍ଣାଙ୍ଗ ଭାବ ବୁଝାପଡ଼ୁଛି । ଅତଏବ ଏଥିରୁ ଆମେ ବୁଝିପାରିଲେ :

କ / ଖ ଉଦାହରଣରେ ସାର୍ଥକ ଶବ୍ଦ ଅଛି; ମାତ୍ର ପୂର୍ଣ୍ଣାଙ୍ଗ ଭାବ ନାହିଁ । 'ଗ' ଓ 'ଘ' ଉଦାହରଣରେ ଥିବା ଉଦାହରଣ ସାର୍ଥକ ଶବ୍ଦଗୁଡ଼ିକ ସୁସଜ୍ଜିତ ହୋଇ ଗୋଟିଏ ପରେ ଗୋଟିଏ ବସିଛି । ଏଗୁଡ଼ିକ ଏକ ପୂର୍ଣ୍ଣାଙ୍ଗ ମନୋଭାବ ପ୍ରକାଶ ପାଉଛି । ଏହି ପ୍ରକାର ପୂର୍ଣ୍ଣାଙ୍ଗ ଭାବବୋଧକ ଶବ୍ଦଗୁଡ଼ିକୁ ଆମ ଭାଷାରେ 'ବାକ୍ୟ' କୁହାଯାଏ ।

ଆଗ ଅଧ୍ୟାୟରେ ବାକ୍ୟ ବିଷୟରେ ଅଧିକ ଜାଣିବା । ଏବେ ଆମେ ଉପର ଉଦାହରଣଗୁଡ଼ିକରୁ ଜାଣିଲେ- କେବଳ ଶବ୍ଦ ଅର୍ଥ ପ୍ରଦାନ କରେ । ନଈ, ମାଛ, ପୋଖରୀର, ସୁଆଦ ପରି ଆମେ ବ୍ୟବହାର କରୁଥିବା ପ୍ରତ୍ୟେକ ଶବ୍ଦ କେବଳ ଏକ ଏକ ଅର୍ଥ ସଙ୍କେତ । ମାତ୍ର ଗୋଟିଏ ବାକ୍ୟରେ ବା ଭାବୋଚିତ ଶବ୍ଦ ସମଷ୍ଟିରେ ବ୍ୟବହୃତ ପ୍ରତ୍ୟେକ ଶବ୍ଦ ଭାବାର୍ଥବୋଧ 'କ' ଶବ୍ଦ ଅଟେ ।

**୪.୨ ପଦର ଲକ୍ଷଣ :** ଏବେ ତଳେ ଥିବା ଆଉ ଦୁଇଟି ଉଦାହରଣକୁ ଦେଖିବା :

କ- ପଈଡ଼ ପାଣି ବଡ଼ ମଧୁର ।

ଖ- ଏବେର ଝିଅମାନେ ସାଇକେଲରେ ବିଦ୍ୟାଳୟକୁ ଗଲେଣି ।

କ- ଦୃଷ୍ଟାନ୍ତର ଉକ୍ତିରେ ୪ଟି ଅଂଶ ରହିଛି ଯଥା- ପଈଡ଼/ପାଣି/ବଡ଼/ମଧୁର ।

ଖ- ଦୃଷ୍ଟାନ୍ତର ଉକ୍ତି ବା ବାକ୍ୟରେ ୫ଟି ଅଂଶ ରହିଛି । ଯଥା- ଏବେର/ଝିଅମାନେ/ସାଇକେଲରେ/ବିଦ୍ୟାଳୟକୁ/ ଯାଆନ୍ତି ।

କ- ଦୃଷ୍ଟାନ୍ତର ବାକ୍ୟରେ ଚାରୋଟି ଯାକ ଅଂଶ କେବଳ ଶବ୍ଦ / କୌଣସି ଶବ୍ଦରେ କିଛି ବି ଲାଗି ନାହିଁ ଯଥା : ପଈଡ଼/ ପାଣି ।

ଖ- ବାକ୍ୟରେ ୫ଗୋଟି ଯାକ ଅଂଶରେ କିଛି ନା କିଛି ଲାଗିଛି । ଯଥା- 'ଏବେ' ଶବ୍ଦ ପରେ 'ର' ଲାଗିଛି (ଏବେ+ର =ଏବେର) 'ଝିଅ' ଶବ୍ଦରେ 'ମାନେ' ଲାଗିଛି (ଝିଅ+ମାନେ=ଝିଅମାନେ) 'ସାଇକେଲ' ଶବ୍ଦରେ 'ରେ' ଲାଗିଛି (ସାଇକେଲ+ରେ=ସାଇକେଲରେ) । 'ବିଦ୍ୟାଳୟ' ଶବ୍ଦରେ 'କୁ' ଲାଗିଛି (ବିଦ୍ୟାଳୟ+କୁ=ବିଦ୍ୟାଳୟକୁ) । 'ଗଲେ' କ୍ରିୟାରେ 'ଣି' ଲାଗିଛି (ଗଲେ+ଣି=ଗଲେଣି) ।

ଏଥିରୁ ଜଣାଗଲା ଶବ୍ଦଗୁଡ଼ିକୁ ଦୁଇ ପ୍ରକାରେ ବାକ୍ୟରେ ରୁହେ - କିଛି ଲାଗିଥିବା ଶବ୍ଦ ଓ କିଛି ଲାଗିନଥିବା ନିରୁତା ଶବ୍ଦ । ସୁତରାଂ କିଛି ଲାଗିଥାଉ ବା ଲାଗିନଥାଉ ଶବ୍ଦ ବାକ୍ୟର ଅଂଶ ହୋଇ ଗଲେ ତାହାକୁ 'ପଦ' କୁହାଯାଏ ।

ଉପର ଉଦାହରଣ ଦୁଇଟିରେ କିଛି ଲାଗିନଥିବା ଅଂଶ (ପଈଡ, ପାଣି, ମଧୁର) ଓ କିଛି ଲାଗିଥିବା ଅଂଶ (ଏବେ-ର/ଝିଅ-ମାନେ/ସାଇକେଲ-ରେ/ବିଦ୍ୟାଳୟ-କୁ/ଗଲେ-ଣି) ପ୍ରତ୍ୟେକ ଗୋଟିଏ ଗୋଟିଏ 'ପଦ' ।

**ଆସ ମନେ ରଖିବା: "ଏକ ପୂର୍ଣ୍ଣାଙ୍ଗ ବାକ୍ୟରେ ଅଂଶ ରୂପରେ ବ୍ୟବହୃତ ହୋଇଥିବା ପ୍ରତ୍ୟେକ ପ୍ରକାରର ସାର୍ଥକ ଶବ୍ଦକୁ 'ପଦ' କୁହାଯାଏ ।"**

ଉଦାହରଣରେ ଥିବା ଝିଅମାନେ / ସାଇକେଲରେ / ବିଦ୍ୟାଳୟକୁ / ଗଲେଣି / - ଏହି ଚାରୋଟି ଅଂଶ ବା ପଦକୁ ଏବେ ଲକ୍ଷ୍ୟ କରିବା ।

ଚାରୋଟି ଯାକ ପଦରୁ / ମାନେ, ରେ, କୁ, ଣି / ଇତ୍ୟାଦିକୁ ବାଦ୍ ଦେଲେ ପଦଗୁଡ଼ିକ ଯଥାକ୍ରମେ ଝିଅ, ସାଇକେଲ୍, ବିଦ୍ୟାଳୟ, ଗଲେ ରୂପରେ ରହିବ । ଏଗୁଡ଼ିକ ଗୋଟିଏ ଗୋଟିଏ ମୂଳରୂପ ବା ମୂଳପଦ । ମୂଳଶବ୍ଦ ବା ମୂଳରୂପ ସବୁବେଳେ କିଛି ଲାଗିନଥିବା ନିରୁତା ବା ଶୁଦ୍ଧରୂପ । ଏ ପ୍ରକାର ରୂପକୁ ବ୍ୟାକରଣ ଶାସ୍ତ୍ର ବା ଭାଷାଶାସ୍ତ୍ର ଅନୁସାରେ **'ମୁକ୍ତରୂପ'** କୁହାଯାଏ ।

**ଆସ ମନେରଖିବା :**

- ବାକ୍ୟରେ ବ୍ୟବହାର କରାଯାଉଥିବା ମୂଳଶବ୍ଦର କିଛି ଲାଗିନଥିବା ମୁକ୍ତରୂପକୁ "ପ୍ରାତିପଦିକ" କୁହାଯାଏ । ଉଦାହରଣମୂଳକ ବାକ୍ୟରେ, ପଇଡ଼, ପାଣି, ସାଇକେଲ୍, ଝିଅ, ବିଦ୍ୟାଳୟ- ଏକ ଏକ 'ପ୍ରାତିପଦିକ' ।

- ବାକ୍ୟରେ କ୍ରିୟା ଅଂଶଟିର ମୂଳରୂପକୁ "ଧାତୁ" କୁହାଯାଏ । ଦିଆଯାଇଥିବା ଉଦାହରଣରେ 'ଯା' ହେଉଛି କ୍ରିୟାସୂଚକ ପଦର ମୂଳରୂପ ବା ଧାତୁ ।

ଏଥିରୁ ପରିଷ୍କାର ଭାବରେ ବୁଝାଗଲା ଯେ :

(କ) ବାକ୍ୟରେ ଶବ୍ଦ ବା କ୍ରିୟା ବ୍ୟବହୃତ ହେଲେ ତାହା "ପଦ" ହୁଏ ।

(ଖ) ଶବ୍ଦରେ କିଛି ଲାଗି ଥାଉ ବା ନଥାଉ ତାହା ବାକ୍ୟର ଅଂଶ ହେଲାମାତ୍ରେ 'ପଦ' ହୁଏ ।

(ଗ) ବାକ୍ୟରେ ଉଭୟ ଶବ୍ଦ ଭିତ୍ତିକ (ପ୍ରାତିପଦିକ) ଓ କ୍ରିୟାମୂଳକ (ଧାତୁ) ପଦ ରହିଥାଏ ।

**୪.୩ ପଦର ପ୍ରକାର ଭେଦ**

ପୃଥିବୀର ପ୍ରତ୍ୟେକ ଭାଷା ପରି ଓଡ଼ିଆ ଭାଷାରେ ଯେଉଁଯେଉଁ ଧରଣର ବାକ୍ୟରେ ଯେତେଯେତେ 'ପଦ' ବ୍ୟବହୃତ ହୋଇଥାଏ; ସେଗୁଡ଼ିକୁ ପାଞ୍ଚ ଗୋଟି ଭାଗରେ ବିଭକ୍ତ କରାଯାଇପାରେ । ଯଥା- ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ।

**୪.୪. ବିଶେଷ୍ୟ ପଦ**

ଆସ ତଳେ ଥିବା ଉଦାହରଣଗୁଡ଼ିକୁ ପଢ଼ିବା ଓ ଗାଢ଼ କଳା ଅକ୍ଷରର ପଦଗୁଡ଼ିକୁ ଚିହ୍ନିବା :

(କ) **ମହାନଦୀ** **ଓଡ଼ିଶା**ର **ଗଙ୍ଗା** ।

(ଖ) **ଫୁଲକୁଣ୍ଡ**ରେ **ମାଟି**, **ବାଲି** ଓ **ଖତ** ମିଶାଅ ।

(ଗ) **ଗଛ** କାଟିବା **ମଣିଷ** ପାଇଁ କାଳ ହେବ ।

(ଘ) **ବସିବା**ଠାରୁ **କାଶିବା** ଭଲ ।

(ଙ) **ଦୟା**, **କ୍ଷମା**, **କରୁଣା**, **ତ୍ୟାଗ** ଓ **ମୈତ୍ରୀ** ମଣିଷର ପ୍ରକୃତ ଲକ୍ଷଣ ।

ଏବେ ଏସବୁ ଦୃଷ୍ଟାନ୍ତମୂଳ ବାକ୍ୟରେ ବଡ଼ବଡ଼ ଗାଢ଼ କଳା ଅକ୍ଷରରେ ଲେଖାଯାଇଥିବା ପଦଗୁଡ଼ିକର ସ୍ୱାତନ୍ତ୍ର୍ୟ ଓ ଭେଦ ବିଚାର କରିବା ।

'କ' ବାକ୍ୟରେ ତିନୋଟି ପଦ ଅଛି । 'ମହାନଦୀ'- ଏକ ନିର୍ଦ୍ଦିଷ୍ଟ ନଦୀର, 'ଓଡ଼ିଶା' ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଦେଶର ଓ 'ଗଙ୍ଗା' ଗୋଟିଏ ନଦୀର ନାମ ।

'ଖ' ବାକ୍ୟରେ ଥିବା ୬ଟି ପଦ ମଧ୍ୟରୁ ଫୁଲକୁଣ୍ଡ / ମାଟି / ବାଲି / ଖତ' - ଗୋଟିଏ ଗୋଟିଏ ବସ୍ତୁର ନାମ ।

'ଗ' ଉଦାହରଣରେ ଥିବା ୬ଟି ପଦ ମଧ୍ୟରୁ ଗଛ ଓ ମଣିଷ ପଦ ଦୁଇଟି ଦୁଇଟି ବର୍ଗ ବା ଜାତିର ନାମ ।

'ଘ' ବାକ୍ୟରେ ଥିବା ୩ଟି ପଦ ମଧ୍ୟରୁ ବସିବା, କାଶିବା- ଦୁଇଟି କ୍ରିୟା / କାର୍ଯ୍ୟର ନାମ ।

'ଙ' ବାକ୍ୟରେ ଥିବା ୯ଟି ପଦ ମଧ୍ୟରୁ ରେଖାଙ୍କିତ ଗାଢ଼କଳା ଅକ୍ଷରର ପଦଗୁଡ଼ିକ (ଦୟା, କ୍ଷମା, କରୁଣା, ତ୍ୟାଗ ଆଦି) ଗୋଟିଏ ଗୋଟିଏ ଭାବ ବା ଗୁଣର ନାମ ।

ପୃଥିବୀର ପ୍ରତ୍ୟେକ ଭାଷା ଏହିପରି ନାନା ସଂଜ୍ଞା ସୂଚକ ନାମ ସଙ୍କେତରେ ଭରପୂର ରହିଛି । ଓଡ଼ିଆ ଭାଷାରେ ପ୍ରାଣୀ, ଅପ୍ରାଣୀ, ମୂର୍ତ୍ତ-ଅମୂର୍ତ୍ତ, ଦୃଶ୍ୟମୂଳକ ଓ ଅନୁଭବମୂଳକ ହୋଇ ଅନେକ ସଂଜ୍ଞା ବା ସ୍ୱତନ୍ତ୍ର ପରିଚିତିର ନାମ ସଙ୍କେତ ରହିଛି । ନାମ ବା ସଂଜ୍ଞା ଗୋଟିଏ ଆଉ ଗୋଟିଏଠାରୁ ଅଲଗା କରି ଚିହ୍ନେଇ ଦିଏ । ତେଣୁ ଆମ ଚାରିପାଖରେ ଥିବା ପଦାର୍ଥ, ଗୁଣ, ଜାତି, ଅବସ୍ଥା, କ୍ରିୟା, ଭାବ, ସଜୀବ-ନିର୍ଜୀବ ଓ ପ୍ରାଣୀ ଅପ୍ରାଣୀ ପ୍ରଭୃତିକୁ ପରସ୍ପରଠାରୁ ନିଆରା କରିବାକୁ ଯାଇ ନାମ ବା ନିର୍ଦ୍ଦିଷ୍ଟ ସଂଜ୍ଞା ସଙ୍କେତ ଆମ ଭାଷାରେ ଦିଆଯାଇଛି ।

**ଆସ ମନେ ରଖିବା :**

- ଭାଷାରେ ବ୍ୟବହାର କରାଯାଉଥିବା ନାମକୁ ସଂଜ୍ଞା କୁହାଯାଏ ।
- ସଂଜ୍ଞା ବା ନାମଗୁଡ଼ିକ କୌଣସି ସଜୀବ ବା ନିର୍ଜୀବର ଜାତି, ଗୁଣ, ଅବସ୍ଥା ଓ କାର୍ଯ୍ୟାଦିକୁ ସ୍ୱତନ୍ତ୍ର ରୂପେ ଚିହ୍ନାଇ ଦିଏ ।
- **ସୁତରାଂ ବାକ୍ୟରେ ବ୍ୟବହୃତ ଯେଉଁ ପଦ କୌଣସି ସଂଜ୍ଞାର ସଙ୍କେତ ହୋଇଥାଏ ବା ନିର୍ଦ୍ଦିଷ୍ଟ ନାମକୁ ବୁଝାଇ ଥାଏ ତାହାକୁ 'ବିଶେଷ୍ୟ' ପଦ କୁହାଯାଏ ।**

**୪.୪.୧. ବିଶେଷ୍ୟ ପଦର ପ୍ରକାର ଭେଦ :**

ଓଡ଼ିଆ ଭାଷାରେ ବ୍ୟକ୍ତି, ଜାତି, ପ୍ରାଣୀ, ଅପ୍ରାଣୀ, ଗୁଣ, ବସ୍ତୁ, ଭାବ, ଅବସ୍ଥା ଓ କ୍ରିୟା ଆଦି ନାମକୁ ନେଇ ବ୍ୟବହାର କରାଯାଉଥିବା ବିଶେଷ୍ୟ ପଦଗୁଡ଼ିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଏ । ସେଗୁଡ଼ିକ ଏହିପରି :

**(କ) ନାମ ବା ସଂଜ୍ଞାବାଚକ ବିଶେଷ୍ୟ**

**(ଖ) ଜାତିବାଚକ ବିଶେଷ୍ୟ**

**(ଗ) ବସ୍ତୁବାଚକ ବିଶେଷ୍ୟ**

**(ଘ) ଗୁଣ ବା ଅବସ୍ଥା ବାଚକ ବିଶେଷ୍ୟ**

**(ଙ) କ୍ରିୟାବାଚକ ବିଶେଷ୍ୟ**

**୪.୪.୨ ନାମ ବା ସଂଜ୍ଞାବାଚକ ବିଶେଷ୍ୟ :**

କ. ମହାନଦୀ ପରି ବୈତରଣୀ ଓ ବ୍ରାହ୍ମଣୀ ଓଡ଼ିଶାର ଆଉ ଦୁଇଟି ବଡ଼ ନଦୀ ।

ଖ. ନିମ୍ବ, ବେଲ ଓ ସାହାଡ଼ା ଗଛକୁ ପୂଜା କରାଯାଏ ।

ଗ. କଟକ, ପୁରୀ ଓ ସମ୍ବଲପୁର ଓଡ଼ିଶାର ତିନୋଟି ପ୍ରାଚୀନ ସହର ।

ଘ. ସୁଦାମ ପରି ମନୋଜ ଭଲ ଖେଳେ ଓ ପଢ଼େ ।

ଙ. ମହାଭାରତ, ରାମାୟଣ ଓ ଭାଗବତ ତିନୋଟି ମହାନ ଗ୍ରନ୍ଥ ।

କ. ବାକ୍ୟରେ ଅନେକ ନଦୀ ମଧ୍ୟରୁ ବୈତରଣୀ, ବ୍ରାହ୍ମଣୀ ଓ ମହାନଦୀ ଗୋଟିଏଗୋଟିଏ ନିର୍ଦ୍ଦିଷ୍ଟ ନଦୀର ନାମ ।

ଖ. ବାକ୍ୟରେ ଅନେକ ପ୍ରକାରର ଗଛ ମଧ୍ୟରୁ ନିମ୍ବ, ବେଲ ଓ ସାହାଡ଼ା ଏକଏକ ନିର୍ଦ୍ଦିଷ୍ଟ ଗଛର ନାମ ।

'ଗ' ଓ 'ଘ' ବାକ୍ୟରେ ଅନେକ ସହର ଓ ମଣିଷଙ୍କ ଭିତରୁ କଟକ, ପୁରୀ, ବାଲେଶ୍ୱର ଗୋଟିଏ ଗୋଟିଏ ସହରର ଏବଂ ସୁଦାମ, ମନୋଜ ଜଣେ ଜଣେ ନିର୍ଦ୍ଦିଷ୍ଟ ମଣିଷର ନାମ ।

'ଙ' ବାକ୍ୟରେ – ଅସଂଖ୍ୟ ପୁସ୍ତକ ଭିତରୁ ତିନୋଟି ଗ୍ରନ୍ଥର ନିର୍ଦ୍ଦିଷ୍ଟ ନାମ ଉଲ୍ଲେଖ ହୋଇଛି ।

ଏଥିରୁ ଆମେ ଜାଣିପାରିଲେ ପ୍ରାଣୀ-ଅପ୍ରାଣୀର ସମଜାତୀୟ ଅନେକ ମଧ୍ୟରୁ ନିର୍ଦ୍ଦିଷ୍ଟ ଭାବରେ ଜଣଙ୍କୁ ବା ଗୋଟିଏରୁ ପୃଥକ୍ କରି ଚିହ୍ନାଇ ଦେବା ପାଇଁ ବାକ୍ୟରେ ନାମସୂଚକ ପଦ ବ୍ୟବହାର କରାଯାଏ । ସମଷ୍ଟିର ଏକ ନିର୍ଦ୍ଦିଷ୍ଟ ଅଂଶ ବିଶେଷକୁ 'ନାମ' ବା 'ସଂଜ୍ଞା' କୁହାଯାଏ ।

**ଆସ, ମନେ ରଖିବା :**

**ନିର୍ଦ୍ଦିଷ୍ଟ ରୂପେ ଅନେକରୁ ଜଣକର ବା ଗୋଟିକର ସଂଜ୍ଞା ବା ନାମକୁ 'ନାମବାଚକ' ବିଶେଷ୍ୟ କୁହାଯାଏ ।**

ଏହି ନାମବାଚକ ବିଶେଷ୍ୟକୁ 'ସଂଜ୍ଞାବାଚକ' ବା 'ବ୍ୟକ୍ତିବାଚକ ବିଶେଷ୍ୟ ବି କୁହାଯାଏ ।

ନାମକ ବାଚକ ବିଶେଷ୍ୟ ପରେ ଆମ ଭାଷାରେ ଆଦର ଓ ଅନାଦର ଅର୍ଥରେ ଟି/ଟା ସୂଚକ ଲଗାଯାଇଥାଏ ।

ଯଥା – ରମାଟି ଭଲ ଝିଅ । (ଆଦର ଅର୍ଥରେ-ଟି) – ମଦନଟା ଜମା ପଢୁନି । (ଟା- ଅନାଦର ଅର୍ଥରେ)

**୪.୪.୩ ଜାତିବାଚକ ବିଶେଷ୍ୟ**

ତଳେ ଦିଆଯାଇଥିବା ବାକ୍ୟ ତିନୋଟିକୁ ପଢ଼ ଓ କଳା ଅକ୍ଷରର ପଦଗୁଡ଼ିକୁ ଲକ୍ଷ୍ୟ କର ।

(କ) **ଶିକ୍ଷକ** ଆଗାମୀ ପିଢ଼ିର **ପିଲା**ମାନଙ୍କୁ ଗଢ଼ନ୍ତି ।

(ଖ) **ଅରଣ୍ୟ** କମିଯିବାରୁ ବଣୁଆ **ପଶୁପକ୍ଷୀ** କମିଗଲେଣି ।

(ଗ) ଏବେ **ସହରରେ ଗାଁ**ରୁ ଆସୁଥିବା **ମଣିଷ**ଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି ।

କ- ବାକ୍ୟରେ 'ଶିକ୍ଷକ' କହିଲେ ଶିକ୍ଷାଦାନ କରୁଥିବା ନିର୍ଦ୍ଦିଷ୍ଟ ବୃତ୍ତିର ସମୂହର ନାମକୁ ବୁଝାଉଛି । 'ପିଲା' କହିଲେ ଗୋଟିଏ ନିର୍ଦ୍ଦିଷ୍ଟ ବୟସର ମଣିଷମାନଙ୍କ ସମୂହ ବା ବର୍ଗକୁ ବୁଝାଉଛି । ଖ-ବାକ୍ୟରେ 'ଅରଣ୍ୟ', 'ପଶୁ' ଓ 'ପକ୍ଷୀ' କହିଲେ କୌଣସି ଏକ ନିର୍ଦ୍ଦିଷ୍ଟ 'ଅରଣ୍ୟ', ପଶୁ ପକ୍ଷୀ ନବୁଝାଇ ସବୁ ପ୍ରକାରର ଅରଣ୍ୟ, ପଶୁ ଓ ପକ୍ଷୀଙ୍କୁ ବୁଝାଯାଉଛି । ଗ- ବାକ୍ୟରେ ସହର, ଗାଁ ଓ ମଣିଷ କହିଲେ ନିର୍ଦ୍ଦିଷ୍ଟ ସହର-ଗାଁ-ମଣିଷକୁ ନବୁଝାଇ ସମୁଦାୟକୁ ବୁଝାଉଛି । ସୁତରାଂ 'ଜାତି' କହିଲେ ସମୁଦାୟ, ସକଳ ବା ସମଶ୍ରେଣୀର ସମୂହକୁ ବୁଝାଏ । ଯଥା- ଦେଶ । 'ଦେଶ' କହିଲା ମାତ୍ରେ ଭାରତ, ପାକିସ୍ଥାନ, ଶ୍ରୀଲଙ୍କା, ଆମେରିକା, ଆମ ଦେଶ, ତାଙ୍କ ଦେଶ, ୟୁରୋପୀୟ ଦେଶ, ପୂର୍ବଭାଗର ଦେଶ, ପାଶ୍ଚାତ୍ୟ ଦେଶ, ପ୍ରାଚ୍ୟ ଦେଶ – ଏପରି ଅନେକ ଦେଶ ସମୂହକୁ ବୁଝାଏ । ଶିକ୍ଷକ, ପିଲା, ଅରଣ୍ୟ, ପଶୁ, ପକ୍ଷୀ, ସହର, ଗାଁ, ଦେଶ- ଏସବୁ ଗୋଟିଏ ଗୋଟିଏ ବର୍ଗ ବା ଜାତିର ନାମ ।

### ୪.୪.୩.୧ ଆସ, ମନେରଖିବା :

**ବାକ୍ୟରେ ଯେଉଁ ବିଶେଷ୍ୟ ପଦ କୌଣସି ନିର୍ଦ୍ଦିଷ୍ଟ ଜାତିର ନାମକୁ ବୁଝାଇଥାଏ ତାହାକୁ 'ଜାତିବାଚକ' ବିଶେଷ୍ୟ କୁହାଯାଏ ।**

- କେତେକ ସଜୀବ (ପ୍ରାଣୀ) ବିଶେଷ୍ୟର ଜାତିବାଚକ ନାମ - ପଶୁ, ପକ୍ଷୀ, ସାପ, ମାଛ, ଗାଈ, ପିଲା, ବୁଢ଼ା, ଛାତ୍ର, ଛାତ୍ରୀ... ।

- କେତେକ ନିର୍ଜୀବ (ଅପ୍ରାଣୀ) ବିଶେଷ୍ୟର ଜାତିବାଚକ ନାମ - ବହି, ପର୍ବତ, ସାଗର, ଗାଁ, ଦେଶ, ସହର, ଲୁଗା, ହାର, ଘର... ।

### ୪.୪.୩.୨ ଜାତିବାଚକ ଓ ନାମବାଚକ ବିଶେଷ୍ୟର ପାର୍ଥକ୍ୟ :

ଅନେକ ସମୟରେ ଜାତିବାଚକ ଓ ନାମବାଚକ ବିଶେଷ୍ୟକୁ ହଠାତ୍ ଚିହ୍ନଟ କରିହୁଏ ନାହିଁ । ଉଭୟ ମଧ୍ୟରେ ସାମାନ୍ୟ ଓ ସୂକ୍ଷ୍ମ ପାର୍ଥକ୍ୟ ରହିଛି । ଏହି ପାର୍ଥକ୍ୟକୁ ଜାଣିପାରିଲେ ଉଭୟର ଚିହ୍ନଟ ସହଜ ହୁଏ ।

ଯଥା - (କ) ତଆପୋଇ ଛେଳି ଜଗୁଥିଲା । ଘରମଣି ଛେଳିଟି ହଜିଗଲା । (ଖ) ଓଡ଼ିଆ ଏକ ସାମ୍ବିଧାନିକ ଭାଷା ।

କ- ବାକ୍ୟରେ 'ଛେଳି' ଗୋଟିଏ ପଶୁ ଶ୍ରେଣୀୟ ଜାତିବାଚକ ବିଶେଷ୍ୟର ନାମ । ଅନେକ ଛେଳି ମଧ୍ୟରୁ 'ଘରମଣି' ଗୋଟିଏ ଛେଳିର ନାମ । ସେହିପରି - ବାକ୍ୟରେ 'ଭାଷା' ଅନେକ ଭାଷାର ସମୂହକୁ ବୁଝାଏ । ଭାରତର ଅନେକ ସାମ୍ବିଧାନିକ ମର୍ଯ୍ୟାଦା ପାଇଥିବା ଭାଷା ଗୋଷ୍ଠୀ ମଧ୍ୟରୁ "ଓଡ଼ିଆ" ଏକ ନିର୍ଦ୍ଦିଷ୍ଟ ଅଂଶ ବା ଗୋଟିଏ ଭାଷାର ନାମ । ଏଥିରୁ ସ୍ପଷ୍ଟ ହେଲା -

**"ଜାତି ବାଚକ ବିଶେଷ୍ୟ ପଦ ସମୂହ, ଶ୍ରେଣୀ, ବର୍ଗ, ଗୋଷ୍ଠୀ ବା ସମଷ୍ଟିବୋଧକ ଜାତିର ନାମକୁ ବୁଝାଇଥାଏ । ନାମବାଚକ ବା ସଂଜ୍ଞାବାଚକ ବିଶେଷ୍ୟ ସେହି ସମଜାତିର ଏକ ନିର୍ଦ୍ଦିଷ୍ଟ ଅଂଶ ବା ଗୋଟିକର ନାମକୁ ବୁଝାଇଥାଏ ।"**

**ଆସ, ଅଭ୍ୟାସ କରିବା :**

| ଜାତିବାଚକ ବିଶେଷ୍ୟ | ନାମବାଚକ ବିଶେଷ୍ୟ |
|---|---|
| ବହି | ଭାଗବତ |
| କବି | ରାଧାନାଥ |
| ଭାଷା | ଓଡ଼ିଆ |
| ମନ୍ଦିର | ଶ୍ରୀମନ୍ଦିର |
| ଦେବତା | ଜଗନ୍ନାଥ |
| ନଦୀ | ଋଷିକୁଲ୍ୟା |

**୪.୪.୩.୩** : ଜାତିବାଚକ ବିଶେଷ୍ୟରେ ବି ଆଦର, ଅନାଦର, ନିଶ୍ଚିତ, ଅନିଶ୍ଚିତ, ନିର୍ଦ୍ଦିଷ୍ଟ ଓ ଅନିର୍ଦ୍ଦିଷ୍ଟ ଅର୍ଥରେ ଟି, ଟା, ଟେ, ଟିଏ, ଟାଏ ଆଦି ସୂଚକ ପଦ ଲାଗିଥାଏ । ଯଥା- ପିଲାଟି, ଘରଟା, ବହିଟିଏ, କଥାଟେ, ଗପଟିଏ, ଦେଶଟିଏ, ନଈଟେ, ଲୋକଟା, ମଣିଷଟାଏ, ପଶୁଟିଏ ଇତ୍ୟାଦି । ଏସବୁ ସୂଚକ ଜାତିବାଚକ ନାମକୁ ଏକବଚନ କରିଦିଏ ।

**୪.୪.୩.୪** : ଗୋଟିଏ ନିର୍ଦ୍ଦିଷ୍ଟ ନାମବାଚକ ପ୍ରାଣୀ ବା ଅପ୍ରାଣୀର ଗୁଣ, କାର୍ଯ୍ୟ, ରୂପ ଇତ୍ୟାଦି ଅନୁରୂପ ଭାବରେ ଅନ୍ୟ ପ୍ରାଣୀ ଅପ୍ରାଣୀର ଗୁଣ, କାର୍ଯ୍ୟ ଓ ରୂପ ଆଦିରେ ସମ ଲକ୍ଷଣରେ ଦେଖାଗଲେ ସେଠାରେ ନାମବାଚକ ବିଶେଷ୍ୟକୁ ଜାତିବାଚକ ବିଶେଷ୍ୟ ଭାବରେ ଗ୍ରହଣ କରାଯାଏ । ଯଥା -

- ଗଙ୍ଗାଧର ଓଡ଼ିଶାର <u>କାଳିଦାସ</u> ।
- ପ୍ରାଚୀନଦୀ ଓଡ଼ିଶାର <u>ଗଙ୍ଗା</u> ।
- ରାଧାନାଥ ଆମ ସାହିତ୍ୟର <u>ୱାର୍ଡ୍‌ସ୍‌ୱର୍ଥ</u> ।

ଏଠାରେ କାଳିଦାସ, ଗଙ୍ଗା, ୱାର୍ଡ୍‌ସ୍‌ୱର୍ଥ - ତିନୋଟି ନିର୍ଦ୍ଦିଷ୍ଟ ନାମ ବା ସଂଜ୍ଞା ନୁହେଁ । କାଳିଦାସ ଓ ୱାର୍ଡ୍‌ସ୍‌ୱର୍ଥଙ୍କ ଲେଖକୀୟ ଗୁଣ ଅନ୍ୟ ଲେଖକଙ୍କ ସହିତ ବା ସମୂହ ସହିତ ମିଶିଯାଉଛି । ସେହିପରି 'ଗଙ୍ଗା'ର ଗୁଣ ଓ ଧର୍ମ ପ୍ରାଚୀ ବା ପ୍ରାଚୀ ପରି ଅନ୍ୟ ନଈଗୁଡ଼ିକ ସହିତ ମିଶିଯାଉଛି । ଏପରି ଭାବରେ ପ୍ରାଣୀ ଅପ୍ରାଣୀ ହୋଇ ଯେକୌଣସି ନିର୍ଦ୍ଦିଷ୍ଟ ନାମବାଚକ ପଦଟି ଯଦି ସମୂହବାଚକ ପଦ ଭଳି ଅର୍ଥ ପ୍ରଦାନ କରେ ତେବେ ତାହା ସମୂହସୂଚକ ଜାତି ବାଚକ ବିଶେଷ୍ୟ ହୋଇଯାଏ । ଏଠାରେ କାଳିଦାସ, ଗଙ୍ଗା, ୱାର୍ଡ୍‌ସ୍‌ୱର୍ଥ ଏକଏକ ଜାତିବାଚକ ବିଶେଷ୍ୟ ପଦ ରୂପେ ବ୍ୟବହୃତ ହୋଇଛି ।

### ୪.୪.୪ ବସ୍ତୁବାଚକ ବିଶେଷ୍ୟ

ଦେଖି ଓ ଛୁଇଁ ହୋଇପାରୁଥିବା ଯେଉଁ ପଦାର୍ଥକୁ ଭାଙ୍ଗିଲା ପରେ ବି ତାହାର ସର୍ବନିମ୍ନ ଅଂଶ ବି ସେହି ମୂଳରୂପରେ ଚିହ୍ନାଯାଏ ତାହାକୁ ବସ୍ତୁ କୁହାଯାଏ । ତଳ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କରିବା ।

- **ସୁନା** କେବେବି **ତମ୍ବା** ହୁଏନି କି **ମାଟି** ହୁଏ ନାହିଁ ।
- ଆଗକୁ ପାହାଡ଼ ନଥିବ କି ବସିବାକୁ **ପଥର** ନଥିବ । ଆଉ ଝରଣାରେ **ପାଣି** ନଥିବ ।

ଉପର ବାକ୍ୟ ଦୁଇଟିରେ ସୁନା, ତମ୍ବା, ମାଟି, ପଥର, ପାଣି ଗୋଟିଏଗୋଟିଏ ବସ୍ତୁ । ଏଗୁଡ଼ିକୁ ଟିକିଟିକି କରି ଭାଙ୍ଗି ଦେଲେବି ଶେଷରେ ବି ସେହି ସୁନା, ତମ୍ବା, ମାଟି, ପଥର ଓ ପାଣି ରହିବ । ବାକ୍ୟରେ ଏଗୁଡ଼ିକୁ ବସ୍ତୁବାଚକ ବିଶେଷ୍ୟ ରୂପେ ଚିହ୍ନାଇ ବ୍ୟବହାର କରାଯାଇଥାଏ । ସୁତରାଂ ଏବେ ଆମେ ଜାଣିଲେ :

- **'ବାକ୍ୟରେ ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ବସ୍ତୁର ନାମକୁ ବୁଝାଏ ତାହାକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଏ ।'**

**ମନେରଖିବା :**

ବସ୍ତୁବାଚକ ବିଶେଷ୍ୟ ବି ବସ୍ତୁବୋଧକ ଶବ୍ଦକୁ ନେଇ ଅନେକ ସମୟରେ ଜାତିବାଚକ ବିଶେଷ୍ୟ ପରି ଓ ଜାତିବାଚକ ବିଶେଷ୍ୟ ମଧ୍ୟ ବସ୍ତୁବାଚକ ବିଶେଷ୍ୟ ପରି ଜଣାପଡ଼େ । ଏ ଉଭୟର ପାର୍ଥକ୍ୟ ଜାଣିବା ନିମିତ୍ତ ଆସ ମନେ ରଖିବା :

– ବସ୍ତୁ ପ୍ରତି ଅବସ୍ଥାରେ ବସ୍ତୁ ହୋଇ ରୁହେ । ତାହାର ମୌଳିକ ଧର୍ମ ବଦଳେ ନାହିଁ । ବସ୍ତୁରୁ ପ୍ରସ୍ତୁତ ବା ବସ୍ତୁକୁ ଆଶ୍ରୟ କରିଥିବା ପଦାର୍ଥ ସବୁ ଅବସ୍ଥାରେ ନିଜର ଧର୍ମ, ଗୁଣ, ରୂପକୁ ଅବିକଳ ରଖିପାରେ ନାହିଁ । ବସ୍ତୁମୂଳକ ଜାତିବାଚକ ବିଶେଷ୍ୟ ଅନେକ ପ୍ରକାରର ହୋଇଥାଏ ବା ତା'ର ଏକ ସମଷ୍ଟି ଥାଏ । କିନ୍ତୁ ବସ୍ତୁବାଚକ ବିଶେଷ୍ୟ ଏକକ ହୋଇ ରହିଥାଏ ଏବଂ ତା'ର ସର୍ବନିମ୍ନ ଅଂଶ ବି ବସ୍ତୁ ହୋଇ ରୁହେ । ଏବେ ତଳେ ଥିବା ଦୃଷ୍ଟାନ୍ତଗୁଡ଼ିକୁ ପଢ଼ିବା ଏବଂ ଉଭୟ ବସ୍ତୁବାଚକ ଓ ବସ୍ତୁ ଆଧାରିତ ଜାତିବାଚକ ବିଶେଷ୍ୟକୁ ଭିତରେ ଥିବା ସୂକ୍ଷ୍ମ ଭେଦକୁ ଚିହ୍ନିବା ।

| | ବସ୍ତୁବାଚକ ବିଶେଷ୍ୟ | ଜାତିବାଚକ ବିଶେଷ୍ୟ |
|---|---|---|
| | କାଠ<br>(ଯେତେ ଖଣ୍ଡ କଲେ ବି କୌଣସି ଅବସ୍ଥାରେ 'କାଠ' ଆଉ କିଛି ହେବ ନାହିଁ । କାଠ ହୋଇ ରହିବ) | ଚୌକି<br>(ଚୌକିକୁ ଭାଙ୍ଗି ଦେଲେ ଟୁକୁରା କାଠରେ ପରିଣତ ହେବ, ଚୌକି ହୋଇ ରହିବନି ।)<br>– ଚୌକିର ବି ଜାତି ବା ନାନା ପ୍ରକାର ରହିଛି । କାଠଚୌକି, ଲୁହାଚୌକି, ବେତ ଚୌକି, ଆରାମ ଚୌକି । |
| ୨. | ସୁନା<br>(ଯେକୌଣସି ଅବସ୍ଥାରେ ସୁନା ହୋଇରୁହେ ।) | ହାର<br>(ଅବସ୍ଥାକ୍ରମେ ବଦଳିଯାଏ)<br>(ଅନେକ ପ୍ରକାରର ବି ହୋଇଥାଏ, ଯଥା– ସୁନାହାର, ଫୁଲହାର, ମୁକ୍ତାହାର, ଗଣ୍ଠିହାର, ନକ୍ଷତ୍ରହାର...) |

ଏହିପରି :

| | |
|---|---|
| ଲୁହା | କବାଟ |
| ରୁପା | ଚୁଡ଼ି |
| ପଥର | ମୂର୍ତ୍ତି |
| ମାଟି | କଣ୍ଢେଇ |
| ବହି | କାଗଜ |

**୪.୪.୫ ଗୁଣବାଚକ (ଅବସ୍ଥାବାଚକ) ବିଶେଷ୍ୟ :**

- ମଣିଷ କପୋତଠାରୁ <u>ନିରୀହତା</u>, ମୟୂରଠାରୁ <u>ସୌନ୍ଦର୍ଯ୍ୟ</u> ଆଉ କୋଇଲିଠାରୁ <u>ମଧୁରତା</u> ଶିକ୍ଷାକରୁ ।
- <u>ଚାଞ୍ଚଲ୍ୟ</u> ସୃଷ୍ଟି ଅପେକ୍ଷା <u>ସତ୍ୟ</u> ପ୍ରକାଶ ସମ୍ବାଦପତ୍ରର ଧର୍ମ ହେଉ ।
- ବେଦ ଆମକୁ <u>ଶାନ୍ତି</u>, <u>ମୈତ୍ରୀ</u> ଓ <u>ସମତା</u> ଆଦି ଭାବ ଶିଖେଇଛି ।
- ଜୀବନରେ <u>ଶୈଶବ</u>, <u>ଯୌବନ</u>, <u>ବାର୍ଦ୍ଧକ୍ୟ</u> ଆସେ : ଏସବୁ ସହିତ <u>ଦୁଃଖ</u> ପରେ <u>ସୁଖ</u> ଲାଗି ରହିଥାଏ ।
- <u>ଦାରିଦ୍ର୍ୟ</u> ସହିତ <u>ନିରକ୍ଷରତା</u> ସମୃଦ୍ଧିର ବାଧକ ।

ଉପରର ବାକ୍ୟଗୁଡ଼ିକରେ ଥିବା କଳା ଅକ୍ଷରର ପଦଗୁଡ଼ିକ ଆମକୁ ଗୋଟିଏଗୋଟିଏ ଗୁଣ, ଭାବ ଓ ଅବସ୍ଥା ବିଷୟରେ ସୂଚେଇ ଦେଉଛି । **ନିରୀହତା, ସୌନ୍ଦର୍ଯ୍ୟ, ମଧୁରତା, ଚାଞ୍ଚଲ୍ୟ, ସତ୍ୟ, ଶାନ୍ତି, ମୈତ୍ରୀ, ସମତା** ଇତ୍ୟାଦି ପଦ ଏକ ନିର୍ଦ୍ଦିଷ୍ଟ ଗୁଣ ବା ଭାବର ନାମକୁ ବୁଝାଉଛି । ସେହିପରି ଶୈଶବ, ଯୌବନ, ବାର୍ଦ୍ଧକ୍ୟ, ଦୁଃଖ, ସୁଖ, ଦାରିଦ୍ର୍ୟ ଓ ନିରକ୍ଷରତା ପ୍ରଭୃତି ପଦ ଗୋଟିଏଗୋଟିଏ ନିର୍ଦ୍ଦିଷ୍ଟ ଅବସ୍ଥାର ନାମକୁ ସୂଚାଉଛି । ସୁତରାଂ ଭଲ ହେଉ କିମ୍ବା ମନ୍ଦ ହେଉ (ଗୁଣ ଅଥବା ଅବସ୍ଥା)- **"ବାକ୍ୟରେ ଯେଉଁ ବିଶେଷ୍ୟ ପଦ କୌଣସି ନିର୍ଦ୍ଦିଷ୍ଟ ଗୁଣ ଅଥବା ଅବସ୍ଥାର ନାମକୁ ବୁଝାଏ ତାହାକୁ ଗୁଣବାଚକ ଅଥବା ଅବସ୍ଥା ବାଚକ ବିଶେଷ୍ୟ କୁହାଯାଏ ।'**

### ୪.୪.୬ - କ୍ରିୟାବାଚକ ବିଶେଷ୍ୟ (କ୍ରିୟାଜ ବିଶେଷ୍ୟ)

ଆଗକୁ ଆମେ କ୍ରିୟାପଦ ବିଷୟରେ ଅଧିକ ଜାଣିବା । ଆମେ କ୍ରିୟାପଦକୁ କିପରି ବାକ୍ୟରେ ବ୍ୟବହାର କରିଥାଏ । ଏବେ ଆସ ତଳ ଉଦାହରଣରୁ ଜାଣିବା -

| କ- ସ୍ତମ୍ଭ | ଖ-ସ୍ତମ୍ଭ |
|---|---|
| ସତ୍ୟ ଖାଇଲା | <u>ଖାଇବାଟା</u> ସତ୍ୟର ଭଲ ହେଲା |
| ପିଲାମାନେ ଖେଳୁଛନ୍ତି | ପିଲାମାନଙ୍କର <u>ଖେଳ</u> ଚାଲିଛି |
| ପୁରାଣପଣ୍ଡା ଭାଗବତ ପଢ଼ିଲେ | ପୁରାଣପଣ୍ଡାଙ୍କଦ୍ୱାରା ଭାଗବତ <u>ପଢ଼ା</u> ହେଲା |

ଏଠାରେ କ-ସ୍ତମ୍ଭରେ ଖାଇଲା/ଖେଳୁଛନ୍ତି/ ପଢ଼ିଲେ- ତିନୋଟି ଅଂଶ ରହିଛି । ଏ ଅଂଶଗୁଡ଼ିକରୁ କ୍ରିୟାର ସାଧନ ବା କାର୍ଯ୍ୟ ହେବାର ଅବସ୍ଥାଟି ଜଣାପଡୁଛି । ଅର୍ଥାତ୍ ସତ୍ୟର ଖାଇବା କ୍ରିୟା ସରିଛି / ପିଲାମାନଙ୍କର ଖେଳକ୍ରିୟା ଚାଲିଛି / ପୁରାଣ ପଣ୍ଡାଙ୍କର ପଢ଼ିବା କାମ ସରିଛି । ବାକ୍ୟରେ ଯେଉଁ ପଦ କାର୍ଯ୍ୟ ସାଧନର କଥାଟି ସୂଚିତ କରେ ତାହାକୁ ଆମେ କ୍ରିୟାପଦ ଭାବରେ ବ୍ୟବହାରକରୁ । ଏଗୁଡ଼ିକୁ '<u>ସାଧ୍ୟକ୍ରିୟା'</u> କୁହାଯାଏ । ଏଥିରୁ କାର୍ଯ୍ୟର ସମାପ୍ତି ଅସମାପ୍ତି ଆଦି ବୋଧହୁଏ । ଯଥା- ପଢ଼, ପଢ଼ିବ, ପଢ଼ିଛି, ପଢ଼ିଲା, ପଢୁ, ପଢ଼ିକରି, ପଢ଼ି ଇତ୍ୟାଦି । ସେହିପରି, କରି, ଖାଇ, ଶୋଇ, ନେଇ, ଦେଖି, ଆସିବ, ଚାଲିଗଲା ଇତ୍ୟାଦି 'ସାଧ୍ୟକ୍ରିୟା' । କ-ସ୍ତମ୍ଭ ବାକ୍ୟର ଖାଇଲା /ଖେଳୁଛନ୍ତି / ପଢ଼ିଲେ ଏକ ଏକ ସାଧ୍ୟକ୍ରିୟା ପଦ ।

ଖ-ସ୍ତମ୍ଭରେ ଥିବା ଖାଇବାଟା (ଖାଇବା), ଖେଳ, ପଢ଼ା- ଏ ତିନୋଟି ଅଂଶରୁ କାର୍ଯ୍ୟ ସାଧନର ଅର୍ଥ ପ୍ରକାଶ ପାଉନି । ବରଂ କାର୍ଯ୍ୟଟି କ'ଣ ତାହା ବୁଝାପଡୁଛି । ଏ ଅଂଶଟିରୁ ନିର୍ଦ୍ଦିଷ୍ଟ କାର୍ଯ୍ୟଟି କ'ଣ ବା କରାଯାଉଥିବା କ୍ରିୟା ବା କାର୍ଯ୍ୟର ନାମ ବୁଝାପଡୁଛି । ଯେଉଁ ପଦରୁ କ୍ରିୟା କ'ଣ ଜଣାପଡ଼େ ତାହାକୁ '<u>ସିଦ୍ଧକ୍ରିୟା'</u> କୁହାଯାଏ । ଖ-ସ୍ତମ୍ଭର ଖାଇବା/ ଖେଳ, ପଢ଼ା ଗୋଟିଏ ଗୋଟିଏ ସିଦ୍ଧକ୍ରିୟା ବା କାର୍ଯ୍ୟର ନାମ । ସୁତରାଂ :

**'ବାକ୍ୟରେ ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ କ୍ରିୟା ବା କାର୍ଯ୍ୟର ନାମକୁ ସୂଚାଏ ତାହାକୁ 'କ୍ରିୟାବାଚକ' ବିଶେଷ୍ୟ କୁହାଯାଏ । କ୍ରିୟାପଦର ମୂଳ ପ୍ରକୃତି ଧାତୁରୁ ଏହା ଜାତ ହେଉଥିବାରୁ ଏହାକୁ 'କ୍ରିୟାଜ ବିଶେଷ୍ୟ'ବି କୁହାଯାଏ ।**

**ଆସ ମନେ ରଖିବା -**

କ୍ରିୟାର ମୂଳଧାତୁରେ ବା ମୂଳକ୍ରିୟା ରୂପରେ ଇବା, ଅ, ଆ, ଏଇ, ଅଣା, ଅନ୍, ତି, ଅଣି, ଅଣ, ଇଆ ଓ ଆଳି ପ୍ରଭୃତି ପ୍ରତ୍ୟୟ ବା ବର୍ଣ୍ଣସୂଚକଗୁଡ଼ିକ ଲଗାଇ ଆମ ଭାଷାରେ <u>କ୍ରିୟାବାଚକ ବିଶେଷ୍ୟ</u> ପଦ ଗଠନ କରାଯାଏ ।

ଏବେ ଆସ, ଆମେ କେତେକ କ୍ରିୟାବାଚକ ବିଶେଷ୍ୟ ପଦ ଗଢ଼ିବା ଓ ତାକୁ ବାକ୍ୟରେ ବ୍ୟବହାର କରିବା । ଯଥା:

ମୂଳକ୍ରିୟା ରୂପ (ଧାତୁ) + ଚିହ୍ନ ସୂଚକ / ପ୍ରତ୍ୟୟ ଯୋଗ = ଗଠିତ କ୍ରିୟାବାଚକ ବିଶେଷ୍ୟ ପଦ ଓ ବାକ୍ୟ

ଖେଳ୍ + ଅ = ଖେଳ - କ'ଣ ଖେଳ ସରିଲା ?

ପଢ୍ + ଆ = ପଢ଼ା - ପଢ଼ା ତାଙ୍କର ଚାଲିଛି ।

ବସ୍ + ଇବା = ବସିବା - ବସିବାଠାରୁ ଜାଣିବା ଭଲ ।

ଲଢ୍ + ଏଇ = ଲଢ଼େଇ - ଲଢ଼େଇ ବିନାଶକୁ ଡାକି ଆଣେ ।

ରାନ୍ଧ୍ + ଅଣା = ରାନ୍ଧଣା - ରାନ୍ଧଣାଟା କେମିତି ହୋଇଛି ?

ଭୁଜ୍ + ଅନ୍ = ଭୋଜନ - ସେ ଭୋଜନ ସାରି ଫେରିଲେ ।

ନାଚ୍ + ଆଳି = ନଚାଳି - ସେ ଖୁବ୍ ନଚାଳି ।

**ଆସ ମନେ ରଖିବା -**

ବାକ୍ୟରେ କ୍ରିୟାର ସାଧନ ରୂପଟି କ୍ରିୟାପଦ ଭାବରେ ବସେ ଓ ମୂଳକ୍ରିୟାରୂପର ସିଦ୍ଧ କାର୍ଯ୍ୟଟି ବିଶେଷ୍ୟ ପଦ ଭାବରେ ବ୍ୟବହୃତ ହୁଏ । କ୍ରିୟାବାଚକ ବିଶେଷ୍ୟ ପଦରେ 'ଆଳି' ଯୋଗହୋଇ ଜାତିବାଚକ ବିଶେଷ୍ୟ ଆମ ଭାଷାରେ ଗଢ଼ାଯାଇପାରେ । ଯଥା -

| କ୍ରିୟାବାଚକ ବିଶେଷ୍ୟ | ଜାତିବାଚକ ବିଶେଷ୍ୟ |
|---|---|
| ଖେଳ | ଖେଳ + ଆଳି = ଖେଳାଳି |
| ପଢ଼ା | ପଢ଼ା+ଆଳି = ପଢ଼ାଳି |
| ନାଚ | ନାଚ୍ + ଆଳି = ନଚାଳି |

**୪.୫ ସର୍ବନାମ ପଦ**

ଆସ, ତଳେ ଥିବା କ- ଖ ସ୍ତମ୍ଭର ଉଦାହରଣ ଦୁଇଟିକୁ ପରଖିବା ।

| କ-ସ୍ତମ୍ଭ | ଖ-ସ୍ତମ୍ଭ |
|---|---|
| ୧ମ - ମଧୁ ଜୀବନସାରା ସତ କହିଛି; ଏବେ ମଧୁ ସତ ହିଁ କହିବ । | ୧ମ- ମଧୁ ଜୀବନସାରା ସତ କହିଛି; ଏବେ ସେ ତାହା ହିଁ କହିବ । |
| ୨ୟ - ସନା ଭାରି ଗାଲୁଆ ଓ ଧୂର୍ତ୍ତ । ତା' ସାନଭାଇ ସନାପରି ଭାରି ଗାଲୁଆ ଓ ଧୂର୍ତ୍ତ ନୁହେଁ । | ୨ୟ- ସନା ଭାରି ଗାଲୁଆ ଓ ଧୂର୍ତ୍ତ ତା' ସାନ ଭାଇ ତା'ପରି ସେମିତି ନୁହେଁ । |

ଏଠାରେ 'କ'ସ୍ତମ୍ଭରେ ପ୍ରଥମ ବାକ୍ୟ ଓ ଖ-ସ୍ତମ୍ଭର ପ୍ରଥମ ବାକ୍ୟକୁ ମିଶାଇ ପରଖିଲେ ଦେଖାଯିବ- ଉଭୟର ଭାବାର୍ଥ ସମାନ । ସେହିପରି ଉଭୟ ସ୍ତମ୍ଭରେ ୨ୟ ବାକ୍ୟ ଦୁଇଟି ସମାନ ଭାବାର୍ଥର ।

କ- ସ୍ତମ୍ଭରେ ମଧୁ, ସତ, ସନା, ଧୂର୍ତ୍ତ ଓ ଗାଲୁଆ ପରି ପଦ ବାରମ୍ବାର ବ୍ୟବହୃତ ହୋଇଛି । 'ଭାରି' ପରି ଏକ ବିଶେଷ୍ୟ ପଦର ବିଶେଷତ୍ୱ ପ୍ରକାଶକାରୀ ଶବ୍ଦର ବି ପୁନରାବୃତ୍ତି ଘଟିଛି । 'ଭାରି ଗାଲୁଆ ଓ ଧୂର୍ତ୍ତ' - ଏ ଖଣ୍ଡବାକ୍ୟଟିର ବି ପୁନରାବୃତ୍ତି ଘଟିଛି । ଗୋଟିଏ ବିଶେଷ୍ୟ ପଦର ଓ ଖଣ୍ଡବାକ୍ୟର ବି ବାରମ୍ବାର ବ୍ୟବହୃତ ହେବାଦ୍ୱାରା ବାକ୍ୟ ଦ୍ୱୟ ଶ୍ରୁତିକଟୁ

ସୃଷ୍ଟି କରୁଛି । ବିଶେଷ୍ୟ ତଥା ବିଶେଷ୍ୟ ଆଶ୍ରିତ ପଦର ବାରମ୍ବାର ବ୍ୟବହୃତ ହେବାଦ୍ୱାରା ଯେଉଁ ଶ୍ରୁତିକଟୁ ପୁନରାବୃତ୍ତି ଘଟୁଛି ତାହା ହେତୁ ବାକ୍ୟର ଭାବାର୍ଥ ପ୍ରଭାବଶାଳୀ ହୋଇପାରୁନାହିଁ । ଏଥି ସହିତ ଅଯଥା ଲେଖିବାର ସ୍ଥାନ ଓ ସମୟ ନଷ୍ଟ ହେଉଛି । ତେଣୁ ସହଜ ଓ ସରଳ ବୋଧନ ପାଇଁ ପୁନରୁକ୍ତି ଘଟାଉଥିବା ପଦର ବା ପଦମେଳିର ବିକଳ୍ପର ପ୍ରୟୋଜନ ପଡୁଛି ।

ସୁତରାଂ ସମାନ ଅର୍ଥବୋଧକ ବିକଳ୍ପ ପଦବସାଣର ପ୍ରୟୋଜନରୁ ଖ-ସ୍ତମ୍ଭର ବାକ୍ୟ ଦୁଇଟି ପ୍ରସ୍ତୁତ ହୋଇଛି । ଏଥିରେ ନାମବାଚକ ବିଶେଷ୍ୟ ପଦ / ମଧୁ, ସନା ଓ ଗୁଣବାଚକ ବିଶେଷ୍ୟ ପଦ / ସତ, ଧୂର୍ତ୍ତ, ଗାଲୁଆ / ବଦଳରେ / ସେ, ତା', ତା'ପରି, ସେମିତି / ଇତ୍ୟାଦି ପଦ ବିକଳ୍ପ ସ୍ୱରୂପ ବସିଛି । ଫଳରେ କ'ସ୍ତମ୍ଭର ବାକ୍ୟ ଦୁଇଟିଠାରୁ ଖ-ସ୍ତମ୍ଭର ବାକ୍ୟ ଦୁଇଟି ଶ୍ରୁତି ମଧୁର ଓ ଭାବବୋଧକ ହୋଇପାରିଛି । ଏଥିରୁ ସ୍ପଷ୍ଟ ହେଲା -

**'ଯେଉଁ ପଦ ବାକ୍ୟରେ ଅନ୍ୟ ଏକ ବା ଏକାଧିକ ନାମ ବାଚକ ପଦ, ବାକ୍ୟ, ଖଣ୍ଡ ବାକ୍ୟ ବିକଳ୍ପରେ ବ୍ୟବହୃତ ହୁଏ, ତାହାକୁ 'ସର୍ବନାମ' କୁହାଯାଏ ।**

ଓଡ଼ିଆ ଭାଷାରେ ମୁଁ, ତୁ, ସେ, ଆମେ, ଆପଣ, ଆପଣା, ନିଜ, କିଏ, ଯେମିତି, ସେମିତି, ତାହା, କୌଣସି, ଏମିତି, ଏହା, ଯାହା, ଯିଏ, ସିଏ, ଇତ୍ୟାଦି ପଦ ବିଶେଷ୍ୟାଦି ପଦର ବଦଳରେ ବ୍ୟବହୃତ ହେଉଥିବା କେତୋଟି "ସର୍ବନାମ" ।

**ଆସ, ମନେ ରଖିବା :**

- ସର୍ବନାମ ବିଶେଷ୍ୟ ପଦର ଏକ ଉପ ବିଭାଗ ବା ବିକଳ୍ପର ଉପଶ୍ରେଣୀ । "ସର୍ବ" କହିଲେ ସବୁ । 'ନାମ' କହିଲେ 'ବିଶେଷ୍ୟ ପଦ' । ସର୍ବ+ନାମ-ଅର୍ଥାତ୍ ବାକ୍ୟରେ ବ୍ୟବହୃତ ହେଉଥିବା ସବୁ ପ୍ରକାର ନାମ ବା ବିଶେଷ୍ୟ ପଦ ଏବଂ ବିଶେଷ୍ୟ ପଦ ଅନୁସାରୀ ବାକ୍ୟ ଓ ବାକ୍ୟାଂଶ ବଦଳରେ ଯେଉଁ ପଦ ବ୍ୟବହୃତ ହୁଏ ତାହା "ସର୍ବନାମ" ।
- ବାକ୍ୟରେ ବା ଗୋଟିଏ ବଳିଷ୍ଠ ଭାବ ପ୍ରକାଶ ପାଇଁ ଦରକାର ପଡୁଥିବା ସାପେକ୍ଷ ବାକ୍ୟମେଳି (ଅନୁଚ୍ଛେଦ)ରେ ସବୁ ପ୍ରକାର ବିଶେଷ୍ୟ ପଦ ପରିବର୍ତ୍ତେ ବା ସ୍ଥାନରେ ବିକଳ୍ପ ପଦ ରୂପରେ ସର୍ବନାମ ବସିଥାଏ । ଏହାଦ୍ୱାରା ପୁନରାବୃତ୍ତି ନଘଟି ସଂକ୍ଷେପରେ ସମାନ ଅର୍ଥ ପ୍ରକାଶ ପାଇଥାଏ ।

### ୪.୫.୨ ସର୍ବନାମର ପ୍ରକାର ଭେଦ :

ଆଗରୁ ଆମେ ଜାଣିଛେ ପ୍ରାଣୀବାଚକ ଓ ଅପ୍ରାଣୀବାଚକ ହୋଇ ଆମ ଭାଷାରେ ବିଶେଷ୍ୟ ପଦ ପ୍ରଚଳିତ ହୁଏ । 'ସର୍ବନାମ' ପଦ ବି ବିଶେଷ୍ୟ ପଦର ଏକ ବିକଳ୍ପ ଅନୁଗାମୀ ବିଭାଗ । ତେଣୁ ଏହାର ମଧ୍ୟ ପ୍ରାଣୀ-ଅପ୍ରାଣୀ ସୂଚକ ରୂପ ରହିଛି । ଏତଦ୍ ବ୍ୟତୀତ ପ୍ରଶ୍ନ, ନିର୍ଦ୍ଦେଶ, ଅନ୍ୟ ଆପେକ୍ଷିକ ସମ୍ବନ୍ଧ, ସମଷ୍ଟି, ନିଶ୍ଚିତ ଓ ଅନିଶ୍ଚିତ ଆଦି ଦିଗକୁ ନେଇ ବିଶେଷ୍ୟ ପଦର ବିକଳ୍ପ ପଦ ବାକ୍ୟରେ ବ୍ୟବହୃତ ହୋଇଥାଏ । ମୁଖ୍ୟତଃ ଏସବୁ ଦିଗକୁ ଭିତ୍ତିକରି ଓଡ଼ିଆ ଭାଷା ଓ ବାକ୍ୟ ଶୃଙ୍ଖଳାରେ ସାତ ପ୍ରକାର ସର୍ବନାମ ପଦ ବ୍ୟବହୃତ ହୁଏ । ଏବେ ସେଗୁଡ଼ିକ ଉପରେ ଆଲୋଚନା କରିବା ।

### ୪.୫.୨.୧ ବ୍ୟକ୍ତିବାଚକ ସର୍ବନାମ (ପୁରୁଷବାଚକ ସର୍ବନାମ)

ଆମେ, ଏବେ ନିମ୍ନପ୍ରଦତ୍ତ ଉଦାହରଣଗୁଡ଼ିକରେ ଥିବା ଗାଢ଼ କଳା ଅକ୍ଷରର ପଦଗୁଡ଼ିକ ବ୍ୟବହାରକୁ ନିରୀକ୍ଷଣ କରିବା ।

(କ) ମୁଁ କଥାଟି କହିଲି । ଆମେ କଥାଟିକୁ କହିଲେ । ଆମେମାନେ କଥାଟିକୁ କହିଲୁ ।

(ଖ) ତୁ ଏକା ପଢୁଆ । ତୁମେ କ'ଣ ଏକା ପଢୁଆ ? ତୁମେମାନେ ଖାଲି ପଢୁଆ ।

ଆପଣ ଜଣେ ଶିକ୍ଷିତ ଲୋକ । ଆପଣମାନେ ଜଣେ ଜଣେ ଶିକ୍ଷିତ ଲୋକ ।

(ଗ) ସେ ଭଲ ପଢ଼ାଏ । ସେ ଭଲ ପଢ଼ାନ୍ତି । ସେମାନେ ଭଲ ପଢ଼ାନ୍ତି ।

କ-ଭାଗର ବାକ୍ୟଗୁଡ଼ିକରେ କହୁଥିବା ବକ୍ତାର ନାମ ବଦଳରେ 'ମୁଁ', କହୁଥିବା ବ୍ୟକ୍ତିମାନଙ୍କର ସ୍ୱସମ୍ବନ୍ଧୀ ନାମ ପରିବର୍ତ୍ତେ 'ଆମେମାନେ' ଓ ବକ୍ତା ନିଜସହିତ ନିଜର ସମ୍ବନ୍ଧୀୟ ଯେଉଁମାନଙ୍କୁ ନେଇ କହୁଛନ୍ତି ସେ ସମସ୍ତଙ୍କ ନାମ ବଦଳରେ 'ଆମେ' ବ୍ୟବହୃତ ହୋଇଛି ।

ଖ- ବାକ୍ୟରେ ଯାହାକୁ ପଢୁଆ ବୋଲି କୁହାଯାଇଛି ସେ କନିଷ୍ଠ ଓ ଆଦରର ବ୍ୟକ୍ତି । ସେହି ବ୍ୟକ୍ତିର ନାମ ପରିବର୍ତ୍ତେ 'ତୁ' ବ୍ୟବହୃତ ହୋଇଛି । ସେହିପରି ଦ୍ୱିତୀୟ ବାକ୍ୟରେ ଯାହାକୁ କୁହାଯାଉଛି- ସେ ସମାନସ୍ତରର ବା ବରିଷ୍ଠ ହୋଇଥିବାରୁ ତାଙ୍କ ନାମ ପରିବର୍ତ୍ତେ 'ତୁମେ' ବ୍ୟବହୃତ ହୋଇଛି । ଯେଉଁମାନଙ୍କୁ ପଢୁଆ ବୋଲି କୁହାଯାଇଛି । ସେହି ସମସ୍ତ ବ୍ୟକ୍ତିଙ୍କ ନାମ ପରିବର୍ତ୍ତେ ତୃତୀୟ ବାକ୍ୟରେ 'ତୁମେମାନେ' (ତୁମ୍ଭେମାନେ ବି ହୁଏ) ବିକଳ୍ପରେ ବ୍ୟବହାର କରାଯାଇଛି ।

ଖ- ବିଭାଗ ଦ୍ୱିତୀୟ ପର୍ଯ୍ୟାୟରେ ବାକ୍ୟରେ ତୁ/ତୁମେ ସ୍ଥାନରେ "ଆପଣ" ଓ ତୁମେମାନେ ସ୍ଥାନରେ "ଆପଣମାନେ" ବସିଛି । ସମ୍ମାନ ବା ମାନ୍ୟଯୋଗ୍ୟ ବ୍ୟକ୍ତିଙ୍କ ପାଇଁ 'ଆପଣ' ଓ ବ୍ୟକ୍ତିମାନଙ୍କ ପାଇଁ "ଆପଣମାନେ" ବ୍ୟବହୃତ ହୋଇଛି ।

ଗ- ଭାଗର ବାକ୍ୟଗୁଡ଼ିକରେ ଯାହାଙ୍କ ବିଷୟରେ କୁହାଯାଇଛି ସେହି ବ୍ୟକ୍ତିଙ୍କ ସ୍ଥାନରେ ଉଭୟ ଆଦର ଓ ମାନ୍ୟ ଅର୍ଥରେ 'ସେ' ବସାଯାଇଛି । ସେହିପରି ଯେଉଁମାନଙ୍କ ବିଷୟରେ (ଜଣଙ୍କଠାରୁ ଅଧିକ ବ୍ୟକ୍ତିଙ୍କ ବିଷୟରେ) କୁହାଯାଇଛି ସେସମସ୍ତଙ୍କ ନାମ ବିକଳ୍ପରେ 'ସେମାନେ' ବ୍ୟବହୃତ ହୋଇଛି ।

ମୋଟ ଉପରେ କ-ଖ-ଗ: ଏ ତିନୋଟି ଭାଗରେ ଥିବା ବାକ୍ୟଗୁଡ଼ିକରେ 'ମୁଁ, ଆମେ, ଆମ୍ଭେମାନେ / ତୁ, ତୁମେ, ତୁମେମାନେ, ଆପଣ, ଆପଣମାନେ/ ସେ, ସେମାନେ' ଇତ୍ୟାଦି ପଦ ବ୍ୟବହୃତ ହୋଇଛି । ଏହିପଦଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ବା ବ୍ୟକ୍ତି ସମୂହଙ୍କ ବଦଳରେ ବସାଯାଇଛି ।

ଏଥିରୁ ଜଣାଗଲା ଆମ ଭାଷାରେ ବ୍ୟକ୍ତିବାଚକ ନାମ ବଦଳରେ ବିକଳ୍ପରେ ସ୍ୱତନ୍ତ୍ର ରୂପର ସର୍ବନାମ ପଦ ବସିଥାଏ । ସୁତରାଂ -

**'ବାକ୍ୟରେ ଯେଉଁ ସର୍ବନାମ ପଦ ବ୍ୟକ୍ତି ବିଶେଷ ବା ବ୍ୟକ୍ତିସମୂହଙ୍କ ନାମ ପରିବର୍ତ୍ତେ ବ୍ୟବହୃତ ହୁଏ ତାହାକୁ 'ବ୍ୟକ୍ତିବାଚକ ସର୍ବନାମ' କୁହାଯାଏ ।**

**(କ) ପ୍ରଥମପୁରୁଷ ସର୍ବନାମ** ବ୍ୟକ୍ତିବାଚକ ସର୍ବନାମକୁ 'ପୁରୁଷ ବାଚକ ସର୍ବନାମ' ମଧ୍ୟ କୁହାଯାଏ । ପୂର୍ବ ଅଧ୍ୟାୟରୁ ଆମେ ଜାଣିଛେ ଓଡ଼ିଆ ଭାଷାରେ ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ ଭାବରେ ତିନୋଟି ପୁରୁଷ ମାଧ୍ୟମରେ ବ୍ୟକ୍ତିବାଚକ ଭାବ ଆଦାନ ପ୍ରଦାନ ହୁଏ । ସର୍ବନାମ ପଦ ବି ତିନୋଟି ପୁରୁଷ ଅନୁସାରେ ବ୍ୟବହୃତ ହୋଇଥାଏ । ପ୍ରଥମ ପୁରୁଷ ଏକ ବଚନରେ 'ମୁଁ' ଓ ବହୁ ବଚନରେ 'ଆମେ, ଆମ୍ଭେ, ଆମ୍ଭେମାନେ' ବ୍ୟବହୃତ ହୁଏ । ମୁଁ, ଆମେ, ଆମ୍ଭେମାନେ ଇତ୍ୟାଦିକୁ ଯିଏ କୁହେ ସେ ନିଜପାଇଁ ଏସବୁକୁ ବିକଳ୍ପ ପଦ ଭାବରେ ବ୍ୟବହାର କରୁଥିବାରୁ ଏଗୁଡ଼ିକୁ 'ପ୍ରଥମ ପୁରୁଷ ସର୍ବନାମ' କୁହାଯାଏ । ସୁତରାଂ ଯିଏ କୁହନ୍ତି ବା ଜଣାନ୍ତି ସେହି ବ୍ୟକ୍ତି ପ୍ରଥମପୁରୁଷ । ପ୍ରଥମପୁରୁଷ ପାଇଁ ଆମ ଭାଷାରେ 'ମୁଁ, ଆମେ, ଆମ୍ଭେମାନେ' ପ୍ରଥମପୁରୁଷ ସର୍ବନାମ ଭାବରେ ବ୍ୟବହାର କରାଯାଏ ।

ବକ୍ତା ଭାବରେ ସନାତନ ନାମକ ବ୍ୟକ୍ତି ପ୍ରଥମ ପୁରୁଷ ସର୍ବନାମ ପଦ ବସାଇ ଏପରି କହିପାରେ :

'ମୁଁ ଏ କଥାଟି କହିଲି । ଆମେ ଏ କଥାଟି କହିବୁ । ଆମେମାନେ ଏ କଥାଟି କହିପାରିଥାନ୍ତୁ ।

**(ଖ) ଦ୍ୱିତୀୟ ପୁରୁଷ ସର୍ବନାମ :** ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ ସମ୍ବୋଧନ କରି କିଛି କୁହେ ବା ତାଙ୍କ ବିଷୟରେ ଜଣାଏ ସେହି ବ୍ୟକ୍ତିମାନଙ୍କୁ 'ଦ୍ୱିତୀୟପୁରୁଷ' କୁହାଯାଏ । ସୁତରାଂ - **ଦ୍ୱିତୀୟପୁରୁଷ ବା ସମ୍ବୋଧିତ ବ୍ୟକ୍ତି ନିମିତ୍ତ ଯେଉଁ ସର୍ବନାମ ପଦ ବ୍ୟବହାର କରାଯାଏ ତାହାକୁ 'ଦ୍ୱିତୀୟପୁରୁଷ ସର୍ବନାମ' କୁହାଯାଏ ।**

ଦ୍ୱିତୀୟପୁରୁଷ ସର୍ବନାମ ଆଦର ଓ ମାନ୍ୟାର୍ଥ ଉଭୟ ଦିଗରୁ ବ୍ୟବହୃତ ହୁଏ । ତୁ, ତୁମେ, ତୁମେମାନେ, ତୁମ୍ଭେ ତୁମ୍ଭେମାନେ, ତତେ, ତୋତେ, ତୋର, ତୁମର, ତମେ, ତମେମାନେ, ଆପଣ, ଆପଣମାନେ ଇତ୍ୟାଦି ଦ୍ୱିତୀୟ ପୁରୁଷ ସର୍ବନାମ ଭାବରେ ବ୍ୟବହୃତ ହୁଏ । ଆଦର ଅର୍ଥରେ ତୁ, ତତେ, ତୋର ଆଦି ବ୍ୟବହୃତ ହୁଏ । ସମ୍ମାନ ଓ ସମସ୍ତରୀୟ ବ୍ୟକ୍ତି କ୍ଷେତ୍ରରେ ତୁମେ, ତୁମ୍ଭେ, ତୁମ୍ଭେମାନେ ଆଦି ବ୍ୟବହୃତ ହୁଏ । ମାନ୍ୟବ୍ୟକ୍ତିଙ୍କ ପାଇଁ ଆପଣ ଓ ଆପଣମାନେ ବ୍ୟବହୃତ ହୁଏ । ଉଦାହରଣ ସ୍ୱରୂପ-

- ଆଦର ଅର୍ଥରେ : ତୁ ଖା / ତୋତେ ଦିଆଯିବ / ତୋର ବହି କିଣାଯିବ / ତୋ କଥା ଶୁଣା ହେବ / ତୁମେମାନେ ଯାଅ ।
- ସମସ୍ତରୀୟ ଆଦର ଓ ମାନ୍ୟ ଅର୍ଥରେ : ତୁମେ ଥାଅ / ତୁମ୍ଭଙ୍କୁ ଦିଆଯିବ / ତୁମର ବହି କିଣାଯିବ / ତୁମ କଥା ଶୁଣା ହେବ / ତୁମ୍ଭେମାନେ ଯାଅ ।
- ସମ୍ମାନ ଓ ମାନ୍ୟ ଅର୍ଥରେ - ଆପଣ ଥାଆନ୍ତୁ । ଆପଣମାନଙ୍କୁ ଦିଆଯିବ / ଆପଣମାନଙ୍କର ବହି କିଣାଯିବ ।

**(ଗ) ତୃତୀୟପୁରୁଷ ସର୍ବନାମ :** ଆଦର ଓ ସମ୍ମାନର ସହିତ ଯାହାଙ୍କ ବା ଯେଉଁମାନଙ୍କ ବିଷୟରେ କୁହାଯାଏ ବା ଜଣାଇ ଦିଆଯାଏ ସେହି ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ 'ତୃତୀୟପୁରୁଷ' କୁହାଯାଏ । ତୃତୀୟପୁରୁଷ ନାମ ପାଇଁ ଆମ ଭାଷାରେ ସର୍ବନାମ ପଦ ସ୍ୱତନ୍ତ୍ର ରୂପର ହୋଇ ବିକଳ୍ପରେ ବସିଥାଏ । ଯଥା -

- ସେ ଖବର କାଗଜ ଏଣିକି ପଢୁ । (ଆଦରରେ - **'ସେ'** ଏକବଚନ)

- ସେ ଖବରକାଗଜ ଏଣିକି ପଢ଼ନ୍ତୁ । (ସମ୍ମାନ ଭିତ୍ତିରେ - **ସେ** - ଏକବଚନ)

- ସେମାନେ ଖବର କାଗଜ ଏଣିକି ପଢ଼ନ୍ତୁ । (ବହୁବଚନରେ - ସେମାନେ)

**ଆସ ମନେ ରଖିବା** - ଆମ ଭାଷାରେ ବ୍ୟବହୃତ ବ୍ୟକ୍ତିବାଚକ ବା ପୁରୁଷକାରକ ସର୍ବନାମର ଦୁଇଟି ରୂପ ରହିଛି । ଗୋଟିଏ ମୂଳରୂପ ବା ସରଳରୂପ । ଗୋଟିଏ ପରୋକ୍ଷରୂପ ବା ତିର୍ଯ୍ୟକ୍‌ରୂପ । ଯଥା-

| ପୁରୁଷ | ସରଳରୂପ | ତିର୍ଯ୍ୟକ୍‌ରୂପ |
|---|---|---|
| ପ୍ରଥମ ପୁରୁଷ ସର୍ବନାମ | ମୁଁ, ଆମ୍ଭେ, ଆମ୍ଭେମାନେ<br>ଆମେ, ଆମେମାନେ | ମୋ, ମୋର, ମୋତେ,<br>ଆମ, ଆମ୍ଭ |
| ଦ୍ୱିତୀୟ ପୁରୁଷ ସର୍ବନାମ | ତୁ, ତୁମେ, ତୁମ୍ଭେ,<br>ତୁମେମାନେ, ତୁମ୍ଭେମାନେ<br>ଆପଣ, ଆପଣମାନେ | ତୁମ୍ଭ, ତୁମ, ତୋ, ତୋତେ |
| ତୃତୀୟ ପୁରୁଷ ସର୍ବନାମ | ସେ, ସେମାନେ | ତା, ତା'ର, ତାଙ୍କ, ସିଏ, ତାହା |

### ୪.୫.୨.୨ ନିର୍ଦ୍ଦେଶବାଚକ ସର୍ବନାମ :

ତଳ ଉଦାହରଣ ୨ଟିକୁ ଦେଖିବା :

- ମଦନ ଯାହା ଯେମିତି ଦେଖିଲା, ତାହା ସେମିତି କହିଲା ।

- ଏଇ ହିଁ ସେଇ ହଜିଲା ମୂର୍ତ୍ତି ।

ବାକ୍ୟ ଦୁଇଟିରେ ଥିବା "ଯାହା, ଯେମିତି, ତାହା, ସେମିତି, ଏଇ, ସେଇ" ଇତ୍ୟାଦି ସର୍ବନାମ ପଦଗୁଡ଼ିକ ଅନ୍ୟ ବିଶେଷ୍ୟପଦକୁ ନିର୍ଦ୍ଦେଶ କରୁଛି । ଏଗୁଡ଼ିକ ବସିବା ଦ୍ୱାରା ବାକ୍ୟଟି ଦୂର ଅଥବା ନିକଟ ସମ୍ବନ୍ଧ ଭିତ୍ତିରେ ଭାବାର୍ଥ ପ୍ରକାଶ କରୁଛି । ସୁତରାଂ -

**'ବିଶେଷ୍ୟ ପଦର ବିକଳ୍ପରେ ଦୂର ଓ ନିକଟ ନିର୍ଦ୍ଦେଶସୂଚକ ହୋଇ କାର୍ଯ୍ୟ କରୁଥିବା ସର୍ବନାମ ପଦକୁ ନିର୍ଦ୍ଦେଶ ବାଚକ ସର୍ବନାମ କୁହାଯାଏ ।'**

**ଆସ ମନେରଖିବା :** ଆମ ଭାଷା ଓଡ଼ିଆରେ ଦୂର ଓ ନିକଟ ନିର୍ଦ୍ଦେଶାତ୍ମକ ହୋଇ ସର୍ବନାମ ପଦ ବ୍ୟବହୃତ ହୋଇଥାଏ । ଯଥା :

ଦୂର ନିର୍ଦ୍ଦେଶବାଚକ ସର୍ବନାମ - ସେଇଟା, ସେଇ, ସେହି, ତା, ସିଏ, ସେହିଗୁଡ଼ିକ, ସେଗୁଡ଼ିକ, ତାହାର.. ଇତ୍ୟାଦି ।

ନିକଟ ନିର୍ଦ୍ଦେଶାତ୍ମକ ସର୍ବନାମ - ଏ, ଏହା, ଇଏ, ୟେ, ଏହାର, ଏଗୁଡ଼ିକ, ଏହିଗୁଡ଼ିକ... ଇତ୍ୟାଦି ।

### ୪.୫.୨.୩ ପ୍ରଶ୍ନବାଚକ ସର୍ବନାମ :

ପ୍ରଶ୍ନ ଓ ଉତ୍ତର ଭିତ୍ତିରେ ତଳେ ଦିଆଯାଇଥିବା ବାକ୍ୟ ଗୁଡ଼ିକୁ ପଢ଼ିବା ଓ ତହିଁରେ ବସିଥିବା କଳା ଅକ୍ଷରର ସର୍ବନାମ ପଦର ବ୍ୟବହାର ଉଦ୍ଦେଶ୍ୟକୁ ଆସ ଜାଣିବା :

| କ-ପ୍ରଶ୍ନ ଭାଗ | ଖ-ଉତ୍ତର ଭାଗ |
|---|---|
| - ସଭାରେ **କିଏ** କହିଲେ ? | ଦାଶରଥି ଦାସ କହିଲେ । |
| - **କେଉଁ** ବିଷୟରେ କହିଲେ ? | ଓଡ଼ିଆ ଭାଗବତ ବିଷୟରେ କହିଲେ । |
| - **କ'ଣ** କହିଲେ ? | ଓଡ଼ିଆ ଭାଗବତ ଓଡ଼ିଆ ସଂସ୍କୃତିର ନିର୍ମାଣ କରିଛି ବୋଲି କହିଲେ । |

କ- ପ୍ରଶ୍ନଭାଗର ବାକ୍ୟ ତିନୋଟିରେ / କିଏ, କେଉଁ, କ'ଣ / ଗୋଟିଏଗୋଟିଏ ଉତ୍ତର ଜାଣିବା ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିବା ପ୍ରଶ୍ନସୂଚକ ପଦ ।

ଖ- ଉତ୍ତର ଭାଗରେ ଦାଶରଥି ଦାସ, ଓଡ଼ିଆ ଭାଗବତ - ଏ ଦୁଇଟି ପଦ ନାମବାଚକ ବିଶେଷ୍ୟ ପଦ । ଏ ଦୁଇଟି ବିଶେଷ୍ୟ ପଦ କିଏ ? କେଉଁଠି ପ୍ରଶ୍ନ ପଦର ଉଦ୍ଦେଶ୍ୟକୁ ସମାଧାନ କରୁଛି । ତୃତୀୟ ବାକ୍ୟରେ ଓଡ଼ିଆ ଭାଗବତ, ଓଡ଼ିଆ ସଂସ୍କୃତି, ନିର୍ମାଣ ଭଳି ବିଶେଷ୍ୟ ପଦ ଆଶ୍ରିତ ଖଣ୍ଡବାକ୍ୟକୁ ଜାଣିବା ପାଇଁ ପ୍ରଶ୍ନଭାଗର ତୃତୀୟ ବାକ୍ୟରେ 'କ'ଣ' ପଦଟି ବ୍ୟବହୃତ ହୋଇଛି ।

ସାଧାରଣତଃ ବକ୍ତା କିଛି ଜାଣିବା ପାଇଁ କିଛି ପ୍ରଶ୍ନ କରେ ଓ ପ୍ରଶ୍ନର ଉତ୍ତର ସହିତ ଜଡ଼ିତ ଅଜଣା ବିଶେଷ୍ୟ ପଦର ବିକଳ୍ପ ପ୍ରଶ୍ନସୂଚକ ପଦଗୁଡ଼ିକୁ ସେ ସର୍ବନାମ ପଦ ଭାବରେ ବ୍ୟବହାର କରିଥାଏ । ସୁତରାଂ- **ଯେଉଁ ପ୍ରଶ୍ନସୂଚକ ପଦଗୁଡ଼ିକ ନିର୍ଦ୍ଦିଷ୍ଟ ଉତ୍ତର ଉଦ୍ଦେଶ୍ୟରେ ବାକ୍ୟରେ ବ୍ୟବହୃତ ହୋଇଥାଏ ଓ ଉତ୍ତର ସହିତ ଜଡ଼ିତ ଥିବା ବିଶେଷ୍ୟ ପଦ ବା ବିଶେଷ୍ୟ ମୂଳକ ଖଣ୍ଡବାକ୍ୟ ଅନୁସାରେ ପ୍ରଶ୍ନସୂଚକ ବିକଳ୍ପପଦ ହୋଇ ବସିଥାଏ ସେଗୁଡ଼ିକୁ "ପ୍ରଶ୍ନସୂଚକ ସର୍ବନାମ" କୁହାଯାଏ ।**

ଆମ ଭାଷାରେ – କିଏ, କ'ଣ, କେଉଁଠି, କାହା, କେଉଁଠି, କେହି, କାହାକୁ ଓ କାହାର ଇତ୍ୟାଦି 'ପ୍ରଶ୍ନବାଚକ ସର୍ବନାମ' ପଦ ଭାବରେ ବାକ୍ୟରେ ପ୍ରୟୋଗ ହୋଇଥାଏ । ଯଥା –

**କିଏ ଆସିଲେ ? କ'ଣ ଆଣିଲେ ? କାହା ପାଇଁ ଆଣିଲେ ? କେଉଁଠୁ ଆଣିଲେ ? କାହାକୁ ଆଣି ଦେଲେ ? କେହି ଦେଲାବେଳେ ଦେଖିଛ କି... ଇତ୍ୟାଦି ।**

### ୪.୫.୨.୪ ସମ୍ବନ୍ଧକାରକ ସର୍ବନାମ (ଆପେକ୍ଷିକ ସର୍ବନାମ):

ତଳର ବାକ୍ୟଗୁଡ଼ିକୁ ଆସ ବିଚାର କରିବା :

(କ) ପ୍ରଧାନଶିକ୍ଷକ ଯାହା କହିବେ, ଅନ୍ୟ ଶିକ୍ଷକ ତାହା କରିବେ ।

(ଖ) ପିଲାଙ୍କୁ ଯେତେ ପ୍ରଶଂସା କରିବ ସେମାନେ ସେତେ ପାଠରେ ମନ ଦେବେ ।

(ଗ) ନଳିନୀକୁ ଯେଉଁପରି କୁହାଗଲା ସେ ସେହିପରି କଲା ।

କ, ଖ, ଗ – ପ୍ରତ୍ୟେକ ବାକ୍ୟରେ ଦୁଇଟି କରି ଖଣ୍ଡବାକ୍ୟ ପରସ୍ପର ସମ୍ବନ୍ଧ ରକ୍ଷା କରି ଭାବାର୍ଥ ପ୍ରକାଶ କରୁଅଛି । ପ୍ରତ୍ୟେକ ବାକ୍ୟରେ ପ୍ରଥମ ଅଂଶର ଖଣ୍ଡବାକ୍ୟ ଦ୍ୱିତୀୟ ଅଂଶର ଖଣ୍ଡବାକ୍ୟକୁ ଭାବବୋଧନ ପାଇଁ ଅପେକ୍ଷା ରଖୁଛି । ପ୍ରତ୍ୟେକ ଖଣ୍ଡବାକ୍ୟରେ ଥିବା ସର୍ବନାମ ପଦ ଅପର ଖଣ୍ଡବାକ୍ୟର ସର୍ବନାମ ପଦ ସହିତ ସମ୍ବନ୍ଧିତ । ପ୍ରତ୍ୟେକର ପ୍ରଥମ ଖଣ୍ଡର ସର୍ବନାମ ଭାବ ଓ ଅର୍ଥ ପ୍ରକାଶ ନିମିତ୍ତ ଦ୍ୱିତୀୟ ବାକ୍ୟାଂଶର ସର୍ବନାମ ଉପରେ ନିର୍ଭରଶୀଳ । ଏଥିରୁ ଜଣାଗଲା ଓଡ଼ିଆରେ କେତେକ ସର୍ବନାମ ପଦ ପରସ୍ପର ଭିତରେ ସମ୍ବନ୍ଧ ରଖି ଭାବାର୍ଥ ପ୍ରକାଶ ପାଇଁ ପରସ୍ପରକୁ ଅପେକ୍ଷା କରନ୍ତି । ଏ ଦୃଷ୍ଟିରୁ ଭାବାର୍ଥ ପ୍ରକାଶ ନିମିତ୍ତ କ-ବାକ୍ୟରେ ଯାହା-ତାହା, ଖ-ବାକ୍ୟରେ ଯେତେ-ସେତେ ଓ ଗ-ବାକ୍ୟରେ ଯେଉଁପରି/ସେହିପରି ସର୍ବନାମ ପଦଗୁଡ଼ିକ ପରସ୍ପର ନିର୍ଭରଶୀଳ, ଆପେକ୍ଷିକ ଓ ସମ୍ବନ୍ଧିତ । ସୁତରାଂ –

**'ବାକ୍ୟରେ ଭାବ ପ୍ରକାଶ ପାଇଁ ଯେଉଁ ସର୍ବନାମ ପଦଗୁଡ଼ିକ ପରସ୍ପର ମଧ୍ୟରେ ଆପେକ୍ଷିକ ସମ୍ବନ୍ଧ ରକ୍ଷାକରି ବ୍ୟବହୃତ ହୋଇଥାଏ ସେଇ ପ୍ରକାର ସର୍ବନାମକୁ ସମ୍ବନ୍ଧକାରକ ସର୍ବନାମ ବା ଆପେକ୍ଷିକ ସର୍ବନାମ କୁହାଯାଏ ।'**

**ଆସ ମନେ ରଖିବା :** ଓଡ଼ିଆରେ ଯା'ର - ତା'ର / ଯେ - ସେ / ଯିଏ-ସିଏ, ଯେସା-ତେସା, ଯେମିତି-ସେମିତି, ଯାହାର-ତାହାର- ଏପରି କେତେକ ଆପେକ୍ଷିକ ସର୍ବନାମ ପଦ ପ୍ରଚଳିତ ହୋଇଥାଏ ।

– ସମ୍ବନ୍ଧ ବାଚକ ସର୍ବନାମ ପଦ ପରସ୍ପର ନିର୍ଭରଶୀଳ ଓ ଗୋଟିକୁ ଛାଡ଼ି ଅନ୍ୟଟି ବାକ୍ୟର ଅର୍ଥବୋଧନରେ ବିଫଳ ହୋଇଥାଏ ।

### ୪.୫.୨.୫ ନିର୍ଣ୍ଣାୟକ ସର୍ବନାମ

ଏବେ ତଳେ ଦିଆଯାଇଥିବା ବାକ୍ୟକୁ ପଢ଼ିବା ଓ ତହିଁରେ କଳା ଅକ୍ଷରରେ ଲିଖିତ ସର୍ବନାମ ପଦର ପ୍ରୟୋଗକୁ ଲକ୍ଷ୍ୟକରିବା :

(କ) ସୁର ଓ ବୀର ଦୁଇସାଙ୍ଗ, **ଉଭୟେ** ଏକା ସ୍ୱଭାବର ।

(ଖ) ବୀରକୁ **କିଛି** ଜଣା; ମାତ୍ର ସୁରକୁ **କିଛି** ଜଣା ନାହିଁ ।

(ଗ) ଘରେ **ଯେତେ** କାମ ପଡ଼େ **ସମସ୍ତ** ସୁର କରିପାରେ, କିନ୍ତୁ ବୀର **କେତେକ** କରିପାରେ ।

ଏଠାରେ କ-ବାକ୍ୟରେ ସୁର ଓ ବୀର - ଏ ଦୁଇଟି ନାମବାଚକ ବିଶେଷ୍ୟ । ଏହି ବିଶେଷ୍ୟ ପଦଦୁଇଟିକୁ 'ଉଭୟେ' ସର୍ବନାମ ପଦଟି ନିର୍ଦ୍ଦିଷ୍ଟ କରି ସୂଚେଇ ଦେଉଛି । ଖ-ବାକ୍ୟରେ "କିଛି" ସର୍ବନାମ ପଦଟି ବ୍ୟବହୃତ ହେଉଛି । ଏହି ସର୍ବନାମ ପଦଟି ବାକ୍ୟରେ ବୀର ଓ ସୁରର ଜାଣିବା ସାମର୍ଥ୍ୟ ବିଷୟରେ ଅନିର୍ଦ୍ଦିଷ୍ଟ ଓ ଅନିଶ୍ଚିତ ଧାରଣା ଦେଉଛି । ଗ-ବାକ୍ୟରେ ଯେତେ / ସମସ୍ତେ / ସମସ୍ତ / କେତେକ - ଏପରି ତିନୋଟି ସର୍ବନାମ ପଦ ପ୍ରୟୋଗ ହୋଇଛି । "ଯେତେ" ସର୍ବନାମଟି ବିଶେଷ ପଦ 'କାମ'ର ନିଶ୍ଚିତତା ଓ ନିର୍ଦ୍ଦିଷ୍ଟତାକୁ ସୂଚେଇ ପାରୁନି । ଏହା ଏକ ଅନିଶ୍ଚିତ ଓ ଅନିର୍ଦ୍ଦିଷ୍ଟ ସୂଚକ ସର୍ବନାମ ପଦ । ସେହିପରି 'କେତେକ' ମଧ୍ୟ ଅନିଶ୍ଚିତ ସୂଚକ ସର୍ବନାମ । ଅପରପକ୍ଷରେ 'ସମସ୍ତ' ସର୍ବନାମ ପଦଟି ନିଶ୍ଚିତ ସୂଚକ ସର୍ବନାମ ଭାବରେ 'କାମ' ବିଶେଷ୍ୟ ପଦଟିର ନିର୍ଦ୍ଦିଷ୍ଟତାକୁ ନିର୍ଣ୍ଣୟ କରୁଛି ।

ଏହିପରି ଭାବରେ ଓଡ଼ିଆ ଭାଷାରେ ଆମେ ସଜୀବ-ନିର୍ଜୀବ, ବ୍ୟକ୍ତି-ଅବ୍ୟକ୍ତି, ପ୍ରାଣୀ-ଅପ୍ରାଣୀ ଭିତ୍ତିରେ ବ୍ୟବହାର କରୁଥିବା ବିଶେଷ୍ୟ ପଦଗୁଡ଼ିକର ସଂଖ୍ୟା, ପରିମାଣ ଏବଂ ନିର୍ଦ୍ଦିଷ୍ଟତା-ଅନିର୍ଦ୍ଦିଷ୍ଟତା ଓ ନିଶ୍ଚିତ - ଅନିଶ୍ଚିତ ଆଦି ବିଷୟରେ ଧାରଣା କରିବା ପାଇଁ ଭିନ୍ନ ପ୍ରକାରର ସର୍ବନାମ ବ୍ୟବହାର କରିଥାଉ । ସୁତରାଂ-

**'ବାକ୍ୟରେ ଯେଉଁ ସର୍ବନାମ ପଦଦ୍ୱାରା ବିଶେଷ୍ୟ ପଦର ସଂଖ୍ୟା, ପରିମାଣ, ନିର୍ଦ୍ଦିଷ୍ଟ-ଅନିର୍ଦ୍ଦିଷ୍ଟ; ନିଶ୍ଚିତ ଓ ଅନିଶ୍ଚିତ ଆଦି ବିଷୟକ ଧାରଣା ନିର୍ଣ୍ଣିତ ହୋଇଥାଏ ତାହାକୁ ନିର୍ଣ୍ଣାୟକ ସର୍ବନାମ କୁହାଯାଏ ।'**

**ଆସ ମନେରଖିବା :**

୧-ଉଭୟ, ପ୍ରତ୍ୟେକ, ତିନିହେଁ, ସମସ୍ତ, ସବୁ, ଅନ୍ୟ, ଆର, ଆରକ, କେତେକ, କିଛି-ଇତ୍ୟାଦି ଏକ ଏକ ନିର୍ଣ୍ଣାୟକ ସର୍ବନାମ ।

୨-ନିର୍ଣ୍ଣାୟକ ସର୍ବନାମକୁ ବ୍ୟବହାର ଦିଗରୁ ଆମେ ତିନିଭାଗରେ ବିଭକ୍ତ କରିପାରିବା । ଯଥା-

(କ) ନିଶ୍ଚୟ ବାଚକ ସର୍ବନାମ - ଉଭୟେ, ଦୁହେଁ, ତିନିହେଁ, ତାହା, ତାହାହିଁ, ପ୍ରୁଞ୍ଜାଏ, ପ୍ରତ୍ୟେକ

(ଖ) ଅନିଶ୍ଚୟ ବାଚକ ସର୍ବନାମ - କିଏ, କେହି, କେଉଁ, କାହା, କାହିଁର କୁଆଡ଼େ, କେମିତି, କିଛି

(ଗ) ସମଷ୍ଟିବାଚକ ସର୍ବନାମ - ସକଳ, ସଭିଏଁ, ସମସ୍ତେ, ସମସ୍ତ, ସବୁଗୁଡ଼ିକ, ସବୁ, ସର୍ବେ ।

### ୪.୫.୨.୬ ଗୁରୁତ୍ୱ ଆରୋପକ ସର୍ବନାମ / ଆତ୍ମବାଚକ ସର୍ବନାମ :

(କ) ନୀତା ଆପେ ଗାଇ ଶିଖିଲା । (ଖ) ଗୀତା ନିଜେ କହିଲା (ଗ) ବୀଣା ସ୍ୱୟଂ ଏହାକୁ ଲେଖିଛି । ପିଠିରେ ପଡ଼ିଲେ ଶିବା ଛାଏଁ ବୁଝିଯିବ ।

ଏହି ଚାରୋଟି ବାକ୍ୟରେ ଆପେ / ନିଜେ/ ସ୍ୱୟଂ / ଛାଏଁ – ଚାରୋଟି ସର୍ବନାମ ପଦ ରହିଛି । ନୀତା, ଗୀତା, ବୀଣା ଓ ଶିବା – ଏ ଚାରୋଟି ବିଶେଷ୍ୟ ପଦର ଗୁରୁତ୍ୱକୁ ଏଗୁଡ଼ିକ ବଢ଼ାଇବା ସହିତ ଚାରୋଟିଯାକ ବାକ୍ୟର ବାକ୍ୟାର୍ଥର ଗୁରୁତ୍ୱ ସାଧାରଣ ବାକ୍ୟ (–ନୀତା ଗାଇ ଶିଖିଲା/ ଗୀତା କହିଲା ବୀଣା ଲେଖିଛି / ଶିବା ବୁଝିଯିବ) ଗୁଡ଼ିକଠାରୁ ବଢ଼ିଯାଉଛି ଓ ଭିନ୍ନ ପ୍ରକାର ଭାବାର୍ଥର ହେଉଛି । ସୁତରାଂ – **'ବାକ୍ୟରେ ଯେଉଁ ସର୍ବନାମ ପଦ ବିଶେଷ୍ୟ ପଦଠାରେ ଓ ସଂପୂର୍ଣ୍ଣ ବାକ୍ୟାର୍ଥରେ ଗୁରୁତ୍ୱ ଆରୋପଣ ନିମିତ୍ତ ବ୍ୟବହୃତ ହୁଏ ତାହାକୁ 'ଗୁରୁତ୍ୱ ଆରୋପକ ସର୍ବନାମ' କୁହାଯାଏ ।**

ପୁନଶ୍ଚ ଆପେ, ନିଜେ, ଛାଏଁ, ସ୍ୱୟଂ, ନିଜର, ଆପଣାର, ନିଜନିଜର, ଆପେଆପେ, ନିଜେନିଜେ ଇତ୍ୟାଦି ସର୍ବନାମ ପଦ ବାକ୍ୟାର୍ଥର ଓ ବିଶେଷ୍ୟ ପଦର ଗୁରୁତ୍ୱ ବୃଦ୍ଧି କାରକ ନହୋଇ ଅନେକ କ୍ଷେତ୍ରରେ ନାମବାଚକ କର୍ତ୍ତାପଦ ବା ବ୍ୟକ୍ତିବାଚକ ବିଶେଷ୍ୟ ପଦର ବିକଳ୍ପ ଆତ୍ମବାଚକ ପଦ ଭାବରେ ବ୍ୟବହୃତ ହୋଇଥାଏ । ଉଦାହରଣଗୁଡ଼ିକୁ ଲକ୍ଷ୍ୟ କରିବା :

କ- ରମେଶ ନିଜେ ନିଜକୁ ଚିହ୍ନୁ । ଖ- ନରେଶ ଆପେ ଆପଣାକୁ ସଂଶୋଧନ କରୁ ।

ଗ- ପରେଶ ସ୍ୱୟଂ ଆପଣାର ଦୋଷ ମାନିନେଲେ । ଘ- ସୁରେଶ ସେଠି ଆଗନ୍ତୁକ ଥିବାରୁ ନିଜେ ଉଠି ସ୍ୱ ପରିଚୟ ଦେଲେ ।

ଏହି ଚାରୋଟି ବାକ୍ୟରେ ନିଜେ ଆପେ, ସ୍ୱୟଂ ବିଶେଷ୍ୟ ପଦ ଉପରେ ଗୁରୁତ୍ୱ ଆରୋପଣ ନକରି ବିଶେଷ୍ୟ ପଦ (–ରମେଶ, ନରେଶ, ପରେଶ, ସୁରେଶ) ମାନଙ୍କର ସ୍ୱ-ଅର୍ଥକ ହୋଇ ବ୍ୟବହୃତ ହୋଇଛି । ସେହିପରି ନିଜକୁ, ଆପଣାକୁ/ ଆପଣାର/ ସ୍ୱ- ଏହି ଚାରୋଟି ସର୍ବନାମ ପଦ କର୍ତ୍ତାପଦର କର୍ମସୂଚକ (ସ୍ୱ-ସମ୍ବନ୍ଧୀ) ପଦ ଭାବରେ ବାକ୍ୟରେ ବ୍ୟବହୃତ ହୋଇଛି । **ସୁତରାଂ ବାକ୍ୟରେ ବ୍ୟକ୍ତି ବାଚକ ବିଶେଷ୍ୟ ପଦର ବଦଳରେ ଅଥବା ସେହିପଦର ସ୍ୱ-ଅନୁକାରୀ ପଦ ଭାବରେ ଆତ୍ମସମ୍ବନ୍ଧୀ ହୋଇ ବ୍ୟବହୃତ ହେଉଥିବା ସର୍ବନାମ ପଦକୁ ଆତ୍ମବାଚକ ସର୍ବନାମ କୁହାଯାଏ ।**

**ଆସ ମନେରଖିବା :** ମୁଁ, ତୁ, ଆପଣ, ତୁମେ, ସେ, ଯେ, ଯାଙ୍କର, ତାଙ୍କର, ମୋର, ଆପଣାର, ନିଜେ, ଆପେ- ଏଗୁଡ଼ିକ **ବ୍ୟକ୍ତିବାଚକ** ସର୍ବନାମ । ଦକ୍ଷିଣାଞ୍ଚଳରେ ଓଡ଼ିଆରେ ଆଙ୍କେ, ତାଙ୍କେ ଭଳି ସର୍ବନାମ ଚଳିଥାଏ ।

● କ'ଣ, କେଉଁଠି, ଏହା, ତାହା, ସେଇ, ଏଇ, ଯେତେ, ସେତେ, ଯେଉଁ, ଯେମିତି, ସେମିତି- ଏଗୁଡ଼ିକ **ଅବ୍ୟକ୍ତିବାଚକ ସର୍ବନାମ** ।

● ବିଶେଷ୍ୟ ପଦ ପରି ବିଶେଷ୍ୟର ବିକଳ୍ପ ପଦ ସର୍ବନାମରେ ଏକବଚନ ଓ ବହୁବଚନର ବିଭକ୍ତି ଚିହ୍ନ ଲାଗିଥାଏ । ଯଥା- ତା'ଠାରେ, ଯାଙ୍କଠାରେ, ଯାହାଠୁଁ, କେଉଁଟାକୁ, ସେଇଟିକୁ ଇତ୍ୟାଦି ।

● ଓଡ଼ିଆ ଗୋଟିଏ ସର୍ବନାମ ପଦ ସହିତ ଅନ୍ୟ ଗୋଟିଏ ଯୁକ୍ତ ହୋଇ ଯୁଗ୍ମ ସର୍ବନାମ ପଦବି ଗଢ଼ାଯାଇଥାଏ । ଯଥା- ଏହି+ସବୁ=ଏହିସବୁ । ଯାହା+ତାହା=ଯାହାତାହା/ ତୋ+ମୋ=ତୋମୋ (ତୋମୋ କଥା), ଆମ+ତମ=ଆମତମ (ଆମତମ ସଂପର୍କ) କିଏ+କିଏ=କିଏକିଏ / ଯେ+ଯେ=ଯେଯେ... ଇତ୍ୟାଦି / ଏଗୁଡ଼ିକ ଛାଡ଼ିଛାଡ଼ି ନୁହେଁ ଲାଗିଲାଗି ଲେଖାଯାଏ ।

**ଆସ ଲେଖିବା ଅଭ୍ୟାସ କରିବା :**

| ଏପରି ଲେଖିବା ନାହିଁ | ଏପରି ଲେଖିବା |
|---|---|
| ଆପଣା କୁ | ଆପଣାକୁ |
| ନିଜେ ନିଜେ | ନିଜେନିଜେ |
| ଆପେ ଆପେ | ଆପେଆପେ |
| ଛାଏଁ ଛାଏଁ | ଛାଏଁଛାଏଁ |
| ସମସ୍ତଙ୍କ ପାଇଁ | ସମସ୍ତଙ୍କପାଇଁ |
| ଯାହା ତାହା | ଯାହାତାହା |
| ଯାହା ଯାହା ତାହା ତାହା | ଯାହାଯାହା ତାହାତାହା |

## ୪.୬ - ବିଶେଷଣ ପଦ :

ତଳେ ଲେଖାଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା ଓ କଳା ଅକ୍ଷରରର ପଦଗୁଡ଼ିକୁ ଚିହ୍ନିବା ଓ ସେଗୁଡ଼ିକର ବ୍ୟବହାର ବିଷୟରେ ଜାଣିବା ।

(କ) **ସୁସ୍ଥ** ମଣିଷ, **ବିନୟୀ** ଲୋକ, **ନିର୍ମଳ** ପରିବେଶ ଆଉ **ଶାନ୍ତ** ସମାଜ ମିଶିଲେ ଗୋଟିଏ **ସୁନ୍ଦର** ପୃଥିବୀ ଗଢ଼ିହୋଇଯିବ ।

(ଖ) **ପୋକରା** କାଠ, **ଭଙ୍ଗା** ଦର୍ପଣ, **ପୋଡ଼ା** ତିଅଣ, **ଅଳସୁଆ ଗରିବ** ବନ୍ଧୁ କେଉଁ କାମକୁ ନୁହେଁ ।

(ଗ) **ଆଣ୍ଠୁଏ** ପାଣିରେ ଗୋଡ଼ଭାଙ୍ଗି ଯୋଡ଼ହସ୍ତରେ କବି ବନମାଳି ଶ୍ରୀଜଗନ୍ନାଥଙ୍କୁ **ମୋଞ୍ଚାଏ** ସୁନାରୂପା ନୁହେଁ ଶରଧାବାଲିରୁ **ହାତେ** ମାଗିଥିଲେ ।

(ଘ) ଓଡ଼ିଆଣୀ **ବାର** ମାସରେ **ତେର** ପର୍ବ ପାଳନ କରେ ।

(ଙ) **ପ୍ରଥମ** ପାଳିରେ ଭୀମ ହାରେ, **ଦ୍ୱିତୀୟ** ପାଳିରେ ଅଧର୍ମ ମରେ ।

କ, ଖ, ଗ, ଘ, ଙ - ପାଞ୍ଚୋଟିଯାକ ଉଦାହରଣମୂଳକ ବାକ୍ୟ ନିରୀକ୍ଷଣ କଲେ ଦେଖିବା ଏଗୁଡ଼ିକର ମଣିଷ, ଲୋକ, ପରିବେଶ, ସମାଜ, ପୃଥିବୀ, କାଠ, ଦର୍ପଣ, ତିଅଣ, ବନ୍ଧୁ, କାମ, ପାଣି, ଗୋଡ଼, ହସ୍ତ, କବି, ବନମାଳି, ଶ୍ରୀଜଗନ୍ନାଥ, ସୁନାରୂପା, ଶରଧାବାଲି, ମାସ, ପର୍ବ, ପାଳନ, ପାଳି, ଭୀମ, ଅଧର୍ମ ଇତ୍ୟାଦି ଗୋଟିଏଗୋଟିଏ ବିଶେଷ୍ୟ ପଦ । ଏଗୁଡ଼ିକୁ ପଢ଼ିଲେ, ଦେଖିଲେ ଓ ଭାବିଲେ ମନରେ ଗୋଟିଏ ଗୋଟିଏ ପ୍ରକାର ସାଧାରଣ ଚିତ୍ର ଆଙ୍କିହୋଇଥାଏ ।

ଏବେ ଏସବୁ ବିଶେଷ୍ୟ ପଦ ପୂର୍ବରୁ ବାକ୍ୟଗୁଡିକରେ ଯୋଗ ହୋଇଥିବା ପଦଗୁଡ଼ିକୁ ମିଶାଇ ପଢ଼ାଯାଉ ।

ଯଥା- <u>ସୁସ୍ଥ</u> ମଣିଷ / <u>ବିନୟୀ</u> ଲୋକ / <u>ନିର୍ମଳ</u> ପରିବେଶ / <u>ଶାନ୍ତ</u> ସମାଜ / <u>ସୁନ୍ଦର</u> ପୃଥିବୀ / <u>ପୋକରା</u> କାଠ / <u>ଭଙ୍ଗା</u> ଦର୍ପଣ / <u>ପୋଡ଼ା</u> ତିଅଣ / <u>ଅଳସୁଆ</u> ଗରିବ ବନ୍ଧୁ / <u>ଆଣ୍ଠୁଏ</u> ପାଣି / <u>ମୋଞ୍ଚାଏ</u> ସୁନାରୂପା / <u>ଶରଧା</u> ବାଲିରୁ ହାତେ / <u>ବାର</u> ମାସ/ <u>ତେର</u> ପର୍ବ / <u>ପ୍ରଥମ</u> ପାଳି / <u>ଦ୍ୱିତୀୟ</u> ପାଳି - । ସୁସ୍ଥ, ବିନୟୀ, ଶାନ୍ତ, ପୋକରା, ଗରିବ, ହାତେ, ପ୍ରଥମ ଇତ୍ୟାଦି

ପଦଗୁଡ଼ିକୁ ବିଶେଷ୍ୟ ପଦ ସହିତ ମିଶାଇ ପଢ଼ିବା ଓ ବୁଝିବା ଦ୍ୱାରା ମନରେ ଖାଲି ବିଶେଷ୍ୟ ପଦର ସାଧାରଣ ଅର୍ଥ ଓ ଚିତ୍ରଠାରୁ କିଛି ଅଲଗା ଓ ଅଧିକ ଗୁଣର ସ୍ୱାତନ୍ତ୍ର୍ୟ ଅନୁଭବ କରି ହୋଇଯାଉଛି ।

ବିଶେଷ୍ୟ ପଦ ପୂର୍ବରୁ ଆମେ ବିନୟୀ, ନିର୍ମଳ, ଶାନ୍ତ ଓ ସୁନ୍ଦର ଇତ୍ୟାଦି ପଦ ବସାଇବା ଦ୍ୱାରା ପ୍ରତ୍ୟେକକୁ ବିଶେଷ୍ୟ ପଦ ଆହୁରି ଅଧିକ କିଛି ଅଲଗା ଭାବାର୍ଥ ପ୍ରକାଶ କରୁଛି । ଅଧିକ ଗୁଣ ଏହାଦ୍ୱାରା ବିଶେଷିତ ହୋଇଉଠୁଛି । ସେହିପରି ମଣିଷ, କାଠ, ଦର୍ପଣ, ତିଅଣ, ଇତ୍ୟାଦି ବିଶେଷ୍ୟ ପଦ ପୂର୍ବରୁ ସୁସ୍ଥ, ପୋକରା, ଭଙ୍ଗା ଓ ପୋଡ଼ା ପଦ ଲଗାଇ ଦେବା ଦ୍ୱାରା ମୂଳ ବିଶେଷ୍ୟ ପଦଗୁଡ଼ିକର ନିର୍ଦ୍ଦିଷ୍ଟ ଅବସ୍ଥା ଭିନ୍ନ ପ୍ରକାରରେ ବିଶେଷିତ ହୋଇ ବୁଝାପଡୁଛି । ପାଣି, ସୁନାରୁପା, ବାଲି ଓ ପାଳି ଇତ୍ୟାଦି ବିଶେଷ୍ୟ ପଦ ସହିତ ଆଣ୍ଠୁଏ, ମୁଠାଏ, ବାର, ତେର, ପ୍ରଥମ, ଦ୍ୱିତୀୟ ହାତେ ଆଦି ପଦକୁ ମିଶାଇ ଦେବା ଦ୍ୱାରା ଏଗୁଡ଼ିକର ବାକ୍ୟାର୍ଥ ଓ ଭାବାର୍ଥ ସଂଖ୍ୟା, ପରିମାଣ ଓ ଗଣନା ଦିଗରୁ ନିଆରା ଭାବରେ ସୂଚିତ ହୋଇ ଉଠୁଛି ।

ଏଥିରୁ ସ୍ପଷ୍ଟ ଜଣାଗଲା ଯେ ବାକ୍ୟରେ ବିଶେଷ୍ୟ ପଦଗୁଡ଼ିକ ସାଧାରଣ ଅର୍ଥ ପ୍ରକାଶ କରିଥାଏ । ମାତ୍ର ବିଶେଷ୍ୟ ପଦଗୁଡ଼ିକୁ ଅଧିକ ଉତ୍କର୍ଷ ଅଥବା ଅପକର୍ଷ ସ୍ୱାତନ୍ତ୍ର୍ୟରେ ଅର୍ଥକର କରିବା ପାଇଁ, ଆମକୁ ବିନୟୀ, ଅଳସୁଆ, ପୋକରା, ମୁଠାଏ ଭଳି ଆଉ ଏକ ପ୍ରକାର ପଦ ବ୍ୟବହାର କରିବାକୁ ପଡ଼ିଥାଏ । ବିଶେଷିତ ବା ଭିନ୍ନ ପ୍ରକାର ଭାବାର୍ଥରେ ପ୍ରକାଶ ହେବାରେ ସାହାଯ୍ୟ କରୁଥିବା ପଦ ହେତୁ ବିଶେଷ୍ୟ ପଦର ଗୁରୁତ୍ୱ ଓ ପ୍ରଭାବ ବଢ଼ିଥାଏ ଓ ବେଳେ ବେଳେ ବି କମିଥାଏ । ସୁତରାଂ–

**"ବାକ୍ୟରେ ଯେଉଁ ପଦ ବିଶେଷ୍ୟ ପଦର ଗୁଣ, ଅବସ୍ଥା, ପରିମାଣ ଓ ସଂଖ୍ୟା ଇତ୍ୟାଦିକୁ ଉତ୍କର୍ଷ ଅଥବା ଅପକର୍ଷ ଲକ୍ଷଣର କରି ବିଶେଷିତ କରେ ତାହାକୁ 'ବିଶେଷଣ' ପଦ କୁହାଯାଏ ।"**

**ଆସ ଜାଣିବା ଓ ମନେରଖିବା :**

◆ ବାକ୍ୟରେ ବିଶେଷଣ ପଦ ବିଶେଷ୍ୟର ଗୁଣ, ଧର୍ମ ଓ ଅବସ୍ଥା ଆଦି ଲକ୍ଷଣ ବା ବିଶେଷତ୍ୱ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ସୂଚନା ଦେଇଥାଏ ।

◆ ଆମ ଭାଷାରେ ବ୍ୟବହାର କରାଯାଉଥିବା ବିଶେଷ୍ୟ ପଦ ଅନୁସାରେ ବିଶେଷଣ ପଦ ମଧ୍ୟ ପ୍ରାଣୀ – ଅପ୍ରାଣୀ କାରକ ହୋଇଥାଏ ।

◆ ସ୍ଥୂଳତଃ ବାକ୍ୟରେ ଯେଉଁ ପଦ ଅନ୍ୟପଦକୁ କମ୍ – ବେଶୀ, ଊଣା-ଅଧିକ, ଗୁଣ– ଦୋଷ ଭିତ୍ତିରେ ବିଶେଷିତ କରେ ତାହା 'ବିଶେଷଣ' ପଦ ।

## ୪.୬.୧ – ବିଶେଷଣର ପ୍ରକାର ଭେଦ :

ଅର୍ଥଗତ ସ୍ୱାତନ୍ତ୍ର୍ୟ ନିର୍ଦ୍ଧାରଣ ଓ ବିଶେଷିତ କରିବା ପାଇଁ ବା ଉଦ୍ଦେଶ୍ୟ ଓ ସମ୍ବନ୍ଧକୁ ସ୍ପଷ୍ଟ କରିବାକୁ ଓଡ଼ିଆରେ ପ୍ରଚଳିତ ହୋଇ ଆସୁଥିବା ବିଶେଷଣ ପଦଗୁଡ଼ିକୁ ନିମ୍ନ ପ୍ରକାରେ ବିଭାଗୀକରଣ କରାଯାଇପାରେ ।

(କ) ଗୁଣବାଚକ ବିଶେଷଣ, (ଖ) ଅବସ୍ଥାବାଚକ ବିଶେଷଣ, (ଗ) ସଂଖ୍ୟାବାଚକ ବିଶେଷଣ, (ଘ) ପରିମାଣବାଚକ ବିଶେଷଣ, (ଙ) ପୂରଣକାରକ ବିଶେଷଣ ଓ (ଚ) ତୁଳନାତ୍ମକ ବିଶେଷଣ ।

ପୁନଶ୍ଚ ଗଠନାତ୍ମକ ଲକ୍ଷଣ ଓ ବ୍ୟାବହାରିକ ନିୟମ ଦିଗରୁ ଆମେ କଥାକେ କଥା ବ୍ୟବହାର କରୁଥିବା ବିଶେଷଣ ପଦକୁ ନିମ୍ନ ପ୍ରକାରେ ବିଭକ୍ତ କରାଯାଇପାରେ । ଯଥା:

୧ – ବିଶେଷ୍ୟର ବିଶେଷଣ / ବା ଉଦ୍ଦିଷ୍ଟ ବିଶେଷଣ, ୨ – ବିଧେୟ ବିଶେଷଣ, ୩ – ବିଶେଷଣର ବିଶେଷଣ,

୪ – ସାର୍ବନାମିକ ବିଶେଷଣ, ୫ – ବିଶେଷ୍ୟରୂପୀ ବିଶେଷଣ, ୬ – ସମ୍ବନ୍ଧ କାରକ ବିଶେଷଣ, ୭ – କ୍ରିୟା ବିଶେଷଣ, ୮ – କ୍ରିୟାଜ ବିଶେଷଣ ।

## ୪.୬.୨ – ଗୁଣବାଚ଼କ ବିଶେଷଣ :

- ମେଧାବୀ ଛାତ୍ର ସଫଳତା ପାଏ ।
- କଅଁଳ ବଚ଼ନ ହୃଦୟ ଜିଣେ ।
- ଅଲଣା କଥାରେ ମନ ବୁଝେନା ।

ଏଠାରେ ମେଧାବୀ, କଅଁଳ ଓ ଅଲଣା ଗୋଟିଏ ଗୋଟିଏ ବିଶେଷ୍ୟ ପଦ ।

ମେଧାବୀ ପଦ–ଛାତ୍ରର ଗୁଣକୁ, କଅଁଳ ପଦ–ବଚନର ଧର୍ମ ବା ସ୍ୱାତନ୍ତ୍ର୍ୟକୁ ଓ ଅଲଣା 'କଥା'ର ଅସାର ଅବସ୍ଥା ବା ନିରର୍ଥକ ପ୍ରକୃତିକୁ ନିର୍ଦ୍ଦିଷ୍ଟ ଭାବେ ବିଶେଷିତ କରୁଛି । ଏଥିରୁ ଜଣାଗଲା–

**"ବାକ୍ୟରେ ଯେଉଁ ପଦ ବିଶେଷ୍ୟ ପଦର ଧର୍ମ, ପ୍ରକୃତି, ସ୍ୱଭାବ, ସ୍ୱରୂପ ଓ ଗୁଣକୁ ବିଶେଷିତ କରିଥାଏ ତାହାକୁ 'ଗୁଣବାଚକ ବିଶେଷଣ' କୁହାଯାଏ ।"**

**ଆସ ମନେରଖିବା –**

ଗୁଣ ବିଶେଷଣ ପ୍ରାଣୀବାଚକ ବିଶେଷ୍ୟର ସ୍ୱଭାବ, ଗୁଣ, ପ୍ରକୃତି ଆଦିକୁ ବିଶେଷିତ କରୁଥିବା ବେଳେ ଅପ୍ରାଣୀ ବାଚକ, ବିଶେଷ୍ୟ ପଦର ଧର୍ମ ଓ ସ୍ୱରୂପକୁ ବିଶେଷିତ କରିଥାଏ ।

## ୪.୬.୩ – ଅବସ୍ଥାବାଚ଼କ ବିଶେଷଣ :

(କ) ଭଙ୍ଗାଘର, ଛିଣ୍ଡା ଜାମା ଆଉ ରୋଗଣା ଦେହକୁ ଭୁଲି ବର୍ମା କଳାର ସାଧନା କରିଥିଲେ ।

(ଖ) ତତଲା ପାଣିରେ ଘର ପୋଡ଼େନି ।

(ଗ) ବିବେକ ପାଖରେ ଧନୀ କି ନିର୍ଦ୍ଧନ ଲୋକ ତା'ର ହିସାବ ନଥାଏ ।

ଏଠାରେ ଘରର, ଜାମାର, ଦେହର, ପାଣିର ଓ ଲୋକର ଅବସ୍ଥା ପାଇଁ ଯଥାକ୍ରମେ ଭଙ୍ଗା, ଛିଣ୍ଡା, ରୋଗଣା, ତତଲା ଓ ଧନୀ – ନିର୍ଦ୍ଧନ ବିଶେଷଣ ପଦ ବ୍ୟବହୃତ ହୋଇଛି । ଏସବୁ ବିଶେଷଣ ପଦ ଦ୍ୱାରା ବିଶେଷ୍ୟ ପଦର ଅବସ୍ଥା ବିଷୟ ସୂଚିତ ହୋଇଛି । ସୁତରାଂ–

**ବାକ୍ୟରେ ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟ ଅବସ୍ଥାକୁ ବିଶେଷିତ କରେ ବା ସୂଚେଇ ଦିଏ ତାହାକୁ 'ଅବସ୍ଥା ବାଚକ ବିଶେଷଣ' କୁହାଯାଏ ।**

ଆସ, ଅଭ୍ୟାସ କରିବା: ଦଦରା ନାଆ, ଫଟା ମାଠିଆ, ଚିରା ଗାମୁଛା, ଛିଣ୍ଡାଚପଲ, କାଦୁଆ ନଈ, ପାଣିଆ ଖିରି, କାଠୁଆ ଡାଲି (ଅପ୍ରାଣୀ ବାଚକ ବିଶେଷଣ), ସବଳା ନାରୀ, ବୁଢ଼ୀ ମାଉସୀ, ଭେଣ୍ଡା ପୁଅ, ପତଳୀ ବୋହୂ (ସଜୀବ ବାଚକ ବିଶେଷଣ) ।

### ୪.୬.୪ - ସଂଖ୍ୟାବାଚକ ବିଶେଷଣ :

- ପୂର୍ବେ ଓଡ଼ିଆ ସାଧବେ ସାତ ସମୁଦ୍ର ତେର ନଈ ପାର ହୋଇ ବଣିଜ କରୁଥିଲେ ।
- ପୁରୀରେ ବାର ମାସରେ ତେର ଜାତ ।

ଏଠାରେ ସମୁଦ୍ର, ନଈ, ମାସ ଓ ଜାତର ସଂଖ୍ୟାସୂଚକ ସ୍ଥିତି ବିଶେଷିତ ହେବା ନିମିତ୍ତ ସାତ, ତେର, ବାର ଓ ତେର ପଦ ବିଶେଷଣ ପଦ ଭାବରେ ବସିଛି । ଏହିପରି ଆମେ ସଂଖ୍ୟା ସୂଚକ କରି କହି-ଲେଖି ପାରିବା : ଏକମିଟର କପଡ଼ା, ପାଞ୍ଚ ଭାଇ, ଛଅ ଋତୁ, ଶହେ ରନ୍, ସାତ ଜନମ ଓ ତିନି ଭୁବନ... ଇତ୍ୟାଦି । ଏଥିରୁ ଜାଣିପାରିଲେ ଯେ:

**"ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟ ସଂଖ୍ୟାକୁ (କ୍ରମସୂଚକ ସଂଖ୍ୟା) ସୂଚିତ କରେ ତାହାକୁ 'ସଂଖ୍ୟା କାରକ ବିଶେଷଣ' କୁହାଯାଏ ।**

**ଆସ ମନେରଖିବା -**

ସଂଖ୍ୟା ବାଚକ ବିଶେଷଣ ଦ୍ୱାରା ବିଶେଷ୍ୟ ପଦର ଯେଉଁ ସଂଖ୍ୟାଟି ପ୍ରକାଶ ପାଏ ତାହା କ୍ରମାନ୍ୱୟୀ ସଂଖ୍ୟା ହୋଇଥାଏ । ଯଥା - ବାରଶ ବଢ଼େଇ ଷୋଳ ବର୍ଷରେ କୋଣାର୍କ ଗଢ଼ିଥିଲେ । ଏଠାରେ ବିଶେଷଣ ପଦ ବାରଶ କହିଲେ ଶହ ଶହ କରି ବାରଶହ ସମଷ୍ଟିକୁ ଓ ବର୍ଷ - ୧ ଠାରୁ ବର୍ଷ-୧୬ ପର୍ଯ୍ୟନ୍ତ କ୍ରମାନ୍ୱୟୀ ବର୍ଷକୁ ସୂଚେଇ ଦେଉଛି ।

### ୪.୬.୫ - ପୂରଣବାଚକ ବିଶେଷଣ :

**ସଂଖ୍ୟାବାଚକ ବିଶେଷଣ କ୍ରମାନ୍ୱୟରେ ସମସ୍ତ ସଂଖ୍ୟାକୁ ସୂଚିତ କରି ଗୋଟିଏ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ପୂରଣ କଲେ ବା ସୂଚେଇଲେ ତାକୁ 'ପୂରଣ ବାଚକ ବିଶେଷଣ' କୁହାଯାଏ ।**

**ଉଦାହରଣ ସ୍ୱରୂପ :**

(କ) ଏବର୍ଷ ମୋର ଅଷ୍ଟମ ଶ୍ରେଣୀ ଓ ମୋ ଭଉଣୀର ସପ୍ତମ ଶ୍ରେଣୀ ହେଲା ।

(ଖ) ଭାଗବତର ଦଶମ ସ୍କନ୍ଧ, ରାମାୟଣର ଷଷ୍ଠ କାଣ୍ଡ ଓ ଗୀତାର ଅଷ୍ଟାଦଶ ଅଧ୍ୟାୟ ପଢ଼ିବା ଉଚିତ ।

ଏଠାରେ କ-ବାକ୍ୟରେ ଶ୍ରେଣୀ, ଖ-ବାକ୍ୟରେ ସ୍କନ୍ଧ, କାଣ୍ଡ, ଅଧ୍ୟାୟ ବିଶେଷ୍ୟ ପଦ । ଏସବୁ ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟ ସଂଖ୍ୟାସୂଚକ ପୂରଣ କାରକ ରୂପଟିକୁ ବିଶେଷିତ କରୁଛି- 'ଅଷ୍ଟମ, ସପ୍ତମ / ଦଶମ, ଷଷ୍ଠ, ଅଷ୍ଟାଦଶ' ଇତ୍ୟାଦି ସଂଖ୍ୟାମୂଳକ ବିଶେଷଣ ପଦ ।

ଆଉ କେତୋଟି ନମୁନା - ତୃତୀୟ ପାଣ୍ଡବ / ଦ୍ୱିତୀୟ ଈଶ୍ୱର / ଏକବିଂଶ ଶତାବ୍ଦୀ / ଚତୁର୍ଥ ସ୍ତମ୍ଭ / ନବମ ଗ୍ରହ ।

-୦-

**ଆସ ଜାଣିବା :**

(ସଂଖ୍ୟାକାରକ ଓ ପୂରଣକାରକ ବିଶେଷଣର ଲିଖନ ରୂପ)

ସଂଖ୍ୟାକାରକ ବିଶେଷଣ

| ସଂଖ୍ୟାରୂପ | ଅକ୍ଷରରୂପ |
|---|---|
| ୧ | ଏକ |
| ୩ | ତିନି |
| ୧୧ | ଏଗାର |
| ୧୮ | ଅଠର |

ପୂରଣକାରକ ବିଶେଷଣ

| ସଂଖ୍ୟାରୂପ | ଅକ୍ଷରରୂପ |
|---|---|
| ୧ମ | ପ୍ରଥମ |
| ୩ୟ | ତୃତୀୟ |
| ୧୧ଶ | ଏକାଦଶ |
| ୧୮ଶ | ଅଷ୍ଟାଦଶ |

## ୪.୬.୬ - ପରିମାଣବାଚକ ବିଶେଷଣ :

**ବାକ୍ୟରେ ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରିମାଣକୁ ସୂଚାଏ ତାହାକୁ ପରିମାଣ ବାଚକ ବିଶେଷଣ କୁହାଯାଏ ।**

**ଉଦାହରଣ ସ୍ୱରୂପ :**

ତୁମେ ବେତୁଲିଏ ଉଖୁଡ଼ା ଆଣିବ ।

ଗାଈକୁ ବିଡ଼ାଏ ଘାସ ଦିଅ ।

ଏଠାରେ ଉଖୁଡ଼ା ଓ ଘାସ ବିଶେଷ୍ୟ ପଦର ପରିମାଣକୁ ବେତୁଲିଏ ଓ ବିଡ଼ାଏ ପଦ ଦ୍ୱାରା ସୂଚିତ କରାଯାଇଛି ।

ବେତୁଲିଏ / ବିଡ଼ାଏ-ଦୁଇଟି ପରିମାଣ ସୂଚକ ବିଶେଷଣ ।

**ଆସ ଆଉ କିଛି ନମୁନା ଜାଣିବା :-**

| | | | |
|---|---|---|---|
| ମାଣେ | ଜମି | ବାରହାତୀ | ଲୁଗା |
| ଦ୍ୱିଭରଣ | ଧାନ | ପାଞ୍ଚକିଲିଆ | ମାଛ |
| କପେ | ଚା | ଦ୍ୱିକାନ୍ଦି | କଦଳୀ |
| ପୁଳାଏ | ଛତୁଆ | ବସ୍ତାଏ | ଚିନି |
| ଝୁଡ଼ିଏ | ଆମ୍ବ | ମାଠିଆଏ | ପାଣି |
| ଚାରିଗୌଣୀ | ଚାଉଳ | ହାଣ୍ଡିଏ | ଭାତ |

### ୪.୬.୭ - ତୁଳନାତ୍ମକ ବିଶେଷଣ :

- ନଳ ଆଉ ନୀଳ ମଧ୍ୟରେ ନୀଳ ବେଶୀ ବଳୁଆ ।
- ଭାରତର ସବୁଗ୍ରନ୍ଥ ମଧ୍ୟରେ ପ୍ରାଚୀନତମ ବେଦ ।
- ବ୍ରାହ୍ମଣୀଠାରୁ ମହାନଦୀ ଦୀର୍ଘତର ।
- ମାତୃଭୂମି ସରଗଠାରୁ ଗରୀୟାନ ।
- ବିଦ୍ୟାଳୟରେ ବୀରଭଦ୍ର ବରିଷ୍ଠ ଓ ସୁରେନ୍ଦ୍ର କନିଷ୍ଠ ଶିକ୍ଷକ ।
- ଭାକୁର ମାଛଠାରୁ ରୋହିମାଛ କ୍ଷୁଦ୍ରତର ।
- ମାଛମାନଙ୍କ ମଧରେ କେରାଣ୍ଡି କ୍ଷୁଦ୍ରତମ ।

ଉପର ପ୍ରଦତ୍ତ ସାତଗୋଟି ବାକ୍ୟରେ ବେଶୀ, ପ୍ରାଚୀନତମ, ଦୀର୍ଘତର, ଗରୀୟାନ, ବରିଷ୍ଠ, କନିଷ୍ଠ, କ୍ଷୁଦ୍ରତର, କ୍ଷୁଦ୍ରତମ ଇତ୍ୟାଦି ବିଶେଷଣ ପଦ ବାକ୍ୟରେ ଥିବା ଏକାଧିକ ବିଶେଷ୍ୟ ପଦ ମଧ୍ୟରେ ତୁଳନାତ୍ମକ ସ୍ୱାତନ୍ତ୍ୟ ସୂଚାଉଛି । ସୁତରାଂ-

**"ଦୁଇ ବା ତହିଁରୁ ଅଧିକ ବିଶେଷ୍ୟ ପଦ ମଧ୍ୟରେ ତୁଳନା କରି ଉଚ୍ଚ-ନୀଚ, ଊଣା-ଅଧିକ, ବଡ଼-ସାନ, ସାଧାରଣ-ଶ୍ରେଷ୍ଠ ଆଦି ଭେଦରୁ ନିର୍ଣ୍ଣୟ କରିବା ନିମିତ୍ତ ବାକ୍ୟରେ ଯେଉଁ ବିଶେଷଣ ପଦ ବ୍ୟବହୃତ ହୁଏ ତାହାକୁ "ତୁଳନାତ୍ମକ ବିଶେଷଣ" କୁହାଯାଏ ।"**

### ୪.୬.୮ ବିଧେୟ ବିଶେଷଣ :

ତଳ ବାକ୍ୟ ଦ୍ୱୟରେ ବିଶେଷଣ ପଦକୁ କଳା ଅକ୍ଷରରେ ଲେଖାଯାଇଛି । ତା'ର ବ୍ୟବହାର ଦିଗକୁ ଆସ ଦେଖିବା ।

(କ) ଶିଳ୍ପୀ **ସୁନ୍ଦର** ମୂର୍ତ୍ତି ଗଢ଼ିଲେ ।

(ଖ) ଶିଳ୍ପୀଙ୍କ ଗଢ଼ାମୂର୍ତ୍ତିଟି **ସୁନ୍ଦର** ।

ଏଠାରେ କ - ବାକ୍ୟରେ ମୂର୍ତ୍ତି ବିଶେଷ୍ୟ ପଦ । ମୂର୍ତ୍ତିର ଗୁଣାତ୍ମକ ବିଶେଷତ୍ୱକୁ ତା' ପୂର୍ବରୁ ବସିଥିବା ବିଶେଷଣ ପଦ "ସୁନ୍ଦର" ଦ୍ୱାରା ସୂଚିତ ହେଉଛି । ମାତ୍ର ଖ- ବାକ୍ୟରେ "ମୂର୍ତ୍ତି" ବିଶେଷ୍ୟପଦର ବିଶେଷତ୍ୱ ପରେ ବସିଥିବା 'ସୁନ୍ଦର' ବିଶେଷଣ ପଦଟି ଦ୍ୱାରା ନିର୍ଣ୍ଣିତ ହେଉଛି । ଏଠାରେ ମୂର୍ତ୍ତିର ବିଶେଷତ୍ୱ କଥନ ପାଇଁ 'ସୁନ୍ଦର' ପଦ ବସାଯାଇଛି । ବିଶେଷ୍ୟ ପରେ ବସୁଥିବା ପଦକୁ ବିଧେୟ ଅଂଶର ପଦ କୁହାଯାଏ । ତେଣୁ 'ଖ' – ବାକ୍ୟରେ 'ସୁନ୍ଦର' ବିଧେୟ ଅଂଶରେ ଅନ୍ତର୍ଭୁକ୍ତ ଥିବାରୁ ଏହା ଏକ ଭିନ୍ନ ପ୍ରକାରର ବିଶେଷଣ । ଅତଏବ ଏଥିରୁ ସ୍ପଷ୍ଟ ହେଲା -

**ବାକ୍ୟର ବିଧେୟ ଅଂଶରେ ବିଶେଷ୍ୟ ପଦ ପରେ ଯେଉଁ ବିଶେଷଣ ପଦ ବ୍ୟବହୃତ ହୋଇ ବିଶେଷ୍ୟର ବିଶେଷତ୍ୱ ନିର୍ଣ୍ଣୟ କରିଥାଏ ତାହାକୁ "ବିଧେୟ ବିଶେଷଣ" କୁହାଯାଏ ।**

ଆସ ମନେରଖିବା -

ଉଦ୍ଦେଶ୍ୟ ପଦ ବିଶେଷ୍ୟ ପରେ ଯାହା ବ୍ୟବହୃତ ହୁଏ ତାହା ବିଧେୟ ବାଚ୍ୟକ ହୁଏ ।

- ବିଧେୟ ବିଶେଷଣର କିଛି ନମୁନା - ରାସ୍ତା ନିର୍ଜନ / ଛବିଟି ଚମତ୍କାର / କଥା ଉତ୍ତମ / ଲୋକଟି ସରଳ / ପ୍ରସଙ୍ଗ ଜଟିଳ
- ବିଶେଷ୍ୟ ପଦ ପୂର୍ବରୁ ବିଶେଷଣ ରହିଲେ ଉଦ୍ଦିଷ୍ଟ ବିଶେଷଣ ହୁଏ । ବିଶେଷ୍ୟ ପଦ ପରେ ବସିଲେ ବିଧେୟ ବିଶେଷଣ ହୁଏ । ଯଥା - ଗରମ ପାଣି / ଫଳଗୁଡ଼ିକ କଷା ।

## ୪.୬.୯ - ବିଶେଷଣର ବିଶେଷଣ :

ଆସ, ତଳେଥିବା ବାକ୍ୟ ଦୁଇଟିକୁ ଲକ୍ଷ୍ୟ କରିବା ।

| 'କ' ସ୍ତମ୍ଭ ସାଧାରଣ ବିଶେଷଣ | 'ଖ' ସ୍ତମ୍ଭ ବିଶେଷଣର ବିଶେଷଣ |
|---|---|
| ◆ ସେ ଜଣେ ଭଲ ଲୋକ । | ◆ ସେ ଜଣେ ଭାରି ଭଲ ଲୋକ । |
| ◆ ବିଲୁଆ ଚତୁର | ◆ ବିଲୁଆ ବଡ଼ ଚତୁର । |
| ◆ ଉଷୁମ୍ ପାଣି ପିଅ । | ◆ ସାମାନ୍ୟ ଉଷୁମ ପାଣି ପିଅ । |

'କ' ସ୍ତମ୍ଭର ବାକ୍ୟରେ, ଭଲ, ଚତୁର ଓ ଉଷୁମ ବିଶେଷ୍ୟ ପଦ ଲୋକ, ବିଲୁଆ, ପାଣି ନିମିତ୍ତ ବ୍ୟବହୃତ ହୋଇଛି । ଏଗୁଡ଼ିକ ବିଶେଷ୍ୟର ବିଶେଷଣ ।

'ଖ' ସ୍ତମ୍ଭ ବାକ୍ୟ ତିନୋଟିରେ ବଡ ଓ କଳା ଅକ୍ଷରରେ ଲିଖିତ- "ଭାରି / ବଡ / ସମାନ୍ୟ" ଏବଂ ରେଖାଙ୍କିତ ତିନୋଟି ପଦ - ଭଲ, ଚତୁର, ଉଷୁମ୍, ପ୍ରତ୍ୟେକ ଗୋଟିଏଗୋଟିଏ ବିଶେଷଣ ପଦ । ମାତ୍ର ଭାରି, ବଡ, ସାମାନ୍ୟ - ଏ ତିନୋଟି ବିଶେଷଣ କୌଣସି ବିଶେଷ୍ୟ ପଦକୁ ବିଶେଷିତ ନ କରି ଯଥାକ୍ରମେ ଭଲ, ଚତୁର, ଉଷୁମ ବିଶେଷଣ ପଦକୁ (ଭାରି ଭଲ / ବଡ ଚତୁର / ସାମାନ୍ୟ ଉଷୁମ୍) ବିଶେଷିତ କରୁଛି । ଏଗୁଡ଼ିକ ବିଶେଷଣର ବିଶେଷଣ । ଅତଏବ ଏଥିରୁ ବୁଝାପଡିଲା ।

**ବାକ୍ୟରେ ଥିବା ବିଶେଷ୍ୟ ପଦର ବିଶେଷଣ ପଦକୁ ଅଧିକ ଭାବରେ ବିଶେଷିତ କରିବା ନିମିତ୍ତ ବ୍ୟବହୃତ ବିଶେଷଣକୁ "ବିଶେଷଣର ବିଶେଷଣ" ପଦ କୁହାଯାଏ ।**

ଆସ ମନେରଖିବା :

ବିଶେଷଣର ବିଶେଷଣ ପଦ, ମୁଖ୍ୟ ବିଶେଷଣ ପଦ, ବା ବିଶେଷ୍ୟର ବିଶେଷଣ ପଦ ପୂର୍ବରୁ ବସେ । ଏହି ବିଶେଷଣ ଅନ୍ୟ ଏକ ବିଶେଷଣ ପଦର ବୈଶିଷ୍ଟ୍ୟ ନିର୍ଣ୍ଣୟ କରେ ।

ନମୁନା ସ୍ୱରୂପ :

ଅତି ସୁଧାର ପିଲା / ଖୁବ୍ ବହଳିଆ ତରକାରୀ ।

- ବେଳେବେଳେ ଆମେ ବାକ୍ୟରେ ଗୋଟିଏ ବିଶେଷଣ ପୂର୍ବରୁ ଆଉ ଗୋଟିଏ ବିଶେଷଣ ବସାଇଥାଉ । ଯଥା – କଜ୍ଜଳା ବୁଦ୍ଧିମତୀ, ଗୁଣବନ୍ତୀ ଝିଅ / ଆମ୍ବଟି ବଡ଼ ସୁଆଦିଆ ।
- ବିଶେଷ୍ୟ ପଦ ପୂର୍ବରୁ ବା ପରେ ଆମେ ଗୋଟିଏ ବିଶେଷଣକୁ ଦ୍ୱିତ୍ୱ କରି ଥାଉ ବା ଦୋହରାଇ ଥାଉ । ଯଥା – ମିଠାମିଠା କଥା / ବଡ଼ବଡ଼ କାମ / ସାନସାନ ଗଛ / କୁନିକୁନି ପିଲା । ଦ୍ୱିତ୍ୱ ବିଶେଷଣ ପଦ ଲାଗିବା ଦ୍ୱାରା ବିଶେଷ୍ୟର ବହୁବଚନ ଅର୍ଥ ପ୍ରକାଶପାଏ । 'ବଡବଡ କାମ' କହିଲେ ଅନେକ ବଡ଼ କାମର ସମଷ୍ଟିକୁ ବୁଝାଏ ।

### ୪.୬.୧୦ – ସାର୍ବନାମିକ ବିଶେଷଣ :

**ବାକ୍ୟରେ ସର୍ବନାମ ପଦ ବିଶେଷ୍ୟ ପଦ ନିମିତ୍ତ ବିଶେଷଣ ରୂପେ ବ୍ୟବହୃତ ହେଲେ ତାକୁ 'ସାର୍ବନାମିକ ବିଶେଷଣ' କୁହାଯାଏ ।**

**ଉଦାହରଣ ସ୍ୱରୂପ :**

- ଯେମିତି ଦିଅଁ ସେମିତି ପୂଜା ।
- ଯେପରି କାମ ସେପରି ମୂଲ ।

ଆଉ କେତେକ ନମୁନା – ଏମନ୍ତ ଭୂଇଁ / ଯେମନ୍ତ ବ୍ୟବହାର / କିପରି କଥା / ଏଇ ଘର / ସେଇ ସମସ୍ୟା ।

### ୪.୬.୧୧ – ସମ୍ବନ୍ଧବାଚକ ବିଶେଷଣ :

ଆମ ଭାଷାରେ ଷଷ୍ଠୀ ବିଭକ୍ତିରେ ଚିହ୍ନର ଲାଗିଥିବା ପଦକୁ ସମ୍ବନ୍ଧପଦ କୁହାଯାଏ । ସମ୍ବନ୍ଧ ପଦ ଏକଏକ ବିଶେଷ୍ୟ ପଦ । ଷଷ୍ଠୀ ବିଭକ୍ତିର ସମ୍ବନ୍ଧ ବାଚକ ବିଶେଷ୍ୟ ପଦକୁ ମଧ୍ୟ ଆମେ ଉଚିତ୍ ଓ ନିଶ୍ଚିତ ଅର୍ଥରେ ବିଶେଷଣ ରୂପେ ବ୍ୟବହାର କରିଥାଉ ଯଥା –

- ସୁଖର ଦିନ ସରିଗଲା ।
- ଦୁଃଖର ସାଥି କେହି ନୁହଁନ୍ତି ।
- ଦୀନବନ୍ଧୁ ଜଣେ ପାରିବାର ଲୋକ ।
- ସୁନାର ସଂସାର ଭାଙ୍ଗିଗଲା ।
- କହିବାର କଥା କହିଲ ନାହିଁ ।

ଏଠାରେ ଦୁଃଖର / ସୁଖର / ପାରିବାର / ସୁନାର / କହିବାର ଏକଏକ ସମ୍ବନ୍ଧ ସୂଚକ ବିଶେଷଣ ପଦ । ଏକଏକ ବିଶେଷ୍ୟ ପଦ ଦୁଃଖ / ସୁଖ / ପାରିବା / ସୁନା / କହିବା ଆଦିରେ ସମ୍ବନ୍ଧ ସୂଚକ ଚିହ୍ନ ର ଯୋଗ ହୋଇ ଏସବୁ ବିଶେଷଣ ପଦ ଗଠିତ ହୋଇଛି । ସୁତରାଂ –

**ଷଷ୍ଠୀ ବିଭକ୍ତିଯୁକ୍ତ ସମ୍ବନ୍ଧ ବାଚକ ପଦରେ 'ର' ଚିହ୍ନ ଯୋଗ ହୋଇ ଉଚିତ ବା ନିଶ୍ଚିତ ଅର୍ଥରେ ବିଶେଷଣ ରୂପେ ବ୍ୟବହୃତ ହୋଇଥିଲେ ତାହାକୁ 'ସମ୍ବନ୍ଧବାଚକ' ବିଶେଷଣ କୁହାଯାଏ ।**

## ୪.୬.୧୨ - କ୍ରିୟା ବିଶେଷଣ

ବାକ୍ୟରେ କ୍ରିୟାପଦର ଗୁରୁତ୍ୱ-ଅଣଗୁରୁତ୍ୱକୁ ସୂଚେଇ ଦେବା ପାଇଁ କ୍ରିୟାପଦ ପୂର୍ବରୁ ମଧ୍ୟ ବିଶେଷଣ ବସିଥାଏ । ଏହି ବିଶେଷଣ ପଦ ବସିବା ଦ୍ୱାରା କ୍ରିୟାର ଅବସ୍ଥା, ଧର୍ମ, ସାଧନ, ବୈଶିଷ୍ଟ୍ୟ ଓ ପ୍ରକ୍ରିୟା ଆଦି ବିଶେଷିତ ହୋଇଥାଏ । ଯଥା-

(କ) ରାତିରେ ପବନ ଜୋରରେ ବହିଲା ।

(ଖ) ତୁମେ ସେଠିକୁ ଶୀଘ୍ର ଯାଅ ।

(ଗ) ସବୁକଥା ଧୀରେଧୀରେ ଜଣାଗଲା ।

ଏଠାରେ ବହିଲା, ଯାଅ, ଜଣାଗଲା କ୍ରିୟାପଦର ସାଧନ ଧର୍ମକୁ ଜୋରରେ / ଶୀଘ୍ର / ଧୀରେଧୀରେ ବିଶେଷଣ ପଦ ବିଶେଷିତ କରୁଛି ବା ସୂଚେଇ ଦେଉଛି । ଏଗୁଡ଼ିକ କ୍ରିୟାପଦ ପାଇଁ ବ୍ୟବହୃତ ବିଶେଷଣ ପଦ ।

ସୁତରାଂ -

**ବାକ୍ୟରେ କ୍ରିୟାପଦକୁ ଯେଉଁ, ବିଶେଷଣ ପଦ ବିଶେଷିତ କରି ତା'ର ସାଧନ ପ୍ରକ୍ରିୟାର ଧର୍ମକୁ ସୂଚେଇ ଦିଏ ତାହାକୁ 'କ୍ରିୟା ବିଶେଷଣ' କୁହାଯାଏ ।**

## ୪.୬.୧୩ - କ୍ରିୟାଜ ବିଶେଷଣ ବା କ୍ରିୟା ବାଚକ ବିଶେଷଣ :

(କ) ରାଧୁ ଫେରନ୍ତା ଗାଡ଼ିରେ ଆସିବ । (ଖ) ଆଉ ଉଡ଼ନ୍ତା ଚଢ଼େଇର ପର ଗଣନି । (ଗ) ଶୋଇଲା ପୁଅର ଭାଗ ନାହିଁ । (ଘ) ସେ ଜଣେ ଜଣାଶୁଣା ବ୍ୟକ୍ତି ।

ଏଠାରେ 'ଫେରନ୍ତା, ଉଡ଼ନ୍ତା, ଶୋଇଲା, ଜଣାଶୁଣା' ବିଶେଷଣ ପଦ ଭାବରେ, "ଗାଡ଼ି, ଚଢ଼େଇ, ପୁଅ, ବ୍ୟକ୍ତି" ଇତ୍ୟାଦି ବିଶେଷ୍ୟ ପଦକୁ ବିଶେଷିତ କରୁଛି । ଏହି ବିଶେଷଣ ପଦଗୁଡ଼ିକ କ୍ରିୟା ପଦ ନୁହଁନ୍ତି । ଏଗୁଡ଼ିକ କ୍ରିୟାର ମୂଳରୂପ 'ଧାତୁ'ରୁ ଗଠିତ । ଧାତୁ ବା କ୍ରିୟାର ମୂଳରୂପରୁ ଜାତ ହୋଇଥିବାରୁ ଏଗୁଡ଼ିକ କ୍ରିୟାଜାତ (କ୍ରିୟାଜ) ପଦ । ଯଥା ଫେର୍+ଅନ୍ତା / ଉଡ଼୍+ଅନ୍ତା / ଶୋ+ଇଲା / ଜାଣ୍(+ଆ, ଶୁଣ୍(+ଆ) । ସୁତରାଂ- ***କ୍ରିୟାର ମୂଳରୂପରୁ ଜାତ ବା ଗଠିତ ଯେଉଁ ବିଶେଷଣ ପଦ ବାକ୍ୟରେ ବିଶେଷ୍ୟ ପଦକୁ ବିଶେଷିତ କରେ ତାହାକୁ କ୍ରିୟାଜ ବିଶେଷଣ ବା କ୍ରିୟାବାଚକ ବିଶେଷଣ କୁହାଯାଏ ।***

**ଆସ ମନେରଖିବା:-** ଆମ ଭାଷାରେ କ୍ରିୟା ମୂଳକ ହୋଇ ଦୁଇପ୍ରକାର ବିଶେଷଣ ପଦ ବ୍ୟବହୃତ ହୁଏ । ଗୋଟିଏ ପ୍ରକାର ହେଉଛି ଯେଉଁ ପଦ କ୍ରିୟାକୁ ବିଶେଷିତ କରେ ବା କ୍ରିୟାପଦର ବିଶେଷଣ ରୂପେ ବ୍ୟବହୃତ ହୁଏ, ଏହା କ୍ରିୟା ବିଶେଷଣ । ଯଥା - ଜଲ୍‌ଦି ଆସ / ଆସ୍ତେ କୁହ / ଧୀରେ ଚାଲ । ଅନ୍ୟ ପ୍ରକାରଟି ହେଉଛି-କ୍ରିୟାଜ ବିଶେଷଣ । ଏ ପ୍ରକାର ବିଶେଷଣ ପଦ କ୍ରିୟାର ମୂଳରୂପ ଧାତୁରୁ ଜାତ ବା ଗଠିତ ହୋଇଥାଏ । ଯଥା-ମାଗଣା / ମିଳନ୍ତା / ଦେଖନ୍ତା / ଅବୁଝା / ଅଲୋଡ଼ା ଇତ୍ୟାଦି ।

୨. ମନେରଖ - ବିଶେଷ୍ୟ ପଦର ମୂଳରୂପରେ (ପ୍ରାତିପଦିକରେ) ଆ, ଈ, ତ, ଇଆ, ଇବା, ଇୟ, ଉଆ, ଅଣି, ଉଣା, ଣୀ, ଇକ, ଅଣା, ଅନ୍ତା ଆଦି ଚିହ୍ନ ବା ସୂଚକ ଲଗାଇ ଆମେ ବିଶେଷଣ ପଦ ଗଢ଼ି ପାରିବା । ଆସ ଅଭ୍ୟାସ କରିବା ।

**ମୂଳରୂପ + ଯୋଗ = ବିଶେଷଣ ପଦ**

ପାଣି + ଆ = ପାଣିଆ (ପାଣିଆ ଡାଲି)

ପ୍ରକୃତି + ଇକ = ପ୍ରାକୃତିକ (ପ୍ରାକୃତିକ ହ୍ରଦ)

ଗଡ୍ + ଆଣି = ଗଡ଼ାଣି (ଗଡ଼ାଣି ରାସ୍ତା)

ଶୋ+ଇବା = ଶୋଇବା (ଶୋଇବାଘର)

ଖତ + ରା= ଖତରା (ଖତରା ମଣିଷ)

ଦାନ୍ତ + ଉରା = ଦାନ୍ତୁରା (ଦାନ୍ତୁରା ଲୋକ)

ଜାତି + ଇୟ = ଜାତୀୟ (ଜାତୀୟ ସଂଗୀତ)

ଗୋଲାପ + ଈ = ଗୋଲାପୀ (ଗୋଲାପୀ ଶାଢ଼ୀ)

ମାଗ୍ + ଅଣା = ମାଗଣା (ମାଗଣା ଚାଉଳ)

ପଠ୍ + ତ = ପଠିତ (ପଠିତ ପୁସ୍ତକ)

## ୪.୭ କ୍ରିୟାପଦ

ଆସ, ତଳେ ଥିବା କ-ସ୍ତମ୍ଭ ଓ ଖ-ସ୍ତମ୍ଭର ପ୍ରାୟ ସମାନ ଭାବାର୍ଥ ପ୍ରଦାନ କରୁଥିବା ବାକ୍ୟଗୁଡ଼ିକୁ ପଢ଼ିବା । ଏସବୁରେ ଥିବା କଳା ଅକ୍ଷରର ଓ ରେଖାଙ୍କିତ ଅକ୍ଷରର ପଦଗୁଡ଼ିକ ବିଷୟରେ ଜାଣିବା ।

| କ-ସ୍ତମ୍ଭ | ଖ-ସ୍ତମ୍ଭ |
|---|---|
| ଗୋପାଳ କୂଅ **ଖୋଳିଛି** । | ଗୋପାଳଦ୍ୱାରା କୂଅ **ଖୋଳା** ହୋଇଛି । |
| ଗୋପାଳ ପିଣ୍ଡ **ଦେଉଛି** । | ଗୋପାଳଦ୍ୱାରା ପିଣ୍ଡଦାନ ହେଉଛି । |

ଏଠାରେ ଗୋପାଳ ମୁଖ୍ୟପଦ ବା କର୍ତ୍ତାପଦ । ସେ ଯେଉଁ କାର୍ଯ୍ୟ କରିସାରିଛି ବା ବର୍ତ୍ତମାନ କରୁଛି ତାକୁ ବୁଝିବା ପାଇଁ ଏହି ବାକ୍ୟ ଚାରୋଟିରେ ଖୋଳିଛି / ହୋଇଛି / ଦେଉଛି / ହେଉଛି - ପଦ ବ୍ୟବହୃତ ହୋଇଛି । ଯଦି ଆମେ କ'ବାକ୍ୟକୁ ଆଧାର କରି ପ୍ରଶ୍ନ ପଚାରିବା ଗୋପାଳ କ'ଣ କରୁଛି- ତେବେ ଖ'ବାକ୍ୟରେ ତା'ର ଉତ୍ତର ପାଇବା ଯେ ଗୋପାଳଦ୍ୱାରା ଦାନ କାର୍ଯ୍ୟ ଓ ଖୋଳା କାର୍ଯ୍ୟ ହେଉଛି । ଦାନ ଓ ଖୋଳା-ଖ'ସ୍ତମ୍ଭରେ କାର୍ଯ୍ୟ ସାଧନକୁ ବୁଝାଉନାହିଁ; ଏ ଉଭୟ କାର୍ଯ୍ୟର ନାମକୁ ବୁଝାଉଛି । 'କାର୍ଯ୍ୟ' ବା କ୍ରିୟାକୁ ନେଇ ଆମେ ଏହିପରି ଦୁଇପ୍ରକାର ପଦ ବ୍ୟବହାର ଆମ ଭାଷାରେ କରୁଥାଉ । ଗୋଟିଏ ସିଦ୍ଧ ହୋଇସାରିଥିବା କାର୍ଯ୍ୟର ନାମକୁ ବୁଝାଏ । ଆଉ ଗୋଟିଏ କାର୍ଯ୍ୟ ସାଧନର ଅର୍ଥ

ପ୍ରଦାନ କରେ । ସିଦ୍ଧ ହୋଇସାରିଥିବା କାର୍ଯ୍ୟର ନାମକୁ **"ସିଦ୍ଧକ୍ରିୟା"** କୁହାଯାଏ । ସିଦ୍ଧକ୍ରିୟାଗୁଡ଼ିକ ଏକଏକ ବିଶେଷ୍ୟ ପଦ ଭାବରେ (କ୍ରିୟା ବିଶେଷ୍ୟ) ବାକ୍ୟରେ ବସେ । ଯଥା- ଦାନ, ଖୋଲା, ପଢ଼ା, ଗ୍ରହଣ, ଭୋଜନ, ଶୟନ ଇତ୍ୟାଦି ।

ବାକ୍ୟରେ ଯେଉଁ ପଦ ଦ୍ୱାରା କର୍ତ୍ତା ବା ମୁଖ୍ୟ ପଦର କାର୍ଯ୍ୟ ସାଧନ ବିଷୟରେ ଜଣାଯାଏ ସେହି ପଦ ତାର (କର୍ତ୍ତାର) **ସାଧିତକ୍ରିୟା** । ଅର୍ଥାତ୍ କର୍ତ୍ତା ଯାହା କରିଛି, କରୁଛି ଓ କରିବ ତାହାର ଅର୍ଥ ଏହି ସାଧିତ କ୍ରିୟାରୁ ବୁଝାପଡ଼େ । ବାକ୍ୟରେ ମୁଖ୍ୟପଦ ଯାହା କରେ ବୋଲି ଯେଉଁ ପଦରୁ ଜଣାଯାଏ ତାହାକୁ **"ସାଧ୍ୟକ୍ରିୟା"** କୁହାଯାଏ । ସାଧ୍ୟ କ୍ରିୟାଗୁଡ଼ିକ ବାକ୍ୟ ସମାପ୍ତି ସୂଚକ ଧାରଣା ଦେଇଥାଏ । ଏଗୁଡ଼ିକୁ "କ୍ରିୟାପଦ" ଭାବରେ ଗ୍ରହଣ କରାଯାଏ । ସୁତରାଂ-

**"କର୍ତ୍ତା ବା ବାକ୍ୟର ମୁଖ୍ୟପଦ କ'ଣ କରୁଛି- ଏହା ଯେଉଁପଦ ଦ୍ୱାରା ବୁଝାପଡେ ତାହା କ୍ରିୟାପଦ ।"**

ଉପର ବାକ୍ୟରେ ଥିବା ଖୋଲିଛି/ ହୋଇଛି/ ଦେଉଛି/ ହେଉଛି – କ୍ରିୟା ପଦଦ୍ୱାରା ବାକ୍ୟର ସମାପ୍ତି ଘଟିଲା ବୋଲି ବୁଝାପଡୁଛି / ବାର୍ତ୍ତା ଏସବୁ କ୍ରିୟାପଦ ଦ୍ୱାରା ଯାହାଯାହା ସାଧକ କରୁଛି ତାହାର ସଂପନ୍ନ ବା ଶେଷ ହେବା କଥା ଜଣାପଡୁଛି । ଏଗୁଡ଼ିକ ଗୋଟିଏ ଗୋଟିଏ କ୍ରିୟାପଦ । ଅତଏବ :

**ବାକ୍ୟରେ ଯେଉଁପଦ ମାଧ୍ୟମରେ କୌଣସି କାର୍ଯ୍ୟର ସାଧନ ହେବାର ନିର୍ଦ୍ଦିଷ୍ଟ ଅର୍ଥ ବୁଝାପଡେ ତାହାକୁ "କ୍ରିୟାପଦ" କୁହାଯାଏ ।**

**୪.୭.୧. କ୍ରିୟାର ମୂଳପ୍ରକୃତି ବା ଧାତୁ :**

ତଳ ଉଦାହରଣ ଦୁଇଟିକୁ ଲକ୍ଷ୍ୟ କରିବା :

(କ) ତୁ **ପଢ୍** / ପଢୁଛୁ, ପଢ଼ିଛୁ, ପଢ଼ିବୁ, ପଢ଼ିଲୁ, ପଢ଼ିଥାନ୍ତୁ, ପଢ଼ିଥିବୁ

(ଖ) ସେ ଖେଳୁଛି / ସେ ଖେଳିଛି / ଖେଳିଲା / ଖେଳୁଥିବ

କ- ଭାଗରେ ଥିବା କଳା ଅକ୍ଷରର ପଦ 'ପଢ୍' ଗୋଟିଏ ନିର୍ଦ୍ଦିଷ୍ଟ କ୍ରିୟାର ମୂଳ ରୂପ । ଏହି ପଢ୍ ପଦରେ କାଳ ଓ ବଚନ ସୂଚକ ଚିହ୍ନ ଭାବରେ କିଛି ଲାଗିବା ଦ୍ୱାରା ତା'ର ରୂପ ବଦଳିଯାଇଛି ଓ ଅର୍ଥ ବି ଭିନ୍ନ ହେଉଛି । ଯଥା- ପଢ଼+ଉ+ଛୁ=ପଢୁଛୁ / ପଢ଼+ଇ+ଛି=ପଢ଼ିଛି/ ପଢ଼+ଇ+ବୁ=ପଢ଼ିବୁ / ପଢ଼+ଇ+ଥା+ଅନ୍ତୁ=ପଢ଼ିଥାନ୍ତୁ । ଏହିପରି ଆମେ ଗୋଟିଏ ମୂଳରୂପରେ ଆଉ କିଛି ସୂଚକ ଲଗାଇ ଭିନ୍ନଭିନ୍ନ ପ୍ରକାରର କ୍ରିୟାପଦ ଗଢ଼ିଥାଏ ।

ସୁତରାଂ – **"କ୍ରିୟାପଦର ମୂଳ ରୂପକୁ ବା କ୍ରିୟାର ମୂଳ ପ୍ରକୃତିକୁ 'ଧାତୁ' କୁହାଯାଏ ।"**

ଯା, ଖା, ନେ, ଉଠ୍, ଦେ, ଆସ୍, ଦେଖ୍, ବସ୍, କର୍ ଆଦି ଅନେକ କ୍ରିୟାମୂଳକ ଧାତୁ ରହିଛି । 'ଧାତୁ' ଗୁଡ଼ିକରେ ଇଛି, ଉଛୁ, ଇଦି, ଇଲୁ, ଇଲ, ଅନ୍ତୁ, ଅନ୍ତି, ଇ, ଉ, ଇତ୍ୟାଦି ଲାଗିବା ଦ୍ୱାରା କ୍ରିୟାପଦ ଗଠିତ ହୁଏ । କ୍ରିୟାରେ ଲାଗୁଥିବା ଏହି ପ୍ରକାର ଅର୍ଥ ନଥିବା ଚିହ୍ନ ବା ରୂପକୁ 'କ୍ରିୟା ବିଭକ୍ତି' କୁହାଯାଏ । ଏହି ଚିହ୍ନଗୁଡ଼ିକ ଗୋଟିଏ ଧାତୁରୁ ଗଢ଼ାଯାଇଥିବା କ୍ରିୟା ପଦଗୁଡ଼ିକୁ ଅଲଗା ଅଲଗା କରିବା ବିଭକ୍ତ କରି ଚିହ୍ନାଇ ଦେଇଥାଏ । ଏହି ଅର୍ଥ ନଥିବା ଚିହ୍ନଗୁଡ଼ିକ ଲାଗିବା ଦ୍ୱାରା ମୂଳ କ୍ରିୟା ରୂପର / କାଳ / ସୂଚିତ ହୁଏ ଓ କାର୍ଯ୍ୟର ସଂପନ୍ନ ଅସଂପନ୍ନ ଅବସ୍ଥା ଜଣାପଡ଼େ ।

**୪.୭.୨. କ୍ରିୟାର ସ୍ୱରୂପ- (ସଂପନ୍ନ ଅସଂପନ୍ନ ନାମଧାତୁ ରୂପ)**

ଓଡ଼ିଆରେ ବିଭିନ୍ନ କାର୍ଯ୍ୟର ଅର୍ଥବୋଧନ ପାଇଁ ଆମେ ମୁଖ୍ୟତଃ ତିନି ଧରଣର କ୍ରିୟାପଦ ବ୍ୟବହାର କରିଥାଏ । ଯଥା- (କ) କାର୍ଯ୍ୟ 'ସଂପନ୍ନ' ସୂଚକ କ୍ରିୟା, (ଖ) କାର୍ଯ୍ୟ ଚାଲୁଛି ବା 'ଅସଂପନ୍ନ' ସୂଚକ କ୍ରିୟା (ଗ) ଧାତୁ ବା ମୂଳପ୍ରକୃତି ବ୍ୟତିରେକ ଅନ୍ୟ "ନାମ" ବା ବିଶେଷ୍ୟ ବିଶେଷଣାଦି ପଦରୁ ଗଠିତ କ୍ରିୟା ।

**୪.୭.୨.୧ କ୍ରିୟାର ସଂପନ୍ନ ଅସଂପନ୍ନ ସୂଚକ ସ୍ୱରୂପ :**

ତଳ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କରିବା :

(କ) ସେ **ପଢୁଛି** । ମୁଁ **ପଢୁଥିଲି** । ତୁମେ **ପଢୁଛ** । ଆପଣ **ପଢୁଛନ୍ତି** ।

(ଖ) ସେ **ପଢ଼ିଛି** । ମୁଁ **ପଢ଼ିଥିଲି** । ତୁମେ **ପଢ଼ିଛ** । ଆପଣ **ପଢ଼ିଛନ୍ତି** ।

କ- ଭାଗର ଚାରୋଟିଯାକ କ୍ରିୟାପଦ ପଢୁଛି/ପଢୁଥିଲି/ ପଢୁଛ/ପଢୁଛନ୍ତି- ପଢ଼ାକାର୍ଯ୍ୟ କର୍ତ୍ତାପଦ ଦ୍ୱାରା ଚାଲୁଥିବାର ବୁଝାପଡୁଛି । ପଢ଼ାକାର୍ଯ୍ୟ ଶେଷ ନ ହୋଇଥିବାର ସୂଚନା ଏସବୁ କର୍ତ୍ତାପଦରୁ ମିଳୁଛି । ଏହି ସୂଚନାଟିକୁ ଆମେ ମୂଳଧାତୁରେ 'ଉ' ଅସଂପନ୍ନ ସୂଚକ ଚିହ୍ନର ସଂଯୋଗ ହେତୁ ଜାଣିପାରୁଛେ । ଚାରୋଟିଯାକ କ୍ରିୟାର ମୂଳପଦ ବା ମୂଳ ଧାତୁ ରୂପ ହେଉଛି- "ପଢ଼" ପଢ଼+ଉ (ଅସଂପନ୍ନ ଅର୍ଥରେ) ମିଶି "ପଢୁ" ଗଠିତ ହୋଇଛି । ଏଥିରେ ଛି/ଥିଲି/ଅଛ/ଛନ୍ତି ଯୋଗ ହୋଇ କ୍ରିୟାପଦ ଗଠିତ ହୋଇଛି । (ପଢୁ-ଛି / ପଢୁ-ଥିଲି / ପଢୁଅଛ / ପଢୁଛନ୍ତି) ।

ଖ- ଭାଗର ଚାରୋଟିଯାକ ବାକ୍ୟରେ ମୂଳ କ୍ରିୟାପଦ "ପଢ଼"ରେ 'ଇ' ସୂଚକ ଚିହ୍ନ ଯୋଗ ହୋଇଛି । ପଢ଼+ଇ=ପଢ଼ି କ୍ରିୟାରୂପଟି ଗଠିତ ହୋଇ ସେଥିରେ ଛି/ଥିଲି/ଛନ୍ତି ଯୋଗହୋଇ ପଢ଼ିଛି/ପଢ଼ିଥିଲି/ପଢ଼ିଛି/ପଢ଼ିଛନ୍ତି କ୍ରିୟାପଦ ଯୋଗ ହୋଇଛି (ପଢ଼ି+ଛି=ପଢ଼ିଛି/ପଢ଼ି+ଛନ୍ତି=ପଢ଼ିଛନ୍ତି) । ମୂଳଧାତୁରେ 'ଇ' ସୂଚକଟି ସଂପନ୍ନ ଅର୍ଥରେ (କାର୍ଯ୍ୟଟି କର୍ତ୍ତାଦ୍ୱାରା ଶେଷ ହୋଇଥିବା ଅର୍ଥରେ) ସଂଯୁକ୍ତ ହୋଇଛି ।

ଏହିପରି ଆମେ ଯେତେ କ୍ରିୟାପଦ ଅତୀତ, ବର୍ତ୍ତମାନ, ଭବିଷ୍ୟତ ଓ ସଂଭାବନା ଆଦି କାଳ ଓ ଭାବ ଅର୍ଥରେ ବ୍ୟବହାର କରିଥାଏ ସବୁଗୁଡ଼ିକ ସଂପନ୍ନ ଅସଂପନ୍ନ ଅର୍ଥ ପ୍ରଦାନ କରିଥାଏ ।

ସୁତରାଂ- **"ଯେଉଁ କ୍ରିୟାପଦରୁ କର୍ତ୍ତା କରୁଥିବା କାର୍ଯ୍ୟର ସମାପ୍ତି ବା ସଂପନ୍ନ ହୋଇଥିବାର ଅର୍ଥ ବୁଝାପଡ଼େ ତାହାକୁ 'ସଂପନ୍ନସୂଚକ କ୍ରିୟା' ଏବଂ ଯେଉଁ କ୍ରିୟା ପଦରୁ କାର୍ଯ୍ୟର ଅସଂପନ୍ନ ହେବାର ସୂଚନା ମିଳେ ତାହାକୁ 'ଅସଂପନ୍ନସୂଚକ କ୍ରିୟା' କୁହାଯାଏ ।**

**୪.୭.୨.୨ ନାମଧାତୁ କ୍ରିୟା/ନାମଧାତୁମୂଳକ କ୍ରିୟାପଦ :**

ଅନେକ କ୍ଷେତ୍ରରେ ଆମେ ଗୋଡ଼, ମୁଣ୍ଡ, ହାତ, ଡଙ୍କ, ମଠ, ଛୋଟା, କୁଣ୍ଡ, ଲଟା, ପେଟ, ଆଣ୍ଠୁ, ମୁହଁ, ଆଖି, ଆଦି ନାମବାଚକ ବିଶେଷ୍ୟ ପଦ ଏବଂ ଆଗ, ପଛ, ବଙ୍କା, ଗୋଟା, ତରଳ, ଛୋଟ, ଆଦି ନାମମୂଳକ ବିଶେଷ୍ୟ ପଦର ବିଶେଷଣ ରୂପକୁ କ୍ରିୟାପଦରେ ପରିଣତ କରିଥାଉ । 'ନାମ' ବା ବିଶେଷ୍ୟ ପଦକୁ 'ଧାତୁ' ବା ମୂଳରୂପରେ ଗ୍ରହଣ କରି ତହିଁରେ ଉଛ, ଉଛି, ଇଲା, ଇଲେ, ଇବେ, ଇବା, ଇବ, ଉଛ, ଇଛି ଆଦି ଯୋଗ କରି ନାମଧାତୁ ମୂଳକ କ୍ରିୟାପଦ

ଗଢ଼ିଥାଉ । ଏହି କ୍ରିୟାପଦ ବାକ୍ୟରେ **'ନାମଧାତୁ ମୂଳକ କ୍ରିୟାପଦ'** ରୂପେ ବ୍ୟବହୃତ ହୋଇଥାଏ ।

ଉଦାହରଣ ସ୍ୱରୂପ -

ରାମ ଏକଥାଟିକୁ ମୁଣ୍ଡେଇଲା । ଦୁଃଖ ତାଙ୍କୁ ଗୋଡ଼େଇଛି । ବଙ୍କେଇବା ଜୀବନର ଧର୍ମ । **ସବୁ କଥାରେ ଆଖେଇବା ଉଚିତ ନୁହେଁ ।** ସୁତରାଂ :

**"ନାମ ବା ବିଶେଷ୍ୟ ପଦକୁ ମୂଳରୂପ** ଭାବରେ ଗ୍ରହଣ କରି **ତହିଁରେ ପୁରୁଷ ବଚନବାଚକ ସୂଚକ** ଚିହ୍ନ ଯୋଗ ହୋଇ ଯେଉଁ କ୍ରିୟାପଦ **ଗଠିତ ହୋଇଥାଏ ତାହାକୁ ନାମଧାତୁମୂଳକ 'କ୍ରିୟାପଦ'** କୁହାଯାଏ । ନାମ ବିଶେଷ୍ୟ ପଦରେ ଏ, ଅ, ଆ ଯୋଗହୋଇ ନାମଧାତୁମୂଳକ କ୍ରିୟାପଦର ମୂଳରୂପଟି ଗଠିତ ହୋଇଥାଏ । ଆସ ଅଭ୍ୟାସ କରିବା :

ମୁଣ୍ଡ+ଆ=ମୁଣ୍ଡା=ମୁଣ୍ଡାଏ, ମୁଣ୍ଡାଉଛି, ମୁଣ୍ଡାଇବା ।

ମୁଣ୍ଡ+ଏ=ମୁଣ୍ଡେ=ମୁଣ୍ଡେଇଛି, ମୁଣ୍ଡେଇବ, ମୁଣ୍ଡେଇବା

ମୁଣ୍ଡ+ଅ = ମୁଣ୍ଡ = ମୁଣ୍ଡଉଚି, ମୁଣ୍ଡଉଥିବ ।

| ଏହିପରି - | ନାମ | ନାମଧାତୁ କ୍ରିୟାପଦ |
|---|---|---|
| | ଆଗ | ଆଗେଇବା, ଆଗେଇଲା, ଆଗଉଛି, ଆଗାଉନି |
| | ଡଙ୍କ | ଡଙ୍କେଇବା, ଡଙ୍କେଇଛି, ଡଙ୍କଉଛି, ଡଙ୍କାଇବ |
| | ବଙ୍କା | ବଙ୍କାଇଲା, ବଙ୍କେଇଛି, ବଙ୍କଉଛି |
| | ହାତ | ହାତେଇଲା, ହାତେଇଛି, ହାତଉଛି, ହାତେଇବଣି |

**ଆସ ମନେରଖିବା - "ଯେଉଁ କ୍ରିୟାପଦ ବିଶେଷ୍ୟ ବା ବିଶେଷଣ ଶବ୍ଦକୁ** ମୂଳରୂପ ଭାବରେ ଗ୍ରହଣ କରି ଗଠିତ ହୋଇଥାଏ ତାହାକୁ ନାମଧାତୁ କ୍ରିୟାପଦ କୁହାଯାଏ ।"

"ନାମ"କୁ ମୂଳକରି ଗଠିତ ନାମଧାତୁ କ୍ରିୟାପଦ ବିଶେଷ୍ୟ ଓ ବିଶେଷଣକୁ ଆଧାର କରି ଗଢ଼ାଯାଏ । ଯଥା :-

ଗୋଡ (ବିଶେଷ୍ୟ) - ଗୋଡେଇବା, ଗୋଡେଇଲା (ନାମଧାତୁମୂଳକ କ୍ରିୟାପଦ)

ପଛ (ବିଶେଷଣ) - ପଛେଇଲା, ପଛେଇବ, ପଛଉଚି (ନାମଧାତୁମୂଳକ କ୍ରିୟାପଦ)

### ୪.୭.୨.୩ ପ୍ରେରଣାର୍ଥକ କ୍ରିୟା :

ଆମେ କ୍ରିୟାକୁ ଦୁଇଟି ପଦ୍ଧତିରେ ବା ଉପାୟରେ ବ୍ୟବହାର କରିଥାଉ । କର୍ତ୍ତା ନିଜ ଅନୁସାରେ ବା ନିଜେ କ୍ରିୟା ସାଧନ କଲେ ତାହା ସାଧାରଣ କ୍ରିୟାପଦ ହୋଇଥାଏ । ପ୍ରୟୋଜନ ହେତୁ ଅନ୍ୟକୁ ଅନୁପ୍ରେରିତ କରି କର୍ତ୍ତା ଅନ୍ୟ ଦ୍ୱାରା କାର୍ଯ୍ୟ ସାଧନ କରାଇ ନେଲେ ତାହା ପ୍ରେରଣାର୍ଥକ କ୍ରିୟାପଦ ହୁଏ । ଅର୍ଥାତ୍- କର୍ତ୍ତା ଯାହା ଯାହା କରେ ତାହା ସାଧାରଣ କ୍ରିୟା । ମାତ୍ର କର୍ତ୍ତା ଅନ୍ୟଦ୍ୱାରା କାର୍ଯ୍ୟ ସାଧନ କରାଇନେଲେ ତାହା ପ୍ରେରଣାର୍ଥକ କ୍ରିୟା । ମୂଳଧାତୁରେ 'ଆ' ଯୋଗ କରି ପ୍ରେରଣାର୍ଥକ କ୍ରିୟାପଦର ମୂଳରୂପକ ଗଠିତ ହୁଏ । ଯଥା -

ପଢ୍ + ଆ = ପଢ଼ା ।

ଉଠ୍ + ଆ = ଉଠା

ଆସ ଅଭ୍ୟାସ କରିବା -

| **ସାଧାରଣ ବା ସରଳ କ୍ରିୟାପଦ** | **ଆ-ମୂଳକ/ପ୍ରେରଣାର୍ଥକ ଧାତୁ ମୂଳକ କ୍ରିୟାପଦ** |
|---|---|
| ପଢୁଛି | (ପଢ଼ା) ପଢ଼ାଇଛି, ପଢାଉଛି |
| ଉଠିବ | (ଉଠା) ଉଠାଇବ / ଉଠାଇଥିଲା |
| ଦେଖିଲା | (ଦେଖା) ଦେଖାଇବ / ଦେଖାଇଲା |
| ଶୁଣନ୍ତୁ | (ଶୁଣା) ଶୁଣାନ୍ତୁ / ଶୁଣାଇବେ |

**ଆସ ମନେରଖିବା : ଯେଉଁ କ୍ରିୟାଦ୍ୱାରା କର୍ତ୍ତା ଅନ୍ୟ କାହା ମାଧ୍ୟମରେ କିଛି କରାଇବାର ବୁଝାଯାଏ ତାହାକୁ ପ୍ରେରଣାର୍ଥକ କ୍ରିୟାପଦ କୁହାଯାଏ ।**

**୪.୭.୩ କ୍ରିୟାପଦର ବ୍ୟାବହାରିକ ପ୍ରକାର ଭେଦ :**

ବାକ୍ୟରେ କ୍ରିୟାର ଉପସ୍ଥିତି, ଅର୍ଥ ପ୍ରତିପାଦନ, ବ୍ୟବହାରର କାଳ ଓ ଉଦ୍ଦେଶ୍ୟକୁ ନେଇ ଆମେ ଓଡ଼ିଆରେ କ୍ରିୟାପଦକୁ ଆଉ କେତୋଟି ବିଭାଗରେ ବିଭକ୍ତ କରିଥାଉ । ସେଗୁଡ଼ିକ ହେଉଛି - ସମାପିକା ଓ ଅସମାପିକା କ୍ରିୟା / ଯୌଗିକ କ୍ରିୟା / ମିଶ୍ର କ୍ରିୟା / ଅକର୍ମକ ଓ ସକର୍ମକ କ୍ରିୟା । ଆସ କ୍ରମାନ୍ୱୟରେ ଏଗୁଡ଼ିକ ବିଷୟରେ ଜାଣିବା ।

**୪.୭.୩.୧ ସମାପିକା ଓ ଅସମାପିକା କ୍ରିୟା :**

ଏବେ ତଳେ ଦିଆଯାଇଥିବା ଉଦାହରଣ ଦୁଇଟିକୁ ପଢ଼ିବା ଏବଂ ଏଥିରେ ବ୍ୟବହୃତ ହୋଇଥିବା ରେଖାଙ୍କିତ ଓ କଳା ଅକ୍ଷରର କ୍ରିୟାପଦକୁ ବିଚାର କରିବା ।

୧ମ - ସେମାନେ ଘରକୁ **ଗଲେ** । ସେମାନେ **ଖେଳି** ଘରକୁ **ଗଲେ** ।

୨ୟ - ଆମେ ହାଟରୁ **ଫେରିବୁ** । ଆମେ ହାଟକୁ **ଯାଇ** ମାଛ **ଆଣି** **ଫେରିବୁ** ।

ଏଠାରେ ଗଲେ / ଫେରିବୁ - ଏହି କ୍ରିୟା ଦୁଇଟି ଦ୍ୱାରା ୧ମ/୨ୟ ଉଦାହରଣରେ ଥିବା ବାକ୍ୟଗୁଡ଼ିକ ପୂର୍ଣ୍ଣାଙ୍ଗ ହେଉଛି । ଅର୍ଥାତ୍ ଗଲେ ଓ ଫେରିବୁ କ୍ରିୟାପଦର ବ୍ୟବହାର ଦ୍ୱାରା ଚାରୋଟିଯାକ ବାକ୍ୟ ସମାପ୍ତ ହେଉଛି । ଏ ପ୍ରକାରର କ୍ରିୟାଗୁଡ଼ିକ **"ସମାପିକା କ୍ରିୟା"** ।

୧ମ ଓ ୨ୟ ଉଦାହରଣରେ ଥିବା ଦ୍ୱିତୀୟ ପ୍ରକାରର ବାକ୍ୟ ଦୁଇଟିକୁ ଦେଖିବା । ପ୍ରଥମ ବାକ୍ୟରେ ଖେଳି ଓ ଦ୍ୱିତୀୟ ବାକ୍ୟରେ ଯାଇ / ଆଣି ଏପରି ଆଉ ଏକ ଏକ ଭିନ୍ନ ପ୍ରକାରର କ୍ରିୟାପଦ ବ୍ୟବହୃତ ହୋଇଛି । ଖେଳ୍, ଯା, ଆଣ୍ ମୂଳ କ୍ରିୟାରୂପ ବା ଧାତୁରେ 'ଇ' ଯୋଗ ହୋଇ / ଖେଳି, ଯାଇ, ଆଣି / କ୍ରିୟାମୂଳକ ତିନୋଟି ଭିନ୍ନ ପ୍ରକାରର କ୍ରିୟାପଦ ଗଠିତ ହୋଇଛି । ତିନୋଟି ଯାକ କ୍ରିୟା କାର୍ଯ୍ୟ ସଂପନ୍ନ ହେବାର ବୁଝାଉନାହିଁ । ଅସଂପନ୍ନ ଅର୍ଥ ସୂଚକ ଚିହ୍ନ 'ଇ' ଯୋଗେ

ଏଗୁଡ଼ିକ ଦ୍ୱାରା କାର୍ଯ୍ୟ ଅସମାପ୍ତ ଭାବେ ଘଟି ଚାଲିଥିବାର ବୁଝାପଡୁଛି । କାର୍ଯ୍ୟ ସାଧନ ସମାପ୍ତ ନହେଉଥିବା ଅର୍ଥ ପ୍ରଦାନ କରୁଥିବାରୁ ଏଗୁଡ଼ିକ - **"ଅସମାପିକା କ୍ରିୟା"** । ସୁତରାଂ ଏଥିରୁ ସ୍ପଷ୍ଟ ହେଲା -

> **ଯେଉଁ କ୍ରିୟାପଦ ଦ୍ୱାରା ବାକ୍ୟର ସମାପ୍ତି ବୁଝାପଡ଼େ ବା ବାକ୍ୟ ଶେଷ ହୁଏ ତାହାକୁ 'ସମାପିକା କ୍ରିୟା' କୁହାଯାଏ । ଯେଉଁ ପଦ ଦ୍ୱାରା ବାକ୍ୟର ସମାପ୍ତି ନଘଟି ଅସମାପ୍ତ ବୁଝାପଡ଼େ ତାହାକୁ 'ଅସମାପିକା କ୍ରିୟା' କୁହାଯାଏ ।**

**ଆସ ଅଭ୍ୟାସ କରିବା :**

**(କ)** <u>**ଅସମାପିକା ଶୁଦ୍ଧ କ୍ରିୟା**</u>

ଖାଇ, ଖାଇଖାଇ, ଆସୁ, ଯାଉଯାଉ,
ଦେଖି, ଦେଖିଦେଖି, ନେଉନେଉ,
ପାଉପାଉ, କହିକହି, କୁହନ୍ତେ, ଜାଣନ୍ତେ
କହିଲାରୁ, ଯିବାରୁ ଇତ୍ୟାଦି ।

<u>**ଅସମାପିକା ନାମଧାତୁ ମୂଳକ କ୍ରିୟା**</u>

ଗୋଡେଇ, ଗୋଡେଇଗୋଡେଇ, ମୁଣ୍ଡାଇ, ହାତେଇ,
ବଙ୍କେଇ, ଲଟେଇ, ପେଟଉପେଟଉ, ବାଙ୍କି
ଛୋଟଉଛୋଟଉ ଇତ୍ୟାଦି ।

**(ଖ)** **ଶୁଦ୍ଧ ସମାପିକା କ୍ରିୟା**

ପଢ଼ିଲା, ଖେଳିବ, ଆସୁଛି, ଯାଇଥିଲ,
ନେଇଥାନ୍ତା, ନିଅ, ଉଠିଲ, ଗଲ,
ଫେରିଲେ, ଯାଇଲେ ଇତ୍ୟାଦି ।

**ନାମଧାତୁମୂଳକ ସମାପିକା କ୍ରିୟା**

ଗୋଡେଇଲା/ ଲଟେଇଛି / ହାତେଇବ / ବାଙ୍କେଇଥାନ୍ତା
ପେଟେଇଲାଣି, ମୁଣ୍ଡାଉଛି ଇତ୍ୟାଦି ।

### ୪.୭.୩.୨ ସକର୍ମକ / ଦ୍ୱିକର୍ମକ / ସକର୍ମକ କ୍ରିୟାପଦ :

ତଳେଥିବା ବାକ୍ୟଗୁଡ଼ିକୁ ଆସ ବିଚାର କରିବା ।

| | **୧ମ ପ୍ରକାର ବାକ୍ୟ** | **୨ୟ ପ୍ରକାର ବାକ୍ୟ** |
|---|---|---|
| ୧ମ | ରାଧୁ ଗାଇଲା । | ରାଧୁ ଛାନ୍ଦଟିଏ ଗାଇଲା । |
| ୨ୟ | ମଧୁ ଖାଇଛି । | ମଧୁ ନିରାମିଷ ଖାଦ୍ୟ ଖାଇଛି । |
| ୩ୟ | ସାଧୁ ଆଣିଲା । | ସାଧୁ ବଜାରରୁ ମାଛ ଆଣିଲା । |

ଉପର ବାକ୍ୟଗୁଡ଼ିକୁ ନିରେଖିଲେ ଆମେ ଜାଣିବା ଓଡ଼ିଆରେ ଦୁଇ ପ୍ରକାର ଲକ୍ଷଣ ବାକ୍ୟରେ ଦେଖାଯାଏ । ଗୋଟିଏ ସର୍ବନିମ୍ନ ପୂର୍ଣ୍ଣାଙ୍ଗ ଓଡ଼ିଆ ବାକ୍ୟରେ ଦୁଇଟି ଲକ୍ଷଣ ଥାଏ । ସେହି ଲକ୍ଷଣ ହେଉଛି - କର୍ମଥିବା ବାକ୍ୟ ଓ କର୍ମନଥିବା ବାକ୍ୟ ।

୧ମ ପ୍ରକାର ସ୍ତମ୍ଭରେ ଥିବା ତିନୋଟି ବାକ୍ୟ ହେଉଛି- କର୍ମ ନଥିବା ବାକ୍ୟ । ରାଧୁ ଗାଇଲା / ମଧୁ ଖାଇଛି / ସାଧୁ ଆଣିଲା - ଏହା ଆମ ଭାଷାର ସର୍ବନିମ୍ନ ବାକ୍ୟ ଗଠନର ଦୃଷ୍ଟାନ୍ତ । ଏଥିରେ କେବଳ କର୍ତ୍ତା ଓ କ୍ରିୟାପଦ ରହିଛି । ଏସବୁରେ କର୍ମ ନାହିଁ ।

ଦ୍ୱିତୀୟ ପ୍ରକାରର ବାକ୍ୟରେ କର୍ତ୍ତା + କର୍ମ + କ୍ରିୟାପଦ -ଏପରି ହୋଇ ତିନୋଟି ପଦ ଉପସ୍ଥିତ ଅଛି । ଛାନ୍ଦଟିଏ / ଖାଦ୍ୟ / ବଜାର / ମାଛ - ଏପରି ପଦ କର୍ମ ଭାବରେ ଦ୍ୱିତୀୟ ପ୍ରକାରର ବାକ୍ୟ ତ୍ରୟରେ ରହିଛି । ଏଥିରୁ ଆମେ ଜାଣିଲେ :

୧. ଓଡ଼ିଶା ଭାଷାରେ ଏକ ପୂର୍ଣ୍ଣାଙ୍ଗ ଓ ସ୍ୱାଧୀନ ବାକ୍ୟ କର୍ତ୍ତା+କ୍ରିୟା ଓ କର୍ତ୍ତା+କର୍ମ+କ୍ରିୟା= ଏପରି ପଦ ସମଷ୍ଟିରେ ଗଢ଼ାଯାଏ ।

୨. ବାକ୍ୟର ମୁଖ୍ୟ ପଦ - କର୍ତ୍ତା । କର୍ତ୍ତା ଯାହା ଯେତେ ପ୍ରକାରର ସାଧନ କରେ ତାହା - କ୍ରିୟା । କ୍ରିୟା ସାଧନରେ କର୍ତ୍ତାର ଯାହା କରଣୀୟ ବା କରେ ତାହା - କର୍ମ ।

୩. ଦ୍ୱିତୀୟ ପ୍ରକାର ବାକ୍ୟକୁ ଦେଖ - ଗାଇଲା, ଖାଇଛି, ଆଣିଲା କ୍ରିୟାପଦଗୁଡ଼ିକ ଯଥାକ୍ରମେ ଛାନ୍ଦଟିଏ / ଖାଦ୍ୟ / ବଜାର / ମାଛ / ଏହିପରି କର୍ମ ସୂଚକ ପଦ ଗଠିତ ହୁଏ । ଅତଏବ ଯାହା କ୍ରିୟା ସହିତ ସଂପୃକ୍ତ ଓ କ୍ରିୟା ଯେଉଁ ପଦକୁ ଗ୍ରହଣ କରେ ତାହା କର୍ମ ସୂଚକ ପଦ ।

ଏଥିରୁ ସ୍ପଷ୍ଟ ହେଲା ବାକ୍ୟ ଦୁଇ ପ୍ରକାରେ ବ୍ୟବହୃତ ହୁଏ । କ୍ରିୟାପଦ କର୍ମ ଗ୍ରହଣ କରିଥିବା ବାକ୍ୟ ଓ କର୍ମ ଗ୍ରହଣ ନକରିଥିବା ବାକ୍ୟ ।

**ଆସ ମନେ ରଖିବା -**

**- ବାକ୍ୟରେ ଯେଉଁ କ୍ରିୟାପଦର କର୍ମଥାଏ ତାହାକୁ "ସକର୍ମକ କ୍ରିୟା" କୁହାଯାଏ ।**

**- ବାକ୍ୟରେ ଯେଉଁ କ୍ରିୟା ପଦର କର୍ମ ନଥାଏ ତାହାକୁ "ଅକର୍ମକ କ୍ରିୟା" କୁହାଯାଏ ।**

**ଆସ ଅଭ୍ୟାସ କରିବା :**

| ଅକର୍ମକ କ୍ରିୟା | ସକର୍ମକ କ୍ରିୟା |
|---|---|
| ମୁଁ କିଣିଲି | ମୁଁ ବହି କିଣିଲି । |
| ସେ ଆଣିବେ | ସେ ମିଠା ଆଣିବେ । |
| ତୁମେ ଟାଣିବ | ତୁମେ ରଥ ଟାଣିବ । |

ଅନେକ ବାକ୍ୟରେ ଏକାଧିକ କର୍ମବି କ୍ରିୟା ଗ୍ରହଣ କରିଥାଏ । ଯଥା - ସନା ହାଟକୁ ଯାଇ ପରିବା ଆଣିବ (ଦ୍ୱିକର୍ମକ କ୍ରିୟା / ହାଟ -ପରିବା) ।

**୪.୭.୩.୩ : ଅମିଶ୍ର ଓ ମିଶ୍ର କ୍ରିୟାପଦ -**

ଆସ, ତଳ ବାକ୍ୟଗୁଡ଼ିକୁ ନମୁନା ଭାବରେ ଲକ୍ଷ୍ୟ କରିବା ।

(କ) ପିଲାଟି କାନ୍ଦୁଛି । ପିଲଟି କ୍ରନ୍ଦନକରୁଛି ।

(ଖ) ଗାୟକ ଭଜନ ଗାଇବେ । ଗାୟକ ଭଜନ ଗାନକରିବେ ।

ଏଠାରେ କ-ଖ ଉଭୟ ଭାଗରେ ଦୁଇ ପ୍ରକାର ବାକ୍ୟ ରହିଛି । ପ୍ରଥମ ପ୍ରକାର ବାକ୍ୟରେ 'କାନ୍ଦୁଛି' ଓ 'ଗାଇବେ' ଦୁଇଟି କ୍ରିୟାପଦ ରହିଛି । ଏ ଉଭୟ ଏକକ ଶୁଦ୍ଧ କ୍ରିୟା । ଏଥିରେ କିଛି ମିଶି ନାହିଁ । ଦ୍ୱିତୀୟ ପ୍ରକାର ବାକ୍ୟରେ କାନ୍ଦୁଛି/ଗାଇବେ - ଏ ଦୁଇଟି କ୍ରିୟାକୁ କ୍ରନ୍ଦନ କରୁଛି / ଗାନ କରିବେ - ଏପରି ଭାବରେ ପ୍ରକାଶ କରାଯାଇଛି । ଉଭୟର ଅର୍ଥ ସମାନ । ଏଥିରୁ ଜଣାଗଲା - ଆମେ କ୍ରିୟାପଦକୁ ଏକକ ରୂପରେ ଓ ମିଶ୍ରଣ ପଦ୍ଧତିରେ ପ୍ରକାଶ କରିପାରିବା । ସୁତରାଂ -

- ବାକ୍ୟରେ ବ୍ୟବହୃତ କ୍ରିୟାପଦରେ ପୂର୍ବରୁ କିଛି ଲାଗି ନଥିଲେ ଓ ଏକକ ଭାବରେ ପ୍ରକାଶିତ ହୋଇଥିଲେ ତାହାକୁ **"ଅମିଶ୍ର କ୍ରିୟା"** କୁହାଯାଏ ।
- ଯେଉଁ କ୍ରିୟାପଦରେ ଏକାଧିକ ପଦ ମିଶି ରହିଥାଏ ତାହାକୁ "ମିଶ୍ରକ୍ରିୟା" କୁହାଯାଏ ।

ଉପର ଉଦାହାରଣରେ କ୍ରନ୍ଦନ କରୁଛି/ ଗାନ କରୁଛି - ଗୋଟିଏ ଗୋଟିଏ ମିଶ୍ର କ୍ରିୟା ଏବଂ କାନ୍ଦୁଛି / ଗାଇବେ ଏକ ଏକ ଅମିଶ୍ର କ୍ରିୟା ।

ଆସ ଅମିଶ୍ର କ୍ରିୟାକୁ ମିଶ୍ରକ୍ରିୟା ରୂପରେ ଲେଖିବା :

| ଅମିଶ୍ର କ୍ରିୟା | ମିଶ୍ରକ୍ରିୟା |
|---|---|
| ଦେଖିଲେ | ଦର୍ଶନ କଲେ |
| ଉଇଁବ | ଉଦୟ ହେବ |
| ରଚିଲା | ରଚନା କଲା |
| ବିକିଲା | ବିକ୍ରି କଲା |

### ୪.୭.୩.୪ ଯୌଗିକ କ୍ରିୟା :

ଏବେ ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକର କ୍ରିୟାପଦକୁ ଲକ୍ଷ୍ୟ କରିବା ।

(କ) ଛାତ୍ରଟି ପଢ଼ିଲା । ଛାତ୍ରଟି ପଢ଼ିସାରିଥିଲା । ଛାତ୍ରଟି ପଢ଼ିଥିଲା ।

(ଖ) ସେ ତାକୁ ଆଣିଲେ । ସେ ତାକୁ ଟାଣି ଆଣିଥିଲେ ବା ଟାଣି ଆଣିଲେ ।

(ଗ) ଆମେ ତାଙ୍କୁ ଦେଖିଲେ । ଆମେ ତାଙ୍କୁ ଦେଖିପାରିଲେ ।

ଉପର ବାକ୍ୟରେ ପଢ଼ିଲା/ ଆଣିଲେ/ ଦେଖିଲେ - ଏକକ ଧାତୁ ମୂଳକ ଏକକ କ୍ରିୟା । ଏଗୁଡ଼ିକ ସରଳ ଓ ଅମିଶ୍ର କ୍ରିୟାପଦ । ଅନେକ ସମୟରେ ଏକାଧିକ ଧାତୁକୁ ସଂଯୁକ୍ତ କରି ଆମେ କ୍ରିୟାପଦ ଗଠନ କରିଥାଉ । ଯଥା - ପଢ଼ିସାରିଥିଲା / ପଢ଼ିଥିଲା / ଟାଣିଆଣିଥିଲେ / ଦେଖିପାରିଲେ ।

ଏଠାରେ - ପଢ୍+ସାର୍+ଥା = ତିନୋଟି ଧାତୁର ମୂଳରୂପ ସଂଯୁକ୍ତ ହୋଇ ତହିଁରୁ ପଢ଼ିସାରିଥିଲା କ୍ରିୟାପଦଟି ଗଠିତ ହୋଇଛି ।

ସେହିପରି : ପଢ଼୍ + ଥା - ଦୁଇଟି ଧାତୁରୁ ଗଠିତ - ପଢ଼ିଥିଲା ।

ଟାଣ୍ + ଆଣ୍ - ଦୁଇଟି ଧାତୁର ଯୋଗରେ ଗଠିତ - ଟାଣିଆଣିଲେ । ଟାଣ୍+ଆଣ୍+ଥା- ଏପରି ତିନୋଟି ଧାତୁରେ ଗଠିତ ହୋଇଛି- ଟାଣି ଆଣିଥିଲେ କ୍ରିୟାପଦଟି ।

ଦେଖ୍ + ପାର୍ - ଦୁଇଟି ଧାତୁର ସଂଯୋଗରେ ଗଠିତ - ଦେଖିପାରିଲେ । ଏଥିରୁ ଜଣାଗଲା ଓଡ଼ିଆ ବାକ୍ୟରେ ଏକକ କ୍ରିୟା ଆଉ ମୌଳିକ କ୍ରିୟା ଉଭୟ ପ୍ରକାର ବ୍ୟବହୃତ ହୋଇପାରିଥାଏ । ସୁତରାଂ-

ଯେଉଁ କ୍ରିୟାପଦରେ ମୁଖ୍ୟ ଓ ସାହାଯ୍ୟକାରୀ ଧାତୁ ଭାବରେ ଦୁଇ ବା ତହିଁରୁ ଅଧିକ ଧାତୁ ଯୋଗ ହୋଇ ରହିଥାଏ ତାହାକୁ "ଯୌଗିକ କ୍ରିୟା" ପଦ କୁହାଯାଏ ।

ଆଉ କେତୋଟି ଦୃଷ୍ଟାନ୍ତ - ଚାଲିଗଲା / ହୋଇଥାନ୍ତା / ଯାଇପାରିଥାନ୍ତା / ଖାଇପିଇଗଲା / ରଖିଥୋଇକରିବ / ଦେଖିଚାହିଁ ଯିବ / ହୋଇଗଲା ଇତ୍ୟାଦି ।

**ଆସ ମନେ ରଖିବା -**

- ଓଡ଼ିଆରେ ସାହାଯ୍ୟକାରୀ କ୍ରିୟାମୂଳ ବା ଧାତୁ ଭାବରେ 'ଅଛ୍ / ଥା' - ଏ ଦୁଇଟିକୁ ଅଧିକ ବ୍ୟବହାର କରାଯାଏ । ଯଥା - ପଢ଼ିଅଛି / ଖେଳୁଅଛି / ପଢ଼ିଥିବ / ପଢ଼ିଥାନ୍ତା / ପଢ଼ିଥିଲା ।
- ପ୍ରାୟତଃ ଓଡ଼ିଆରେ କର୍ / ଆଣ୍ / ସାର୍ / ପାର୍ ଧାତୁ ସାହାଯ୍ୟକାରୀ କ୍ରିୟା ଭାବରେ ମୁଖ୍ୟ କ୍ରିୟାମୂଳକ ଧାତୁରେ ଲାଗିଥାଏ । ଯଥା -

  ଦେଖିପାରିଲେ / ଶୁଣିପାରିଲେ / କରିପାରିବ / ଲେଖିସାରିଛନ୍ତି / ଗଣିସାରିଲେ / ଟାଣିଆଣିଲେ ଇତ୍ୟାଦି ।
- ଯୌଗିକ କ୍ରିୟାଗୁଡ଼ିକ ଛାଡ଼ିଛାଡ଼ି ଲେଖାଯାଏ ନି; ଲାଗିଲାଗି ଲେଖାଯାଏ ।

| ଆମେ ଲେଖିବାନି | ଆମେ ଲେଖିବା |
|---|---|
| ପଢ଼ି ସାରି ଶୋଇଲା | ପଢ଼ିସାରି ଶୋଇଲା । |
| ଦେଖି କରି ଆସିବ | ଦେଖିକରିଆସିବ । |
| ନେଇ ଥା'ନ୍ତା | ନେଇଥାନ୍ତ । |
| ଖେଳୁ ଥିଲେ | ଖେଳୁଥିଲେ । |

## ୪.୭.୪ କ୍ରିୟାର କାଳ, ପୁରୁଷ, ବଚନ ଓ ଭାବ :

ପ୍ରଧାନତଃ ଓଡ଼ିଆରେ କ୍ରିୟାର ତିନି ପ୍ରକାର କାଳ ରହିଛି । ଅର୍ଥାତ୍ ଆମେ ଓଡ଼ିଆରେ ତିନି ପ୍ରକାର କାଳ ଅର୍ଥରେ କ୍ରିୟାପଦକୁ ଗଢ଼ିଥାଉ ଓ ବ୍ୟବହାର କରିଥାଉ । ଯଥା -

(କ) ବର୍ତ୍ତମାନ କାଳରେ ଘଟୁଥିବାର କ୍ରିୟା ପଦଗୁଡ଼ିକ - ବର୍ତ୍ତମାନକାଳର କ୍ରିୟା । ଯଥା - ଯାଏ, ଖାଏ, ଦେଖ, ଗୁଣ, ଯାଉଛି, ଖାଉଛି, ଦେଖୁଅଛି, ଶୁଣୁଛନ୍ତି ।

(ଖ) ଯେଉଁ କ୍ରିୟା ଅତୀତ କାଳରେ ଘଟିଥିବାର ଜଣାଯାଏ ବା ଅତୀତ କାଳର ଅର୍ଥ ବୁଝାଏ ତାହା ଅତୀତ କାଳର କ୍ରିୟା । ଯଥା - ଗଲି, ଆସିଲି, ନେଲା, ଦେଲ, ପାଇଲୁ, ଦେଖିଛି, କରିଛି; ଗଲାଣି, ନେଲାଣି ।

(ଗ) ଯେଉଁ କ୍ରିୟା ଭବିଷ୍ୟତରେ ଘଟିବ - ଏପରି ବୁଝାଯାଏ ତାହା ଭବିଷ୍ୟ କାଳର କ୍ରିୟା । ଯଥା- ହେବ / ଯିବ / ଆସିବ / ପାଇବେ / ରହିବୁ / କହିବା ।

(ଘ) ଦୁଇ ପ୍ରକାର ଭାବ ବା ମାନସିକ ଅବସ୍ଥାକୁ ନେଇ ଓଡ଼ିଆରେ ଆଉ ଦୁଇ ପ୍ରକାର କ୍ରିୟା ପ୍ରଚଳିତ ହୁଏ । ଗୋଟିକୁ ପରାମର୍ଶ, ବିରକ୍ତି, ଆଦେଶ ଆଦି ଭାବ ଭିତ୍ତିକ **'ଅନୁଜ୍ଞାବାଚକ କ୍ରିୟା'** ଏବଂ ଆରଟିକୁ **'ସଂଭାବନାସୂଚକ କ୍ରିୟା'** କୁହାଯାଏ ।

- ଅନୁଜ୍ଞାସୂଚକ କ୍ରିୟା - ଉଠ୍, ବସ୍, ଦେଖ୍, ଯା, ଆସ, ଚାଲ୍ ଇତ୍ୟାଦି ।
- ସଂଭାବନା ସୂଚକ କ୍ରିୟା - ହୋଇଥାନ୍ତା / ଆସୁଥିବେ / ଯାଇଥାଇପାରନ୍ତି / ଗଢ଼ିଥା'ନ୍ତେ / ପାଇଥିବେ ।

(ଙ) ପୁରୁଷ ଓ ବଚନ ଅନୁସାରେ ଓଡ଼ିଆ କ୍ରିୟାପଦଗୁଡ଼ିକ ବ୍ୟବହୃତ ହୁଏ ଓ ଭିନ୍ନଭିନ୍ନ ରୂପର ହୋଇଥାଏ । ଯଥା-

| **ପୁରୁଷ** | **ଏକବଚନ କ୍ରିୟାରୂପ** | **ବହୁବଚନ କ୍ରିୟାରୂପ** |
|---|---|---|
| ପ୍ରଥମ ପୁରୁଷ | ମୁଁ-ଯାଏ, ଯାଉଛି, ଯିବି, ଯାଇଥାନ୍ତି, ଯାଉଥିବି । | ଆମେମାନେ ଯାଉ, ଯାଉଅଛୁ, ଯିବୁ, ଯାଇଥାନ୍ତୁ । |
| ଦ୍ୱିତୀୟ ପୁରୁଷ | ତୁମେ-ଯାଅ, ଯାଉଛ, ଚାଲ, ଯିବ | ତୁମେମାନେ ଯାଅ, ଯାଉଛ, ଯାଉଥାନ୍ତ । |
| | ତୁ-ଯା, ତୁ ଯାଉଛୁ, ଗଲୁ, ଯିବୁ<br>ଆପଣ-ଯିବେ, ଯାଆନ୍ତୁ, ଗଲେ<br>ତୁ - ଉଠ୍, ତୁ କର୍ । | ଆପଣମାନେ-ଯିବେ, ଯାଆନ୍ତି, ଯାଇଥାନ୍ତେ । |
| ତୃତୀୟ ପୁରୁଷ | ସେ- ଯିବ, ଯିବେ<br>ସେ-ଗଲା, ଗଲେ<br>ସେ - ଯାଉଛି, ଯାଉଛନ୍ତି<br>(ଯିବେ, ଗଲେ, ଯାଉଛନ୍ତି-ବରିଷ୍ଠ ଓ ସମ୍ମାନ ଅର୍ଥରେ ବ୍ୟବହୃତ ହୁଏ) | ସେମାନେ-ଯିବେ<br>ଗଲେ, ଯାଉଛନ୍ତି<br>ଯାଇଥାନ୍ତେ । |

### ୪.୮ ଅବ୍ୟୟପଦ :

ତଳ ବାକ୍ୟଗୁଡ଼ିକରେ କେତେକ ପଦ ରେଖା ଚିହ୍ନିତ ହୋଇ ଓ କେତେକ ପଦ କଳା ଅକ୍ଷରରେ ଲେଖାଯାଇଛି । ଏବେ ଉଭୟ ଧରଣର ପଦକୁ ଲକ୍ଷ୍ୟ କରିବା ।

(କ) <u>ସେ</u> <u>ଖେଳେ</u> / **ସୁତରାଂ** <u>ତାଙ୍କୁ</u> ଖେଳି ଆସେ ।

(ଖ) ସେମାନେ ଖେଳନ୍ତି / **ସୁତରାଂ** ସେମାନଙ୍କୁ ଖେଳି ଆସେ ।

(ଗ) ରାମ **ଆଉ** ହରି ବୋକା / **କିନ୍ତୁ** ଦେଖିବାକୁ ଉଭୟ ଗୋରା ।

(ଘ) ଦୀପା **ଆଉ** ରୂପା ବୋକୀ / କିନ୍ତୁ ଦେଖିବାକୁ ଉଭୟ ଗୋରୀ ।

ପ୍ରଥମେ କ ଓ ଖ ଭାଗର ବାକ୍ୟଗୁଡ଼ିକ ଦେଖିବା ।

- 'ସେ' ତୃତୀୟ ପୁରୁଷ ଏକବଚନର ପଦ । ଦ୍ୱିତୀୟ ବାକ୍ୟରେ ଓ ତୃତୀୟ ବାକ୍ୟର ବହୁବଚନରେ ଏହି ତୃତୀୟ ପୁରୁଷ ପଦ "ସେ"ର ରୂପ ବଦଳି ଯାଇଛି । ଯଥା- ତାଙ୍କୁ / ସେମାନେ ହୋଇଛି ।
- କ- ବାକ୍ୟରେ 'ଖେଳେ' କ୍ରିୟାପଦ ଏକବଚନର ରୂପ । ମାତ୍ର ଖ- ବାକ୍ୟରେ ଏହାର ବହୁବଚନ ରୂପ ବଦଳି ଯାଇଛି-**ଖେଳନ୍ତି** ।
- କ- ଖ ଭାଗର ବାକ୍ୟରେ ପୁରୁଷ, ବଚନ, କ୍ରିୟା ପଦ ବଦଳି ଯାଉଛି; ମାତ୍ର 'ସୁତରାଂ' ପଦଟି ଅପରିବର୍ତ୍ତିତ ରହୁଛି ବା ତା'ର ଅର୍ଥ ଓ ରୂପ ବଦଳୁ ନାହିଁ ।

ଏବେ ଗ-ଘ ବାକ୍ୟକୁ ବିଚାର କରିବା ।

- ଗ- ବାକ୍ୟରେ ଉଭୟ ରାମ ଓ ହରି - ପୁଂଲିଙ୍ଗ ବାଚକ ପଦ । ଉଭୟଙ୍କ ପାଇଁ ବୋକା/ଗୋରା ଦୁଇଟି ବିଶେଷଣ ପଦ ବ୍ୟବହୃତ ହୋଇଛି । ଘ- ବାକ୍ୟରେ ଦୀପା ଓ ରୂପା ଉଭୟ ସ୍ତ୍ରୀ-ବାଚକ ରୂପ । ଉଭୟଙ୍କ ପାଇଁ ବ୍ୟବହୃତ ବିଶେଷଣ ପଦ ରୂପ ବୋକା/ଗୋରା ବଦଳି ଯାଇ ବୋକୀ ଓ ଗୋରୀ ରୂପରେ ବସାଯାଇଛି । ସୁତରାଂ ବାକ୍ୟରେ ଲିଙ୍ଗ ଅନୁସାରେ ବିଶେଷଣ ପଦ ବି ବଦଳିଯାଏ ।
- ଗ- ବାକ୍ୟରେ ଆଉ - କିନ୍ତୁ ପଦ ଦୁଇଟି ଘ- ବାକ୍ୟରେ ନବଦଳି ଅବିକଳ ରହିଛି ।

ଏଥିରୁ ସ୍ପଷ୍ଟ ଜଣାଗଲା ଓଡ଼ିଆ ଭାଷାରେ ବଚନ, ଲିଙ୍ଗ, କାଳ, ପୁରୁଷ ଅନୁସାରେ ସର୍ବନାମ, ବିଶେଷଣ ଓ କ୍ରିୟା ଇତ୍ୟାଦି ପଦ ବଳଦିଯାଏ । ସୁତରାଂ, ଆଉ, କିନ୍ତୁ - ଏଭଳି ପ୍ରକାରର କେତେକ ପଦ ରହିଛି ସେଗୁଡ଼ିକ ବଦଳେ ନାହିଁ । କୌଣସି ପରିସ୍ଥିତିରେ କୌଣସି ସ୍ଥାନରେ କୌଣସି କାରଣରୁ ଏ ଧରଣର ପଦର ରୂପରେ ହ୍ରାସ-ବୃଦ୍ଧି, କିମ୍ବା ତିର୍ଯ୍ୟକ ରୂପର ପରିବର୍ତ୍ତନ ଘଟେ ନାହିଁ । ଏ ପ୍ରକାର ପଦରେ ବଚନ ପୁରୁଷ-କାଳ-ବିଭକ୍ତି ଆଦିର ଚିହ୍ନ ଲାଗେ ନାହିଁ । କୌଣସି କାରଣରୁ ବି ଏଗୁଡ଼ିକର ଅର୍ଥ ବଦଳେ ନାହିଁ । ରୂପ ଓ ଅର୍ଥରେ କୌଣସି ପ୍ରକାର ହାନି, ପରିବର୍ତ୍ତନ ବା ବ୍ୟୟ ଘଟୁନଥିବାରୁ ଏ ଧରଣର ପଦଗୁଡ଼ିକୁ 'ଅବ୍ୟୟ' ଭାବରେ ପ୍ରକାଶ କରାଯାଏ ।

**ସୁତରାଂ- ଯେଉଁ ପଦଗୁଡ଼ିକର ରୂପରେ ବିଭକ୍ତି, ଲିଙ୍ଗ, ପୁରୁଷ, ବଚନ, କାଳ ଆଦି ଭେଦ ଅନୁସାରେ କୌଣସି ପରିସ୍ଥିତିରେ ବ୍ୟୟ ବା ପରିବର୍ତ୍ତନ ଘଟେ ନାହିଁ ସେହିପ୍ରକାର ଅପରିବର୍ତ୍ତନଶୀଳ ଅକ୍ଷୟ ପଦକୁ 'ଅବ୍ୟୟପଦ' କୁହାଯାଏ ।**

**ଆସ ମନେ ରଖିବା -**

- ଯେଉଁ ପଦର କୌଣସି କାରଣରୁ ରୂପ ଓ ଅର୍ଥରେ ବ୍ୟୟ ଘଟେ ନାହିଁ ତାହା 'ଅବ୍ୟୟ ପଦ' ।

- ଓ, ଏବଂ, ମାତ୍ର, ବା, କିବା, ଅବା, ଅଥବା, କିଂବା, ପ୍ରାୟତଃ କ୍ୱଚିତ୍, ବୋଲି ଇତ୍ୟାଦି ପ୍ରଭୃତି, ଠୋଠୋ, ଦୁଲ୍‌ଦୁଲ୍, ଆଉ, ସିନା, ତଥାପି- ଏଗୁଡ଼ିକ ଏକ ଏକ ଅବ୍ୟୟପଦ ।

**୪.୮.୧ ଅବ୍ୟୟ ପଦର ପ୍ରକାର ଭେଦ ରୂପ ଓ ଉତ୍ସଭିତ୍ତିକ ପ୍ରକାର :** ବାକ୍ୟଗଠନ ପାଇଁ ଓ ବାକ୍ୟର ଅର୍ଥ ନିର୍ଦ୍ଧାରଣ ନିମିତ୍ତ ଆବଶ୍ୟକ ଅନୁସାରେ ଆମେ ନାନା ପ୍ରକାରର, ନାନା ରୂପର ଓ ନାନା ଅର୍ଥର ଅବ୍ୟୟ ପଦ ବ୍ୟବହାର କରିଥାଉ । ତଳ ଉଦାହରଣଗୁଡ଼ିକୁ ଆସ ପରଖିବା :

(କ) ଓ, ହିଁ, ନା, ବା, କି - ଏକ ଅକ୍ଷର ବିଶିଷ୍ଟ ଅବ୍ୟୟ । ରାମ ଓ ହରି କଟକ ଯିବେ / ତୁମେ କହିବ **ନା** ଶୁଣିବ ? ତୁ **ବା** ସେ, ଏ କାମ କର । ହୀରା **କି** ସୁନାର ହାର କିଣିବ କୁହ ।

(ଖ) ମାତ୍ର, କିନ୍ତୁ, ଏବଂ , ଆଉ, ଅବା, କିବା, ବୋଲି - ଏପରି ଅନେକ ଦ୍ୱି-ଅକ୍ଷରୀ ରୂପର ଅବ୍ୟୟ ପଦ ଓଡ଼ିଆରେ ରହିଛି । ଯଥା -

ମୁଁ **ଆଉ** ସେ ମିଶି କରିଯିବୁ । କାମ ସାରି **ପୁଣି** ଆସ । ସେ ଆସିଲା, **କିନ୍ତୁ** ଦେଖା କଲାନି ।

(ଗ) ଅଥବା, ନୋହିଲେ, ନଚେତ, ଇତ୍ୟାଦି, ପ୍ରଭୃତି, କ୍ୱଚିତ୍, ପୁନଶ୍ଚ ଏପରି ତିନି ଅକ୍ଷରୀ ଅବ୍ୟୟ ପଦ ଓଡ଼ିଆରେ ଅଧିକ ରହିଛି । ଚାରି ବା ତହିଁରୁ ଅଧିକ ଅକ୍ଷରରେ ଗଠିତ ଅବ୍ୟୟ ପଦ ସଂଖ୍ୟା ଓଡ଼ିଆରେ ଖୁବ୍ କମ୍ (ବାରମ୍ବାର/ ଥରଥର/ଅତଏବ/ସାଧାରଣତ ବା ପୁନର୍ବାର) ।

(ଘ) ଓଡ଼ିଆରେ ଦୁଇଟି ଅବ୍ୟୟ ପଦ ମିଶି ଯୁଗ୍ମ ରୂପର ଅବ୍ୟୟ ପଦ ଗଠନ କରିଥାନ୍ତି । ଯଥା-

ଏଣୁ + ତେଣୁ - ଏଣୁତେଣୁ / ତଥା+ଅପି= ତଥାପି/ ପୁନଃ+ଚ=ପୁନଶ୍ଚ / ଯଥା+ତଥା= ଯଥାତଥା, ଯଦିବା, ଯତ୍ରତତ୍ର, ଆଡେସାଡେ, ପୂର୍ବାପର, ହୁଁଚୁଁ-ଇତ୍ୟାଦି ।

(ଙ) ସର୍ବନାମ ଓ ଧ୍ୱନିମୂଳକ ଶବ୍ଦ ଦ୍ୱିତ୍ୱ ହେବା ଦ୍ୱାରା ବା ଦ୍ୱିବାର କହିବା ଦ୍ୱାରା ତାହା ଓଡ଼ିଆରେ ଅବ୍ୟୟ ପଦର ରୂପ ନିଏ ଓ ବ୍ୟବହୃତ ହୁଏ । ଯଥା - ଠୋ+ଠୋ=ଠୋଠୋ, ଛାଏଁ+ଛାଏଁ=ଛାଏଁଛାଏଁ, ଯେଉଁଯେଉଁ, ଯେମିତିସେମିତି, ଆଡୁସାଡୁ ।

(ଚ) ମୂଳ ଉତ୍ସ ବା କେଉଁଠୁ ଉତ୍ପନ୍ନ ହୋଇଛି- ଏହି ଦୃଷ୍ଟିରୁ ବିଚାର କଲେ ଆମ ଭାଷାରେ ଅବ୍ୟୟ ପଦଗୁଡ଼ିକ- ଦେଶଜ, ବୈଦେଶିକ ଓ ସଂସ୍କୃତାନୁସାରୀ ଅଟେ । ଯଥା -

- ଦେଶଜ ଅବ୍ୟୟ- ଆଉ, ଆହୁରି, ଏବେ, ଆଚ୍ଛା, ଛି, ଧେତ୍, ଆଲୋ, ଇଲୋ, ଚୁଁ ଚୁଁଚା ଉଁଛୁଁ, ତ, ମ ।
- ତତ୍ସମମୂଳକ ବା ସଂସ୍କୃତାନୁସାରୀ ଅବ୍ୟୟ - ପୁନଶ୍ଚ, କଦାଚିତ୍, କ୍ୱଚିତ୍, ଅଗତ୍ୟା, ଅନ୍ୟ, ସାମାନ୍ୟ, ଈଷତ୍, ତଥାପି, ନିଶ୍ଚିତ, ପ୍ରାୟତଃ, ପୁନଃ, ପୁନର୍ବାର ।
- ବୈଦେଶିକ ଅବ୍ୟୟ - ଇସ୍, ଫେର୍, ଫୁସ୍, ହରଦମ୍, ଅଲବତ୍, ଏକଦମ୍ ।

**୪.୮.୨ ବ୍ୟବହାର, ଅର୍ଥ ଓ କାର୍ଯ୍ୟ ଭିତ୍ତିରେ ଅବ୍ୟୟର ପ୍ରକାର ଭେଦ :**

ବାକ୍ୟରେ ଅର୍ଥ ନିର୍ଦ୍ଧାରଣ, ବ୍ୟାବହାରିକ କାରଣ, ଉଦ୍ଦେଶ୍ୟ ଓ ଭୂମିକା ସଂପାଦନ ଦିଗରୁ ଅବ୍ୟୟ ପଦକୁ ଆମେ ନିମ୍ନମତେ ବିଭକ୍ତ କରିପାରିବା ।

**୪.୮.୨.୧ ସଂଯୋଜକ ଅବ୍ୟୟ :**

(କ) ଗୋବିନ୍ଦ ଆଉ ଗୋପାଳ କଟକରୁ ବହି ଓ କାଗଜ ଆଣିଲେ ।

(ଖ) ଆମେ ପୁରୀ ଗଲୁ ଏବଂ ସେମାନେ କୋଣାର୍କ ଗଲେ ।

କ- ବାକ୍ୟରେ ଗୋବିନ୍ଦ ସହିତ ଗୋପାଳକୁ ବହି ସହିତ କାଗଜକୁ ଆଉ/ଓ ଅବ୍ୟୟ ପଦ ଦୁଇଟି ଯୋଡ଼ି ଦେଉଛି । ଖ- ବାକ୍ୟରେ ଦୁଇଟି ସରଳ ବାକ୍ୟ ଅଛି । ଆମେ ପୁରୀ ଗଲୁ - ଗୋଟିଏ ବାକ୍ୟ । ସେମାନେ କୋଣାର୍କ ଗଲେ - ଆଉ ଗୋଟିଏ ବାକ୍ୟ । ଏ ଉଭୟ ବାକ୍ୟକୁ ଏବଂ ଅବ୍ୟୟ ପଦ ଯୋଡ଼ି ଦେଉଛି ।

ଏଥିରୁ ଜଣାଗଲା - **ଯେଉଁ ଅବ୍ୟୟ ପଦ ବାକ୍ୟରେ ଦୁଇଟି ପଦ ବା ବାକ୍ୟ ସହିତ ବାକ୍ୟକୁ ସଂଯୋଗ କରିଦିଏ ତାହାକୁ ସଂଯୋଜକ ଅବ୍ୟୟ ପଦ କୁହାଯାଏ ।**

**ଆସ ମନେ ରଖିବା -**

ଓଡ଼ିଆରେ ଓ, ଏବଂ, ଆଉ, ପୁଣି, ମଧ୍ୟ, ବି, କି, ପୁଣି ଏଗୁଡ଼ିକ ସଂଯୋଜକ ଅବ୍ୟୟ ଭାବରେ ବ୍ୟବହୃତ ହୁଏ ।

**୪.୮.୨.୨ ବିଯୋଜକ ଅବ୍ୟୟ :**

କ- ତୁ କହିଲୁ **ଅଥଚ** ଆସିଲୁ ନାହିଁ ।

ଖ- ତୁମେ ଯାଅ **ନତୁବା** ସେ ଯିବ ।

ଗ- ବହି **ଅବା** ପୋଷାକ, ଗୋଟିକୁ ବାଛ ।

କ-ଖ ବାକ୍ୟରେ ଅଥଚ / ନତୁବା / - ଅବ୍ୟୟ ପଦ ତୁ କହିଲୁ, ତୁମେ ଯାଅ ବାକ୍ୟ ଦୁଇଟିକୁ ଆସିଲୁ ନାହିଁ, ସେ ଯିବ ବାକ୍ୟ ଦୁଇଟି ଠାରୁ ପୃଥକ୍ ବା ବିଯୋଗ କରି ବୁଝାଇ ଦେଉଛି । ସେହିପରି 'ଗ' ବାକ୍ୟରେ 'ଅବା' ଅବ୍ୟୟ ବହି / ପୋଷାକ ଏ ଉଭୟକୁ ଅଲଗା କରିଦେଉଛି । ଅତଏବ :

**ଯେଉଁ ଅବ୍ୟୟ ପଦ ଦୁଇରୁ ଅଧିକ ପଦ ବା ବାକ୍ୟକୁ ଅଲଗା କରିଦିଏ ବା ବିଯୋଗ କରିଦିଏ ତାହାକୁ ବିଯୋଜକ ଅବ୍ୟୟ କୁହାଯାଏ ।**

**ଆସ ମନେ ରଖିବା -** ଓଡ଼ିଆରେ କିନ୍ତୁ, ମାତ୍ର, ତଥାପି, ଅଥଚ, ନତୁବା, ନୋହିଲେ, କିମ୍ବା, ବା, ଅବା, କିବା - ପ୍ରଭୃତି ବିଯୋଜକ ଅବ୍ୟୟ ଭାବରେ ବ୍ୟବହୃତ ହୁଏ ।

**୪.୮.୨.୩ ପଦାନ୍ୱୟୀ ଅବ୍ୟୟ :**

ବାକ୍ୟରେ ଗୋଟିଏ ପଦ ସହିତ ଅନ୍ୟ ପଦକୁ ଅନ୍ୱିତ ବା ସମ୍ବନ୍ଧିତ କରୁଥିବା ଅବ୍ୟୟ ପଦକୁ **"ପଦାନ୍ୱୟୀ ଅବ୍ୟୟ"** କୁହାଯାଏ । ଯଥା-

ତୁମ **ସହ** ଆଉ ଜଣେ ଆସିବେ । ତାଙ୍କ **ବିନା** ଏ କାମ ଅଧୁରା ରହିବ ।

ଓଡ଼ିଶାରେ ପ୍ରତି, ଅପେକ୍ଷା, ସହିତ , ପରି, ଭଳି, ତୁ...., ପର୍ଯ୍ୟନ୍ତ, ନିମିତ୍ତ, ବାବଦ- ଇତ୍ୟାଦି ଅବ୍ୟୟ ପଦାନ୍ୱୟୀ ଅବ୍ୟୟ ଶ୍ରେଣୀର ।

### ୪.୮.୨.୪ ବିଭକ୍ତିସୂଚକ ଅବ୍ୟୟ :

ଯେଉଁ ଅବ୍ୟୟ ପଦ ବାକ୍ୟରେ ବିଶେଷ୍ୟ ପଦ ପରେ ବସି ବିଭକ୍ତି ସୂଚକ ଅର୍ଥ ପ୍ରଦାନ କଲେ ତାହାକୁ **'ବିଭକ୍ତିସୂଚକ ଅବ୍ୟୟ'** କୁହାଯାଏ ।

ଯଥା- ମିଥ୍ୟାବାଦୀକୁ **ଧିକ୍** । ତୁମ ଯୋଗୁ ଏହା ଘଟିଲା । ତା' ଦେଇ ଏହା ହେବନି । ଐର ବୋଲି ରାଜାଟିଏ ଥିଲେ । ଏଠାରେ ଧିକ୍ / ଯୋଗୁ / ଦେଇ / ବୋଲି, ଅବ୍ୟୟ ଅନୁଯାୟୀ ମିଥ୍ୟାବାଦୀ, ତୁମ, ତା, ଇତ୍ୟାଦିର ବିଭକ୍ତିସୂଚକ ଅର୍ଥ ପ୍ରକାଶ ପାଉଛି ।

### ୪.୮.୨.୫ ହେତୁବାଚକ ବା କାରଣସୂଚକ ଅବ୍ୟୟ :

ଯେଉଁ ଅବ୍ୟୟ ପଦ ବାକ୍ୟର ଅର୍ଥକୁ ହେତୁ ବା କାରଣ ବୋଧକ କରିଦିଏ ତାହାକୁ **କାରଣ ସୂଚକ ବା ହେତୁ ବାଚକ** ଅବ୍ୟୟ କୁହାଯାଏ । ଉଦାହରଣ ସ୍ୱରୂପ-

ଭୁଲ୍ କଲ, **ତେଣୁ** କ୍ଷମା ମାଗିବା / ସେ ଅଳସୁଆ ହେତୁ ଗରିବ / ତୁମେ ହାରିଲ, **ଏଥିକି** ସର୍ତ୍ତ ମାନିବ ।

**ଆସ ମନେ ରଖିବା :**

ଏ ପ୍ରକାରର ଅବ୍ୟୟ ବାକ୍ୟରେ କାର୍ଯ୍ୟ ଓ ତା'ର କାରଣକୁ ସୂଚିତ କରିଥାଏ । ଓଡ଼ିଆରେ ତେଣୁ, ସକାଶେ, ନିମିତ୍ତ, ଏଣୁ, ଅତଏବ, କାରଣ, ତେହୁ, ଯୋଗୁ, ପାଇଁ, କାଳେ, ଯେଣୁ- ଇତ୍ୟାଦି ହେତୁ ବାଚକ ଅବ୍ୟୟ ରୂପେ ବ୍ୟବହୃତ ହୁଏ ।

### ୪.୮.୨.୬ କାଳବାଚକ ଅବ୍ୟୟ :

ବାକ୍ୟରେ ଯେଉଁ ଅବ୍ୟୟ ପଦ ସମୟ ବା କାଳକୁ ସୂଚିତ କରେ ତାହାକୁ **'କାଳବାଚକ ଅବ୍ୟୟ'** କୁହନ୍ତି ।

ଉଦାହରଣ ସ୍ୱରୂପ – **ସର୍ବଦା** ଏକଥା ମନେ ରଖିବ । ଏକଦା ତୁମେ ଏପରି କରିଥିଲ । ସେ **ଏବେଏବେ** ଏଠାରୁ ଗଲେ । **ଏଇନେ** ସେ ପହଞ୍ଚି ଯିବେ । **ହଠାତ୍** ସେ ରାଗିଗଲେ । ଓଡ଼ିଆରେ, ଏକଦା, ଏବେ, ଏକ୍ଷଣି, ଇଲାଗେ, ଏଇନା, ସଂପ୍ରତି, ଏଇଲେ, ଆଜିକାଲି, ଏତେବେଳେ, ବେଳେବେଳେ, ସେତେବେଳେ, ଯେତେବେଳେ- କାଳ ବାଚକ ଅବ୍ୟୟ ପଦ ରୂପେ ପ୍ରଚଳିତ ହୁଏ ।

### ୪.୮.୨.୭ ସମ୍ଭାବନାସୂଚକ ଅବ୍ୟୟ :

ବାକ୍ୟାର୍ଥ ଯେଉଁ ଅବ୍ୟୟ ପଦଦ୍ୱାରା ସଂଭାବନା ଅର୍ଥମୂଳକ ବା ଭବିଷ୍ୟତରେ ଘଟିବାକୁ ଥିବା ପ୍ରସଙ୍ଗ ସୂଚକ ହୁଏ ତାହାକୁ **ସମ୍ଭାବନାସୂଚକ ଅବ୍ୟୟ** କୁହାଯାଏ ।

ଉଦାହରଣ ସ୍ୱରୂପ – **ଯଦି** ପ୍ରବଳ ଖରା ହୁଏ, ତେବେ ବିଦ୍ୟାଳୟଗୁଡ଼ିକ ବନ୍ଦ ହେବ । **କାଳେ** ସେ ଆସିବେ, ମୁଁ ଚାହିଁଛି । **ବୋଧେ** ଆଜି ଏକାମ ସରିବନି । ଆପାତତଃ ତାହା ଘଟିବ ।

### ୪.୮.୨.୮ ସମ୍ବୋଧନସୂଚକ ଅବ୍ୟୟ :

ଅନ୍ୟଙ୍କୁ ଆଦର, ଅନାଦର, ଶ୍ରଦ୍ଧା, ସମ୍ମାନ ଭିତ୍ତିରେ ସମ୍ବୋଧନ କରିବା ନିମିତ୍ତ ଯେଉଁ ଅବ୍ୟୟଙ୍କୁ ବାକ୍ୟରେ ବସାଯାଏ ତାହାକୁ **'ସମ୍ବୋଧନ ସୂଚକ ଅବ୍ୟୟ'** କୁହାଯାଏ ।

ଯଥା :

| ଆଦର ଅର୍ଥରେ | ଅନାଦର ଅର୍ଥରେ | ସମ୍ମାନ ଅର୍ଥରେ |
|---|---|---|
| ଆଗୋ ସଖୀ ! | ଆରେ ଟୋକା ! | ଆହେ, ଦୟାମୟ ! |
| ଆଲୋ ସଖୀ ! | ଆବେ ମଧୁ ! | ଭୋ, ଠାକୁରେ ! |
| ହଇଓ ହରି ! | କିରେ ସଦା ! | ଆଜ୍ଞା, ଆପଣ ! |
| ଆଲୋ ମୀରା ! | ହେ ସଭାଜନେ ! | ଲୋ, ବୋଉ ! |

ମନେ ରଖିବା – ସମ୍ବୋଧନମୂଳକ ଅବ୍ୟୟ ଲାଗିଲେ ସମ୍ବୋଧନ ଚିହ୍ନ (!) ବସାଯାଇଥାଏ ।

### ୪.୮.୨.୯ ବିକଳ୍ପାର୍ଥକ ଅବ୍ୟୟ :

ଦୁଇ ବା ତହିଁରୁ ଅଧିକରୁ ଗୋଟିକୁ ବାଛିବା, ଘେନିବା, ମାନିବା, ପାଳିବା, ରଖିବା ନିମିତ୍ତ ଆମକୁ ବିକଳ୍ପ ପଦ୍ଧତିକୁ ଗ୍ରହଣ କରିବାକୁ ପଡ଼େ । ବାକ୍ୟରେ ବି ଗୋଟିଏ କର ବ୍ୟକଳ୍ପରେ ଅନ୍ୟ ଏକ ଅର୍ଥ ପ୍ରକାଶ କରିବାରେ ଅବ୍ୟୟ ପଦ ସାହାଯ୍ୟ କରେ । ସୁତରାଂ – **ବାକ୍ୟରେ ଯେଉଁ ଅବ୍ୟୟ ପଦ ଦ୍ୱାରା ବିକଳ୍ପ ଅର୍ଥ ବୋଧହୁଏ ତାହାକୁ ବିକଳ୍ପାର୍ଥକ ଅବ୍ୟୟ କୁହାଯାଏ ।**

ଯଥା – ତୁମେ **କିମ୍ବା** ସେ ଏ କାମଟି କର । କ-ସ୍ତମ୍ଭ **ଅଥବା** ଖ-ସ୍ତମ୍ଭ ଭିତରୁ ଗୋଟିକୁ ପଢ଼ । ରୁନି ଅବା ରୀନା କେହି ଜଣେ ଘରେ ରହିବ ।

ଓଡ଼ିଆରେ କି, ଅବା, ଅଥବା, କିମ୍ବା, ବା ନୋହିଲେ, ନଚେତ୍ ଇତ୍ୟାଦି ବିକଳ୍ପାର୍ଥକ ଭାବ ସୂଚକ ଅବ୍ୟୟ ପଦ ରୂପେ ବ୍ୟବହୃତ ହୁଏ ।

### ୪.୮.୨.୧୦ ବୀପ୍ସାର୍ଥକ ଅବ୍ୟୟ :

ବାକ୍ୟରେ ଯେଉଁ ଅବ୍ୟୟ ପଦଗୁଡ଼ିକ ଦ୍ୱାରା ବାରମ୍ବାରତା, ବ୍ୟାପ୍ତି, ପୁନଃପୁନଃ ଘଟୁଥିବା ଓ ଥରକୁଥର ନିରନ୍ତର ଘଟୁଥିବା ଭାବ ପ୍ରକାଶ ପାଏ ତାହାକୁ **'ବିପ୍ସାର୍ଥକ ଅବ୍ୟୟ'** କୁହାଯାଏ । ଯଥା– ସେ <u>ଲଗାତର</u> ପଚାରିଲା / ମୋ ପାଖକୁ <u>ଅହରହଃ</u> ସେ ଧାଉଁଛି / <u>କ୍ରମେକ୍ରମେ</u> ସବୁ ଭୁଲି ହୋଇଯାଏ / <u>ଆସ୍ତେଆସ୍ତେ</u> ସେବାଟକୁ ଆସିବ ।

ଓଡ଼ିଆରେ କେତେକ ଶବ୍ଦ ଦ୍ୱିତ୍ୱ ହେବା ଦ୍ୱାରା ବିପ୍ସାର୍ଥକ ଅବ୍ୟୟ ପଦ ଗଠିତ ହୁଏ । କେତେକ ବିପ୍ସାର୍ଥକ ଅବ୍ୟୟ ପଦର ନମୁନା ଏହିପରି ଘନଘନ, ପୁନଃପୁନଃ ମୁହୁର୍ମୁହୁଃ, ଲାଗ୍‌ଲାଗ୍, ବାରବାର, ଥରଥର, ଢେର୍‌ଢେର୍, କାଳେକାଳେ, ଯୁଗେଯୁଗେ ।

### ୪.୮.୨.୧୧ ନିଷେଧାର୍ଥକ ଅବ୍ୟୟ :

ଯେଉଁ ଅବ୍ୟୟ ପଦ ହେତୁ ବାକ୍ୟାର୍ଥରେ ନିଷେଧ, ବାରଣ, ଅସମ୍ମତି ଓ ନାସ୍ତିବାଚକ ଆଦି ଭାବ ପ୍ରକାଶ ପାଏ ତାହାକୁ **'ନିଷେଧାର୍ଥକ ଅବ୍ୟୟ'** କୁହାଯାଏ । ସ୍ଥୁଳତଃ ନାହିଁ ବା ନାସ୍ତିସୂଚକ ଭାବାର୍ଥ ପାଇଁ ବ୍ୟବହୃତ ଅବ୍ୟୟ

ପଦ ହିଁ ନାସ୍ତିବାଚକ ଅବ୍ୟୟ । ଉଦାହରଣ ସ୍ୱରୂପ - ନା, ଏବେ କହିବାକୁ ହେବ । ନ ଯିବ ଯଦି ନ କହିଲେ ଜାଣିବି କେମିତି ? / ତା' ପାଖରେ ନାଇଁ ପଦ ନାହିଁ । ଏଣିକି ନ ରହିଲେ ହେବନି । ପଢ଼ ନୋହିଲେ ବିଫଳ ହେବ ।

ନା, ନ, ନାଇଁ ନୋହିଲେ, ନଚେତ୍ ଆଦି ନିଷେଧାର୍ଥକ ଅବ୍ୟୟ ପଦ ଭାବରେ ଓଡ଼ିଆରେ ବ୍ୟବହୃତ ହୁଏ ।

### ୪.୮.୨.୧୦ ସାଦୃଶ୍ୟବାଚକ ଅବ୍ୟୟ :

ବାକ୍ୟରେ ଯେଉଁ ଅବ୍ୟୟ ପଦ ଦ୍ୱାରା ସାଦୃଶ୍ୟ ପ୍ରକାଶ ପାଇଥାଏ ତାହାକୁ **'ସାଦୃଶ୍ୟ ବୋଧକ ଅବ୍ୟୟ'** କୁହାଯାଏ । ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର :

ମୋ ବୋଉ ଧରଣୀ ପରି ସହନଶୀଳ । ତୁମ ପରି ସେ ଛୋଟ ପିଲାଟିଏ । ତୁମେ ତାଙ୍କ ଗୁଣକୁ ସରି ନୁହଁ । ସେ ଯେମିତି ତା' ଭାଇ ବି ସେମିତି । ଚନ୍ଦ୍ର ସୂର୍ଯ୍ୟ ଭଳି ଠାକୁରଙ୍କର ଆଖି ଦୁଇଟି ହୋଇଛି / ସେ ତୁଳସୀ ପରିକା ଦିଶୁଛି ।

### ୪.୮.୨.୧୩ ସମ୍ମତିସୂଚକ ଅବ୍ୟୟ :

ଯେଉଁ ଅବ୍ୟୟ ପଦଦ୍ୱାରା ବାକ୍ୟରେ ସମ୍ମତି ବା ସ୍ୱୀକୃତି ଭାବ ପ୍ରକାଶ ପାଇଥାଏ - ତାହାକୁ **ସମ୍ମତି ସୂଚକ ଅବ୍ୟୟ** କୁହାଯାଏ । ଯଥା - ହଁ, ହୁଁ, ଉଁ, ହଉ, ହେଲା, ହେଲାତ, ଆଜ୍ଞା, ଆଚ୍ଛା, ଠିକ୍, ନିଶ୍ଚୟ, ସିନା, ହାଁ, ତ, ହଇ ।

### ୪.୮.୨.୧୪ ପରିମାଣସୂଚକ ଅବ୍ୟୟ :

ବାକ୍ୟରେ ଯେଉଁ ଅବ୍ୟୟ ପଦଦ୍ୱାରା ଅଗଣନୀୟ ବସ୍ତୁର ପରିମାଣ ବୁଝାଯାଏ ତାହାକୁ **'ପରିମାଣସୂଚକ ଅବ୍ୟୟ'** କୁହାଯାଏ । ଉଦାହରଣ ସ୍ୱରୂପ -

- ଏବେ ତାଙ୍କୁ ଏତେ ପଚାରନି ।
- ଯେତିକି ମିଳିଲା ସେତିକି ପାଇ ଖୁସି ହୁଅ ।
- ଯେତେ ଦେବୁ ସେତେ ନେବି ।
- ଏତିକି ଭାତ ସେ ଖାଇପାରିବନି ।

ଓଡ଼ିଶାରେ ଏତେ, ଯେତେ, ଏତିକି, କେତିକି, କିଛି, ଯାକ, ତକ, ଅଳ୍ପ, ବେଶି, କମ୍, ବହୁତ ଇତ୍ୟାଦି ପରିମାଣସୂଚକ ଅବ୍ୟୟ ପଦ ଭାବରେ ବ୍ୟବହୃତ ହୁଏ ।

### ୪.୮.୨.୧୫ ଧ୍ୱନ୍ୟାନୁକାରୀ / ଶବ୍ଦାନୁକାରୀ ଅବ୍ୟୟ :

ନିର୍ଦ୍ଦିଷ୍ଟ ଧ୍ୱନି, ଶବ୍ଦ ବା ନାଦର ଅନୁକରଣରେ ଗଠିତ ଶବ୍ଦର ଦ୍ୱିତ୍ୱରୂପ ଦ୍ୱାରା ଯେଉଁ ଅବ୍ୟୟ ପଦ ଅର୍ଥ କାରକ ହୋଇଥାଏ ତାହାକୁ ଧ୍ୱନ୍ୟାନୁକାରୀ ବା ଶବ୍ଦାନୁକାରୀ ଅବ୍ୟୟ କୁହାଯାଏ । ଏଥିରେ ଗୋଟିଏ ଧ୍ୱନ୍ୟାତ୍ମକ ଶବ୍ଦ ପରସ୍ପର ହୋଇ ଲାଗି କରି ବସିଥାଏ । ଯଥା- ତାଙ୍କ ପୁଅ ଠୋଠୋ କଥା କହିଲାଣି । ସେ ଦୁଃଖରେ ଓ ଅପମାନରେ ଭୋଭୋ କାନ୍ଦିଲା । ତା' ପାଖରେ ଠନ୍ଠନ୍ ଗୋପାଳ ଆଉ ନାହିଁ ଯେ ଠୁକ୍ଠାକ୍ ଖର୍ଚ୍ଚ କରିଦେବ ।

ଏହିପରି ଆଉ କେତୋଟି ନମୁନା - ଢୋଢୋ, ଫଡ୍‌ଫଡ୍, ଢଂଢଂ, ଠପ୍‌ଠପ୍, ଟପ୍‌ଟପ୍, ଫୁସ୍‌ଫୁସ୍, ଭସ୍‌ଭସ୍, ଦୁଲକିଣା, ଠୋକିନା ମଡ୍‌ମଡ୍, ଖଡ୍‌ଖଡ୍, ଦୁଲ୍‌ଦୁଲ୍, ଧଡ୍‌ଧାଡ୍ ।

### ୪.୮.୨.୧୬ ପଦବିକାରମୂଳକ ଅବ୍ୟୟ :

ଆମେ ଓଡ଼ିଆ ଭାଷାରେ ଗୋଟିଏ ସାର୍ଥକ ଶବ୍ଦ ପରେ ଆଉ ଗୋଟିଏ ତା'ଠୁ ଈଷତ୍ ବିକୃତ ରୂପର ନିରର୍ଥକ ଶବ୍ଦ ଯୋଡି ପଦ ଗଠନ କରିଥାଉ । ପ୍ରଥମ ଶବ୍ଦଟିକୁ ଅନୁକରଣ କରି ଦ୍ୱିତୀୟ ପଦଟିର ସ୍ୱର ବିକାର ହୋଇଥାଏ । ସାର୍ଥକ ପଦ ପରେ ନିରର୍ଥକ ସ୍ୱର ବିକାର ମୂଳକ ଯେଉଁ ଶବ୍ଦଟି ସଂଯୁକ୍ତ ହୋଇଥାଏ ତାହାକୁ **"ପଦବିକାରମୂଳକ ଅବ୍ୟୟ"** କୁହାଯାଏ । ଉଦାହରଣ ସ୍ୱରୂପ -

| ସାର୍ଥକ ପଦ | > | ନିରର୍ଥକ ଅବ୍ୟୟ ପଦ | = ଗଠିତ ପଦ |
|---|---|---|---|
| ଗଛ | > | ଫଛ | = ଗଛଫଛ |
| ପିଲା | > | ଝିଲା | = ପିଲାଝିଲା |

ଏପରିକି ଓଡ଼ିଆରେ ଦୁଇଟି ନିରର୍ଥକ ପଦ ମିଶି ଗୋଟିଏ ନିର୍ଦ୍ଦିଷ୍ଟ ଭାବାର୍ଥର ଅବ୍ୟୟ ପଦ ଗଠିତ ହୋଇଥାଏ । ଯଥା- ଆବୁରୁଯାବୁରୁ, ଆବାକାବା, ଅଗଡ଼ଂବଗଡ଼ଂ, ଘୁଡୁରୁଘାଡ଼ର, ଭୁତୁରଭାତର୍ ଓ ଫୁଟୁରୁଫାଟର୍

**ଶିକ୍ଷକଙ୍କ ପାଇଁ ସୂଚନା :**

- ପଦପରିଚୟ ଅଧ୍ୟାୟରେ ପ୍ରଦତ୍ତ ତଥ୍ୟସବୁ ଗତାନୁଗତିକ ପଦ୍ଧତିଠାରୁ ଭିନ୍ନ । ଶ୍ରେଣୀରେ ଉପସ୍ଥାପନ ପୂର୍ବରୁ ପାଠଟିକୁ ବାରମ୍ବାର ପଢ଼ି ଶିକ୍ଷକ ପାଠ ସଂପର୍କିତ ନିଜର ଧାରଣାକୁ ଦୃଢ଼ କରିବା ଆବଶ୍ୟକ ।

## ଅଭ୍ୟାସ କାର୍ଯ୍ୟ

୧. ଆସ, କଥାବାର୍ତ୍ତା ହେବା-

କ) 'ବାକ୍ୟ' କହିଲେ ଆମେ କ'ଣ ବୁଝୁ ?

ଖ) ପଦର ଲକ୍ଷଣ କ'ଣ ?

ଗ) ପଦ କେତେ ପ୍ରକାରର ଓ କ'ଣ କ'ଣ ?

ଘ) ଅବ୍ୟୟ ପଦ କାହାକୁ କହିବା ?

ଙ) ୨ଟି ସମାପିକା ଓ ୨ଟି ଅସାମାପିକା କ୍ରିୟାର ଉଦାହରଣ ଦେଇ ବୁଝାଇ ଦେବା ଏହା କ'ଣ ?

୨. ଆସ, ଉତ୍ତର ଲେଖିବା -

କ) ଓଡ଼ିଆରେ କେଉଁ କେଉଁ ଧାତୁକୁ ଯୌଗିକ କ୍ରିୟାରୂପେ ବ୍ୟବହାର କରାଯାଏ ?

ଉ.-

ଖ) ବିଶେଷଣର ବିଶେଷଣ କହିଲେ କ'ଣ ବୁଝ ?

ଉ-

ଗ) ଗୁଣବାଚକ ବିଶେଷଣ କାହାକୁ କହନ୍ତି ?

ଉ-

ଘ) ଗୁରୁତ୍ୱ ଆରୋପକ ସର୍ବନାମ କ'ଣ ?

ଉ.

ଙ) 'ଇ' ଓ 'ର' ସୂଚକ ଦୁଇଟି କେଉଁ ପ୍ରକାର କ୍ରିୟା ଗଠନର ଲାଗିଥାଏ ?

ଉ.

୩. ଆସ, ଅଲଗା ପଦଟିକୁବାଛି ପାଖ କୋଠରିରେ ଲେଖିବା -

 କ) ଗାନ, ସୁନା, ବିଦ୍ୟାଳୟ, ବାଘ ☐

ଖ) ତତଲା, ଛିଣ୍ଡା, ଦାଢ, ଦୃଢ ☐

ଗ) ଏତେ, ଯେତେ, କେତେ, ସେତେ ☐

ଘ) ପୁଞ୍ଜାଏ, ମେଞ୍ଚେ, ଫୁଲାଏ, ଥୋଡ଼େ ☐

ଙ) ଫର୍‌ଫର୍, ଢୁଲ୍‌ଢାଲ, ଠନ୍‌ଠନ୍, ଫସ୍‌ଫସ୍ ☐

୪. ଆସ, ଏବେ ବନ୍ଧନୀ ମଧ୍ୟରୁ ଶବ୍ଦନେଇ ଶୂନ୍ୟସ୍ଥାନ ପୂରଣ କରିବା ।

(ପୂରଣ ବାଚକ, ପୁଣି, ପ୍ରାତିପଦିକ, ଭାବାର୍ଥ, ନାମବାଚକ ବିଶେଷ୍ୟ)

କ) ପଦ --------- ଅର୍ଥ ପ୍ରକାଶ କରେ ।

ଖ) ଶବ୍ଦର ମୂଳରୂପକୁ --------- କୁହାଯାଏ ।

ଗ) ବ୍ୟକ୍ତିବାଚକ ବିଶେଷ୍ୟ --------- ସହିତ ସଂପୃକ୍ତ ।

ଘ) 'ତୃତୀୟ ପାଣ୍ଡବ' – ଏଠାରେ 'ତୃତୀୟ' ପଦଟି --------- ବିଶେଷଣ ।

ଙ) ସଂଯୋଜକ ଅବ୍ୟୟ ଭାବରେ --------- ପଦଟି ବ୍ୟବହୃତ ହୁଏ ।

ଚ) ଶବ୍ଦ --------- ଅର୍ଥ ପ୍ରଦାନ କରେ ?

୫. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ'ସ୍ତମ୍ଭର ସଂପର୍କ ଥିବା ଶବ୍ଦକୁ ଗାର ଟାଣି ଯୋଡ଼ିବା ।

| 'କ' ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ଫେରନ୍ତା | ପୁରୁଷବାଚକ |

| | |
|---|---|
| ନିଜେ | ବିଧେୟ |
| ଖେଳାଳି | କ୍ରିୟାବାଚକ ବିଶେଷଣ |
| ବ୍ୟକ୍ତିବାଚକ ସର୍ବନାମ | ଗୁରୁତ୍ୱ ଆରୋପକ ସର୍ବନାମ |
| ସୁନ୍ଦର | ଜାତିବାଚକ ବିଶେଷ୍ୟ |

୬. ଠିକ ଉକ୍ତି ପାଖରେ '✓' ଚିହ୍ନ ଓ ଭୁଲ ଉକ୍ତି ପାଖରେ 'X' ଚିହ୍ନ ଦେବା ।

କ) ଋଷିକୁଲ୍ୟା ଏକ ନାମବାଚକ ବିଶେଷ୍ୟ ପଦ ।

ଖ) ସଭାରେ କିଏ କହିଲେ ? ଏଠାରେ 'କିଏ' ନିର୍ଦ୍ଦେଶବାଚକ ସର୍ବନାମ ।

ଗ) 'ବିଡ଼ାଏ' ଘାସ । ଏଠାରେ 'ବିଡ଼ାଏ' ପୂରଣବାଚକ ବିଶେଷଣ ।

ଘ) 'ପଛେଇବା' ଏକ ନାମଧାତୁ କ୍ରିୟାପଦ ।

ଙ) 'ନୋହିଲେ' ଏକ ବିକଳ୍ପାର୍ଥକ ଅବ୍ୟୟ ପଦ ।

୭. ଠିକ୍ ଉତ୍ତରଟିକୁ ବାଛି ପାଖ କୋଠରିରେ ଲେଖ ।

କ) ନଚେତ୍ ହେଉଛି ଏକ -

(i) ନିଷେଧାର୍ଥକ ଅବ୍ୟୟ

(ii) ବିକଳ୍ପାର୍ଥକ ଅବ୍ୟୟ

(iii) ବିସ୍ମାର୍ଥକ ଅବ୍ୟୟ

(iv) ସମ୍ମତିସୂଚକ ଅବ୍ୟୟ ଉ. [ ]

ଖ) ବାପା ମୋତେ ଯେପରି କହିଲେ, ମୁଁ ସେପରି କଲି ।

ଏଠାରେ ଯେପରି, ସେପରି କି ପ୍ରକାର ପଦ ?

(i) ସମ୍ବନ୍ଧକାରକ ସର୍ବନାମ

(ii) ପ୍ରଶ୍ନସୂଚକ ସର୍ବନାମ

(iii) ନିର୍ଣ୍ଣାୟକ ସର୍ବନାମ

(iv) ନିର୍ଦ୍ଦେଶବାଚକ ସର୍ବନାମ ଉ. [ ]

ଗ) ମିଶ୍ରକ୍ରିୟାର ଉଦାହରଣ ହେଉଛି -

(i) ଦେଖାଇଲେ

(ii) ଦେଖିଲେ

(iii) ଦର୍ଶନ କଲେ

(iv) ଦେଖୁଥିଲେ ଉ. [ ]

ଏହିପରି ଆଉ ଦୁଇଟି ମିଶ୍ରକ୍ରିୟା ଲେଖିବା - [ ] , [ ]

ଘ) 'ଭଙ୍ଗାଘର', 'ତତଲାପାଣି', ଏଗୁଡ଼ିକ

(i) ଅବସ୍ଥାବାଚକ ବିଶେଷଣର ଉଦାହରଣ

(ii) ଗୁଣବାଚକ ବିଶେଷଣର ଉଦାହରଣ

(iii) ପୂରଣବାଚକ ବିଶେଷଣର ଉଦାହରଣ

(iv) ସଂଖ୍ୟାବାଚକ ବିଶେଷଣର ଉଦାହରଣ ଉ. [ ]

ଙ) ଗଲା ରାତିରେ ମୋର ଶୋଇବାଟା ଭଲ ହେଲାନି । ଏଠାରେ 'ଶୋଇବାଟା' ---------

(i) ବସ୍ତୁବାଚକ ବିଶେଷ୍ୟ

(ii) ଜାତିବାଚକ ବିଶେଷ୍ୟ

(iii) ଗୁଣବାଚକ ବିଶେଷ୍ୟ

(iv) କ୍ରିୟାବାଚକ ବିଶେଷ୍ୟ ଉ. [ ]

୮. ଦିଆଯାଇଥିବା ପଦଗୁଡ଼ିକ କି ପ୍ରକାର ପଦ, ଚିହ୍ନିବା ।

କ) ଗଛ - ..................................................

ଖ) ମୈତ୍ରୀ - ..................................................

ଗ) ମୋଞ୍ଚାଏ - ..................................................

ଘ) ଛାଏଁ - ..................................................

ଙ) ଘଡ଼ିଏ - ..................................................

ଚ) ଏତେକ - ..................................................

ଛ) ପଢ଼ା - ..................................................

ଜ) ସକାଶେ - ..................................................

ଝ) ଏଣୁତେଣୁ - ..................................................

ଞ) କବି - ..................................................

ଟ) ରାମାୟଣ - ..................................................

ଠ) ଗୋଟେ ପାଶ୍ଚାତ୍ୟ କାଳିଦାସ - ..................................................

ଡ) ତାହା, ଏହା - କେଉଁ ଧରଣର ସର୍ବନାମ - ..................................................

-୦-

ପଞ୍ଚମ ଅଧ୍ୟାୟ

# ବାକ୍ୟ-ବିଚାର

IYNI9I

## ୫.୧ ବାକ୍ୟ କ'ଣ ?

'କ' ଭାଗ

୧. ଆମେ କବିର କବିତା ପଢ଼ି

୨. ବାପା, ମୋତେ ପାଠ

୩. ବିଶ୍ୱର ବହୁଲୋକ କୋଣାର୍କର

'ଖ' ଭାଗ

୧. ଆମେ କବିର କବିତା ପଢ଼ି ଖୁସିହେଲୁ ।

୨. ବାପା, ମୋତେ ପାଠ ବୁଝାଇଦିଅ ।

୩. ବିଶ୍ୱର ବହୁଲୋକ କୋଣାର୍କର ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଆସନ୍ତି ।

'କ' ଭାଗରେ ଲେଖାଥିବା ପଙ୍କ୍ତି ତିନୋଟି ପଢ଼ । ଏପରି ପଢ଼ିଲେ କିଂବା ଶୁଣିଲେ କୌଣସି ଅର୍ଥ ସମ୍ପୂର୍ଣ୍ଣ ରୂପେ ପ୍ରକାଶ ପାଉନାହିଁ । ଏଥିରେ ଆଉ କିଛି ଯୋଡ଼ିବା ଦରକାର ପଡ଼ୁଛି; ମାତ୍ର 'ଖ' ଭାଗର ପଙ୍କ୍ତିଗୁଡ଼ିକୁ ପଢ଼ିଲେ ପୂର୍ବ ପଙ୍କ୍ତି ସମ୍ପର୍କରେ ଥିବା ଅସ୍ପଷ୍ଟ ଭାବ ଦୂର ହୋଇ ସେଗୁଡ଼ିକର ଭାବ ପୂର୍ଣ୍ଣ ରୂପେ ପ୍ରକାଶପାଉଛି । ଏଗୁଡ଼ିକ ସହିତ ଆଉ କିଛି ଯୋଡ଼ିବା ଦରକାର ପଡ଼ୁନାହିଁ । ଏଗୁଡ଼ିକରୁ ସ୍ପଷ୍ଟ ଅର୍ଥ ପ୍ରକାଶ ପାଉଛି । ଏଣୁ 'ଖ' ବିଭାଗରେ ଥିବା ପଙ୍କ୍ତିଗୁଡ଼ିକ ଗୋଟିଏଗୋଟିଏ ବାକ୍ୟ ।

ଯେଉଁ ପଙ୍କ୍ତି ମନର ଏକ ଭାବକୁ ପୂର୍ଣ୍ଣ ରୂପେ ସ୍ପଷ୍ଟ ଭାବରେ ପ୍ରକାଶ କରେ, ତାହାକୁ ବାକ୍ୟ କୁହାଯାଏ ।

କେତେଗୁଡ଼ିଏ ପଦ ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବ ପ୍ରକାଶ କଲେ ତାହା ବାକ୍ୟ ହୋଇଥାଏ ।

ବାକ୍ୟ ଆକାରରେ ଛୋଟ ହୋଇପାରେ କିଂବା ବଡ଼ ହୋଇପାରେ । ଆସ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିବା ।

୧. ଭାରତରେ ପଢ଼ା ଶେଷକରି ପ୍ରକାଶ ବେଶ ଅଧିକ ପଢ଼ିବାପାଇଁ ଲଣ୍ଡନ୍ ଗଲେ ମଧ୍ୟ ସେଠାରେ ଭାରତର ସ୍ୱାଧୀନତାପାଇଁ ଚିନ୍ତା କଲେ ।

୨. ପୁରୀ, ଭୁବନେଶ୍ୱର ଓ କୋଣାର୍କକୁ 'ସ୍ୱର୍ଣ୍ଣତ୍ରିଭୁଜ' କୁହାଯାଏ ।

୩. ଶୋଭିତା ଜାତିର ଜନକ ।

୪. ରେଳଗାଡ଼ି ଗଲା ।

୫. ଯାଆନ୍ତୁ ।

ଉପରେ ଦିଆଯାଇଥିବା ବାକ୍ୟଗୁଡ଼ିକ ମଧ୍ୟରୁ ପ୍ରଥମଟି ସବୁଠାରୁ ବଡ଼ ବାକ୍ୟ ଓ ପଞ୍ଚମଟି ସବୁଠାରୁ ଛୋଟ ବାକ୍ୟ । ତଥାପି, ପ୍ରଥମଠାରୁ ପଞ୍ଚମ ପର୍ଯ୍ୟନ୍ତ ସବୁଗୁଡ଼ିକ ଗୋଟିଏଗୋଟିଏ ବାକ୍ୟ । କାରଣ ସେଗୁଡ଼ିକ ପ୍ରତ୍ୟେକ ପୂର୍ଣ୍ଣ ଅର୍ଥ ପ୍ରକାଶ କରୁଛନ୍ତି ।

## ୫.୨ - ବାକ୍ୟର ଗଠନମୂଳକ ପ୍ରକାର ଭେଦ :

ଗଠନ ଦୃଷ୍ଟିରୁ ବାକ୍ୟ ତିନି ପ୍ରକାରର । (କ) ସରଳ, (ଖ) ଯୌଗିକ ଓ (ଗ) ଜଟିଳ ।

### ୫.୨.୧ - ସରଳବାକ୍ୟ :

ଆଲେକ୍‌ଜାଣ୍ଡାର ଜଣେ ଯୋଦ୍ଧା <u>ଥିଲେ</u> ।

ବସନ୍ତଋତୁରେ ଦକ୍ଷିଣ ଦିଗରୁ ମଳୟପବନ <u>ବହେ</u> ।

ମିନି ଭାତ ଖାଇ ବିଦ୍ୟାଳୟକୁ <u>ଯାଏ</u> ।

ପିଲାଟି ଯାଉଯାଉ ରାସ୍ତାରେ <u>ପଡ଼ିଗଲା</u> ।

ଏହି ସମସ୍ତ ବାକ୍ୟରେ ଗୋଟିଏ ଲେଖାଏଁ ସମାପିକା କ୍ରିୟା ରହିଛି । ଅର୍ଥାତ୍ ଗୋଟିଏ ମାତ୍ର କ୍ରିୟାଦ୍ୱାରା ବାକ୍ୟଟି ସମାପ୍ତ ହେଉଛି ।

ପ୍ରଥମବାକ୍ୟରେ ସମାପିକାକ୍ରିୟା - ଥିଲେ ।

ଦ୍ୱିତୀୟବାକ୍ୟରେ ସମାପିକାକ୍ରିୟା - ବହେ ।

ତୃତୀୟବାକ୍ୟରେ ସମାପିକାକ୍ରିୟା - ଯାଏ ।

ଚତୁର୍ଥବାକ୍ୟରେ ସମାପିକାକ୍ରିୟା - ପଡ଼ିଗଲା ।

ତୃତୀୟ ଓ ଚତୁର୍ଥ ବାକ୍ୟରେ ଗୋଟିଏଗୋଟିଏ ଅଧିକା କ୍ରିୟାପଦ ରହିଛି ।

ତୃତୀୟ ବାକ୍ୟରେ - ଖାଇ ।

ଚତୁର୍ଥ ବାକ୍ୟରେ - ଯାଉଯାଉ ।

ଏହି କ୍ରିୟାଗୁଡ଼ିକ ବାକ୍ୟ ସମାପ୍ତ କରୁନଥିବାରୁ ଏଗୁଡ଼ିକ ଗୋଟିଏଗୋଟିଏ ଅସମାପିକା କ୍ରିୟା । ତୃତୀୟ ଓ ଚତୁର୍ଥ ବାକ୍ୟରେ ଅଲଗା ପ୍ରକାରର ଅସମାପିକା କ୍ରିୟା ଥିଲେ ମଧ୍ୟ ସମାପିକା କ୍ରିୟା ମାତ୍ର ଗୋଟିଏ, ଏଗୁଡ଼ିକ ଗୋଟିଏ ଗୋଟିଏ ସରଳବାକ୍ୟ ।

**ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାହାକୁ ସରଳବାକ୍ୟ କୁହାଯାଏ ।**

ଗୀତା ଓ ମିତା ସ୍କୁଲକୁ ଗଲେ ।

ଏହି ବାକ୍ୟରେ ଦୁଇଟି କର୍ତ୍ତା ହେଲେ ମଧ୍ୟ ସମାପିକା କ୍ରିୟା ଗୋଟିଏ (ଗଲେ), ତେଣୁ ଏହା ଏକ ସରଳବାକ୍ୟ ।

ନୂଆଦିଲ୍ଲୀ ଭାରତର ରାଜଧାନୀ ।

ଏହି ବାକ୍ୟରେ ସମାପିକା କ୍ରିୟା 'ଅଟେ' ଊହ୍ୟ ଅଛି । କେତେକ ବାକ୍ୟରେ ସମାପିକା କ୍ରିୟା ଊହ୍ୟ ଥାଏ । ତେଣୁ ନୂଆଦିଲ୍ଲୀ ଭାରତର ରାଜଧାନୀ ମଧ୍ୟ ଏକ ସରଳ ବାକ୍ୟ ।

**ଆସ ମନେରଖିବା -**

**ସାଧାରଣତଃ ଓଡ଼ିଆ ଭାଷାରେ ସରଳ ବାକ୍ୟ କର୍ତ୍ତା - ଗୋଟିଏ ସମାପିକା କର୍ମ - କ୍ରିୟା ଅନୁସାରେ ଗଠିତ ହୁଏ । ଯଥା: ମୁଁ ପାଠ ପଢୁଛି । ସେ ମୋର ଭଲ ସାଙ୍ଗ ।**

### ୫.୨.୩ - ଯୌଗିକବାକ୍ୟ :

୧. ତାଙ୍କର ଅନେକ ଘରଦ୍ୱାର ଅଛି ଓ ବହୁତ ଜମିବାଡ଼ି ବି ଅଛି ।

୨. ଶେଷରେ ଏଡିସନ୍‌ଙ୍କ ଶ୍ରମ ସଫଳ ହେଲା ଏବଂ ସେ ବିଜୁଳି ବଲ୍‌ବ୍ ଉଦ୍ଭାବନ କଲେ ।

୩. ପରିଶ୍ରମ କଦାପି ବ୍ୟର୍ଥ ହୁଏ ନାହିଁ କି ବିଫଳ ହୁଏ ନାହିଁ ।

ଉପରେ ଦିଆଯାଇଥିବା ବାକ୍ୟଗୁଡ଼ିକ ଦୁଇଦୁଇଟି ସରଳବାକ୍ୟର ସଂଯୋଗରେ ଗଠିତ । ସେଗୁଡ଼ିକୁ ଆମେ ପୃଥକ୍ କରିଦେଇ ପାରିବା । ତଳେ ତାହା ଦିଆଗଲା ।

୧. କ) ତାଙ୍କର ଅନେକ ଘରଦ୍ୱାର ଅଛି ।

ଖ) (ତାଙ୍କର) ଅନେକ ଜମିବାଡ଼ି ବି ଅଛି ।

୨. କ) ଶେଷରେ ଏଡିସନ୍‌ଙ୍କ ଶ୍ରମ ସଫଳ ହେଲା ।

ଖ) ସେ ବିଜୁଳି ବଲ୍‌ବ୍ ଉଦ୍ଭାବନ କଲେ ।

୩. କ) ପରିଶ୍ରମ କଦାପି ବ୍ୟର୍ଥ ହୁଏ ନାହିଁ ।

ଖ) ବିଫଳ ହୁଏ ନାହିଁ ।

ଉପରେ ଦିଆଯାଇଥିବା ଉଦାହରଣ ଗୁଡ଼ିକରୁ ଏହା ସ୍ପଷ୍ଟ ଯେ ନଂ ୧ (କ) ଓ (ଖ) 'ଓ' ଦ୍ୱାରା, ନଂ ୨ (କ) ଓ (ଖ) 'ଏବଂ' ଦ୍ୱାରା, ନଂ ୩ (କ) ଓ (ଖ) 'କି' ଦ୍ୱାରା ପରସ୍ପର ସହ ସଂଯୁକ୍ତ ହେବା ଫଳରେ ଯଥାକ୍ରମେ ୧ମ, ୨ୟ ଓ ୩ୟ ବାକ୍ୟର ସୃଷ୍ଟି ହୋଇଛି । ଏଗୁଡ଼ିକ ଗୋଟିଏ ଗୋଟିଏ ଯୌଗିକବାକ୍ୟ ।

**ଏକାଧିକ ସରଳବାକ୍ୟରେ ସଂଯୋଗରେ ଯେଉଁ ବାକ୍ୟ ଗଠିତ ହୁଏ ତାହାକୁ ଯୌଗିକ ବାକ୍ୟ କୁହାଯାଏ ।**

**ଆସ ମନେରଖିବା -**

ଓଡ଼ିଆରେ ଓ, ଆଉ, ଏବଂ, କିଂବା, ଅବା, ବା, ଅଥବା ଇତ୍ୟାଦି ସଂଯୋଗ ପଦ ଭାବରେ ବ୍ୟବହୃତ ହୁଏ । ଆସ, ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଲକ୍ଷ୍ୟ କରିବା :

୧- ପ୍ରଫୁଲ୍ଲ ଭଲ ପଢ଼େ, ଖେଳେ, ଚିତ୍ରକରେ ଓ ଗାଇ ପାରେ । ଏଗୁଡ଼ିକୁ ଏପରି ମଧ୍ୟ ଲେଖାଯାଇପାରେ ।

୧. କ) ପ୍ରଫୁଲ୍ଲ ଭଲ ପଢ଼େ ।

ଖ) ପ୍ରଫୁଲ୍ଲ ଭଲ ଖେଳେ ।

ଗ) ପ୍ରଫୁଲ୍ଲ ଭଲ ଚିତ୍ରକରେ ।

ଘ) ପ୍ରଫୁଲ୍ଲ ଭଲ ଗାଇପାରେ ।

ଏଥିରୁ ବୁଝାଯାଉଛି ଯୌଗିକବାକ୍ୟରେ ଦୁଇଟିରୁ ଅଧିକ ସରଳ ବାକ୍ୟ ମଧ୍ୟ ରହିପାରେ । ଯୌଗିକବାକ୍ୟ ଗଠନରେ ଉପର ବର୍ଣ୍ଣିତ 'ଓ' ଏବଂ 'କି' ଛଡ଼ା 'ମାତ୍ର', 'କିନ୍ତୁ', 'କିଂବା', 'ନହେଲେ', 'ନଚେତ୍', 'ପୁଣି', 'ବା', 'ତେବେ' ପ୍ରଭୃତି ବ୍ୟବହୃତ ହୁଅନ୍ତି ।

ଆସ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ଅଧିକ ଜାଣିବାପାଇଁ ପଢ଼ିବା ।

୧. ସେ ପରିଶ୍ରମ କରିଥିଲା, ମାତ୍ର ଆଶାନୁରୂପ ସଫଳତା ପାଇଲା ନାହିଁ ।

୨. ସଞ୍ଜୟ କହିଲା, କିନ୍ତୁ ବାପା ଗଲେ ନାହିଁ ।

୩. କାଲି ଭାଇ ଯିବେ କିଂବା ମାମୁ ଯିବେ ।

୪. ଖେଳରେ ଆମେ ଜିତିବା ନହେଲେ ହାରିବା ।

୫. ଗୃହକର୍ମ କରିଦେବା ନଚେତ୍ ଶିକ୍ଷକ ବିରକ୍ତ ହେବେ ।

୬. ସକାଳେ ପଢ଼ିବା ପୁଣି ରାତିରେ ପଢ଼ିବା ।

୭. କର ବା ମର ।

୮. ତୁମେ ଯିବାକୁ ଚାହୁଁଛ ତେବେ ଯାଅ ।

**୫.୨.୪ - ଜଟିଳବାକ୍ୟ :**

୧. ମାମୁ କହିଲେ, "ରବି ନିଶ୍ଚୟ ସେନାବାହିନୀରେ ଯୋଗଦେବ" ।

୨. ଯେତେବେଳେ ସୂର୍ଯ୍ୟ ଉଦୟ ହେବେ ସେତେବେଳେ ପଦ୍ମଫୁଲ ଫୁଟିବ ।

୩. ଯିଏ ଭଲ କାମ କରେ, ସିଏ ପ୍ରଶଂସା ପାଏ ।

ଉପରେ ଦିଆଯାଇଥିବା ଉଦାହରଣଗୁଡ଼ିକରେ ଏକାଧିକ ବାକ୍ୟ ରହିଛି । ସେଗୁଡ଼ିକୁ ଭାଗ ଭାଗ କଲେ ହେବ -

୧. କ) ମାମୁ କହିଲେ

ଖ) ରବି ନିଶ୍ଚୟ ସେନାବାହିନୀରେ ଯୋଗ ଦେବ ।

୨. କ) ଯେତେବେଳେ ସୂର୍ଯ୍ୟ ଉଦୟ ହେବେ

ଖ) ସେତେବେଳେ ପଦ୍ମଫୁଲ ଫୁଟିବ ।

୩. କ) ଯିଏ ଭଲକାମ କରେ

ଖ) ସିଏ ପ୍ରଶଂସା ପାଏ ।

ଉପରେ ଦିଆଯାଇଥିବା ଉଦାହରଣଗୁଡ଼ିକରୁ ଜଣାପଡୁଛି ପ୍ରଥମ ବାକ୍ୟର 'କ' ଅଂଶଟି ମୁଖ୍ୟବାକ୍ୟ, ମାତ୍ର 'ଖ' ଅଂଶଟି 'କ' ଉପରେ ନିର୍ଭର କରୁଛି । ୨ୟ ଓ ୩ୟ ବାକ୍ୟରେ 'ଖ' ବାକ୍ୟଗୁଡ଼ିକ ପ୍ରଧାନ । 'କ' ବାକ୍ୟଗୁଡ଼ିକ 'ଖ' ଉପରେ ନିର୍ଭର କରୁଛନ୍ତି । ନିର୍ଭର କରୁଥିବା ଏହି ବାକ୍ୟଗୁଡ଼ିକୁ "ନିର୍ଭରଶୀଳ" ବା "ଆଶ୍ରିତବାକ୍ୟ" କୁହାଯାଇପାରେ । ଉପରଲିଖିତ ବାକ୍ୟଗୁଡ଼ିକ ଜଟିଳବାକ୍ୟ ।

**ଆସ ମନେ ରଖିବା -**

**ଯେଉଁ ବାକ୍ୟରେ ଗୋଟିଏ ମୁଖ୍ୟବାକ୍ୟ ଥାଏ ଏବଂ ଏକ ବା ଏକାଧିକ ବାକ୍ୟ ଉକ୍ତ ମୁଖ୍ୟ ବାକ୍ୟଟିକୁ ଆଶ୍ରୟ କରି ରହିଥାଏ, ତାହାକୁ ଜଟିଳବାକ୍ୟ କୁହାଯାଏ । ଆଶ୍ରିତ ବାକ୍ୟଗୁଡ଼ିକରେ ପ୍ରାୟ 'ଯଦି', 'ଯିଏ', 'ଯେଉଁ', 'ଯେଉଁଠାରେ', 'ଯେହେତୁ', 'ଯେମିତି', 'ଯେତେବେଳେ' ପ୍ରଭୃତିର ପ୍ରୟୋଗ ଦେଖାଯାଏ ।**

## ୫.୩ - ବାକ୍ୟର ବ୍ୟବହାରମୂଳକ ପ୍ରକାର ଭେଦ :

ବ୍ୟବହାର ଦୃଷ୍ଟିରୁ ବିଚାର କଲେ ବାକ୍ୟକୁ ଚାରିଟି ପ୍ରଧାନଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା: - କ) ବିବୃତିସୂଚକ ବାକ୍ୟ ଖ) ନାସ୍ତିସୂଚକ ବାକ୍ୟ ଗ) ପ୍ରଶ୍ନସୂଚକ ବାକ୍ୟ ଘ) ବିସ୍ମୟସୂଚକ ବାକ୍ୟ ।

### ୫.୩.୧ - ବିବୃତିସୂଚକ ବାକ୍ୟ :

କ) ଆଗ୍ରହର ସହ ପଢ଼ିଲେ ଗଣିତପାଠ ଖୁବ୍ ଭଲ ଲାଗିବ ।

ଖ) ଗାନ୍ଧିଜୀଙ୍କ ଆଦର୍ଶ କମ୍ ଲୋକଙ୍କଠାରେ ଦେଖିବାକୁ ମିଳେ ।

ଗ) କଟକ ଓ ଭୁବନେଶ୍ୱର ମଧ୍ୟରେ ଦୂରତା ଅଛି ।

ଉପରେ ଦିଆଯାଇଥିବା ବାକ୍ୟ ଗୁଡ଼ିକୁ ପଢ଼ିଲେ ଦେଖାଯିବ ଯେ (କ)ରେ ଆଗ୍ରହର ସହ ପଠନ ବିଷୟରେ, (ଖ)ରେ ଗାନ୍ଧିଜୀଙ୍କ ଆଦର୍ଶ ସମ୍ପର୍କରେ, (ଗ)ରେ କଟକ ଓ ଭୁବନେଶ୍ୱରର ଦୂରତ୍ୱ ବିଷୟରେ ବିବୃତିମାନ ଦିଆଯାଇଛି । ଏଭଳି ବାକ୍ୟକୁ ବିବୃତିସୂଚକ ବାକ୍ୟ କୁହାଯାଏ ।

**ଯେଉଁ ବାକ୍ୟରେ କୌଣସି ବିଷୟରେ ବିବୃତି ବା ବକ୍ତବ୍ୟଟିଏ ରହିଥାଏ, ତାହା ବିବୃତି ସୂଚକ ବାକ୍ୟ ।**

### ୫.୩.୨ - ନାସ୍ତିସୂଚକ ବାକ୍ୟ :

କ) ହିଂସ୍ର ଜନ୍ତୁଙ୍କୁ ବିଶ୍ୱାସ ନ କରିବା ଉଚିତ ।

ଖ) ପଡ଼ୋଶୀଙ୍କର କଷ୍ଟ ସହି ହେଉନାହିଁ ।

ଗ) ଆମ ଦେଶ ପରି ଶାନ୍ତିପ୍ରିୟ ଦେଶ ନାହିଁ ।

ଉପରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ିଲେ (କ)ରେ ହିଂସ୍ରଜନ୍ତୁଙ୍କୁ ବିଶ୍ୱାସ ନ କରିବା, ଖ)ରେ ପଡ଼ୋଶୀଙ୍କର କଷ୍ଟ ସହି ନ ହେବା, (ଗ)ରେ ଆମ ଦେଶପରି ଶାନ୍ତିପ୍ରିୟ ଦେଶ ନଥିବା ସମ୍ପର୍କରେ କୁହାଯାଇଛି । ବାକ୍ୟଗୁଡ଼ିକ ଏପରି ଲେଖାଯାଇଛି ଯେ ଯେଉଁଥିରେ ନାସ୍ତିଭାବର ସୂଚନା ରହିଛି ।

**ଯେଉଁ ବାକ୍ୟରେ କୌଣସି ବିଷୟରେ ନାସ୍ତି ବା ନାହିଁର ସୂଚନା ମିଳେ, ତାହା ନାସ୍ତିସୂଚକ ବାକ୍ୟ ।**

**ପ୍ରଶ୍ନସୂଚକ ବାକ୍ୟ**

(କ) ଆପଣ କେବେ ଆସିବେ ?

(ଖ) ବାପା ଘରେ ଅଛନ୍ତି କି ?

(ଗ) କାହାକୁ ସାହିତ୍ୟ ପଢ଼ିବାକୁ ବେଶି ଭଲଲାଗେ ?

ଏହି ତିନୋଟିଯାକ ବାକ୍ୟରେ ବିଭିନ୍ନ ପ୍ରଶ୍ନ ପଚରାଯାଇଛି । ତେଣୁ ଏଗୁଡ଼ିକ ପ୍ରଶ୍ନସୂଚକ ବାକ୍ୟ । ଲେଖିବାବେଳେ ଏ ପ୍ରକାର ବାକ୍ୟ ଶେଷରେ ପ୍ରଶ୍ନସୂଚକ ଚିହ୍ନ ( ? ) ବ୍ୟବହାର କରାଯାଏ ଓ କହିଲାବେଳେ ଏହାର ଶେଷରେ ସ୍ୱର ଲହର ଟିକେ ଉପରକୁ ଉଠେ ।

**ଯେଉଁ ବାକ୍ୟ ପ୍ରଶ୍ନବୋଧକ ହୋଇଥାଏ ବା କାହାଠାରୁ ଉତ୍ତର ଆଶା କରାଯାଏ ତାକୁ ପ୍ରଶ୍ନସୂଚକ ବାକ୍ୟ କୁହାଯାଏ ।**

**୫.୩.୪ ବିସ୍ମୟସୂଚକ ବାକ୍ୟ**

(କ) ଆଜି କି ଖରା !

(ଖ) ମନୋଜର ପୁଅଟି କେଡ଼େ ବୁଦ୍ଧିଆ !

(ଗ) ଶିମିଳିପାଳର ଜଙ୍ଗଲ, ଆହା କ'ଣ ହୋଇଛି !

ଏହି ବାକ୍ୟଗୁଡ଼ିକ ବକ୍ତା ବା ଲେଖକର ବିସ୍ମୟଭାବକୁ ପ୍ରକଟିତ କରୁଥିବାରୁ ଏଗୁଡ଼ିକ ବିସ୍ମୟସୂଚକ ବାକ୍ୟ । ଲେଖିବାବେଳେ ଏ ପ୍ରକାର ବାକ୍ୟର ଶେଷରେ ବିସ୍ମୟ ଚିହ୍ନ ( ! ) ଦିଆଯାଏ ।

**ଯେଉଁ ବାକ୍ୟରେ ବିସ୍ମୟଭାବ ପ୍ରକାଶିତ ହୋଇଥାଏ ତାହାକୁ ବିସ୍ମୟସୂଚକ ବାକ୍ୟ କୁହାଯାଏ ।**

**ଶିକ୍ଷକଙ୍କ ପାଇଁ ସୂଚନା**

- ବାକ୍ୟ ଓ ବାକ୍ୟର ପ୍ରକାରଭେଦ ସଂପର୍କରେ ପାଠରେ ଏକ ଭିନ୍ନ ଶୈଳୀରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉଛି ।
- ଶିକ୍ଷକ ଶିକ୍ଷାର୍ଥୀଙ୍କ ନିକଟରେ ପାଠର ତଥ୍ୟକୁ ପହଞ୍ଚାଇବା ପୂର୍ବରୁ ଏ ସଂପର୍କରେ ନିଜର ଧାରଣାକୁ ଦୃଢ଼ କରିବା ଆବଶ୍ୟକ ।
- ପାଠର ବ୍ୟାବହାରିକ ଦିଗ ପ୍ରତି ଦୃଷ୍ଟିରଖି ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ଧାରଣାକୁ ଦୃଢ଼ କରିବେ ।

## ଅଭ୍ୟାସକାର୍ଯ୍ୟ

୧. ବ୍ୟବହାର ଆଧାରରେ ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ କି ପ୍ରକାର ବାକ୍ୟ, ଚିହ୍ନଟ କରିବା । ଆସ କଥାବାର୍ତ୍ତା ହେବା ।

(କ) ଅଚିହ୍ନା ଲୋକକୁ କ'ଣ ବିଶ୍ୱାସ କରାଯାଏ ? ------------------------------------

(ଖ) ଲୋକଟିର ଯନ୍ତ୍ରଣା ଅସହ୍ୟ । ------------------------------------

(ଗ) ରମେଶ ବାବୁଙ୍କ ପରି ଶାନ୍ତି ପ୍ରିୟ ବ୍ୟକ୍ତି ନାହାନ୍ତି । ------------------------------------

(ଘ) କୋଣାର୍କର ସୌନ୍ଦର୍ଯ୍ୟ ଅତୁଳନୀୟ ! ------------------------------------

୨. ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକ ମଧ୍ୟରୁ ପ୍ରକୃତ ବାକ୍ୟଗୁଡ଼ିକୁ ବାଛି ଲେଖିବା ।

(କ) ଶୁଣିଛ ?

(ଖ) ତୁମେ ଏପରି କହିବ ବୋଲି ମୁଁ

(ଗ) ଚାଲି ନଜାଣି ବାଟର ଦୋଷ ।

(ଘ) ବାଟୋଇଟି ପୋଖରୀରୁ ପାଣି ପିଇ ଏଣେତେଣେ ବୁଲି ବୁଲି ଶେଷରେ ଗୋଟିଏ

(ଙ) ତୁଳସୀ ଦୁଇପତ୍ରରୁ ବାସେ ।

୩. ତଳେ ଦିଆଯାଇଥିବା ଅସଜଡ଼ା ପଦଗୁଡ଼ିକୁ ସଜାଡ଼ି ବାକ୍ୟଗୁଡ଼ିକୁ ଲେଖିବା ।

(କ) ଜାହାଜରୁ ସାହସକରି ସେହି ଡେଇଁପଡ଼ି ପଳାଉ ଥିଲେ ଖସି ।

(ଖ) ଆଶୀର୍ବାଦ ପାଦଛୁଇଁ ତାଙ୍କଠାରୁ ବାପାଙ୍କର ନେଲେ ।

(ଗ) ଚାଲିଗଲା ଦୂର ଅନେକ ସେ ପହଁରି ପହଁରି ।

(ଘ) ଠିଆ ହେଲା ମନେପକାଇ କେତେ ଏପରି ପଛକଥା ।

(ଙ) ପାଇଁ ଜନ୍ମଭୂମି ମମତା କି ଲୋକଟାର ଏ ।

୪. 'କ'ସ୍ତମ୍ଭ ସହ 'ଖ'ସ୍ତମ୍ଭର ଉପଯୁକ୍ତ ଅଂଶକୁ ଯୋଗକରି ପୂର୍ଣ୍ଣ ବାକ୍ୟଟି 'ଗ' ସ୍ତମ୍ଭରେ ଲେଖିବା ।

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ | 'ଗ'ସ୍ତମ୍ଭ |
|---|---|---|
| (କ) ଅର୍ଜ୍ଜୁନଙ୍କର ଶିକ୍ଷା | ଜାଳି ଦେଇଗଲେ । | ------------ |
| (ଖ) ମା' ଦୀପଟିଏ | ଶବ୍ଦ ଶୁଣାଗଲା । | ------------ |
| (ଗ) ବାଘ ଆସିବାର | ବାଛବିଚାର ନାହିଁ । | ------------ |
| (ଘ) ଏଥିରେ କୌଣସି | ତିଆରି ହେଲା । | ------------ |

(ଙ) ନାନାପ୍ରକାର ଯନ୍ତ୍ର ଉଦ୍‌ଭାସିତ ହେଲା । ______________

ଶେଷ ହୋଇଗଲା । ______________

୫. ସମାପିକା କ୍ରିୟା ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କରି ବାକ୍ୟଗୁଡ଼ିକୁ ଆଉଥରେ ଲେଖିବା ।

(କ) ରମାଦେବୀ ଓଡ଼ିଶାର ଜଣେ ପ୍ରସିଦ୍ଧ ନାରୀ ---------

_______________________________________________________________

(ଖ) ପିତାମାତା ସନ୍ତାନର ମଙ୍ଗଳ --------- ।

_______________________________________________________________

(ଗ) ଦୁଷ୍ଟଲୋକ ସର୍ପଠାରୁ ଆହୁରି ନିଷ୍ଠୁର --------- ।

_______________________________________________________________

(ଘ) ବିଦ୍ୱାନ୍‌ମାନେ ସବୁଠାରେ ପୂଜିତ --------- ।

_______________________________________________________________

୬. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି କେଉଁ ପ୍ରକାର ବାକ୍ୟ ଚିହ୍ନଟ କରି ଲେଖିବା ।

(କ) ଖେଳିବା କଥା କହିଲେ ସମୀର ଭୋକଶୋଷ ଭୁଲିଯାଏ । [ ]

(ଖ) ରାଧାନାଥ ରାୟ ଶିକ୍ଷକ ଥିଲେ; ମାତ୍ର ଅନେକ କାବ୍ୟ, କବିତା ରଚନା କରିଛନ୍ତି । [ ]

(ଗ) ବିପଦବେଳେ ଧୈର୍ଯ୍ୟ ଧର । [ ]

(ଘ) ସେ ରୋଗଶଯ୍ୟାରୁ ଉଠିଲେ ଓ କାମକୁ ଗଲେ । [ ]

(ଙ) ଦିଆଯାଇଥିବା କାମ ଠିକ୍ ସମୟରେ ସାରିଦେବା ନହେଲେ ଅସୁବିଧା ହେବ । [ ]

୭. ଆସ, ତଳେ ଦିଆଯାଇଥିବା ସରଳବାକ୍ୟଗୁଡ଼ିକୁ 'କିନ୍ତୁ', 'ପୁଣି', 'ଏବଂ', 'ବା', ଯୋଗକରି ଯୌଗିକବାକ୍ୟରେ ପରିଣତ କର ଓ ବାକ୍ୟଟିକୁ ଲେଖିବା ।

(କ) ଏବେ ପ୍ରବଳ ଖରା ହେଉଛି । ଲୋକମାନେ ହଇରାଣ ହେଉଛନ୍ତି ।

_______________________________________________________________

(ଖ) ତୁମେ ଆଜି ଯିବ । କାଲି ଯିବ ।

_______________________________________________________________

(ଗ) ଆମ୍ବଟି ଦେଖିବାକୁ ସୁନ୍ଦର । ଭାରି ଖଟା ।

_______________________________________________________________

(ଘ) ବାପା ଆସିବେ । ମାଆ ଆସିବେ ।

_______________________________________________________________

୮. ଆସ, ତଳେ ଦିଆଯାଇଥିବା ଜଟିଳବାକ୍ୟଗୁଡ଼ିକରୁ ପ୍ରଧାନବାକ୍ୟ ଓ ନିର୍ଭରଶୀଳ ବାକ୍ୟଗୁଡ଼ିକୁ ଚିହ୍ନଟ କରି ଲେଖିବା ।

(କ) ଆମ୍ବଗଛଟି ଯେତେବେଳେ ଫଳରେ ଭରିଗଲା, ସେତିକିବେଳେ ଝଡ଼ତୋଫାନରେ ଉପୁଡ଼ିଗଲା ।

ପ୍ରଧାନ ବାକ୍ୟ ________________________________________

ନିର୍ଭରଶୀଳ ବାକ୍ୟ ________________________________________

(ଖ) କୋଣାର୍କ ଏତେ ସୁନ୍ଦର ଯେ ତାହା ପାଇଁ ଓଡ଼ିଶା ପୃଥିବୀରେ ପ୍ରସିଦ୍ଧି ଲାଭ କଲା ।

• ପ୍ରଧାନ ବାକ୍ୟ ________________________________________

ନିର୍ଭରଶୀଳ ବାକ୍ୟ ________________________________________

(ଗ) ଯେମିତି ଦିଅଁକୁ ସେମିତି ପୂଜା ।

ପ୍ରଧାନ ବାକ୍ୟ ________________________________________

ନିର୍ଭରଶୀଳ ବାକ୍ୟ ________________________________________

(ଘ) ଯଦି ମନଦେଇ ପାଠ ପଢ଼ିବ, ପରୀକ୍ଷାରେ ଭଲ ହେବ ।

ପ୍ରଧାନ ବାକ୍ୟ ________________________________________

ନିର୍ଭରଶୀଳ ବାକ୍ୟ ________________________________________

୯. ଆସ, ଦୁଇଟି ବିବୃତିସୂଚକ ବାକ୍ୟ, ଦୁଇଟି ପ୍ରଶ୍ନସୂଚକ ବାକ୍ୟ, ଦୁଇଟି ବିସ୍ମୟସୂଚକ ବାକ୍ୟ ଓ ଦୁଇଟି ନାସ୍ତିସୂଚକ ବାକ୍ୟ ଲେଖିବା ।

ବିବୃତିସୂଚକ ବାକ୍ୟ ________________________________________

ବିବୃତିସୂଚକ ବାକ୍ୟ ________________________________________

ପ୍ରଶ୍ନସୂଚକ ବାକ୍ୟ ________________________________________

ପ୍ରଶ୍ନସୂଚକ ବାକ୍ୟ ________________________________________

ବିସ୍ମୟସୂଚକ ବାକ୍ୟ ________________________________________

ବିସ୍ମୟସୂଚକ ବାକ୍ୟ ________________________________________

ନାସ୍ତିସୂଚକ ବାକ୍ୟ ________________________________________

ନାସ୍ତିସୂଚକ ବାକ୍ୟ ________________________________________

——୦——